ନାରୀ

Digitized by PPRACHIN, SOA

ନାରୀ

ଶ୍ରୀ ଅଶ୍ୱିନୀକୁମାର ଘୋଷ, ଏମ୍. ଏ
ନାଟ୍ୟଭାରତୀ, ନାଟ୍ୟରତ୍ନାକର, ନାଟ୍ୟସମ୍ରାଟ

Digitized by PPRACHIN, SOA

ମାନବସଂମାଜକୁ—

Digitized by PPRACHIN, SOA

ପ୍ରକାଶକ :
ଶ୍ରୀ ଅରୁଣକୁମାର ଘୋଷ,
୪, ଅବ୍ଦୁଲ୍ ଲେନ, କଲିକତା—୧୨

ପ୍ରଥମ ସଂସ୍କରଣ-୧୯୬୧
ଏକ ହଜାର

ଚାରିଟଙ୍କା ପଚାଶ ନୂଆପଇସା

ସୋଲ୍ ଏଜେଣ୍ଟ :
କଟକ ଟ୍ରେଡିଂ କମ୍ପାନୀ
କଟକ-୨

ମୁଦ୍ରାକର :
ଶ୍ରୀ ଅଜୟକୁମାର ଘୋଷ,
ଶ୍ରୀ ହରନାଥ ପ୍ରେସ,
କଟକ-୨

Digitized by PPRACHIN, SOA

ଶ୍ରୀ ଅଶ୍ୱିନୀକୁମାର ଘୋଷ

Digitized by PPRACHIN, SOA

ଭୂମିକା

ସ୍ୱାଧୀନ-ଭାରତ ସମୃଦ୍ଧି-ପଥରେ ଅଗ୍ରସରମାନ । ସେହି କାର୍ଯ୍ୟ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ, ବହୁମୁଖୀ ଆଲୋକର ବର୍ତ୍ତିକା ଜାଳି, ଆଲୋକ-ବିତରଣର ଯଥା-ଯଥ ବ୍ୟବସ୍ଥା କରା-ଯାଉଛି—ହେଲେ, ଆଲୋକର ଉତ୍ସ-ସ୍ଥଳ ଯେଉଁ ଜନପଦୀୟ,—ସେଠାରେ ମଧ୍ୟ କୁ-ସଂସ୍କାର ଓ ଅଜ୍ଞତାର ଅନ୍ଧକାର ଅଗ୍ରଗତିର ପରିପନ୍ଥୀ ହୋଇ ଏ ଯାବତ୍ ଆତ୍ମ-ଗୋପନ କରି ରହିଛି । ସେହି ଅନ୍ଧକାର-ପ୍ରତି ଆଲୋକପାତ କରି ଭାରତୀୟ ପରମ୍ପରା, ସଂସ୍କୃତି ଐତିହ୍ୟର 'ସତ୍' ଦେଶାତ୍ମକ ଆଦର୍ଶ-ଭିତ୍ତିରେ ଆଲୋକର ସ୍ତମ୍ଭ ସ୍ଥାପନ କରିବ ଏହି 'ନାଟ୍ୟ'—ବିଶ୍ୱାସ ମୋର ।

ତା ୧ । ୧ । ୬୧
କଲିକତା

ଅଶ୍ୱିନୀ

ନାରୀ

Digitized by PPRACHIN, SOA

ଏକ

ଦିବାକର କାରଖାନା-ଫିଙ୍ଗା ହାଫପ୍ୟାଣ୍ଟ ଓ ସାର୍ଟରେ ଘର-ଭିତରକୁ ପଶି ଯାଉଥିଲା ଲମ୍ବା ଲମ୍ବା—ମନ୍ଦାର ବାଧା ଦେଇ କହିଲା—

"କେମିତିକା ମଣିଷ, ମ ?"

"ଆଃ"

"କ'ଣ କହନ୍ତି,—ବେଳକୁ ବେଳ ନୂଆ ହେଉଚନା କଣ ?"

"ମୁଣ୍ଡଟା ଭାରି ବଥଉଚି ଯେ ! ଆଃ !"

"ଯା ବୋଲି ଗୋଡ଼ ଦ'ଟା ନ ଧୋଇ, ମୁଣ୍ଡାଟା ନ ବଦଳାଇ, ଘର ଭିତରକୁ ପଶିଯିବ ଏ' ମୁହଁ ସଞ୍ଜଟାରେ—!"

"ବେଶ୍, ମୁଁ ଏଇଠି—" କହୁଁ କହୁଁ ଦିବାକର ସେଇଠି, ଦ୍ୱାରବନ୍ଧ ବାହାରପଟେ ଥପ୍‌କର ବସି ପଡ଼ିଲା ।

ମନ୍ଦାର ସେତେବେଳକୁ ଛଞ୍ଚାଣି ମାର୍ଚ୍ଚେ ଛୁଟିଯାଇ—ପିଣ୍ଡାର ଓଳଗୁଣିରୁ ଚଟା ଗାମୁଛାଟା ଟାଣି ଆଣିଲା, ଲୁଗାଟା ପାଲଟି

Digitized by PPRACHIN, SOA

ପକାଇଲି, (ଯେତେ ଝିଙ୍କା ଓଁଠରେ ଲଗାଇ ଉଦ୍ଦେଶ୍ୟ କି ସେହି ଗୀର୍ଣ୍ଣ କ୍ଷୁଦ୍ର ବସନ ଖଣ୍ଡକରେ ସାଧିତ ହୁଏ ?—ତେବେବେଳେ ଚାମୁଣ୍ଡର ମାହାତ୍ମ୍ୟ—ସବୁବେଳେ ନିର୍ମଳ, ପବନ—ତା' ସ୍ପର୍ଶରେ ପୁଣି ଲଜ୍ଜା, କୁଣ୍ଠା ?—ସବୁପର ଦୂରେ ଫିଙ୍ଗି ଦେଲି) ଆଗ ସାମ୍ନା ସେପେଇ ପରସ୍ତରୁ ଝଣ୍ କରି କଂସାର ତାଳଟା ବାସନ ଗଦାଟିଏ ଭିଡ଼ି ଆଣିଲି, ବାଡ଼ିପଠ କବାଟଟା ଧଡ଼ଉ କିନା ମେଲିଇ ଦେଲି, ତା'ପର ବିଜୁଳି ଛଟକରେ ଅନ୍ତର୍ଦ୍ଧାନ—କବାଟଟା ବି ସାଥି ସାଥି ବାନାମନ୍ତ ଉଚ୍ଚାରଣରେ ମଧ୍ୟ 'ସିସେମ' କବାଟ ପରି ଘୁଁ କୁ ଘୁଁ ବନ୍ଦ ହୋଇଗଲା ।

ଏଣେ ଦବାକର 'ଉଁଃ···ଉଁଃ' ହେଉଥାଏ, ଏଲୁଣ୍ଡ ଉପରେ ମୁଣ୍ଡଟା ରଖି ବଣିଆର ନିକ୍ତି କଣ୍ଟାପରି ଏପାଖ ସେପାଖ ହଲାଉ ଥାଏ, କେମିତ ତା' ସ୍ଥିର ହେବ ସେଥିସକାଶେ ସଣ୍ଡୁଆସିରେ ଚିପିଲାଭଳି ବୃଦ୍ଧାଙ୍ଗୁଷ୍ଠି ଓ ତର୍ଜନୀ ଦ୍ୱାରା କପାଳର ଶିରା ଦୁଇଟାକୁ ଚିପୁଥାଏ, ହେଲେ ବେହାଲ ହୋଇ ପଡ଼ିରହୁଥାଏ ।

ମନ୍ଦାର ଲଙ୍ଗଳା ମୁକୁଳା ହୋଇ ପାଣି ତାଳେ ଆଣି, ପହଁଚି ଗଲା, ଆଉ କହିଲା—

"ମ, ଏମିତଭଳିଟା ହୋଇ ·ଖାଲି ଭୁଇଁଟାରେ ଶୋଇ ପଡ଼ିଲ ତ ? ସଞ୍ଜବତୀଟା ପରା···ଉଠିଲ, ଉଠିଲ···ଆସିଲ···"

"ଆଃ ! ଦିକ୍ କରନା—ଉଁଃ—ଉଁଃ—"

"ମୋ ମୁଣ୍ଡଖାଅ···ଗୋଡ଼ ଦି'ଟା ଧୋଇ ଦେବାକୁ ଆଉ କେତେବେଳ ଲଗିବ ? ଆସ, ଉଠ ଆସିଲ—"

Digitized by PPRACHIN, SOA

"ଲଗାଅନା—ଦେଖିଲ ହାତମାର, ଦେହଟା କେଉଁଠେ ଘାଏଁ ଡାକୁଛ ।"

"ଟୋଉ଼ ଅଧିଆ···ହାତ ମାରିବା କେମିତ ଭଲ ।"

"ଆଃ—ଜର ଯେ···ଉଁଃ—ଉଁଃ—"

"ତା'ତ ବୁଝିଲ—ମାଡ଼ ଚକଟି ଅସିଛ କ'ଣନା କଣ, ସେ ଭଥାକୁତ ଖିଆଲ୍ ଦର୍କାର ।"

"ମୁଁ ତ ଯୋଡା ମଡ଼େଇ ଥିଲ···ଉଁଃ—ଉଁଃ—"

"ତେବେବ୍ ବାର ଛୁଆଁ, ବାରବୁଲ ତ ? ଛି, ଅଟ୍ଟ ହୁଅନ୍ତ, ପଥର ଉପରକୁ ଉଠି ଅସ, ଠିଆ ହେବ—ମୁଁ ବେଶ୍ କର ମଗୁଲ ଧୋଇ ଦେବ—ଲୁଗା ଅଣିଦେବ, ଏଇ କାରଖାନା-ପିନ୍ଧାଟା ପାଲଟି ପକାଇବ—ମୁଁ ସେଇଟା ହକାଳ ଦେବ—ତା'ପର ସଞ୍ଜବତୀଟା ଲଗାଇ ଦେବ, ଶେଯ ପାରିଦେବ, ତୁମେ ନିଶ୍ଚିନ୍ତ ହୋଇ ଶୋଇବ, ମୁଁ ବି ନିଶ୍ଚିନ୍ତରେ ଯାହା କରବାର ତା କରବ, କେମିତ ?"

ଏହାପର କହୁଥିବା ସଙ୍ଗେ ସଙ୍ଗେ ମନ୍ଦାର ଦିବାକରର ଡାହାଣ ବାହାଟୀ ନିଜର ବାଁ ବାହାରେ ବେଢ଼ାଇ ଧରିଲ, ଆର ହାତରେ ସେ'ଠା ସଲଖାଇ ଅଙ୍ଗୁଳି ଫୁଟାଇଲ, ପରେ ଟିପ ଗୁଡ଼ିକ ମନ୍ଦ ମନ୍ଦ ଟିପୁ ଟିପୁ, ଦୁଇ ଏକ ନଖମା ଚିଙ୍କା ଦେଲ ଯେତେବେଳେ ମନ୍ଦ ମନ୍ଦ ହସି—ସେତେବେଳେ ଦିବାକରର କଣ୍ଠସ୍ୱର 'ଉଁଃ—ଉଁଃ--' ହେଉଥିଲେ ମଧ୍ୟ କଷ୍ଟ ଯନ୍ତ୍ରଣା ଭୁଲି, କେଉଁ ବନ୍ଧୁର ଶିହରଣରେ ଶିହରି, ବିନା ଓଜର ଆପତ୍ତିରେ ପଥର ଉପରକୁ ଠେଲି ଠେଲି ଆସି ଠିଆ ହେଲ ।

Digitized by PPRACHIN, SOA

ମନ୍ଦାର ଲଇଁପଡ଼, ବେଶ୍‌କର ହାତ ବୁଲାଇ ବୁଲାଇ, ନିର୍ମଳ ଙ୍କର ପାଦ ଧୋଇ ଦେବାକୁ ଲାଗିଲା ନିର୍ମଳ ମନରେ । ହେଲେ, ଦାବାଙ୍କର ସିଧା ସଳଖ ଠିଆ ହୋଇ ପାରିଲା ନାହିଁ (ମଥାର ଭାର ପୁଣି ଅନୁଭବ କରନ୍ତେ ନିଶ୍ଚୟ), ମନ୍ଦାରର ପିଠି ଉପରେ ମଥାରଖି ଲଦ୍‌ହୋଇ ପଡ଼ିଲା ଏବଂ ଅଗର ସୁର ଧରି 'ଊଁଃ—ଊଁଃ' ହେବାକୁ ଲାଗିଲା ।

"ପିଠି ଘଷ—ଗୁଲ—ମ'—ବେଶ୍, ବେଶ୍, ମୋ' ଛାତି ଉପରେ ଭର ରଖ, ଗୋଟି ଗୋଟି ପାଦଗଣି ବାଟ ଗୁଲ୍—ଆଉ ବେଶୀ କିଛି କାମ ବାକି ନାହିଁ ଯେ—ଘରର ଦୁଆର କାନ୍ଥକୁ ଆଉଜି ଟିକିଏ ଠିଆ ହେବ—ମୁଁ ଗାମୁଛାରେ ନିର୍ମଳ କର ଗୋଡ଼ ହାତ ପୋଛି ଦେବ ।"—

ସଚାଳ ଯଷ୍ଟିପରି ନାରୀର 'ଅବଲମ୍ବନ'ର ଅବଲମ୍ବନ ହୋଇ ମନ୍ଦାର ଯଥା-ସ୍ଥାନକୁ ଆସି ପହଁଚିଲା ଓ ଚକାଇ ଏପାଖ ସେପାଖ, କହିଲା ମନକୁ ମନ—

"କାହିଁ ମ ଗାମୁଛାଟା ?—ବାହାର ଓଲଗୁଣିରେ ଥିଲା··· ? —ଏ' ନିଶ୍ଚେ ପାଣୁଆ-ମାର କାମ, ଗୁଞ୍ଜିବା ଅଭ୍ୟାସ ତା'ର, କେଉଁଠି ନେଇ ଗୁଞ୍ଜି ଦେଇଥିବ—ଦରବୁଢ଼ୀ ହେଲା ଆସି, ଥାଉପାଉ କିଛି ଶିଖିଲା ? କେଉଁଠି ହାଣ୍ଡିଶାଳ କୋଠା, କେଉଁଠି ପାଇଖାନା କୋଠା ରହିବ, ତା' କେତେବେଳେ ହେଲେ ଜାଣିବ ?"

ଶାଗୁଣା-ଦୃଷ୍ଟି ଯେତେ ଦୂର ଗଲା, ନିଖମାରୁ କରି ଘର-ବାହାର ସବୁ ଏକପ୍ରକାର ଖୋଜି ପକାଇଲା, ତା'ପରି ବ୍ୟର୍ଥତାର ଶେଷ ସୀମାରେ—

Digitized by PPRACHIN, SOA

"ନେ ମ..."

ବୋଲି କହି, ମୁହଁ ମୋଡ଼ିଦେଲା ଓ ନିଜର ଧଣୀତଳେ ପୋଛିବାକୁ ଗଲା, ହେଲେ ନିଜେ ଯେ 'ବଗାଦ୍‌ମେ ଲଡ଼କା ସହର୍‌ମେ ଡେଣ୍ଡୁରା'-କାମ କରିଛି (ଅର୍ଥାତ୍ ସେହି ଗାମୁଛାଟା ନିଜେ ପିନ୍ଧିଛି) ଦେଖି ସାତହାତ ଜିଭ ବାହାର କରି ପକାଇଲା। ତା'ପର ନିଜ କପାଳରେ ହାତ ମାରି,

"ହା—କପାଳରେ !"

ବୋଲି, ଦବାକରକୁ କାନ୍ଧରେ ପଟା ଡେରିଲାଭଳି ଅଉଜାଇ ଠିଆ କଲା, ପୋଛିପୋଛି କାମ ବଢ଼ାଇଲା, ଘର ଭିତରକୁ ପଶିଗଲା, ସେଇଡ଼ଟା ଫିଟାଇ ବାସିଧୋବ ଲୁଗାଥାନେ ବାହାର କଲା, ତା'ପର ହଠାତ୍ କି ଖିଆଲ ଗ୍ରସିଲା ସେଇଟା ପେଡ଼ିରେ ଥୋଇଦେଲା, ଫଟ୍‌କିନା ତାଙ୍କଣିଟା ଛାଡ଼ିଦେଇ, ଝଟ୍‌କିନା ଦୌଡ଼ିଗଲା ଅଲଗୁଣି ପାଖକୁ, ସେଥିରେ ଓହଳିଥିଲି ଲୁଗା ଗୋଟିଏ, ସେଥିରୁ ମସିଆ ଅଠପହର ଖଣ୍ଡେ ଟାଣିଆଣି, କୁଣ୍ଡେଇକୁ ଲୁଗା ପିନ୍ଧାଇଲା ଭଳି ଦବାକରକୁ ପିନ୍ଧାଇ ଦେଲା—ଲୁଗାର ଚିରା ଫଟା ଗୁଡ଼ାକ ଯେ ଅଣ୍ଡୁର, ଜଙ୍ଘର ନଗ୍ନ ଶୋଭା ବର୍ଦ୍ଧନ ନ କଲା ତାହା ନୁହେଁ—ତା'ପର ସ୍ୱାମୀ ଦେବତାଙ୍କୁ ମନ୍ଦର ଭିତରକୁ ବିଜେ କରାଇଲା—ଏତେ ତାନମାନ ପଥର-ଦେବତା ସହିପାରେ, ମଣିଷ-ଦେବତା ସହିବ କାହିଁକି, ଦବାକିର ଥପ୍‌କରି ବସି ପଡ଼ିଲା ଭୁଇଁଟାରେ।

"ଅହାହା—କଲି କ'ଣ ?—ଅସନା ଭୁଇଁଟା, ଓଳିଆ ବାହାର ନାହିଁ, ବସିପଡ଼ିଲ ?"

Digitized by PPRACHIN, SOA

ବୋଲି, ଦିବାକରଙ୍କୁ ଛାଣି ଓଠାର ଠିଆ·ନ କରିବାଯାଉଛି ମନ୍ଦାରର ଡର ସହିଲା ନାହିଁ—ସଂସ୍କାରର ଉତ୍ପୀଡ଼ନ ରୋଗର ପୀଡ଼ାକୁ ବଳିଗଲା, ଦିବାକର ନାଗୁର ହୋଇ ଠିଆହେଲା ।

ମନ୍ଦାର ଅଶ୍ୱସ୍ତ ମନରେ ଯଥାବିଧି ପାଳନ ପୂର୍ବକ ମସିଣା ପାରିଲା, ମାଣ୍ଡିଡ଼ା ନ ରଖୁଣୁ ଦିବାକର ଲମ୍ବଖମ୍ବ ହୋଇ ପଡ଼ିଗଲା···

"ଛୁଆଲେ, ମୁହିଁ-ସଞ୍ଜଡ଼ା, ଏମିତି ଶୋଇ ପଡ଼ନ୍ତି ।"

ବୋଲି, ମନ୍ଦାର ଉଠାଇ ବସାଇବାକୁ ଗଲା—କିନ୍ତୁ ଦିବାକରର ମିନତିଭରା ଗୃହାଣୀ ସଂସ୍କାରମୟୀର ହୃଦୟରେ ନାରୀର ବେଦନା ସଞ୍ଚାରିତ କଲା, ମନ୍ଦାର ରୋଗୀର ମସ୍ତକରେ ସସ୍ନେହ କର-ପଲ୍ଲବ ସଞ୍ଚାଳନ କରୁ କରୁ କହିଲା—

"ମଥା ଭାରି ବଥଉଚି, ନା—"

ଦିବାକର କିଛି ଉତ୍ତର ନ ଦେଇ, ଶୁଶ୍ରୂଷା-କାରିଣୀଠାରେ ଆତ୍ମ-ସମର୍ପଣର ଭାବ ଆଖିରେ ମୁହଁରେ ଫୁଟାଇଲା କେବଳ ।··· ଶୁଶ୍ରୂଷାକାରିଣୀ କିଛିକ୍ଷଣ ପରେ ଆତ୍ମ-ଚେତନାରେ ଉଦବୁଦ୍ଧ ହୋଇ କହିଲା—

"ଟିକିଏ ଉଠିବ—ସଞ୍ଜବତୀଟା ଜାଳିଦେବି ।"

ଦିବାକରକୁ ଆଉ ସମ୍ଭାଳେ କିଏ, କଅଁଳା ଛୁଆପରି ହାତଗୋଡ଼ କୁରୁଡ଼ି ବିଛଣାତଳକୁ ଟେଢ଼ିଗଲା ।—

"ନାହିଁ ଲୋ ମା—ମୁଁ ଯାଉନାହିଁ—"

ବୋଲି, ସେ ରୋଗୀକୁ ଯଥା-ଭାବରେ ଶୁଆଇ ଦେଲା ଓ ସେବା-ତତ୍ପରା ହେଲା ।···ଯେମିତି ଦିବାକରକୁ ଟିକିଏ ଘୁଇନିଦ ଲାଗି ଆସିଛି, ସେମିତି ମନ୍ଦାର ଚଟକିନା ଲୁଗାଟା ପାଲଟି ପକାଇଲା,

Digitized by PPRACHIN, SOA

ଠାକୁରଘରୁ ଧବଳେଶ୍ୱର ପାଦୁକ ଆଣି, ସ୍ୱାମୀଙ୍କ କପାଳରେ ଓଠରେ ଲଗାଇ ଦେଲ, ନିଜେ ମଧ୍ୟ ସେବାଙ୍କର ଆଶ୍ୱସ୍ତ ମନରେ ନିଜକୁ ନିଜେ କହିଲ—"ଆଉ ଦକା କ'ଣ ?"—

ଏହି ସମୟରେ ସନ୍ଧ୍ୟାର ଆରତି-ଘଣ୍ଟା ଦେଉଳରେ ବାଜି ଉଠିଲ, ମନ୍ଦାର ଥରଗଲ—

"ତିନି ସନ୍ଧ୍ୟା-ବେଳଟା, ଟିକିଏ ଉଠି ବସିଲ ।"

ବୋଲି, ମନ୍ତୁକୁ ଜୋର୍‌ଜାର କର ଉଠାଇ ବସାଇଲ; କିନ୍ତୁ ନିର୍ଜୋରିଆ ରୋଗୀ ବସିପାରିବ କାହିଁକି, ଛାଡ଼ଦେଲ ମାତ୍ରେ ଅଜାଡ଼ି ହୋଇ ପଡ଼ିଗଲ···ଯାହାହେଉ, ନିୟମଟା ତ ରକ୍ଷା ହୋଇଗଲ, ଏହି କଥା ଭାବି ମନ୍ଦାର ନିଶ୍ୱାସଟାଏ ଛାଡ଼ିଲ ଓ ରୋଗୀକୁ ସାବଧାନ କରି ଶୁଆଇ ଦେଲ ।

"ପା—ଣି···"

"ଦେଉଚି, ଟିକିଏ ଥୟଧର···"

ବୋଲି, ମନ୍ଦାର ଅଥୟ ମନରେ ବାହାରିଗଲ, ହେଲେ ଅଗ୍ରୁର ବିଗ୍ଭର ନ ମାନିଲେ ସ୍ୱାମୀର ଅକଲ୍ୟାଣ ହେବ, ଏହି ଭୟରୁ ହେଉପାଇଁ, ସଞ୍ଜବତୀ ଲଗାଇଲ, ତୁଳସୀ-ମଞ୍ଚରେ ଛାହା ଥୋଇ ବହେ ଓଳଗି ହେଲ, ତା'ପର ଆଖି ବୁଜି ସନ୍ଧ୍ୟା-ତର୍ପଣରେ ବସିଗଲ ।—

"ପାଣି—ପା—ଣି—"

ବୋଲି, ଏଣେ ବିକଳ ଚିତ୍କାର । ମାତ୍ର ମନ୍ଦାର ନିରୁପାୟ । —ପୂଜା ମାଡ୍ଡି କରି ଉତ୍ତର ଦେବ, ସେ କୁଳିବ ନାହିଁ—ସୁତରାଂ ସେ ବେଗେ ବେଗେ କେମିତି ନିୟମ ରକ୍ଷା କରିବ, ସେଥିକି ମନ ଦ୍ୱପଟାଇ ଦେଲ ।

Digitized by PPRACHIN, SOA

ତେଣେ ସାନ୍ନିପାତିକ ମନ୍ତ୍ର, ଏ’ କଣ୍ଠକଣା ମାନିବ କାହିଁକି ?—ହୁ’ଦଶେ ଉଠି ଠିଆହେଲା, ଗୋଟାଏ ଧଡ଼ସରେ ଯାଇ ଦ୍ୱାର-ବନ୍ଧ ସେପାଖେ ଥୁଆହୋଇଥିବା ତାଳକ ପାଣି ଢକ ଢକ କରି ପିଇଦେଲା—ଲେଉଟିଲା ବେଳେ କ’ଣଟାଏ ଝୁଣ୍ଟିଲା ଯେ, ଧପାସ୍ କରି ପଡ଼ିଗଲା । “ହାଁ···ହାଁ···” ବୋଲି, ମନ୍ଦାର ପୂଜା-ସ୍ଥାନରୁ ଉଠି ଆସିବାକୁ ବାଧ୍ୟହେଲା ।

କି ଯେ ବିରକ୍ତି, କହିଲେ ନ ସରେ—ସେହି ବିରକ୍ତି ଚରମ ହୋଇ ଦେଖା ଦେଲା, ଯେତେବେଳେ ସ୍ୱାମୀର ଅନାର୍ଗଳ ସ୍ପଷ୍ଟରେ ଦେଖିଲା—

“ଛି, ଛି, ଗୋଡ଼ଧୁଆ-ତାଳର ପାଣି ପିଇ ଦେଲ ତ ?··· ଆସିବା ଯାଏ ଟିକିଏ ସତାର କରି ପାରିଲ ନାହିଁ ?”

କରେ କ’ଣ ?—ବୁଦ୍ଧି ପଶିଲା···ଠାକୁର ଘରକୁ ଛୁଟି ଗଲା···ଗଙ୍ଗା-ମୃତ୍ତିକା ଥିଲା, ସେଥିରୁ ଚିମୁଟାଏ ନେଇ ଆସିଲା, ସ୍ୱାମୀର ଓଠରେ ମଥାରେ ରଗଡ଼ି ଦେଲା, ତା’ପର ସେହି ଅଙ୍ଗୁଳି ନିଜ ମଥାରେ ଘସିଦେଲା ମଥା-ଘସାପରି । ଏଥର ମନ୍ତ୍ରକୁ ଠେକିବ, କିନ୍ତୁ ଅନ୍ଧାର ଯେ !···

“ମ, ମ ନାଲଠିନ୍ ଟା”

ବୋଲି, ମନ୍ଦାର ଧନ୍ଦାଳି ହେଲା । ସେତିକିବେଳେ ପାଟିଶବ୍ଦ ଶୁଣାଗଲା ।

“କିଏ ପାଣୁଅ-ମା କି ?”

“ହେଁ···ଲଣ୍ଠନ୍‌କଣିଟା ନ ଜାଳି, ଅନ୍ଧାରଘରେ କ’ଣ କରୁଥିଲ ବା, ସାନ୍ତାଣୀ ?”

Digitized by PPRACHIN, SOA

"ଚୁପ୍—ଚୁପ୍..."

ବୋଲି, ମନ୍ଦାର ନିଜରେ ପଣତଟା ଅଧରେ ଚାଣିଦେଇ, ପାଣୁଆ-ମା ପାଖକୁ ଲଗିଆସି, ଚୁପ୍‌ଚୁପ୍ କଣ୍ଠରେ କହିଲା—

"କି ପୋଡ଼ା ଜର ଧେନି ଅଇଲେ ବାହାରୁ, ଏକାବେଳେ ବେହୋସ ହୋଇ ପଡ଼ିଚନ୍ତି...ମୋ'ର ପ୍ରଜାପ୍ରଜ ସବୁ ଆଜି ଭଣ୍ଡୁର୍...ହେ, ଗୁରୁଦେବ...ହେଇ, ଶୁଣ, କ'ଣ ଯେ ଏଣୁତେଣୁ ବକୁଚନ୍ତି..."

"ନିଶ୍ଚେ କିଛି ସବାର୍ ହୋଇଚ !"

"ତୁ ଯା'ତ, ବେଗେ ନାଲ୍‌ଟିନ୍‌ଟା ଜାଳି ଅଣ ତ..."

ପାଣୁଆ-ମା, ଘରେ ବାବୁ ଅଛନ୍ତି ଜାଣି, ଅଧେ ଜିଭ କାମୁଡ଼ି ପକାଇ ସେଠୁଁ ପଳାଇବାକୁ ତଆର ହୋଇଥିଲା; ସୁତରାଂ 'ସବାର୍' ବୋଲି ଅଜ୍ଞ ବୁଦ୍ଧିରେ ଖିଆଲ କଲା ମାତ୍ରେ ଅଉ କି ସେଠାରେ ରହେ—ସାନ୍ତାଣୀ କଥା ଶେଷ ନ କରୁଣୁ, ସେ ପଳାଇ ବଞ୍ଚିଥିଲା—ଅବଶ୍ୟ ଲଣ୍ଠନ ସଜାଡ଼ିବାକୁ ଗଲା ଏହା ନିଶ୍ଚୟ ।

"କୁଆଡ଼େ ଗଲୁ ମ ?"

ବୋଲି, ଦିବାକର ଭାରି ସାକୁଲି କଣ୍ଠରେ ଡାକିଲା—

"ହୁଁ, ହୁଁ, ମୁହଁ ସଞ୍ଜଟା—ପାଣୁଆ-ମା ଅଛି—ମୋ ବୋଉଲେ, କେତେ କାମ..." ବୋଲି, ମନ୍ଦାର କିଛି କାମର ଜରୁରୀ ତାଡ଼ନାରେ ସେଠୁଁ ଗୁଲିଗଲା ।

"ମନ୍ଦ—ମନ୍ଦ !"

ମନ୍ଦାରକୁ ଏହିପରି ଶ୍ରଦ୍ଧା ନାମରେ ଦିବାକର ଡାକୁଥାଏ— ମନ୍ଦାର୍‌ର ଉପେକ୍ଷା କରି ଗୁଲିଯିବାରୁ, କି ଯେ ବ୍ୟଥା—କି ଯେ

Digitized by PPRACHIN, SOA

ଟନିଶ୍ୱାସ—ଛୁଟନ୍ତ ଛୁଟନ୍ତ ଦୀର୍ଘଶ୍ୱାସରେ ତାହା ପ୍ରକାଶ କରୁଥାଏ ।···
ଏତକବେଳେ ଲଣ୍ଠନଟା ଜାଳି ପାଣୁଆ-ମା ପ୍ରବେଶ କଲା—
ମନେ କରଥିଲା, ସାନ୍ତାଣୀ ଅଛନ୍ତି ବୋଲି—ସେଥିପାଇଁ ବଡ଼ପ-
ଖଟାଇ, ଗୋଡ଼ଟା ଟିପି ଟିପି, ଦ୍ୱାର ଭିତରପଟେ ଲଣ୍ଠନଟା
ଥୋଇଦେବାକୁ ଗଲା ।

"ଆଯ, ଆଯ···"

ବୋଲି, ଦବାଙ୍କର ଅଥୟ ହେଲା ଉଠିବସିବାକୁ ।

"ବୌ···ଲେ···"

ବୋଲିତ, ପାଣୁଆ-ମା ଗୋଟାଏ ବିଟ୍‌କାଳିଆ ରଡ଼ି ଛାଡ଼ି
ଫାଦା ପାର···।··· ସେହି ରଡ଼ିରେ ମନ୍ଦାର ଠାକୁର-ଗମ୍ଭୀରାରେ
ଆଉ ଥୟହୋଇ ରହିପାରିଲା ନାହିଁ, ଜପ-ତପ ଛାଡ଼ିଛୁଡ଼ି ଧାଇଁ
ଆସିବାକୁ ବାଧ୍ୟ ହେଲା—ପାଣୁଆ-ମାକୁ ଭେଟି ପଚାରିଲା—

"କଲେ, କ'ଣ ହେଲା କି, ପାଣୁଆ-ମା ?"

ପାଣୁଆ-ମା ଉତ୍ତର ଦେଇପାରିଲା ନାହିଁ— ତା' ପାଟି ଖନ
ବାଜୁଥିଲା, ସେ ଗୋଟା ପଣେ ଥରୁଥିଲା । ମନ୍ଦାର ଏଥିରୁ ଯାହା ଅଟକଳ୍
କଲା, ସେଇଥିରୁ ସେ ଅଥୟ ହୋଇ କହିଲା—

"ତୁ ଯା'ତ, ଗୁଣ୍ଡିଚୁ ମାଳିକୁ ବେଗେ ଡାକି ଆଣିବୁ—ଝାଡ଼-
ଫୁଙ୍କି ଦେବ ଏଇ ବେଳା···ରାତି ଗଡ଼ିଗଲେ ମନ୍ତ କାହିଁ କରେନା ।"

ପାଣୁଆ-ମା ମଥା ଝିଙ୍ଗାର ଗୁଳିଯାଉଥିଲା, ଅଧବାଟରେ କ'ଣ
ମନେ ପଡ଼ିଗଲା, ଫେରଆସି ପଚାରିଲା—

"ବଜାରୁ କି ସଉଦା ଆସିବ, କହୁଥିଲ ଦ'ପହରେ ?"

Digitized by PPRACHIN, SOA

"ସଜବଦା ।...କାଲେ ତୁ କ'ଣ ବାଲତରୁ ଅଇଲୁ କି ?—ସେ ଖାଇବେ ନାହିଁ...ମୁଁ ରାନ୍ଧି ମରିବା କ'ଣ ମୋର ଲାଗି ।"

ପାଣୁଅ-ମା ଆଉ ରହୁଛି ।...

ଇତି ମଧରେ ମନ୍ଦାର ରୋଗୀର ସବୁ ମତେ ସାଷ୍ଟାମ କରି, ଅର୍ଥାତ୍ ରୋଗୀକୁ ସଫା ଲୁଗା ପିନ୍ଧାଇ, ସଫା ବାଛଣାରେ ଶୁଆଇ, ଜରଝା ଔଷଧ ଦୁଇ ଦାଗ ହାଲରେ ଦେଇଛି। ତନ୍ତ୍ର ବୁଡ଼ଯାଇଥିଲା ଯେ, ପାଖରେ ବସି ବାଣ୍ଟି ଦେଉଥିଲା...ଦାବାକର ସେତେବେଳେ ଆରାମ ବୋଧ କରୁଥିଲା, ସେ କହିଲା—

"ମନ୍ଦ, ମୁଁ ଆଉ ବଞ୍ଚିବି ନାହିଁ ।"

"ଏମିତ ଅଲକ୍ଷଣିଆ କଥା କହନ୍ତୁ—"

କହିବା ସଙ୍ଗେ ସଙ୍ଗେ ବାରଣା-ଦଣ୍ଡର ମୂଳକୁ ଠକ୍ ଠକ୍ କରି ତିନିଥର ଭୂଇଁରେ କରୁଡ଼ିଲା ।

"ବେଶ୍, ତୁମେ କେବେ ଛାଡ଼ିଯିବ ନାହିଁ, କୁହ ।"

"ନା"

"ମନ୍ଦ —"

"କ'ଣ ?"

"ତୁମେ ମୋ' ଉପରେ ଭାରି ରାଗିଛ ।"

"କେଉଁବେଳେ ?"

ବୋଲି, ଗୋଡ଼ ଘଷିବାରେ ଲାଗି ଥିଲା ।

"ତୁମେ ବାଁରେଇଲେ କ'ଣ ହେବ—ତୁମର ଗୃହ-ମନ୍ଦଯନ୍ତ୍ର ଆଜି ମୁଁ ଭଣ୍ଡୁର କରି ଦେଇନାହିଁ ?"

Digitized by PPRACHIN, SOA

ଆଉ କି ମନ୍ଦାର ସମ୍ଭାଳି ହୋଇ ରହେ ? ଗୁରୁ ଅଭିମାନରେ ପଦ-ସେବା ତ ଦୂରେ, ଘର ଛାଡ଼ି ଚାଲିଯିବାକୁ ଏକାବେଳକେ ତିଆର ।

ଦିବାକର ଯାନ୍ତ୍ରିକ, ଯନ୍ତ୍ରର କାଇଦା ବେଶ୍ ଖଟାଇଦେଲି— ପ୍ରତି ଅଭିମାନର ଛଳନା କରି ଗୁରୁ କଣ୍ଠରେ କହିଲି—

"ଯାଉ, ଏ' ଗୋଡ଼ଟା ଗୋଦଡ଼ ହୋଇଯାଉ ।"

ତା'ର ମାନେ ମନ୍ଦାର ଗୋଟାଏ ଗୋଡ଼ ଘଷି ଦେଇଛି, ଅନ୍ୟ ଗୋଡ଼ଟି ଦେଇନାହିଁ ।

ମନ୍ଦାର ତତ୍‌କ୍ଷଣାତ୍ ସବୁ ମାନ ଅଭିମାନ ଫିଙ୍ଗିଦେଇ, ମିନତି କଣ୍ଠରେ ପତିର ଆର ଗୋଡ଼ଟି ଟାଣିଲା, ପତି ତାହା ପ୍ରତ୍ୟାଖ୍ୟାନ କଲେ—ଏହିପରି ଭାବରେ ଚାଲିଲା ପାଲି—ଦାମ୍ପତ୍ୟ-କଳହ ଯେତେବେଳେ ଚରମରେ ପହଁଚିଲା, ସେତିକିବେଳେ ସଦର ଦ୍ୱାରେ କଡ଼ା ଖଡ଼ ଖଡ଼ କରି କିଏ ଡାକିବାର ଶୁଣାଗଲା—

"ଦିବାକର ବାବୁ ଘରେ ଅଛନ୍ତି ?"

"ଶୁଣୁଛ—" "

ଦିବାକର ଅନ୍ୟମନସ୍କ ହେଲେ—ମନ୍ଦାରକୁ ଅବସର ମିଳିଗଲା···ସେ ତୁରନ୍ତ ପତିଙ୍କ ଅଘଷା ଗୋଡ଼ରେ ହାତ ମାରିଦେଇ, ସତୀର ଉଦ୍ଦେଶ୍ୟ ହାସଲ କରିନେଲା ।

"ଡାକ୍ତରବାବୁ ହେବେ ।—ମୁଁ ନ ଯିବାରୁ ନିଜେ ଆସିଛନ୍ତି ···ଦ୍ୱାର ଫିଟାଇ ଦିଅନ୍ତୁ···"

"ମୁଁ...?"

"ମୋର ହୋବ୍ ନାହିଁ । ଯାଏଁ—"

Digitized by PPRACHIN, SOA

"ଯିବାକୁ ହେବନାହିଁ । ପାଣୁଆ-ମା ଝିଙ୍କକ ଆଗେ ବାହାର ଗଲ, ଦ୍ୱାର ଆଉଜା ଅଛି ।"

"ଆସନ୍ତୁ, ଡାକ୍ତରବାବୁ—ଦରଜା ଖୋଲା ଅଛି ।"

"ତୁହନା, ମୁଁ ବାହାର ଯାଏଁ ।"

"ମୁଁ ଡାକ୍ତରବାବୁ ନୁହେଁ—ଜୟନାରାୟଣ ।"

"କମ୍ପାଉଣ୍ଡର ବାବୁ ?—ବେଶ୍, ବେଶ୍, ଆସନ୍ତୁ ।"

"ଚୁ—ଚୁ—ଟିକିଏ ଅଟକାଅନା ।"

"ଭେଲ ମୋର କଣ୍ଠା ନୂଆ-ଭୂଆଷୁଣୀରେ ।"

ଏହାପର କହୁ, ଦବାଙ୍କର ଯେତକ ଠୋଠୋ କର ହସିବାକୁ ଲଗିଲ, ମନ୍ଦାର ସେତେ ଓଢ଼ଣା ଉପରେ ଓଢ଼ଣା ଓଟାରିବାକୁ ଲଗିଲ···କେମିତକା ବାହାରଯିବ ବୋଲି ବାଟ ପାଇଲ ନାହିଁ···କିନ୍ତୁ ଦୈବାଯୋଗ···ଯାହାଙ୍କୁ ଡର, ତାଙ୍କର ହାବୁଡ଼ରେ ପଡ଼ଗଲ···ମୁହାଁମୁହିଁ—ସଂଘର୍ଷ ପ୍ରାୟ ।···

ଭାଗ୍ୟଜୋର, ଜୟନାରାୟଣ ବ୍ରେକ୍ କସି ଅଟକିଗଲ, ମନ୍ଦାର ମଧ ଭାଗ୍ୟକୁ ସୁନ୍ଦର ଛନ୍ଦ ବନ୍ଦ ହୋଇ କୌଣସିମତେ ସଙ୍କଟରୁ ଉଦ୍ଧରିଗଲ ।

ଜୟନାରାୟଣ ଲଇନ୍ କ୍ଲିଅର ପାଇଲ, ଦ୍ରୁତ ଛୁଟିଲ, ରୋଗୀ ନିକଟକୁ ଆସି ଦମ୍ ମାରିଲ ।···

"ଆପଣ—ଅସୁସ୍ଥ ?"

ବୋଲି, କହୁ କହୁ, ଜୟନାରାୟଣ ରୋଗୀର କପାଳରେ ହାତ ଦେଲ, ନାଡ଼ୀ ଚପିଲ, ତା'ପର କହିଲ—

"ନାଡ଼ୀ ବେଶ୍ ଚଞ୍ଚଳ ଅଛି ।"

Digitized by PPRACHIN, SOA

"ଡାକ୍ତର ବାବୁ ?"

"ଗୋଟାଏ ଜରୁରୀ କାମରେ ବାହାରିଗଲେ, ଆଉ ··"

"ଔଷଧ ପଠାଇ ଦେଲେ ?—କାହିଁ କାହିଁ ?"

"ଏ' ତ ଜରର ଔଷଧ ନୁହେଁ···"

"ଏ ଔଷଧ ସର୍ବରୋଗହର !—ଡାକ୍ତରବାବୁଙ୍କ ପ୍ରେସ୍-କ୍ରିପ୍‌ସନ୍ ··ଯ୍ବୁର ଭେଦ କମ୍ପାଉଣ୍ଡର ବୁଝିବ କ'ଣ ?—ଦଅନ୍ତୁ, ଦଅନ୍ତୁ ।"

ଜୟନାରାୟଣ ଆଉ ଆପତ୍ତିକଲା ନାହିଁ, ପକେଟ ଭିତରୁ ବୋତଲଟି କାଢ଼ିଲା, ଦେଉଣୁ ନ ଦେଉଣୁ ଦିବାକର ଝୁଁପିନେଇ ଛକ ଛକ କରି ସାବାଡ଼ କରି ଦେଲା ।

ସେହି ମୁହୂର୍ତ୍ତରେ ଜୟନାରାୟଣ ଘରର କାନ୍ଥ ବାଡ଼କୁ ଅନାଇ (ଠାକୁର ଦେବତାଙ୍କ ଛବି ଝୁଲାଥିବାରୁ) ନୈଷ୍ଠିକଧାର ପରିବେଶ ଅନୁଭବ କଲା, ଏବଂ ପାନ-ରଞ୍ଜିତ ଦିବାକର ଆଡ଼କୁ ଅନାଇଲା ଅନୈଷ୍ଠିକ ଭଙ୍ଗିରେ ।—ସରିଶେଷେ

"ଆଃ—"

ବୋଲି, ଦିବାକର ଯେମିତି ବୋତଲଟି ତଳେ ଥୋଇବାକୁ ଗଲା, ଜୟନାରାୟଣ ବୋତଲଟିକୁ ତଳ-ସ୍ପର୍ଶ କରିବାକୁ ନ ଦେଇ, ଦିବାକର ହାତରୁ କାଢ଼ି ନେଲା ଓ କି ଏକ ଉନ୍ମାଦନାରେ ବିଦାୟ ପର୍ଯ୍ୟନ୍ତ ନ ନେଇ, ବାହାରି ଚାଲିଗଲା ।

ଦିବାକର ଅଦୌ ବିସ୍ମିତ ହେଲା ନାହିଁ, ବରଂ ସ୍ମିତ-ଅଧରରେ, ସୁରାବଜଡ଼ିତ କଣ୍ଠରେ ହକାରିଲା—

"ଲାଓ, ଲାଓ ଔରବି ଲାଓ —"

Digitized by PPRACHIN, SOA

ଠିକ୍ ସେହି ସମୟରେ ଗୁଣ୍ଡିରୁ ଦ୍ୱାରବନ୍ଧ ଅରପଟେ ଟେଲି କରିଇ, ମନ୍ଦାର ଭିତରେ ପ୍ରବେଶ କଲା।...ତା'କୁ ଦେଖି ଦିବାକର ନାଶାର ଢଙ୍କରେ ପଚାରିଲା—

"କୋନ୍ ହ୍ୟାନ୍ସ୍ ତୁମ୍ ?"

ମନ୍ଦାର ହତାଶ ଚକ୍ଷୁରେ ଗୁଣ୍ଡିରୁ ଆଡ଼କୁ ଅନାଇଲା ଗୁଣ୍ଡିରୁ ଚେହମତ୍ ଦେଇ କହିଲା—

"ତୁମେ ଏଠୁ ବେଗେ ବାହାର ଯାଅ ତ—ପାଣୁଆ-ମା ଦ୍ୱାରରେ ଲିଣି ମୁଠେ ପଠାଇ ଦିଅତ।"

"ତେବେ କ'ଣ ଭୂ—ତ—?"

ବୋଲି, ମନ୍ଦାର ଇଷ୍ଟନାମ ସ୍ମରଣ କରୁ କରୁ ଭୂତ ଲାଗିଲା-ପରି ଛୁଟି ବାହାରଗଲା।

"ଠଇରୋ'"

ବୋଲି, ଦିବାକର ମନ୍ଦାରକୁ ଲକ୍ଷ୍ୟକରି ହାଁକିଲା।

"ଠଇର୍, ସଇତାନ୍—ଆଜ ତୋ'ର ଦିନେ କି ମୋର ଦିନେ !"

ବୋଲି, ଗୁଣ୍ଡିରୁ ଭିତରକୁ ପଶିଆସିଲା, ପ୍ରତିହାଁକଦେଇ ଦିବାକର ଅଭିମୁଖେ ଠିଆ ହୋଇଲା ଓ ତା' ମୁଖକୁ କଟ୍‌ମଟ୍ ଆଖିରେ ଅନାଇ ରହିଲା।

ଦିବାକର ମଧ୍ୟ ଚ୍ୟାଲେଞ୍ଜ୍ ଗ୍ରହଣ କରି, ତଦ୍ରୂପ ଦୃଷ୍ଟି ନିବଦ୍ଧ କଲା ଗୁଣିଆପ୍ରତି।

Digitized by PPRACHIN, SOA

ପାଣ୍ଡୁଅ-ମା ବହିଦ୍ୱାର ଜନତା ଠେଲି ପ୍ରବେଶ କଲା, ହେଲେ ଏକ୍ଷୁଣି ବନ୍ଧ ନହିଁ ଗଳା-ଖଁକାରରେ ଅସିବାର ସଙ୍କେତ ଦେଲା ।

"ତୁ ଡରନା, ପାଣ୍ଡୁଅ-ମା···ଭିତରକୁ ଆ, ମୁଁ ତୋତେ କଳା ଦେବି, ତୁ ମନ୍ଦକରେ ଠିଆ ହେବୁ···ଏଠୁଁ ପାହୁଲେ ହୁଙ୍କିଲେ, ନଜର ଅଙ୍କ ବାଙ୍କ କଲେ, ଆଉ ରକ୍ଷା ଅଛି ?"

ପାଣ୍ଡୁଅ-ମା ଭିତରକୁ ପାଦ ଗଣି ଗଣି ଗଲା, ଗୁଣିଆ ପୂର୍ବା-ବସ୍ଥାରେ ଥାଇ ବଡ଼ ବଡ଼ କରି କ'ଣ ବକି, ତିନିଥର ପାଣ୍ଡୁଅ-ମା ମଥାରେ ହାତଲଗାଇଲା—ତା'ପରେ ତା' ହାତରୁ ଲୁଣ ମୁଠାକ ନେଲା, ମନ୍ତୁରିଲା, ଆଉ ସେହି ମନ୍ତୁରା ଲୁଣକୁ ଯେମିତି ଗ୍ଲଡ଼ିଷ୍ଟୁ ଭୂତାବସ୍ଥ (?) ମୁହଁକୁ, ଭୂତ-ଦିବାକର ତୋଦଣେ ବ୍ରହ୍ମଗ୍ରୁପୁଡ଼ାଟାଏ କସି ଦେଲା ଗୁଣିଆ ଗାଲରେ ।

ତା'ର ପ୍ରତିଘାତରେ ଦିବାକର ଠୋ, ଠୋ ହସି ଗଡ଼ିଗଲା ଭୂମି-ଶଯ୍ୟାରେ ।

"ବାପ ଲୋ"

ବୋଲି, ଗୁଣିଆ ଚମ୍ପଟ୍ କଲା ଆପଣା ବସାକୁ ।

"ବୋଉ ଲୋ"

ବୋଲି, ପାଣ୍ଡୁଅ-ମା କୁଣ୍ଢାଇ ପକାଇଲା ଯାଇ ଠାକୁର ଘରେ ଠାକୁରାଣୀଙ୍କୁ ।

ଦିବାକର ସେହି ଯେ ଗଡ଼ିଗଲା, ଉଠିଲା ବେଳକୁ ତା' ଆରଦିନ ସକାଳ ଗଡ଼ିଯାଇଥିଲା ।

Digitized by PPRACHIN, SOA

ଦୁଇ

ଗୁଣ୍ଡିଚା ପାଣୁଆ-ମାଠୁଁ ତା’ ଆରଦିନ ଅଧିକ ବେଳାରେ ଶୁଣିଲା ଯେ, ବାବୁ ଆଉ ଗୋଳମାଳ କରୁନାହାନ୍ତି···ସେହି ଗୁମୁଡ଼ା ଦେଇ ନିଜେ ଏକାବେଳକେ ଅଜ୍ଞାନ···ଆଉ ସାନ୍ତାଣୀ—ରାତିଯାକ ସେ ଘର ମାଡ଼ିନାହାନ୍ତି—ଗମ୍ଭୀରସ୍ୱରରେ ବସି ବସି ଖାଲି ଗୁରୁନାମ ଜପିଛନ୍ତି—ଓର ଉଣ୍ଡି ନିଜେ·ପାଣୁଆ-ମା ଏକଦମ୍ ଚମ୍କଠ୍ କୁ ତା’ର ରାଣ୍ଡି ଭଉଣୀ ଘରକୁ—ନିଦ ତ ହେଲା ନାହିଁ—ଯେତିକି ହେଲା, ସେଥିରେ ଖାଲି ଦେଖିଲା — କିଏ ଗୋଟାଏ ତାଳଗଛ ସମାନ ଡେଙ୍ଗା, ହାଡ଼ ଜିଳ୍‌ଜିଳ୍, ବାସିଲୁଗାପରି ଧୋବ ଫର୍‌ଫର୍, କୋରଡ଼ପଶା ଆଖି—ଖାଲି ତା’କୁ ଚରିଚି ଗୁହୁଁଚି, ଆଉ ଗୋରୁ ହାଡ଼ ଧରି ପିଟି ଗୋଡ଼ାଉଚି ।

“ପିଟିପାରି ନ ଥିବ ନିଶ୍ଚେ ।”

“ଆରେ କହନା ସେକଥା, ପିଠିଟା ତୋ’ ଗାଲ୍‌ପରି ଫୁଲି ଯାଇଥିବଣି, ଭାବ···”

Digitized by PPRACHIN, SOA

ଏଇଠି ଗୁଣ୍ଡିଗୁ ନିଜ ଗାଲରେ ହାତବୁଲାଇ ଦେଖିବାକୁ ଲାଗିଲା—ଫୁଲଟା କଣ ଏ' ଯାଏ ଯାଇନାହିଁ ?—ଠିକ୍ ଏ ବ ଭମି ନାହିଁ ? ହେଲେ ପାଣୁଆ-ମା ପୂର୍ବ ଜନ୍ମରେ କହୁଯାଉଥାଏ —

"ସଖାଙ୍କୁ ସେଇଠେଇଁ ହାତ ବୁଲାଇ ଦେଖୁଚ ତ—ସତକୁ ସତ ଜଣାଗଲା, ପିଠି ଗୋଟାକ ଫୁଲି ଯେମିତକା ଗୋଟାଏ ପୋଡ଼ପିଠା···ଅପା କେତେକର ବୁଝାଇ ସମୁଜାଇ ହାତ ବୁଲାଇ ଦେଇ ମନା କରିବାରୁ ସିନା ଥୟ ଧରିଲି ।"

"ତୋର ଖୁବ୍ ଜୋର କପାଳ, ବର୍ତ୍ତିଗଲୁ—ସ୍ନେ କା କଅଣ୍ ସଇତାନଟାଏ ?—ନିଘଟିଆ ନଈପାଖ ସେହି ତେଙ୍ଗା ମାଁହାଲି ଗଛରେ ଥାଏ—"

"ଏଁ, ମାହାଲି ଗଛ ଭୂତ ।"

"ଦେଖିଲୁତ ଆଖିରେ, କରାମତଟା ତା'ର ?" କହୁ କହୁ ନିଜର ଗାଲଟା ପୁଣି ଅଉଁସିବାକୁ ଲାଗଲା— "ଭାଗ୍ୟେ ତୋତେ ମନେ ମନେ କାଳ ଦେଇଥିଲି ବୋଲି ରକ୍ଷା—"

"ବୁଝିଲି, ସେଇଥି ପାଇଁ ଡବଲ ଜୋର୍‌ରେ ଗୁପୁଡ଼ାଟା ତୋର ଗାଲରେ ବସିଲା ।"

ଗୁଣ୍ଡ ଗୁ ଏଥର ଫୁଲଟା ଡବଲ ଅନୁଭବ କରି ଗାଲରେ ହାତ ବୁଲାଉ ବୁଲାଉ କହିଲା—

"ଯାଉ, ଯାଉ···ସେ ଭୂତପ୍ରେତଙ୍କ କଥା ବେଶି ଆଉ ପକା ନା—"

"ମୁଁ କ'ଣ ପକାଉଚି—ଛତା'ର ସେହି ଫୁଲଟା ଜେତକ କରୁଚି ।"

Digitized by PPRACHIN, SOA

"ହେଃ ହେଃ, ଏ' ଫୁଲ୍‌ଟାକୁ ମୁଁ କ'ଣ ଖାତର କରୁଛି ? ଭୂତ ସଙ୍ଗେ ଲଢ଼ିଲେ ଏମିତ ହୁଏ— ଦେଖ୍, ସାନ୍ତାଣିକୁ କହୁଛୁ, ମୋତେ ଗୋଟାଏ ଭଲଙ୍କର ସଞ୍ଚା ଆଜ ଦେବେ, ଆଉ ନାଲ୍ କସ୍ତା ଖଣ୍ଡେ—"

"କସ୍ତା ?"

"ହିଁ ଅଷ୍ଟିର ପର୍ ଏକୁଇଶା, ମାଉସୀ ।"

"ନାତୁଣୀ ପିନ୍ଧିବ ?—ସାନ୍ତାଣୀଙ୍କୁ ଲଟେଇବ, ନ ଦେବେ କାହିଁକି ? କମ୍ କାବୁଡ଼ାଟାଏ ଖାଇଚୁ—କା' ଲାଗି ?"

"ମାଉସୀ, ତୋ' ହାତ ଧରୁଚ, ଗୋଡ଼ତଳେ ପଡ଼ୁଚ, ଏ କାବୁଡ଼ା କଥାଟା ଯେମିତକା ଆଉ କାହାରିକୁ ନ କହୁ ।"

"ମୋ' ବୌଲେ । ଭୂତକଥା, ମୁଁ ଆଉ କା'କୁ କହୁଚ ? —ହେଲେ ତୋର ଏହି ଫୁଲ୍‌ଟାତ କହି ବୁଲିବ ।"

"ସତ କହୁଚୁ, ପାଣୁଆ-ମା—ତା'କୁ ନ ଘୋଡ଼ାଇବା ଯାଏ ଆଉ ରଆଉନାହିଁ । ଚୂନଖଯୁରି ବୋଳି ଅଇଛୁକା ଲାଗୁଚି ଦଉଚ ।"

× × × ×

ସଞ୍ଚାର ବଦଳଟା ଯେ ଆଶାତୀତ ହୋଇଥିଲା, ଅଉ କସ୍ତା ବଦଳରେ 'ରାଉଁସାଉ ପାଟଣିଆ' ଜରିମୁହାଁ ସାଢ଼ୀଟିଏ ଯେ ଗୁଣ୍ଡିରୁ ହେଭାର ପାଇଥିଲା, ଏଥିରେ ସନ୍ଦେହ ନାହିଁ; ଉପରନ୍ତୁ ପାଇଥିଲା, ସାନ୍ତାଣୀଙ୍କଠୁଁ ଅଭିନନ୍ଦନ, ଯାହା ତା'ର ଗାଲ ଫୁଲ୍‌ଟାକୁ ମନ-ଫୁଲଣାରେ ପରିଣତ କରିଥିଲା ।

ହେଲେ, ଏତେ ଆନନ୍ଦ କା ଦୈବ ସହେ ?—ସବୁ ରାନ୍ଧିବାଡ଼ି ଥୋଇ, ଗାଧୋଇ ଆସିବ ବୋଲି ଟେଡ଼ରା ପାଖକୁ ଯାଇ ଯେମିତ ଢେଙ୍କୁଟା ମାରି ଦୁଇ ଟିଣ ପାଣି ଅଜାଡ଼ି ହୋଇ ପଡ଼ିଛି ସେମିତ କମ୍ପି

Digitized by PPRACHIN, SOA

ଦେଇ ଝଇଲାଉ ଭାଲ୍ ଜର; ବାଟର ଓଦା ସଡ଼ସଡ଼ ହୋଇ, ବାଟଚ୍ଛଡ଼, କାଅର ମାଡ଼ ଅପଣାର ନାହାଗୁଳଅ କୁଡ଼ଅରେ ହାଜର । ଭିତରେ ପଶି, କେଉଁ ଅମଳର ଧୋତରା କୋତରା ମସିଣାଟାଏ କନ୍ଦରୁ ଟାଣିଆଣି ପାରିଦେଲ ଲମ୍ବକର, ସେହି ମସ୍ତରର ମାଣ୍ଡିଟାଏ ଥିଲ, ତାବଲ ସିନ୍ଦୁକ ଉପରେ ତା'କୁ ବା ଧୋଷାଡ଼ ଅଣି ଦୁଲ୍‌କର ବଛଣା ଉପରେ କଗୃଡ଼ ଦେଲ ଯେ, ସେଥିରୁ ମେଞ୍ଚାଏ ତୁଲା ଉଡ଼ି ଘରମୟ ହୋଇଗଲ—ଅଦ୍ଭୁର ବ ଫୁଟା ଫୁଟା କଳା କମ୍ବଳଟାଏ ଚୁହ୍ଲିର ଠିକ୍ 'ମଥାଣ ଉପରେ ପଣ୍ଡୁଅ ବନ୍ଧାହୋଇ ଓହଳୁ ଥିଲ, ତା'କୁ ଝିଙ୍କିଆଣି ସେଥିରେ ଦେହଟାକୁ ଘୋଡ଼େଇ ପକେଇଲ । ଅବଶେଷେ ଯେତେବେଳେ ହୁଁ ହୁଁ କମ୍ପ କମ୍ପ କତରାଲଗି ହୋଇ ଶୋଇଗଲ, ସେତେବେଳେ କାଲରେ ଟୋଟାଏ ବିଶାଳ ଚଉଳ ଧରାପଡ଼ି ଛଟଛଟ ହେଉଚ କି, ଏହିପରି ମନେ ହେଲ !

"ଗୁଣ୍ଡିଗୁ—ଗୁଣ୍ଡିଗୁ—"

ଏହି ଡାକଟା କି କିମିୟା କଲ କେଜାଣି, ତାର କମ୍ପନଟା ଠକ୍‌କର ରହିଗଲ—ହଲ୍ ନାହିଁ କି ଚଲ୍ ନାହିଁ ।

"ଗୁଣ୍ଡିଗୁ—ଗୁଣ୍ଡିଗୁ—"

ଏହି ପୁନର୍ଡାକରେ କିନ୍ତୁ କମ୍ପନଟା ପୁଣି ସୁରୁ ହେଲ, ଆଉ କମ୍ବଳ ଭିତରୁ ଶୁଣାଗଲ ଫିମ୍ ଫିମ୍ ଶବ୍ଦ ।

"ଗୁଣ୍ଡିଗୁ—"

ଏହି ଡାକବେଳକୁ ଦନ୍, ହୁସ୍ କର ଉନାଥର କି ଟିକି ଉଭ ନଅଥର ଫୁଙ୍କ ଉପରେ ଫୁଙ୍କ ଝୋଲ ଝାଡ଼ ପକାଇନ ନିଜ ଦେହିମାଗି, ଏହିପରି ଜଣାଗଲ ।

Digitized by PPRACHIN, SOA

"ଅରେ, ମୁଁ ଦିବାକର—"

"ବୌଲେ—"

ବୋଲିତ କମ୍ବଳ ଫମ୍ବଳ କାଢ଼ି ଫିଙ୍ଗିଦେଇ ଆଖିବୁଜା ଏକାମୁହାଁ ଦେ ଦୌଡ଼; କିନ୍ତୁ ବେଶୀଦୂର ଯାଇପାରିଲା ନାହିଁ, କୋବି କିଆରୀର ଗୋଟାଏ କଣ୍ଟା କୋବିର ମୂଳିଟାଏ ବୁଣ୍ଟିଲା ଯେ, ମୁହଁମାଡ଼ି ତଳେ ପଡ଼ି ବେହୋସ। ଦିବାକର କାଳହରଣ ନ କରି ଦୌଡ଼ିଗଲା ସିଧା ଡେଣ୍ଡା ପାଖକୁ, ଡେଣ୍ଡା ମୁହଁରୁ ଅଧା ଭର୍ତ୍ତି ହିଣଟାଁ ତୁରନ୍ତ ଫିଟାଇ ଆଣି, ଅଜାଡ଼ି ଦେଲା ଗଜ୍ ଗଜ୍ କରି ଗୁଣ୍ଡିଚ୍ଛି ତାଲୁ ଉପରେ। ବଞ୍ଚିବ କେଉଁଥିରେ, ନିଜରତ ଅଧାପେଣ୍ଟ, ତେଣୁ ବନ୍ଧାକୋବିର ପତ୍ରଟାଏ ଭାଙ୍ଗି ଆଣି, ସେଇଥିରେ ବାଆ ବାଞ୍ଚି କଲା—କେତେବେଳକେ ଗୁଣ୍ଡିଚ୍ଛର ଚେତା ହେଲା—କରି ଲେଉଟାଇଲା, ଉରି ଉରି ଆଖି ଟମଲାଇଲା, ସ୍ଥିର ଦୃଷ୍ଟିରେ ଚାହିଁ ଦେଖିଲା—ଭୂତ ନୁହେଁ ତ, ଭୌତିକ ଜୀବ—କିନ୍ତୁ ଦିବାକର ବାବୁ ଯେ! ପ୍ରକୃତ ନା ମାୟା!!

"କିରେ ଏମିତିକା ହେଲୁ କାହିଁକି?—ତୋତେ କିଏ ବାଡ଼ମାରେ?—ଆ' ଉଠିଆ'—ମୋ' ହାତ ଧ'—"

ସ୍ପର୍ଶିତ ହେମାଳ ନୁହେଁ, ଜ୍ୱଳୁମ—ନାକରେ କଥା କହୁନାହିଁ, ପାଟିରେ କହୁଛି—ଏହି ଖିଅଲ ପଶିଲା ମାତ୍ରେ ଗୁଣ୍ଡିଚ୍ଛ ଚେଙ୍ଗାହୋଇ ଉଠିଲା, ଜରଫର ଗୁଡ଼ି ଚଳାଇଲା, ସେ ଦମ୍ଭିଲା କଣ୍ଠରେ କହିଲା—

"ଆପଣ କିଛି ଡରନ୍ତୁ ନାହିଁ, ବାବୁ! ଆପଣଙ୍କ ପାଖ ଆଉ ସେ ପଶୁ ନାହିଁ—ମୋ ସାଙ୍ଗେ ଶଳା ଲଗିଚି, ବଳ କସୁଚି—ଆଜି ସେହି ଅପନ୍ତରିଆ ଗହ୍ୱରରେ ଯଦି ମାଟିଆଁରେ ପୂରେଇ ନ ପୋତି ଆସିଛି, ତେବେ 'ଗଣି' ଓସ୍ତାଦର ସାଗିରଦ ଏ ବନ୍ଦା ନୁହେଁ, ହାଁ!"

Digitized by PPRACHIN, SOA

"ହଇରେ ପାଜି, କାଲି ମୋତେ ଭୂତ ଲାଗିଥିଲା ? ଗୁରୁଆଡ଼େ ହାତ ବସିଯାଇଚି—କାଲି ଦବାକର ବାବୁଙ୍କୁ ଭୂତ ଲାଗିଥିଲା, ଗୁଣ୍ଡିଗୁ ଏକା ଫୁଙ୍କାରେ ତାକୁ ଘଉଡ଼ାଇ ଦେଲା—ହଇରେ !"

ଏହାର ପ୍ରମାଣ ଦେବାକୁ ଯାଇ ଗୁଣ୍ଡିଗୁ କେବଳ ନିଜର ଫୁଲାଗାଲଟି ଅଉଁସିବାକୁ ଲାଗିଲା ।

"ହୋଃ ହୋଃ ହୋଃ—ବଦ୍‌ମାସ୍ ! ଗୋଟାଏ ଗାଲ ପିନା ଭୂତ ଫୁଲାଇ ଦେଇଚି—ଆଉ ଗାଲଟା ମୁଁ ଫୁଲାଇ ଦେଉଚି ଅଇଚୁକା !"

ମାରବା ଡରଣକୁ ଡର ନୁହେଁ, ଅଟ୍ଟହାସ ମଧ୍ୟରେ କାଲିର ସ୍ମୃତିକୁ ଧ୍ୟାନକରି, ଗୁଣ୍ଡିଗୁ ଯେ ଦେହକାଲା ମନ 'ରାମ, ରାମ' ଜପୁ ଜପୁ ଖଣ୍ଡେ ଦୂର ଯାଇ ନଥିଲା, ତାହାନୁହେଁ ।

"ଆରେ ଶୁଣ, ଶୁଣ—ମାରବ ନାହିଁ, କଉକା ଆ'—"

ଦବାକର ମାରିବ ନାହିଁ, ଏ'କଥା ଜାଣି ସୁଦ୍ଧା ସେ ହୁ' ଦଣେ ପାଖ ପଶିଲା ନାହିଁ, କାରଣ ସେହି ସ୍ମୃତିଟା ସେ ଧୀରେ ଧୀରେ ଯେତିକା ଅତିକ୍ରମ କରୁଥିଲା, ସେତିକା ପାଦ ଗଣି ଗଣି ସେ ଆଗ ବଢୁଥିଲା ।

"ଏହି ପାଞ୍ଚଟଙ୍କିଆ ନୋଟ୍‌ଟା ରଖ୍—ଅବଧୂଲା ଆସିଲାକ୍ଷଣି ମୋ' ନାଁ କରି ତାକୁ ଦେଇ ଦେବୁ—ଦେଖ୍, ଏ' କଥା ଯଦି କେହି ଜାଣିଚି ତ, ତେବେ ଆଉ ଗାଲଟା—"

"ଦୁହାଇ ସାନ୍ତେ—ହଜୁରଙ୍କ କଥା—ହେଁ, ହେଁ, ଆଜ୍ଞା କ'ଣ—"

"ହେଁରେ ଆଜ୍ଞା ! ବଗିଗୁ ଘର ସାଫ୍ ରଖିବୁ—ଏହି ତୋ'ର ବକଶିସ ନେ—ଟଙ୍କାଟାଏ—"

Digitized by PPRACHIN, SOA

ଦବାକର ଆଉ ଅପେକ୍ଷା ନ କରି ସିଧା ସିଧା ଚାଲିଗଲା ।

ଗୁଣ୍ଡିଚୁର ଆନନ୍ଦ କହିଲେ ନ ସରେ—ଭୂତ ଛାଡ଼ି, ଭୂତର ଚୌଦପୁରୁଷ ଭାସିଯିବ ଏହି ଆନନ୍ଦ ଲହରୀରେ !

× × × ×

ବେଳ ପ୍ରାୟ ଗଡ଼ିଗଲାଣି—ପାଣୁଆ-ମା ବଗିଚୁ ବାଟେ ଦେଇ ଯାଉଥିଲା, ହଠାତ୍ କଣ ମନେକରି, ଫାଟକ ଫିଟାଇ ସିଧାସଳଖ ଗୁଣ୍ଡିଚୁର କୁଡ଼ିଆକୁ ଆସି ଭିତରକୁ ପଶିଗଲା ।

ଗୁଣ୍ଡିଚୁ ସେହିଲାଗେ ଖିଆପିଆ, ଧୂଆଧୋଇ, ଲିପାପୋଛା ସାରି, ପାନ ଚୂନ କରି ଫାଳେ କଳରେ ଯାକିଦେଇ, ଗୁଆକାତିରେ କଟର କଟର କରି ଗୁଆ କାଟୁଥିଲା, ଅଚାନକ୍ ଚାହିଁ ଦେଖେତ—

"ପାଣୁଆ-ମା ! ତୁ !—ଏତେବେଳେ ? ତୋର ଏକା ଶହେବର୍ଷ ପରମାୟୁ—ମୁଁ ତୋରି କଥା ମନେ ପକାଉଥିଲି—ଏହି ଗୁଆକାତି ହାତରେ ରହିଛି, ମିଛ କହୁନାହିଁ ।"

"କଣ କହିବି, କହିଲୁ, ପୁଅ—ପ୍ରଭୁରିବୋହୂଟ ଆଉ ସମ୍ଭାଳା ପଡୁନାହିଁ—ସେମିତିକା ବକାଚକା କରୁଚି—ମୋତେ ଘୋଡ଼ାଘୋଡ଼ି କଲେବି ଦହି ମୁଣ୍ଡରୁ ଲୁଗା ଖସେଇ ଫିଙ୍ଗି ଦେଉଚି ?"

"ଅଲୋ ! ସେହି ନାଁଧରି ଡାକୁଚି ନା—?"

ଗୁରୁଗମ୍ଭୀରଭାବରେ ବଟୁଆର ଡୋରଟା ଭିଡ଼ି ତା' ବନ୍ଦ କରୁ କରୁ ପଚାରିଲା ।

"ପଚାରୁଚୁ ସେ କଥା—ସେହି—ସେହି—"

Digitized by PPRACHIN, SOA

ନାଁଟା ନ କହି, କେଜାଣି ଶବ୍ଦେ ଥିମ ନାମ କହିଗଲି ମନକୁମନ ।

"ଶନିବାର ମର ଗଣ୍ଡ ବୋହୂଟା ଯେତକି ଉପଦର୍ବ ଲଗେଇଚ—"

"ଘଇତାଖାଇଟାକୁ ମରିବାକୁ ଆଉ ବାର ମିଳିଲି ନାହିଁ, ବାଛୁକରି ଶନିବାର ମଲି ।"

"ପାଣୁଆ-ମା, ତୁ ଘାବ୍‌ରି ନା, ମୋତେ ଶନିବାରରେ ଡାକନେଇ ଯିବୁଟି—"

"ଆଜ ତ ଶନିବାର—"

"ଶନିବାର ! ଆଜ ? ମୋର ତ ହୋବ୍ ନାହିଁ—"

ଏହିପରି କହି ଦ' ହାତକୁ ଅଞ୍ଜୁଳା କରି, ମନ୍ତ୍ର ସହିତ ତିନିଥର ଫୁଙ୍କି, ସେହି ହାତ ନିଜର କ୍ଷତସ୍ଥାନମାନଙ୍କରେ ବୁଲାଇବାକୁ ଲାଗିଗଲା ।

"କ'ଣ ହୋଇଛୁ କିରେ, ହାତଗୋଡ଼ ଛାଡ଼ି ନହୁ ନାଲ୍"—

"ଆଉ କହନା ସେ କଥା, ମାଉସି । ଭୂତପ୍ରେତମାନଙ୍କର ଯେତକି କୋପ ଏଇ ଶନିବାର—ସେଇ ସୁବିଧ ପାଇ ଏ' ହାଲ କରିଚ—ଦେହ କିଳ ଥିଲେ କ'ଣ ଶଳା ପାଖ ପଶିଥାନ୍ତା ?"

"ଖଣ୍ଡିଆଟା କଣ ତୋ ସଙ୍ଗେ ଦାଉ ସାଧୁଚି କିରେ, ଏ ଭରି ଦନବଖତ ରେ ?"

"ମୋରତ ମନେ ହେଉଚ, ସେହି ଭୂତୁଣୀ ଭୂତ ଏକାଠି ହୋଇଚନ୍ତି—ଯାଉ, ଆଉ ଶନିବାର ମୋତେ ଡାକନେଇ ଯିବୁଟି, ଭୂତୁଣୀକୁ ଅଗ ସାରି କରିଦଏଁ । ରଙ୍ଗ ଲଗେଇଛନ୍ତି ।"

Digitized by PPRACHIN, SOA

"ହଉ"

କହି, ପାଣୁଆ-ମା ବାହାର ଯାଉଥିଲା । ଗୁଣ୍ଡିଗୁ ଭାବିଲା— ପାଣୁଆ-ମାର ଏହି ତୁଚ୍ଛା 'ହଉ'-ପଦକ ତାର ଏତେ ଗବେଷଣା-ମୂଳକ ଭୂତ ତତ୍ତ୍ୱ ବଖ୍ୟାନକୁ ତୁଚ୍ଛ କରିଦେଲା । ସେଥିପାଇଁ ସେ ପାଣୁଆ-ମାକୁ ବାଟ ଓଗାଳି, ଡାକିଲା—

"ମାଉସି । ଦେଖିଲୁ, ଅଜ କ'ଣ ରୋଜଗାର କରିଛି ?"

କହିବା ସାଥି ସାଥି ଉପାର୍ଜିତ ଟଙ୍କାଟା ଅଣ୍ଟାରୁ ବାହାରକରି ଦେଖାଇଲା; କିନ୍ତୁ ମନ ମାନିଲା ନାହିଁ । ନିଜ ଗୁଣିଆ କରାମତିର ଅଧିକ ପରିଚୟ ଦେବା ଆବଶ୍ୟକ ମନେ କରି, ନୋଟ୍‌ଟା ମଧ୍ୟ କାଢ଼ି ଦେଖାଇଲା, ସେତିକି ବି ଯଥେଷ୍ଟ ହେଲା ନାହିଁ ମଣି, ଟୀକା ଟିପ୍ପଣୀ କରି କହିବାକୁ ଲାଗିଲା—

"ମୁଁ ମାଗିନାହିଁ—ମାଗିବା ଗୁଣିଆର ଧରମ ନୁହେଁ— ଓସ୍ତାଦର ମନା—ମନ୍ତ୍ର ତା' ହେଲେ କାଟ୍ କରିବ ନାହିଁ—ସେ ଯାଚି ଅଣ୍ଟାରେ ଗୁଞ୍ଜି ଦେଇଗଲେ ।"

"ଆରେ ସେ କିଏ କିରେ ?"

"ଆଲେ ମାଉସି, କିଏ କ'ଣ ମାଗଣା ଦେଇଚି, ନା ଦେଅନ୍ତା ? —ମୋ'ର ଗୁଣକୁ ଦେଇଚି ନା ?"

"ଆରେ ସେ କିଏ ? ସାନ୍ତାଣୀ ? ଉଁ ହୁଁ—ସେ ତ ମୋ' ବିନା ଆଉ କା' ହାତରେ ପଠାଇବେ ନାହିଁ—ବାବୁ ଦେଇଚନ୍ତି କିରେ ?—ସେ ତ ଭୂତ ଫୁତ ମାନନ୍ତି ନାହିଁ—ଏଥିପାଇଁ ସାନ୍ତାଣୀ ସଙ୍ଗେ ଯେତିକି ଖଟ୍ ଖଟ୍ ସଦା ବଖତ ।"

Digitized by PPRACHIN, SOA

ଦେଖ ମାଉସି, ବାହାରକୁ କହିବୁ ନାହିଁ ଟି—ବାବୁଙ୍କ ଆଜ ଭୂତ ଦେଖେଇ ଦେଇଛ—"

"ଏଁ, କଣ କହୁଚୁ ?—କେତେବେଳେ ?—ଏଇ ଧୁମ୍-ଧୁମିଆ ଖରାବେଳଟାରେ ?"

"ଆଉ ? ମୁଁ ଗାଧୋଇବ ବୋଲି ଗଲି କୂଅ ମୂଳେ, ଡେଣ୍ଡା ମାର ପାଣି ଟିକେ ଉଠାଉଚି, ଶଳାତ କୋଉଁଠି ଲୁଚି ଛପି ଥିଲା, ବାଗରେ ପାଇ, ବେଙ୍କଣ୍ଟାରେ ଆସି ସବାର ହୋଇଗଲା !"

ଠିକ୍ ଏଁ କର ପାଣୁଆ-ମା ଯେମିତ ନିଜର ବେକ ଶଣ୍ଟାରେ କା'ର ବରଫ ହାତର ନିଥର ପରଶ ଅନୁଭବ କଲା, ଠିକ୍ ଏହି ହାବରେ ଛନକା ତେଇଁ ଉଠିଲା—ଭୟରେ ଆଖି ଡୋଳା ଦି'ଟା ନିକାଲି ବାହାର ପଡ଼ିଲା—ଦାନ୍ତକୁ ଦାନ୍ତ ବାଜି ଠକ୍ ଠକ୍ ହେବାକୁ ଲାଗିଲା—ଗୁଣ୍ଡିଗୁ ତନିଥର ଫୁଙ୍କି ଦେଲା ବାଡ଼ର ବାଡ଼ର କର, ତେବେ ଯାଇ ଟିକିଏ ଥପୁ ଧରିଲା···ତା'ପର କଥାଟା ଆହୁର ଲମ୍ବିଥାନ୍ତା. ଗୁଣ୍ଡିଗୁ ଗାଲୁମାର କେତେ କ'ଣ କହି ବାବୁଙ୍କର ଭୂତଦେଖା ପ୍ରତପାଦ୍ୟଟା ପ୍ରମାଣ କରଥାନ୍ତା, ହେଲେ ଶ୍ରୋତୀ ନିରୁତ୍ସାହ ଓ ଅଥୟ ଜଣାଗଲା, ତେଣେ ବାଡ଼ୀରି କଣ୍ଟାବାଡ଼ ଆରପଟେ ଅବ୍‌ଦୁଲ ସିଟିମାର ଗୁଣ୍ଡିଗୁକୁ ଇସାର କରିବାର ଦେଖାଗଲା । କେବଳ ପାଣୁଆ-ମା ତରବର ହୋଇ ବିଦାୟ ନେଲାବେଳେ, ଗୁଣ୍ଡିଗୁ ତା'କୁ ତୁନି ତୁନି କହିଲା—

"ମାଉସି, ତୋତେ ମୋ'ରାଣଟି ଏ'କଥା ଯେମିତ କାନକୁ ଦି' କାନ ନ ହୁଏ—ବାବୁ ମନାକରଛନ୍ତ ।"

Digitized by PPRACHIN, SOA

“ଛୁଅଲେ, ମୁଁ କ’ଣ ବେଅକଲ୍ ଷୋଳବର୍ଷୀ ହୋଇଛୁ, ପୁଅ— ଯଦି କା’କୁ ଭୁଣ୍ଡ ହୁଡ଼ି କହିପକାଇଛୁ, ତା’କୁ କଣ ଅକଲ୍ ଖଟେଇ ମନାକର ଦେଇ ପାରିବ ନାହିଁ ?”

× × × × ×

ସେଦିନ ସେହି ରାତରେ ବଗିଗୃହରେ ଭାରି ମଜ୍‌ଲିସ୍— ଶନିବାର ରାତି—ମଉଜର ରାତି—ଅଜି ଦିବାକର ବାବୁଙ୍କର ସବୁ ଖଇ—ଗାନ ବଜାଣି, ତାସ୍, ରେସ୍ ଖେଳର ବେଶ ଧୁମ୍‌ଧାମ୍— ମଉଜିଙ୍କ ମଧ୍ୟରେ ମୁଖ୍ୟ ହେଉଚନ୍ତି,—ଡାକ୍ତରବାବୁ, ମୁନ୍‌ସଫବାବୁ ଆଉ ଦିବାକରବାବୁ । ମଝିର ମେକାନିକ୍ ଦିବାକରବାବୁ ଯଦିଚ ପଦମର୍ଯ୍ୟାଦାରେ ଅନ୍ୟ ଦୁଇଙ୍କ ଠାରୁ ନ୍ୟୂନ, ତଥାପି କେଉଁ ଗୁଣରୁ ହାକିମ ହୁକୁମାମାନେ ତାଙ୍କୁ ବରାବର ସମାନ ଆସନ ଦେଇଥାନ୍ତି— ଏ’ପର କ’ଣ ତାଙ୍କର ସୁପାରିଶରେ ସଙ୍ଗୀନ ସଙ୍ଗୀନ କଥାମାନ ଭିତର ଭାବରେ ଫଇସଲ୍ ହୋଇ ଯାଇଥାଏ—ସେ ଯେ ଖାଲି ହାକିମ ହୁକୁମାଙ୍କ ପ୍ରିୟ, ତାହା ନୁହେଁ, ସାଧାରଣ ଲୋକେ ବି ଭଲ ପାଇଥାନ୍ତି ଏହି ଗୁଣ ଯୋଗୁଁ ।

ମଇଫିଲ ପୂରାଦମ୍‌ରେ ସରଗରମ୍, ଏତିକିବେଳେ ଡାକ୍ତର ବାବୁ ହଠାତ୍ କାନ୍ଥଘଡ଼ି ଆଡ଼େ ନଜର ପକାନ୍ତି ଆଉ

“My lord ! passed 12 !”

ଏହିପର କହି, ଲଠିଧରି, ଜୋତା ପିନ୍ଧିବାକୁ ତିଆରି ! ଦିବାକର ଏହା ଲକ୍ଷ୍ୟ କଲା ଓ ତତ୍‌ପର ହୋଇ ହାଁକିଲା—

“ଅବଦୁଲ୍ଲା !—”

“ଜି ହଜୁର୍”

Digitized by PPRACHIN, SOA

କନ୍ଥ, କନ୍ଥ ଫାଟା ସଜାଡ଼ି, ବାରଲକାଗ ଓ ବହଲ ଦାଢ଼ିବାଲା ଉର୍ଦ୍ଦିପିନ୍ଧା ଷଣ୍ଢା ଗୁଣ୍ଡା ମୁସଲମାନଟିଏ ଆସି ହାଜର ହୋଇଗଲା ।

"କଅ—ଶୁଅଥା ?"

"ନୈହ୍ନ, ହଜୁର—ଦଶ୍‌ବଜେସେ ସବ୍ କୁଛ୍ ତୟାର—"

"ବୋଲ୍‌ନାଥା—ଜଲ୍‌ଦି କରୋ—"

ଅବଦୁଲ ଚାଲିଗଲା । ଦିବାକରର ସମ୍ବର୍ଦ୍ଧନା ବାଧାଦାନକୁ ଏଡ଼ି, ଡାକ୍ତର ବାବୁ କହିଲେ—

"Please excuse, ମୁଁ କିନ୍ତୁ କିଛି take କରି ପାରିବି ନାହିଁ—"

"ଏ' ଗୋଟାଏ କଥା ନା ?—ଆଜି Saturday Night—"

"Must be delight କାରଣ, କିନ୍ତୁ Hospital ଯେ Open Day & Night—ଫେରର ନ ଫାଟେଣ୍ଡ୍ Attendance ।"

"ଗୋଟିଏ ଚପ୍ ଅନ୍ତତଃ—"

ଡାକ୍ତରବାବୁ ଚୁପ୍ ।

ଗଡ଼ି ପଡ଼ୁଥିବା ଲାଲ ମେଞ୍ଚାକ ଚୋକା ଲଠିଟା ଗଡ଼ାଇ ଦେଲେ ଓ ବସି ପଡ଼ି ମୁନ୍‌ସଫ୍‌ବାବୁଙ୍କ ଅଡ଼କୁ ଚାହିଁ ହସି ହସି କହିଲେ—

"ଆଜି ଦିବାକରବାବୁ ବଡ଼-ଖାନାର ଅୟୋଜନ କରିଚନ୍ତି, ଦେଖୁଚନ୍ତି ।"

"କେଉଁଦିନ ଏବେ ସ୍ଲେଟ ଖାନାର କରିଥାନ୍ତି କି ?"

"ଅଚ୍ଛା ମୁନ୍‌ସଫ୍ ବାବୁ, ଆପଣଙ୍କଠାରେ ଯେଉଁ ଖାନା ପ୍ରାପ୍ୟ, ତା' କ'ଣ ଦେବି ଦେବି ବୋଲି ଉଡ଼ିଯିବ ?"

Digitized by PPRACHIN, SOA

"ଏଥିପାଇଁ ଦିବାକର ବାବୁ ଦାୟୀ—ବରଂ ସେ କଲେ ତ ହେବ ।"

"ଦେଖନ୍ତୁ ଦିବାକର ବାବୁ, ଖିଆଲ ରଖିବେ. ମୁନ୍‌ସଫ୍ ବାବୁଙ୍କ ଖନା—Barred by limitaion ଦଫାରେ ଯେମିତିକା ପଡ଼ି ନ ଯାଏ—"

ଦିବାକର ଏଥିରେ ନିଜକୁ ଏତେ ଗୌରବାନ୍ୱିତ ମନେ କଲ୍ ଯେ, ସେଥିର ଗୁରୁତ୍ୱ ବାଗ୍‌ମହାନ ନିର୍ବାକ୍ ଅଭିବାଦନ ଦ୍ୱାରା ଯେତିକି ବ୍ୟକ୍ତ କରି ପାରିଲ, ସେତିକି ଡାକ୍ତରବାବୁ ଏଥର ମୁନ୍‌ସଫ ବାବୁଙ୍କ ଅଡ଼େ ଚକାଇ ଅଡ଼ ଆଖିରେ ପୁଣି କହିଲେ—

"ଯାହା କୁହ ଭାଇ, ଦିବାକର ବାବୁଙ୍କର ମିଜାଜ୍‌କୁ ଏକା ତାରିଫ୍ କରିବ !"

"ଛି, ଛି—ମୁଁ ଗୋଟାଏ କି ଛାର ଲୋକ—ଆପଣମାନେ ଅନୁଗ୍ରହ ରଖିଥାନ୍ତି, ସେଥିପାଇଁ ମୁଁ ଧନ୍ୟ..."

ଇତି ମଧ୍ୟରେ ଖାନ୍‌ସାମା ଟେବଲ୍ ଉପରେ ଖାନାର ବହର ସଜାଇ ଦେଇ ସାରିଥାଏ ।

"ଆସନ୍ତୁ—ଆସନ୍ତୁ—ଅନେକ ଡେରି—"

ନିଜଉଚ୍ଛଳ ଭାବରେ ଦିବାକର ସମସ୍ତଙ୍କୁ ପାଛୋଟି ନେଇ ଭୋଜନ ସ୍ଥାନରେ ବସାଇଲ ଓ ନିଜେ ପରିଚର୍ଯ୍ୟାରେ ଲଗିଗଲ ।

"ଆପଣ ବସିବେ ନାହିଁ, ଦିବାକର ବାବୁ ?"

ଦିବାକର ଓଜର କରିବାକୁ ଯାଉଥିଲ, କିନ୍ତୁ ମୁନ୍‌ସଫ୍ ବାବୁ ଡାକ୍ତର ବାବୁଙ୍କ କଥାରେ ଯୋଗଦେଇ କହିଲେ—

Digitized by PPRACHIN, SOA

"ଏ' ଗୋଟାଏ କଥା ନା—ଅବଦୁଲ୍ ଅଛୁ—ଭୟ କ'ଣ—ସେ ତ Expert ଟାଏ ।"

ଅବଦୁଲ୍ ଏ'ଭଳି ସର୍ଟିଫିକେଟ ପାଇ ଆଉ କି ସମ୍ଭାଳି ହୁଏ—ସେ ତତ୍‌କ୍ଷଣାତ୍ ବେପର୍ବାୟ ହୋଇ କହିଲା—

"ଆପ୍ ଘାବ୍‌ରାଇଏ ମତ୍—ବଇଠିଏ, ବାବୁଜି ।"

ଦବାକର ମୁନ୍‌ସଫ୍ ବାବୁଙ୍କର ଅନୁରୋଧ ଅନ୍ତତଃ ଏଡ଼ି ପାରିଲେ ନାହିଁ, ବରଂ ଏହାକୁ ଅର୍ଡ଼ର ଜ୍ଞାନ କରି, ଆସନ ଗ୍ରହଣ କଲେ, ହେଲେ, ନିଜେ ଖାଇବା ଠାରୁ ଅନ୍ୟର ଖାଇବା ପ୍ରତି ନଜର ଥାଏ ବେଶୀ ।

ଇତି ମଧ୍ୟରେ ଡାକ୍ତର ବାବୁଙ୍କର ପ୍ଲେଟ୍ ଖାଲି ଦେଖି, ହାଙ୍କିଲେ—

"ଅବ୍‌ଦୁଲ୍ !"

"ଜି"

"କିଆ ଦେଖ୍‌ତେ ହୋ ?—"

ଦବାକର ଡାକ୍ତର ବାବୁଙ୍କ ପ୍ଲେଟ୍ ଆଡ଼େ ନଜର କରେଇ ଦେଲେ, ଅବ୍‌ଦୁଲ୍ ତା' ଦେଖି ଆବା କାବା ହୋଇ ଗଲା ! ଡାକ୍ତର ବାବୁ "ନା, ନା, Please Excuse" ବୋଲି କହିଁ, ଗ୍ଲାସଟା କିସ କରି ଥୋଇ ଦେଇ, ପକେଟ୍‌ରୁ ରୁମାଲ୍‌ଟା ବାହାର କରି, ହାତ ପୋଛୁ, ମୁହଁଟା ପୋଛିବାକୁ ଯାଉଥିଲେ, ଏତିକିବେଳେ ଗୋଟାଫାଉଲ୍‌ରୋଷ୍ଟର ଗୋଟାଏ ଡିସ୍ ଆଣି, ଅବଦୁଲ୍ ତାଙ୍କର ସାମ୍ନାରେ ହାଜର କରିଦେଲା···ଡାକ୍ତର ବାବୁ କି ଯେ ବିରକ୍ତିଭାବ ଖାନ୍‌ସାମାକୁ ଦେଖାଇଲେ—ସତେକି ଗୋଟାଏ Operation

Digitized by PPRACHIN, SOA

ସାର୍, ହାତଟା ପୋଛୁଣୁ ନ ପୋଛୁଣୁ, ଆଉ ଗୋଟାଏ Case ଆଣି ଟେବୁଲ୍ ଉପରେ ହାଜର କରିଦିଆ ହୋଇଛି—କିନ୍ତୁ ପରିଷଦ୍‌ରେ ଅଶାତୀତ ରେମୁନରେସନର ପ୍ରଲୋଭନ ଦମନର ପ୍ରଭୂତ ଗୁପ ସତ୍ତ୍ୱେ ବି ଗଳାଆପଡ଼ ଅଧରର ଈଷଦ୍‌ସ୍ଫୁରଣ ଓ ପ୍ରସାରଣରେ ଆତ୍ମ-ପ୍ରକାଶ କଲା—

"ଅନୁଗ୍ରହ କର ଏହି ପ୍ଲେଟ୍‌ଟା—"

ଦିବାକର ଏହିପରି କହିଲାବେଳେ, ମୁନ୍‌ସଫ୍ ବାବୁ ଚସମା ଆଡ଼୍‌ଆଳରେ ସେହି ପୂର୍ଣ୍ଣୋଙ୍ଗ ଡିସ୍ ପ୍ରତି ଲୁବ୍‌ଧ ଦୃଷ୍ଟି ନିକ୍ଷେପ କରୁଥିଲେ । ଏହା ଗୋଟାଏ sad contrast ହୋଇ ଠିଆ ହେଲା, ଯେତେବେଳେ ନିଜ ପ୍ଲେଟ୍‌ରେ ମାତ୍ର ୨।୩ ଖଣ୍ଡି ରୋଷ୍ଟ-ସ୍ଲାଇସ୍ ଦେଖି ସଂଯତ ରସନାକୁ ଅଧିକ ସଂଯତ କରିବାକୁ ଲାଗିଲେ । ଡାକ୍ତର ବାବୁ କ'ଣ କରିବେ ?···Duty ଇଜ୍ Duty !···ପୁଣି ଛୁରି ଉଠାଇ ନେଇ ଯଥା-operation ରେ ଲାଗିଗଲେ; କେଇ ସେକେଣ୍ଡ ମଧ୍ୟରେ ମଟନର ଅସ୍ତିତ୍ୱ ପର୍ଯ୍ୟନ୍ତ ଆଉ ରହିଲା ନାହିଁ—କେତେ ଖଣ୍ଡ ହାଡ଼ କଣ୍ଟା ବ୍ୟତୀତ ।

ଖାଦ୍ୟ ସଙ୍ଗେ ପାନୀୟ ଯେ ଗୁଲି ନ ଥିଲା, ତା ନୁହେଁ । ସମସ୍ତେ ଟିକିଏ tipsy-ଭାବ ଧାରଣ କରି ନୀରବ—ଏତିକିବେଳେ ବାହାରୁ ଗୋଟାଏ ଆତଙ୍କ ବିହ୍ୱଳ ପାଟି ତୁଣ୍ଡ ଶୁଣାଗଲା—

"ଭୂତ···ଭୂତ···"

"କ'ଣ, କ'ଣ···" ବୋଲି ସମସ୍ୱରରେ ଚିତ୍କାର କରି ଭ୍ରାତ-ବନ୍ଧୁ ପଦରେ ଉଠିଗଲେ ସମସ୍ତେ ବାହାରକୁ । ଯାଇ ଦେଖନ୍ତି,

Digitized by PPRACHIN, SOA

କାହାକୁ ଜାପୁଟି ଧରି ଅବଦୁଲ୍ଲ ଓ ତାହାର ସହକାରୀ ରହିମ୍ ବୁରିଡ଼ାପଣ-ପରି ପାଗଳାବିଶେଷରେ ଥରୁଛନ୍ତି ।।

“କିଏ ?—କିଏ ହୁଅ ?”

“—ଭୂ—ତ—”

“ନେ—ହିଁ ସା—ବ, ଭୂ—ତ୍—କା ର—ଣ୍ଡୀ—”

“ଏ’ କିଏ, ଗୁଣ୍ଡିଚୁ ନା ?—”

ଟର୍ଚ୍ଚ ଲାଇଟ୍ ପକେଇ ଦେଖିଲା ବେଳକୁ ଗୁଣ୍ଡିଚୁ—“ରାମ ରାମ” ତୁଣ୍ଡରେ ଆଖି ଦ’ଟା ବୁଜି ରହିଥାଏ ।

“ଶଳା ଗୋଟାଏ ନାଟ ଲଗେଇଚି—ଭୂତ ଭୂତ କରି ଏ ଅଞ୍ଚଳଟାକୁ ଭୂତଗ୍ରସ୍ତ କରି ଦେଲାଣି—ଶଳାକୁ ଖାଲି ବେତେଇବା ଚୁଜ ଚାହିଁ ।”

“ହଜୁର୍, ଏହି ମାଲଟାକୁ ଆପଣଙ୍କର ଓସ୍‌ଗୁର୍ଜ କରି ଦିଅନ୍ତୁ ।”

“ହଁ ହଁ, ସେଇୟା କରଣୀୟ । ତା’ ବିରୁଦ୍ଧରେ ବହୁ ଅଭିଯୋଗ ରୁଜୁ ହେଲାଣି ।”

କିନ୍ତୁ ଭୂତର ଅସ୍ତିତ୍ୱ ଅସ୍ୱୀକାର୍ଯ୍ୟ ନୁହେଁ ବୋଲି, ମୁନ୍‌ସଫ୍ ବାବୁ ସାଏଟା ମୁଲ୍‌ତବି ରଖିଦେଲେ ।

“ଝୁଠା ନେହିଁ ସାବ୍—ହାମ୍ ଲୋକ ଆଁଖ୍‌ସେ ଦେଖା—”

ଗୁଣ୍ଡିଚୁ ପଳାୟନପର ହୋଇଥିଲା; କିନ୍ତୁ ଏଭଳି ଜଣେ ଆଖି ଦେଖା ସାକ୍ଷୀ ବା ସମର୍ଥକ ପାଇ ଦମ୍ଭରେ ଠିଆ ହେଲା ।

“ସ୍ୱଷ୍ଟାନଟାତ ଏଠି ଅନେକ ଦୂରେ ଲୋକାଳୟରେ ଭୂତର ଦାଉ, ଅସମ୍ଭବ । ଆପଣ କ’ଣ କହନ୍ତି, ମୁନ୍‌ସଫ ବାବୁ ?”

Digitized by PPRACHIN, SOA

ଡାକ୍ତର ବାବୁଙ୍କର ଏପରି କହିବାର ତାତ୍ପର୍ଯ୍ୟ ରହିଛି; କାରଣ ସଞ୍ଜ ଗଡ଼ିଗଲେ, ଲକ୍ଷେ ଟଙ୍କା ଆଣି ଗୋଡ଼ତଳେ କୁଢ଼େଇ ଦେଲେ ବି, ସେ Morgue କୁ ଯିବା ଦୂରେ, ସେପଟ ବି ମାଡ଼ିବେ ନାହିଁ ।

ଗୁଣ୍ଡେଶ୍ୱ ଡାକ୍ତର ବାବୁଙ୍କ ଉକ୍ତିରୁ ଯଥାସୂତ୍ର ପାଇ, ନିଜର ଗୁଣୀ ବିଦ୍ୟାଟା ଜାହିର କରିବାକୁ ଛାଡ଼ିଲା ନାହିଁ—ଏ' ବି କମ୍ ଗବେଷଣା, ଆବିଷ୍କାର ନୁହେଁ ।

"ବାବୁ ! ଏଠି ଗୋଟାଏ ଭାରି ସଇତାନ ଅଛି—ଏହି ଝରକା ସିଧା ଯଉଁ ମାହାଳ ଗଛ ସେହିଠାରେ—ଏକା ଥିଲା, ଏବେ ଗୋଟାଏ ତାର ସାଥି ଜୁଟେଇଛି—କାଲି ରାତିଠୁଁ ଭାରି ଜୁଲୁମ୍‌ବାଜି କରୁଛି ।"

ଗୁଣ୍ଡେଶ୍ୱ ଏହିପରି କହୁଥିବା ବେଳେ ଅଜ୍ଞାତସାରେ ହେଉ ବା ଜ୍ଞାତସାରେ ହେଉ, ତା'ର ହାତଟା ଯେ ସେହି ଫୁଲା ଗାଲଟାକୁ ଥରେ ପରୀକ୍ଷା କରି ନ ଆସିଲା ତା' ନୁହେଁ । ଦିବାକର ମଧ ତା' ଆଖି ସାମ୍ନାରେ କାଲି ରାତିର ଓ ଆଜି ସନ୍ଧ୍ୟାପୂର୍ବର ଘଟଣା ଗୁଡ଼ିକ ବେଶ୍ ରଞ୍ଜିତ ଓ ସୁଖପ୍ରଦ ଭାବରେ Film ସୁଲଭ ଫଟୋ, ଗୁଡ଼େଇ ହୋଇ ନ ଯିବାର ଦେଖିଲା ତା' ନୁହେଁ; କିନ୍ତୁ ଏହାର aftereffect ଭଳି, ବାସ୍ତବ ଜୀବନର କେତେ ଗୁଡ଼ିଏ tragedy ତୀର, ବର୍ଚ୍ଛା ପରି ତା'ର ମର୍ମକୁ ଭେଦ କ୍ଷିନ୍ ଭିନ୍ କଲା—ଏହିପରି ଜଣାଗଲା ।।

"ଗୁଲତ, କାହିଁସେ ଭୂତ ? ଆଜି ତା'କୁ ସାବାଡ଼ କରୁଛୁ ।"

କହୁ କହୁ ଦିବାକର ଅଦ୍ଭୁତ ଉତ୍ତେଜନାରେ—ଅବଶ୍ୟ ମଦର ଉନ୍ମତ୍ତତା ଯେ ସେଥିରେ ମିଶି ନଥିଲା, ତା' ନୁହେଁ—ଗୋଟାଏ

Digitized by PPRACHIN, SOA

ଙ୍କେର୍ ପେଟ ଭିତ୍ର ବାହାର କର୍, ଗୁଣ୍ଡି ଗୁଡ଼ିକୁ ଭଡ଼ ଓଠାର ନେଇ କାହାରିବାକୁ ଡାଏର — ଗୁଣ୍ଡି ଗୁ ତ ଛାନାଆ — ଭାଗ୍ୟେ ମୁନ୍‌ସଫ ଓ ଡାକ୍ତର ବାବୁ ଦୁହେଁ ମିଶି ଅଟକା ଅଟକ୍ କଲେ ବୋଲ୍ ରକ୍ଷା !

"ଏମିତ Rash ହେବାଟା ଠିକ୍ ନୁହେଁ—Spiritual world ଅଛି ବୋଲ୍ ତ ବିଶ୍ୱାସ କର, ଦବାକର ବାବୁ ?"

"ମୁଁ ଆଦୌ ବିଶ୍ୱାସ କରେନା, ସାର୍—ମଣିଷର ଜୀବନ-ଧାର୍ ବିଦ୍ୟୁତ୍ ପ୍ରବାହପର—ଯେ ପର୍ଯ୍ୟନ୍ତ ମଟର work କରୁଥିବ, ସେ ପର୍ଯ୍ୟନ୍ତ ଜୀବନୀ ଶକ୍ତି ଓ ପ୍ରଗତି—ତା'ପର ଅନ୍ଧକାର—କ'ଣ କହୁଚନ୍ତି, ଡାକ୍ତର ବାବୁ ?"—

"ତା' ତା ସତ ଯେ, ତଥାପି Science ସୀମାବଦ୍ଧ···ଜୀବନର ରହସ୍ୟ କେତେଦୂର X-Ray କରିପାରିଛି···"

ଡାକ୍ତର ବାବୁ ଏହିପରି ମନ୍ତବ୍ୟ କଲାବେଳେ, ବହୁଦିନ ତଳେ, ଥରେ ଛାତ୍ରାବସ୍ଥାରେ, କଲିକତା ମେଡ଼ିକାଲ୍ କଲେଜର ଓ୍ୱାର୍ଡରେ ଦିନେ ବର୍ଷା ରାତିରେ Duty ଦେଲାବେଳେ, ଠିକ୍ ରାତି ଗୋଟାକ ପରେ, ଯେଉଁ ବିଭୀଷିକାମୟ ଦୃଶ୍ୟଟା ଦେଖିଥିଲେ, ତାହା ଯେମିତ ପୁଣି ଆଜି ଆଖି ସାମ୍ନାରେ ଭାସିଗଲା, ଠିକ୍ ଏହି ଭାବରେ ସ୍ଥିରଦୃଷ୍ଟି ଓ ରକ୍ତଶୂନ୍ୟ ହୋଇଗଲେ ।

"ଛାଡ଼, ଆସ ଯିବା—ଅନେକ ରାତି ହେଲାଣି—ଏ' ସବୁ ଚର୍ଚ୍ଚା କରିବା ଏ ପରିସ୍ଥିତିରେ ଠିକ୍ ନୁହେଁ—"

ଏହିଭଳି ରାଏ ମୁନସଫ୍ ବାବୁ ଖାଲି ଶୁଣାଇ ଦେଲେ ନାହିଁ, ତାହା ସଙ୍ଗେ ସଙ୍ଗେ ସକ୍ରିୟ କରିବା ଉଦ୍ଦେଶ୍ୟରେ ଜଡ଼ିଭୂତ ଡାକ୍ତର ବାବୁଙ୍କ ହାତ ଧରି, ଲଣ୍ଠନ ଓ ମୋଟା ଠେଙ୍ଗାର ରକ୍ଷା-କବଚକୁ ଆଶ୍ରୟ କରି ଗମନୋଦ୍ୟତ ହେଲେ—ଦବାକର

Digitized by PPRACHIN, SOA

ହୁଁ କଲନାହିଁ, ଦମ୍ଭଧରି ଠିଆ ହୋଇଥାଏ ସେହି ମାହାଲଟିଛ
ଆଡ଼କୁ ଧ୍ୟାନଦୃଷ୍ଟି ଦେଇ ।—

"ଆସନ୍ତୁ, ଗୁଲ୍ ଆସନ୍ତୁ, ଦିବାକର ବାବୁ ।"

"ନା···ମୁଁ ଆଜି ଭୂତର ସନ୍ଧାନ ନେବି—ତା'ର ବସା ଭାଙ୍ଗିବି, ତେବେ ଯାଇଁ ଏ'ଠୁଁ ହୁଙ୍କିବି ।"

"ବାବୁ, ଭୂତ୍ ନୋହିଁ, ଭୂତ୍କୀ ରଣ୍ଡି ।"

"ହୁଁ—ଭୂତ—ଭୂତୁଣୀ ଦୁହେଁ ।"

"ତୁମେ ଅସତ···"

"ନା, ସାର୍, ସନ୍ଧାନ ନେବା ନିତାନ୍ତ ଦରକାର—ଫଲ୍ ଯଦି ବଢ଼ିଯାନ୍ତି ।"

"ବଢ଼ିବେତ ବଢ଼ନ୍ତୁ—ତୁମେ ଆଗ ବଢ଼ିଲ—"

ମୁନ୍‌ସଫ ବାବୁ ଏଥର ଦିବାକରକୁ ଟାଣି ଧେଇଁଗଲେ ।

"ଜାନ୍ତୁ ସାର୍ ମୁଁ ହେଲ୍ପ୍ କରୁଛି—ଅଜା କା କାଲ୍ ଭୂତ-ବଂଶ ନିର୍ବଂଶ କରିବ—କରିବ ।"

ଏହାପରେ କହୁ କହୁ ଦିବାକର ଗୁଣ୍ଡିରୁ ଚକ୍ଷୁଲିଭଳି ତା'ଆଡ଼େ ବାରମ୍ବାର ବକ୍ରଦୃଷ୍ଟି ହାଣିଲା—ଯେମିତି କି ଭୂତ ଠାରୁ ଭୂତର ଓଝା ଉପରେ ତା'ର ଅବସ୍ଥା ବେଶୀ ।

"ଓଃ, ମଣିଷ ଟିକିଏ ନିଶ୍ୱାସ ମାରିଲା ।—ଆଚ୍ଛା ଶଳାଏ—ଅବ୍‌ଦୁଲ୍ଲାଟା ଯେଉଁଠି ଥିବ, ଭୂତ ଗପ କହ—ଭୂତ ଗପ କହ ବୋଲି ରଖିଥୋଇ ଦେଲାନାହିଁ ପରା ।"

ବୋଲି, ଗୁଣ୍ଡିରୁ ସେହି ହେମାଳ-ଶୀତ ରାତିରେ ବି ଗୁମର-ବାଲା ଗାମୁଛା ତାଳ ବାନ୍ଧି ହେବାକୁ ଲାଗିଲା, ଆଉ ମନକୁମନ କହିବାକୁ ଲାଗିଲା—

Digitized by PPRACHIN, SOA

"ମୁଁ ଯେତେ ମନା କରୁଚି, ତେଣେ ମାହାଲ ଗଛ ଆଡ଼କୁ କି ସେହି ପୋଖରୀ ହୁଡ଼ାକୁ ଚକା ନା—ଭୂତ ପେତ୍ନୀଙ୍କ ବାହାରିବା ବେଳ—ଭୂତୁଣୀର ପାଣି ନେବା ବଖତ—ଶଳାଏ ଶୁଣିଲେ ? ତେତେ ଫେର ଫେର ସେଇ ଆଡ଼କୁ ଅନେଇଲେ। ଯେମିତି ଅନେଇଲେ, ସେମିତି ପରାଭବ ପାଇଲେ—ମୁଁ ତ ଗୁଣିଆ, କ'ଣ ଉରିଲି ବାଲି ? —ଯାଉ, ଖାନା କ'ଣ ଅଛି, ଦେଖେଁ—"

ଟେଷେଇ ଘରଦ୍ୱାରେ ପଶି ଗୁଣ୍ଡିଗୁ ସୋଲ୍ଲାସରେ ଦେଖେ—ଡେକ୍‌ଚିକୁ ଡେକ୍‌ଚି—ପ୍ଲେଟ୍‌କୁ ପ୍ଲେଟ୍‌—ତିନି ଗୁରୁଜଣଙ୍କ ମାଫିକ ଖାନା ମହଜୁଦ୍ ରହିଚି।

ଗୁଣ୍ଡିଗୁ ଲୋଭୀ ଶୃଗାଳ ପରି କେଉଁଠାକୁ ଅଗେ, କେଉଁଠାକୁ ପରେ ଖାଇବ, କେଉଁଠାକୁ ବା କାଲିପାଇଁ ରଖି ଦେବ ଇତ୍ୟାଦି ଭାବୁ ଭାବୁ 'ଅଦ୍ୟ ଭକ୍ଷ୍ୟ ଧନୁର୍ଗୁଣେ' ଏହି ଗୀତରେ ସହର୍ଷେ ଗୋଟାଏ ଚପ୍‌ର ବକଲା ନେଇ ପାଟିରେ ପୂରାଇବାକୁ ଉଦ୍ୟତ, ଏତିକିବେଳେ ଥାଇ ଥାଇ ଶୁଣାଗଲା—

"ଖୁଡ୍...ଖୁଡ୍..."

ଥକ୍‌କାମାରି, ପାଟିର ବକଲା ପାଟିରେ ଥାଇ, ପୁଣି ଥରେ ଶୁଣିଚି କି ନାହିଁ ସେହି ଶବ୍ଦ...

"ଭୂତ ଲୋ ! ବୌ ଲୋ !"

ବୋଲି, ହସ୍ତକର ଧରିଥିବା frying panଟା କରୁଡ଼ି ଦେଇ, ଭଜାଗୁଡ଼ାକ ତଳେ ବୁଣି ଦେଇ, ମାର୍ ଦୌଡ଼ !—ଧପ୍ କରି ବାଲେଇଟା ତର୍ଚ୍ଛରେ କାନ୍ଥ ଉପରୁ ତଳେ ଖସିପଡ଼ିଲା !!

Digitized by PPRACHIN, SOA

ଚିନ୍ତା

ରାତି ନ ପାହୁଣୁ ଗୁଣ୍ଡିରୁ ପେଟ ବିକଳରେ, ଆଉ ଚପ୍ କଟ୍‌ଲେଟ୍ ଲୋଭରେ, ଏକାଧାନକେ ଯାଇ ଦେଖେ, ତା' ଭୂତ ଭୂତୁଣୀ ଦୁହେଁ କିଛି ଆଉ ବାକୀ ରଖି ନାହାନ୍ତି—ଯେତକ ନ ଖାଇଛନ୍ତି, ସେତକ ଛିନ୍‌ଛତର୍ କରି ଦଳି ମଳି ଏକାକାର କରିଛନ୍ତି । —ସେମାନଙ୍କ ସପ୍ତ ପୁରୁଷ ଉଦ୍ଧାର କରୁ କରୁ ଫେରିଆସି, ହାଣ୍ଡିରେ ଯା' ଗଣ୍ଡେ ପଖାଳ ଥିଲା, ଅଲଣୁ ତୋରାଣୀ ସହ କଂସାରେ ବାଢ଼ି ପକାଇଲା—ଗଣ୍ଡେ ଧାନୁଆ ଲଙ୍କା ଗଛରୁ ସଜ ତୋଳାଅଣି, ପିଆଜ ଲୁଣ ସଙ୍ଗେ ମିଶି ବସାଇ — ଅଉ ସେଗୁଡ଼ିକୁ ପଚେଖ ଦେଇ, ଅଧଖା ମୁହଁରେ ଭାତତକ ଗୋଟେ ଗେଫାରେ ସଡ଼ ସଡ଼ କରି ଉଦର ଭିତରକୁ ଚାଳଣି କରିଦେଲା—ତା'ପର ତୋରାଣି କଂସାକୁ ଚାଟ୍ ଚିକ୍ କରି ଚେଣ୍ଡି ଦେଲା ଯେ, ପାଠୁଆ ଜମି ଭଲ କେଉଁଠି ଶୋଷି ହୋଇଗଲା, ତା'ର ପତ୍ତା ମିଳିଲା ନାହିଁ ।

Digitized by PPRACHIN, SOA

"ହେ—ଉ ! ହେ—ଉ !"

କର୍ ହେଉଛି ମାରୁ ମାରୁ ଉଦୁରିଆ ପେଟରେ ବାଁ ହାତଟା ବୁଲାଉ ବୁଲାଉ ଗୁଣ୍ଡିରୁ ଆର ହାତରେ ଅଇଣ୍ଠା ମୁକୁଳେଇବାରେ ଲଗିଗଲା—ମନେ ମନେ ପାଉଥିଲା, ଟିକିଏ ଦମ୍ ମାରିବ—ପାନ ଖିଲଟିଏ ଚହ୍ଲାଇବ—ହଁ, ଅପିନାମାର ସେହି ପ୍ରୀତ ସୁଆଦିଆ କେତକୀ ଖଇର ଦେଇ—ଗୀତ ବସେଇଥିଲା— ପୀରତି ପଥ ଖସଡ଼ାରେ—ହେଲେ, ଗୁଣିଆ କପାଳରେ କି ମୁକ୍ତି ଅଛି ?—

"ଗୁଣ୍ଡିରୁ ମଉସା !"

"ଯେତ ଆମର ରାଧା— ସଖୀଙ୍କ କି ଶରଧା ଗୋ ରାଧେ ?"

ରାଧି ଉଲ୍ଲସି ଉଠିଲା, ଲାଜରା ମୁହଁରେ କଣି ଅଙ୍ଗୁଠିଟା କାମୁଡ଼ିସାରି କହିଲା—"ସାଧିତ ଆଉ ରଖିଥୋଇ ଦେଲାନାହିଁ, ମଉସା ! ବକୁଥିଲା, କଥା ଥିଲା—ବେଳ୍ଡାବେଳ ଯଉଁ ଉତ୍ପାତ ଲଗେଇଲାଣି ଘରେ ଆଉ ରହି ହେବନାହିଁ !"

ଗୁଣ୍ଡିରୁ କାଲି ରାତିର ଆପଣା ଅଙ୍ଗେ ଲାଗିଥିବା ବାତ୍ପାତ କଥା ଭୁଲି, ମଉନ ହୋଇଗଲା—ତା'ପର କହିଲା—

"କହନା ସେ ଭୂତର ଦାଉ କଥା—ଏକା ଥିଲା ଏବେ କୋଡିବାନ୍ଧ, ବାଉଟିଙ୍କୁ ବି ଜୁଟେଇଲାଣି—ମୁଁ ତ ଆଜି ଗାଁକୁ ବାହାରିଛି—ଗାଁରୁ ଫେରେ କି—"

"ମଉସା, ତା' ହେଲେ ଆମ କଥା ସଇଲା— ସାଧି ଆଉ ବଞ୍ଚିବ ନାହିଁ—"

"କ'ଣ ? ଏଡ଼େ କଥା !— ନ ହେଲା ଗାଁକୁ ଯିବା କଥା—ଶଳାକୁ ଆଜି ରେଲଖମ୍ବ ତଳେ ମାଡ଼ି ଯେବେ ନ ପୋତିଛି..."

Digitized by PPRACHIN, SOA

କହୁ କହୁ କ୍ଷିପ୍ର ହସ୍ତରେ ଅଇଣ୍ଠା-ମୁକୁଳା କାମ ଶେଷ କରିବାକୁ ଲାଗିଲା ।

“ଅଲୋ ରାଧି, ମୋତେ ଆମ୍ବୁଲ ଅଗୁର ଟିକିଏ ଦେଲୁ ନାହିଁ ? ତୋ’ ବୋଉ ରୁକ୍ମଣୀ କ’ଣ ସବୁ ଏକା ଏକା ଖାଇବ ?”

“ରଙ୍କ ଧନ ବାଙ୍କେ ଯାଏ—ଓରନ୍ତି, ଆଜି ମାଚିଆରେ ପାଚିଆଏ ଆଣି ତୋ’ପାଖେ ଥୋଇ ଦେଉଚି, ମଉସା ।”

ଗୁଣ୍ଡ୍ରିଗୁ ସବୁର କଲା ସତ, କିନ୍ତୁ ବେହିସ୍ବା ଲାଳଠା ଆଦୌ ସବୁର କଲା ନାହିଁ —ଯା’ ବା ଟିକିଏ ଗୁଣ୍ଡ୍ରିଗୁ ମଠ ମଠ କରୁଥିଲା, ଦଣ୍ଡେ ବି ନ ସମ୍ଭାଳି, ଯାଗାଠା ଲିପି ପୋଛି ଦେବାକୁ ଲାଗିଲା—

“ଏ’ଠି ଅଇଁଠା ରହିଗଲା, ମଉସା—ଏ’ଠି—ଏ’ଠି—”

ଏହି ପରି ତାକିତରେ, ଦାନା ଖୁଣ୍ଟି ଖୁଣ୍ଟି, ଶେଷେ ବିରକ୍ତିରେ ଅଉଥରେ ଓଦାକନାରେ ବେଶ୍ ମାଡ଼ିକରି ଲିପିପୋଛି ଦେଲା, କଁସାଠା ନେଇ ଉଠିଗଲା, ଢେଧାଇ ପକାଇ, କୁଳକୁଚା ସାରି, ହାତ ଗୋଡ଼ ଧୋଇଲା—ଅବଶ୍ୟ ସେହି ନୋଠିକ ପାଣିରେ—ତା’ପରି ଭିତରକୁ ଲେଉଟିଲା ହାଲୁକା ମନରେ—ରାଧି ଗୁଳିଯାଉଥିଲା, ସୁଆଗିଆ କଣ୍ଠରେ ଡାକି କହିଲା—

“ଏତେ ତରବର କିଆଁ ମ ?···ବସ···ପାନ ଭାଙ୍ଗ···”

“ଆଚ୍ଛା, ମଉସା—ଏ’ କ’ଣ ସେହି ମାହାଳ ଗଛ ଭୂତ ?”

ଏଥିରେ ଗୁଣ୍ଡ୍ରିଗୁର ପିଲେହି ତ ପାଣି —କଁସାଠା ହାତରେ ଥିଲା, ଠଣ୍ କରି ତଳେ ପଡ଼ିଗଲା ।— ରାଧି ‘ସତ୍, ସତ୍’ ବୋଲି ତିନିଥର ସେହିଠାରେ ବାଁ ଗୋଡ଼ କଗୁଡ଼ିଦେଲା ।—’

Digitized by PPRACHIN, SOA

ଗୁଣ୍ଡିଚ୍ଛୁ ମଧ୍ୟ କ'ଣ ବାଡ଼ର ବାଡ଼ର କର ତନୀଥର ଫୁଙ୍କିଲା ନିଜକୁ ନିଜେ, ଅଉ ରାଧିକୁ କେଜାଣି ତନି ତରେ ନଅ ଥର— ତା'ପର ଭଙ୍ଗା ଭଙ୍ଗା ସ୍ୱରରେ କହିଲା—

"ଦେଖ ରାଧି—ଏ ଭାଗ୍ୟ ଗୁମର କଥା— ସଞ୍ଜ ନ ହେଉଣୁ ଲୁଗା କାଚ ଏଣିକି ଗୃହଲ୍‌ଯିବୁ—ବେଶୀ, ଶନିବାର ଦନ—ମନେ ରଖିଥିବୁ ।"

ରାଧି, ରାମ କ ବସ୍ତୁ କଛୁ କଳନାହିଁ ସତ, ହେଲେ ତା'ର ଗ୍ଲୁତଟା ଦାଉଁ ଦାଉଁ ପଡ଼ିଲା— ସେହି ମାହାଲ ଗଛ ଅଡ଼୍ ଆଖି ଫେରାଇ ବି ଫେରାଇ ପାରୁ ନ ଥିଲା ।

ଏହି ଭାବରେ ପାଉଣ୍ଡେ, ଦ' ପାଉଣ୍ଡ ଆଗ ବଢ଼ିଚ କ ନାହିଁ, ଅଚ୍ଛନକ୍ କାହାକୁ ପୋଖରୀ ହୁଡ଼ାଠେଇଁ ଦେଖି ଛନକ ଉଠିଲ, ଅନୁକୂଳ ବେଳେ ଅଯାଚା, ଏହି ଖିଆଲରେ ବାହୁଡ଼ ଆସିଲ, ନମ୍ର କଣ୍ଠରେ ଗୁଣ୍ଡିଚ୍ଛୁକୁ ଡାକଲ ପଦାକୁ, ଅଉ ଇସାରା କର ଦେଖାଇ କହିଲା—

"ମଉସା—ଦେଖିଲ୍"

ଗୁଣ୍ଡିଚ୍ଛୁ ଗୃହିଁ ଦେଇ ଗୃଉଁକନା ହୋଇ ଉଠିଲ, ନିଜକୁ ସମ୍ଭାଳ ନେଇ ଗୁଣିଆ-ଦମ୍ଭରେ କହିଲା—

"ତା'ର କଣ ଠିକଏ ହେଲେ ଡର ଭୟ ଅଛୁ ? ବେହେଲାଟା ଦେଖୁଚ୍ଛୁ ତ କେମିତ ଏକୁଟିଆ ମାହାଲ ଗଛକୁ ଅଉଜା ବସି, ଦାନ୍ତ ନିକୁଟି ଦାନ୍ତ ଘଷୁଛୁ !···ଗୃଲଆ', ଗୃଲଆ ଏଣିକି···ହୁସିଅର !"

"କାଲି ରାତର କଥା— ସାଧିଟା ଯେତେଥର 'ହଃ ହଃ ହଃ' କର ହସି ଉଠେ, ଅଲଜୁକାଟା ଦବାଲି ଅବପଟି ତେତେଥର ପାଟି

Digitized by PPRACHIN, SOA

କରି ଡାକିଚି—'ସାଧୂ, ସାଧୂ'—ଆମେ କେହି ପରି କାନକୁ ନେଲୁ ନାହିଁ ।"

"ଭଲ କରିଚ—ଉତ୍ତର ଦେଇଥିଲେ, ଆଉ ରକ୍ଷା ଥିଲା ?—ମୁଁ ତ କି ଛାର, ଓସ୍ତାଦ୍ ଛାଡ଼ ଓସ୍ତାଦର ଗୁରୁ ଗୋସେଇଁବି କିଛି କରି ପାରନ୍ତା ନାହିଁ ।"

"ଶାମା ଭାରିଯା କହୁଥିଲା ପରା—ଦିନେ ରାତିରାତି ସଞ୍ଜବେଳେ ଏହି ପୋଖରୀ ହୁଡ଼ା ଉଡ଼ରେ, ଆଖିର ଦେଖା, ଅଲକ୍ଷଣୀଟା ଲୁଗାପଟା ତୁଠ-ପଥର ଉପରେ ଥୋଇଦେଇ—ଅଭୁତ ଲଙ୍ଗଳା—ଗୋଡ଼ ଦି'ଟା ଉପରକୁ ଟେକିଦେଇ—ଛଞା ବାଷ୍ଟା ଗୁଡ଼ାକ ଚଳୁଥାଏ—ସେ ତ ଦେଖି ଘୁନିଅ—ଛଅ ମାସର ପୋକ୍ତଟାଏ, ସେଇଠି ପରା ଗଭୂର ପଡ଼ାଇଲା ।—କାହିଁକି ମ ? —ସେଦିନର କଥା ?—ଦିବାକର ବାବୁଙ୍କର ପଦ୍ମଲ୍ ସେହି ଟୋଟିଏ ବୋଲି ଛୁଆ, ଯେ ବାନ୍ତି କରି ମଲା ।—"

"ମରିବେ ନାହିଁ ? ଏଥିରେ ଗୁରୁ-ମନ୍ତ୍ର କେବେହେଲେ କାଟି କରିବ ? ଗୁଣ୍ଡି ଗୁରୁକୁ ଥରେ ଯେବେ ଖବର କରିଥାନ୍ତେ—"

"ମୁଁ ଏଡ଼ା କେତେଥର ତୋ' କଥା ପକେଇଚି, ମଉସା । ଯେମିତିକା ଶୁଣିଚି ପାଣୁଆ-ମାଠିଆ ଯେ, ବାହାରେ ସେ ପିଲାଟାକୁ କୋଳରେ ଧରି ବସିଥିଲା, ସେ ଉଦଣ୍ଡୀଟା କେଉଁଠି ଥିଲା, ଧାଇଁଆସି ଖପ୍ କିନା ପିଲାଟାକୁ ଝାଣିନେଲା, ଆଉ ତା' ନରମ ଗାଲରେ ଚୁକଟିଏ ବସାଇ ଦେଲା—"

"ସେଇ ଚୁକବାଟେତ ଛୁଆର ତାଜା ରକ୍ତ ସବୁ ଶୋଷି ନେଇଥିବ ରକ୍ତଖାଇ ।"

Digitized by PPRACHIN, SOA

"ପାଣୁଆ ମା ତା'ର ଚଢ଼ଦ ପୁରୁଷ ନିକାଲି ଦେଲା, ହେଲେ ତା'ର କ ଯାଏ···ହୁଃ ହୁଃ ହସି ଦେଉଚ ଛାଗେ—; ବିଲକୁଲ୍ କିଆଁ ଡାହାଣୀଟାଲେ, ମା !"

"ଚୂପ୍, ଚୁପ୍—ଏଣିକି ଆସୁଚି ସେ"

"ମୁଁ ପଳାଏଁ—"

"ରାଧୁଅପା—ରାଧୁଅପା—"

'ଡାହାଣୀ'ଟା କହୁ କହୁ ଝପ୍‌ଟି ଆସି ରାଧୁଅପାକୁ ହାବୁଡ଼ ମୁହଁକୁ ମୁହଁ ଏକପ୍ରକାର ଯୋଖିଦେଇ, କହିଲା—

"ହେଲେ ରାଧୁ ଅପା, ସାଧୁ କାଲି ଏମିତକା ହସ୍ତରିଆ ହସ ହସୁଥିଲା କାହିଁକି ? ମୁଁ କେତେ ଯେ ଡାକଚି—ଡାକି ଡାକି ପର ଥୋବ୍‌ରା ହୋଇଚି । ତୁମେ କ'ଣ ଘରେ କେହି ନ ଥିଲ ?"

"ନା···ହଁ···ହେଲେ ସେ କିଛି ନୁହେଁ, ଅପା—ଟିକିଏ କିଛି ହେଲେ, ସେ ସେମିତି ବକେ, ହସେ ।"

"ଯା'ହଉ ରୋଗଟା ବଢ଼େଇ, ଔଷଧି କରିବାର ଥିଲା—ମୁଁ ତ ତୁମର ପାଖ ପଡ଼ଶା—ଛାଡ଼, ଗୁଣ୍ଡିଗୁ କଣ ଭୂତ ଝାଡ଼ିବାକୁ ଯାଉଚି ?"

ଗୁଣ୍ଡିଗୁର ପାଟି ଖଣ୍ଡ ବାଜିଲା, ରାଧୁ ଛନଛନ ହୋଇ କହିଲା—

"ନାହିଁ, ସାନ୍ତାଣି-ଅପା । ମୁଁ—ମୁଁ—ଏ'—ଏ'—ଏହି ବାଟଦେଇ—"

"ହଉ ଗୁଲତ—ମୁଁ ଅଇଛୁକା ଦେଖିବି ।—ଏଠାକୁ ଅଇଲା ବେଳେ ମୁଁ ମୁହଁମାରି ଅସିଥିଲି ଯେ, ବାହାରେ ତାଲି ଦେଖି ଡାକିଲି ନାହିଁ ।"

Digitized by PPRACHIN, SOA

ରଘୁ ବେଗଡକୁ ଦେଖି ଆଗେଇଲ, ଯେହ୍ବ ପନ୍ଦର ବାଲ୍ଲ ପର ଆସାମୀ ପଛେ ପଛେ ଚାଲିଲ୍; ହଠାତ୍ ରହିଯାଇ କହିଲ—

"ହଁ, ଗୁଣ୍ଡୁରୁ—କାଲିରାତିରେ ଅବଦୁଲ୍ଲ କେଉଁଠି ଭୂତ ଦେଖି-ଥିଲ ?—ମଇନା ବଦ କୁକୁଡ଼ା ନ ଡାକୁଣୁ ମୋ ଦ୍ୱାରେ ହାଜର—କାନ୍ଦ, କାଟି, ଉଚ୍ଛନ୍ନ—ସତକୁ ଯତ, ମୁଁ ଯାଇଁ ଦେଖେତ, ପରମଲ, ତା' ସାନ ଝିଅଟା 'ଏହି ଅଇଲ, ଏହି ଈଇଲ— ଏହି ଡାକୁଚ—ଏହି ଡାକୁଚ—' ବୋଲି କୁହାଟ ଛାଡ଼ିଲ—ଶୁଣିଲି, ଭୂତଟା କୁଅଁଡ଼େ ବାପଦାଦାରେ ସବାର ହୋଇ ଆସି, ଝିଅକୁ ଅଶ୍ରା କରିଚ । କଥା କ'ଣ କହ ତ ?"

ରଘୁ ଏହି ଖଞ୍ଜରେ ଏକାବେଳକେ ଫାଦା ପାର ।

"ଘଇମିଶା ଜହ୍ନରାତିରେ କାଲି ମୁଁ କଣ ଏକା ଦେଖିଛୁ, ସାନ୍ତାଣି ?—ବାବୁ ଭଯ୍ୟା ସଭଏଁ ।"

"ବାବୁ, ଭଯ୍ୟା ସଭନ୍ନି ?—କଣ ଦେଖିଲେ ?—ଭୂତ ?"

"ଭୂତୁଣୀ—ଭୂତୁଣୀ—ସେହି ମାହାଲଟଛକୁ ଅଉଜ ଠିଆ ହୋଇଥିଲ—ସମସ୍ତେ ପାଟିତୁଣ୍ଡ କରିବାରୁ ଗଛଭିତରେ ସଟ୍ କିନା ପଶିଗଲ ।"

"ହୋଃ, ହୋଃ—ଅରେ ମୂର୍ଖ, କାଲି ରାତିରେ ନିମନ୍ତ୍ରଣ ଖାଇ ଫେରୁଥିଲି, ହଠାତ୍ ପେଟଟା ମୋଡ଼ି ହେଲ ଯେ ପୋଖରି-ପାଣି ବସିଗଲି ସେଇଠି—ପାଣିସାର—ଗାନ ବଜାଣି ହେଉଥିଲ ଯେ, ଶୁଣିବାକୁ ଦଣ୍ଡେ ଠିଆ ହୋଇଗଲି—ତା'ପର କି ଗୋଟାଏ ହାଞ୍ଜିଳ ହେବାରୁ ଅବସ୍ଥା ଅନ୍ଧାରରେ ମିଶିଗଲି ।"

"ଏଁ—"

Digitized by PPRACHIN, SOA

ଗୁଣ୍ଡିଗୁ ଡବା ଡବା ଅଖିଦ'ଟା କାଢ଼ି ପକାଇଲା—ଲୁହଟା ତା'ର ଦାଉଁ ଦାଉଁ ପଡ଼ିବାକୁ ଲାଗିଲା ।

"ଦେଖ୍, ତୋତେ ଅବଦୁଲା ଅଇଛିକା ଡାକିବାକୁ ଆସିବ । ଆସିଲେ, ପରମଲ୍ ପାଇଁ ଏଇ ଔଷଧ ପୁଡ଼ିଆଟା ଦେବୁ—ତା'ର ହଷ୍ଟିରିଆ ହୋଇଛି । ବଦମାସ୍ । ଫେର ଯଦି ଭୂତକଥା ପକେଇବୁ ତ ମଜା ନିକାଲିଦେବ—ହଁ ।"

"ଦୁହାଇ ଦୁହାଇ—ସା—ନ୍ତା—ଣି । ଏଇ କାନ ମୋଡୁଛି, ଚଇଁକଣି ଖାଉଛି ।"

"ହଉ, ବେଶ୍—ଯିଧିଅଯା—ମ' ଗୁଲିଗଲା ?"

ଅତି ଉବରବର ହୋଇ ସୁନ୍ଦରୀ ଗୁଲିଗଲା—ପରେ ପରେ ଅବଦୁଲା ଓ ରହିମ୍ ଅନ୍ୟବାଟେ ଦେଇ ଗୁଣ୍ଡିଗୁ-କୁଡ଼ିଆରେ ହାଜର ହେଲେ ।

"ଗୁଣ୍ଡିଗୁ ଭୟା···ମେଚରେ ଜାନ୍ ବଁଗୁ—ଉ ଏକଠୋ ଲଡ଼କା ରେ, ଏକଠୋ—"

ବୋଲି, କଥା ଆଉ କହି ନ ପାରି ଅବ୍‌ଦୁଲା କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା, କଅଁଳା ଛୁଆଟିପରି ।

"ଚୁପ୍, ଚୁପ୍—ଅସ୍ତେ ଅସ୍ତେ"

"କାହେ ? କିଆ ବାସ୍ତେ ?"

ବୋଲି, ରହିମ୍ ଓ ଅବ୍‌ଦୁଲା ଯଥାକ୍ରମେ ଜଓ୍ୟାନ୍ ଓ ଗୁଣ୍ଡା ହେଲେ ମଧ୍ୟ ଗୁଣ୍ଡିଗୁର ଏ'ପରି ଫୁସିଆଣରେ ହଠାତ୍ ଚମକି ଉଠିଲେ—ପରମୁହୂର୍ତ୍ତରେ କିନ୍ତୁ (ଦିବସର ଅନେକ ଯୋଗୁଁ ହେଉ କି ସ୍ୱାଭାବିକ ଔଦ୍ଧତ୍ୟ ଯୋଗୁଁ ହେଉ) ପ୍ରକୃତିସ୍ଥ ହେଲେ । ରହିମ୍‌ଟା ବେପରୁଆ ଭାବେ କହିଲା—

Digitized by PPRACHIN, SOA

"କୋନ୍ ହ୍ୟାୟ୍, ମୁଜ୍‌କୁ ବତ୍‌ଲା—ଶାଲେକୋ ଏଇ ଚପର୍ (ଚପର୍‌ଟା ହାତରେ ଧରିଥିଲା ଅବଶ୍ୟ) ମେ ଜବାଇ କର୍‌କେ, କିମ୍ମା ବନାଦେଙ୍ଗେ—ମଏଁ କସାଇଁ ହୁଁ ।—"

"ରହିମ୍-ଭାଇ ଏ' କସାଇଁଖାନା ନୁହେଁ···ତୁ ଆ'ତ—"

ବୋଲି, ଗୁଣ୍ଡିରୁ ରହିମ୍‌କୁ ଟାଣି ଓଟାର ଦୋକାନଟିର କୁଡ଼ିଆ ଭିତରକୁ ଓ ଅବ୍‌ଦୁଲ୍‌କୁ ଇଙ୍ଗିତ କଲା ତା'ଙ୍କୁ ଅନୁସରଣ କରିବାକୁ··· ତା'ପର ଅଙ୍ଗୁଳି ସଙ୍କେତଦ୍ୱାରା ପୋଖରୀ ତୁଠକୁ ନଜର କରାଇଲା··· ସୁନ୍ଦରୀ ସେଠାରେ ଗାଧଉଥିଲା ।—

"ଆରେ ଓଡୋ କମାଣ୍ଡରବାବୁକା ଜନାନା—ଗୋସଲ୍ କର୍‌ତା—ଉଧର ତକାନା ବେସରମ୍‌କା ବାତ୍—"

ବୋଲି, ଅବ୍‌ଦୁଲ୍ ଆଖି ଫେରାଇଲା; କିନ୍ତୁ ରହିମ୍ ଯୌବନ-ସୁଲଭ ଚପଳତା ଦମନ କରି ପାରୁନଥିଲା ।

"ତା'ତ ବୁଝିଲି···ସେ କ'ଣ ତୁମ ଡେରାକୁ ଯାଇଥିଲା ଆଜି ?"

ବୋଲି, ଗୁଣ୍ଡିରୁ ପଚାରିଲା ।

"ହାଁତୋ···ବଡ଼ ଫଜର୍ ମେରେ ବିବି ବୋଲାକେ ଲେ ଆୟୀଥା ଉନ୍‌କା 'ମିଠା'କୋ ।"

"ମିଠା ହେଉ, ପିଠା ହେଉ—ଦେଖିଚ, ନଜର ପଡ଼ିଚ [illegible], କଥା ଶେଷ, ଭାଇ ।"

ଅବ୍‌ଦୁଲ୍ କେମିତ ଅବାକାବା ହୋଇଗଲା, ଗୁଣ୍ଡିରୁ କିନ୍ତୁ କହିଚାଲିଲା—

Digitized by PPRACHIN, SOA

"ଭାଗ୍ୟ ବଳିଗଲା, ଭାଇ···ଅଲହ୍ଲାକା ବେଶୀ ବକାବକ କରୁଥିବ ତ ?"

"ହାଁ, ଫଜର୍ ସେ—'ମିଟ୍ଟା' ଦେଙ୍କେ ଅନେକାବାଦ୍—"

"ତୋ'ର 'ଲେଡ୍କା' ତା' ହେଲେ—"

"କିଆ ?—ସମ୍‌ଜା--ସମ୍‌ଜା--ତୁ ଯାଏଗା କି ନେଇ ବୋଲ୍ ? ବବ ଗୋସ୍‌ସା ହୋଏ, ଯୋ ହୋଏ—ଲେଡ୍‌କି ବଞ୍ଚେ, ଅର ନେଇ ବଞ୍ଚେ—ହାମ୍ ଉନ୍‌ସେ ଦବାଇ ଲେଙ୍ଗେ--ଲେଙ୍ଗେ ।—ସଚ୍ଚା ଆଦ୍‌ମିକା ବଦ୍‌ନାମ୍ ହାମ୍ କଭି ବର୍‌ଦାସ୍ତ ନେଇ କରେଙ୍ଗେ । ଏ' ଭୂତା ଉତା ଝୁଟ୍ଠା—ଝୁଟ୍ଠା—"

ବୋଲି, ଅବ୍‌ଦୁଲ ଏକାବେଳକେ ନିଆଁ ବାଣ ହୋଇ ବାହାର ଯିବାକୁ ଉଦ୍ୟତ—ଗୁଣ୍ଡିଗୁ ଧରି ପକାଇ କହିଲା—

"ଥଣ୍ଡା ହ, ଥଣ୍ଡା ହ, ଭାଇ—ଗୁଲ୍—ମୁଁ ପରା ଆଗରୁ ଜାଣି କରି ତା'ର କତରୁ ଔଷଧି ଆଣି ହାତରେ ଧରିଚି—କିଛି ନା କିଛି ଘଟିବ—ଚମତ୍କାର ଫଳ କ'ଣ ହୁଏ ଦେଖିଲୁ ତ ? ଗୁଲ, ବବର କଥା ବି ରହିବ, ମିଆର କଥା ବି ରହିବ—ଝାଡ଼ି ବି ଦେବା, ଔଷଧି ବି ଦେବା ।"

"ଅଚ୍ଛି ବାତ୍ କହିଚୁ—ଚଲ୍, ଚଲ୍ ଭୟା !"

ସମସ୍ତେ ଏହାପରେ ଦଳ ବାନ୍ଧି ବାହାରିଲେ ବେଳକୁ, ସୁନ୍ଦରୀ ଗାଧୋଇ ସାରି ପୋଖରୀ ହୁଡ଼ାକୁ ଉଠୁଥିଲା—ବସୀର୍ ଓ ଅବ୍‌ଦୁଲ୍‌କୁ ଡାକିବ ବୋଲି ହେଲା, ହେଲେ ଗୁଣ୍ଡିଗୁକୁ ସାଥିରେ ଦେଖିଲା, ଗୁଣ୍ଡିଗୁ ମଧ୍ୟ ଔଷଧି ପୁଡ଼ିଆଟି ଧରିଥିବାର ଲକ୍ଷ୍ୟ କଲା—ସୁଚିତ୍ତଂ ପ୍ରସନ୍ନ ମନରେ ସିକ୍ତବସନା ସୁନ୍ଦରୀ ଗନ୍ତବ୍ୟ-ପଥ ଧରିଲା—

Digitized by PPRACHIN, SOA

ପଟ୍ଟାଙ୍କୀର ଦାନ୍ତ—ଅଡ଼େଇ ଅଡ଼େଇ ଗଲେ ମଧ୍ୟ ଆଡ଼ନୟନର ସମ୍ମୁଖୀନ ହେଉଥାଏ—ତନ୍ୱୀ ଅତନୁ ସମ୍ଭାରକୁ ସେତେବେଳେ ଯେ ସମ୍ୟକ୍‌ଭାବ ମଣି ନ ଥିବ କିଏ କହିବ ।

ଅଳଙ୍କାରୀର ଗତିବିଧି ପାଣୁଆ-ମା ପୋଖରୀ ହୁଡ଼ାର ବିପରୀତ ପଟେ ଥାଇ ଦାନ୍ତନ କରୁ କରୁ ଠିକ୍ ନାଖି କରି ଲକ୍ଷ୍ୟ କରୁଥିଲା ଓ ମଦାରକୁ ଦେଖାଉ ଥିଲା । ମଦାର କୁଳଭୂଆସୁଣୀ—ଭୂଆସୁଣୀର ବୟସ ଟପିଲେ ବି, କୌଳିନ୍ୟ ବଜାୟ ରଖିଥିଲା—ଏ'ପରି ମୁକୁଳା ଥାନରେ ଯେଉଁପରି ନିୟମ ପାଳିବାର କଥା, ତାହା ସେ ଠିକ୍ ଠିକ୍ କରୁଥିଲା—ସୁତରାଂ ସାତହାତ ଓଢ଼ଣୀ ତଳୁ ଯେତିକି ଦେଖୁଥିଲା, ସେତିକି ।

ଏଇଥିଲାଗି ତ ଦାଣ୍ଡରେ, ହାଟରେ, ଘାଟରେ ମଦାରର ଏତେ ପ୍ରଶଂସା ।—"ବୋହୂ ଖଣ୍ଡିଏ ତ !"

ସୁନ୍ଦରୀ ଅଦୃଶ୍ୟ ହୋଇଗଲା । ପାଣୁଆ-ମାର ପାଟି ଫିଟିଲା—ସେ ଦାନ୍ତକାଠି ଫିଙ୍ଗିଦେଇ, ମନ୍ତବ୍ୟ କଲା—

"ଦେଖିଲୁ ତ ଜମ୍ବୀ-ଭାରିଯାର ଢଙ୍ଗ ଟାଙ୍ଗ ? ଏ' କୁଆଡ଼େ କୁଳ-ଭୂଆସୁଣୀ—ଛିଆଲୋ !"

ମଦାର ଖାଲି ଏତିକି ଫୁସୁ ଫୁସୁ କଣ୍ଠରେ କହିଲା—

"ସ୍ୱ—ଖା—କ୍ତି—"

ଏ'ଭଳି ଅନାଚାରର ଦର୍ଶନରେ ମଧ୍ୟ ମହାପାପ । ସେଥିପାଇଁ ପ୍ରାୟଶ୍ଚିତ୍ତ ଲୋଡ଼ା ମଦାର ଯେ କାହାଣେ ଗୁରୁନାମ ସେହିକ୍ଷଣି ଜପି ନ ଥିବ, ତାହା ନୁହେଁ ।

ଗୃହ

ଜୟନାରାୟଣର ଗୃହ । ସୁସଜ୍ଜିତ ପ୍ରକୋଷ୍ଠ । ଗବାକ୍ଷ ଉନ୍ମୁକ୍ତ । ମୁକ୍ତ-କୁନ୍ତଳା ସୁନ୍ଦରୀ ତତ୍‌ସନ୍ନିଧାନରେ ଉପବିଷ୍ଟା । ପ୍ରସାଧନ-ନିରତା—ଗୁଣୁଗୁଣୁ-କଣ୍ଠସ୍ୱର—ସମ୍ମୁଖେ ଫ୍ରେମ୍‌-ବନ୍ଧା ଆଇନା । ପ୍ରତିବିମ୍ବିତ ରୂପଲାବଣ୍ୟ କ୍ରମ ପର୍ଯ୍ୟାୟରେ ଉଜ୍ଜ୍ୱଳ ଓ ଯେତିକି ମନୋହର ଦିଶୁଥାଏ, କଣ୍ଠ-ସ୍ୱର କ୍ରମ-ପର୍ଦ୍ଦାରେ ଚଢ଼ି, ସେତିକି ମଧୁରତର ହେଉଥାଏ ।

ଅଦୂରେ ତମାଲତରୁ—ଘନ-ପଲ୍ଲବ ମଣ୍ଡିତ । ସେହି ମଣ୍ଡନର ଅନ୍ତରାଳରୁ ପିକଟିଏ କେମିତି ଅସହିଣି-କଣ୍ଠରେ ଅନୁରୂପ ସ୍ୱର ଓ ମାତ୍ରାର କ୍ରମ ଧରି ଚଢ଼େଇ ହେଉଥାଏ—

"କୁହୁ...କୁ ହୁ—"

"ନା, ଆଉ ବରଦାସ୍ତ କରି ହେବନାହିଁ !"

ସେହି ଅସହଣି କୁହୁ ଧ୍ୱନିକୁ ଯେମିତି ଏହିଭଳି ଭାଷା-ରୂପ ଦେଇ, ଜୟନାରାୟଣ ଗୋଟାଏ ଝଡ଼ର ପ୍ରବଳ ଝାପ୍‌ଟାରେ ରୁଦ୍ଧ-ଦ୍ୱାର ଫେଇ ଅଭ୍ୟନ୍ତରରେ ପ୍ରବେଶ କଲା—

Digitized by PPRACHIN, SOA

"ହାଁ—ହାଁ—"

ବୋଲି, ସୁନ୍ଦରୀ ଯଥାସ୍ଥାନରେ ଅବିଚଳ ଥାଇ ବାଧାଦେଲା··· ହୁଏତ ଏହି ସାଙ୍କେତିକ-ବାଧା କ୍ଷୁବ୍ଧ ଜୟନାରାୟଣ 'ଫୁ' ବୋଲି ଫୁତ୍କାରରେ ଉଡ଼ାଇ ଦେଇ ପାରିଥାନ୍ତା, ଫଳରେ ଗୋଟାଏ ଅଶୋଭନୀୟ କାଣ୍ଡ ଭିଆଇ ବସିଥାନ୍ତା···ହେଲେ, ଆଶ୍ଚର୍ଯ୍ୟ ! ସେ ପାରିଲା ନାହିଁ—ଶିଥିଳବାସନା ସୁନ୍ଦରୀର ଅମୋଘ ମୋହିନୀ-ମାୟା ଅଖି ପିଛୁଳାକେ ଜୟନାରାୟଣର ଦାନବୀୟ ସଙ୍କଳ୍ପ-ଗ୍ରନ୍ଥିରେ ଅଣିଦେଲା ଚୈଥିଲ୍ୟ ।

"ତୁମେ ?"

ବୋଲି, କପଟ ଏକ ବ୍ୟଙ୍ଗ-ମିଶ୍ରିତ ମଧୁଭରା କଣ୍ଠରେ କହି, ସୁନ୍ଦରୀ ପ୍ରସାଧନାନ୍ତିକ ସିନ୍ଦୂର ଟୋପା ଉପରେ ପୁଣି ଟୋପା ଚଢ଼ାଇଲା, କ୍ଷାନ୍ତ ହେଲନାହିଁ, ଓଷ୍ଠ ଗୃପି କୁନ୍ଦଦନ୍ତୀ ଫରୁଆ ଭିତରେ ଟୋପା କାଠିଟି ମୁହଁମୁହଁ ସାନ୍ଦ ମାଡ଼ିବାକୁ ଲାଗିଲା ।

ଏଇଥିରେ ଜୟନାରାୟଣର ଯାହାକିଛି ଦର୍ପ ଅବଶିଷ୍ଟ ଥିଲା, ତାହା ଯେମିତି ମାଡ଼ମକ୍ତ ହୋଇ କାହିଁ ଉଭେଇଗଲା । ସେ ହୃତ-ବୀର୍ଯ୍ୟ ବୃହନ୍ନଳା ଭଳି, ପିପାସିତ ନୟନରେ ସୁନ୍ଦରୀର କାର୍ଯ୍ୟକଳାପ କେବଳ ନିରୀକ୍ଷଣ କରିବାକୁ ଲାଗିଲା ।

ଅଭିଶାପାନ୍ତେ ଗାଣ୍ଡିବୀ ଯେମିତି ଆପଣାକୁ ଫେରିପାଇ ଦୁର୍ଦ୍ଧର୍ଷ ହୋଇ ଉଠିଥିଲେ, ଠିକ୍ ସେମିତି ଜୟନାରାୟଣ ପୁରୁଷତ୍ୱର ପ୍ରତିକ୍ରିୟାରେ ହଠାତ୍ ଉତ୍କ୍ଷିପ୍ତ ହୋଇ ନିଜର ପରିଚ୍ଛଦାଦି ଭିଡ଼ଓଟାରି ଓତାରି ପକାଇଲା ଓ ତ୍ୟକ୍ତ ପରିଚ୍ଛଦ ଗୁଡ଼ିକ ପରିଚ୍ଛଦା-ଧାରରେ ରକ୍ଷା କରିବାକୁ ଲାଗିଲା—ଅର୍ଥାତ୍ ଏପରି ଭାବ ଦେଖାଇଲା

Digitized by PPRACHIN, SOA

ଯେମିତ ନିଜର ଅନଭ୍ୟସ୍ତ କାର୍ଯ୍ୟ ଗୁଡ଼ିକ ଏଣିକି, ଏହି ମୁହୂର୍ତ୍ତିଠାରୁ, ନିଜେ କରିବ—ନିଜ ହାତରେ ।—

"ହଉ, ଘରକରଣୀ ତେଣିକି ଥାଉ···ଦେଖିଲ, ମୋ'ର ପାଉଡର ଡବାଟିର କି ଦଶା କରିଛ ?—ତୁମର ଅତ୍ୟାଚାରର ଦାଉରେ ବିଚରା ନିଃସ୍ୱ ହେବାକୁ ବସିଲାଣି ମୁହଁମାଡ଼ି ହୋଇ ।"

କହି, ସୁନ୍ଦରୀ ନିଜର ବସନ ସମ୍ଭାଳିଲା, ମଥାରେ ପଣତ ଦେଲା, ଅବିନ୍ୟସ୍ତ ଭାବରେ ରକ୍ଷିତ ପରିଚ୍ଛଦାଦିକୁ ଗୋଛଗାଛ କରିବାକୁ ଲାଗିଲା···ଜୟନାରାୟଣ ବାଧାଦେଇ କହିଲା—

"ନା, ଏଣିକି ମୋ' କାମ ଅନ୍ୟ କେହି କରିବ ନାହିଁ"

"ଅଲବତ୍—ମୋ' କାମ ଅନ୍ୟ କେହି କରିବ ନାହିଁ ।"

"ତୁମେ ମୋ'ର କିଏ ?"

"କହିଲ, କିଏ ?"

ବୋଲି, ସ୍ମିତ ଅଧରରେ ଜୟନାରାୟଣକୁ ଦୃଢ଼ ବାହୁ-ବନ୍ଧନରେ ଆବଦ୍ଧ କରି ପକାଇଲା—ଯେତେ ଚେଷ୍ଟା କଲେ ମଧ୍ୟ ଜୟନାରାୟଣ କି ନାଗପାଶ ଏଡ଼ିପାରେ ? ଅବଶେଷେ ଛଳଛଳ ନୟନ ହୋଇ, ବିକଳ କଣ୍ଠରେ କହିଲା—

"ଦେଖ, ମୋର କ'ଣ ଗୋଟାଏ ମାନ ସମ୍ମାନ ନାହିଁ ?"

"ପ୍ରଣୟର ବେଦୀ ତଳେ ସବୁ ଉତ୍ସର୍ଗ କରିବାକୁ ହୁଏ ।"

ଜୟନାରାୟଣ ବାବୁ ଏହାର ତାତ୍ପର୍ଯ୍ୟ କ'ଣ ବୁଝିଲେ କେଜାଣି, ରୁକ୍ଷ ସ୍ୱରରେ କହି ଉଠିଲେ—

"ଲୋକେ କହୁଚନ୍ତି କ'ଣ ?"

"ଯା ତାଙ୍କର ଖୁସି, ସେଇଆ କହିବେ ।"

Digitized by PPRACHIN, SOA

"ପରିହାସ ନୁହେଁ ।"

"ଏହାହିଁ ପ୍ରଣୟୀଣୀର ଉଚ୍ଛ୍ୱାସ !"

"ମୁଁ ପ୍ରଣୟ ପ୍ରଣୟ ବୁଝେ ନା—ଅରେ ଲୋକଙ୍କ କଥା ଯଦି ଶୁଣନ୍ତ...।"

"ଲୋକେ ଅପବାଦ ଦେଉଛନ୍ତି, ନା ?...ତେବେ ତ ପ୍ରଣୟର ଜୟଗାନ କରୁଛନ୍ତି ।"

"ତୁମକୁ ଖେଳ ଲାଗିଚି—ମୋ'ର ଯେ ବାଟ ଚାଲିବା ଦୁଷ୍କର ହୋଇ ପଡ଼ିଲାଣି ।"

"ବେଶ୍—ବାଟ ନ ଚାଲିଲେ ହେଲା ।"

"ପେଟଟା ଚଳିବ କେମିତି ?...ଟଙ୍କା ?"

"ସେହି ତ ମୋର ସଉତୁଣୀ"

"ସେହି ସଉତୁଣୀ ପ୍ରସାଦରୁ ଯେ ଆଜି ନାଚକୁଦ ଗାଇ ହେଣ୍ଟମାରି ବୁଲୁଚ, ସେ ଖିଆଲ ଅଛି ତ ?—ଥିଏଟର ବାୟସ୍କୋପ, ସକ୍ ସଉକୀନ ସବୁ କୁଆଡ଼େ ଉଡ଼ିଯିବ ଦଣ୍ଡକେ ସେ ଅପ୍ରସନ୍ନ ହେଲେ ।...ଟଙ୍କା !"

"ତା' ନୁହେଁ, ତା' ନୁହେଁ, ପ୍ରିୟତମ—ଆଜି ମୁଁ ବଞ୍ଚିଛି, ବଞ୍ଚିରହିବାକୁ ହେବ, ସେଥିପାଇଁ ଏହି ଆମୋଦ ପ୍ରମୋଦ ।"

ଏହିଭଳି କହିବା ସଙ୍ଗେ ସଙ୍ଗେ ସୁନ୍ଦରୀ ଅଶ୍ରୁ ସମ୍ବରଣ କରିପାରିଲା ନାହିଁ—ସ୍ୱାମୀର ପଦଧୂଳି ଗ୍ରହଣକରି ସ୍ଥାନାନ୍ତରକୁ ଚାଲିଗଲା—ଜୟନାରାୟଣ ମୂକ ଦେବତା ପରି ଠିଆ ହୋଇଥିଲା, ତା'ପରେ ମୁଖର ହୋଇ କହିଲା—

"ଟଙ୍କାକୁ ଖାତିରି ନାହିଁ । ଅଲଣା ସୁଆଗରେ ଜୟନାରାୟଣ ଭୁଲେ ନାହିଁ । ଯେମିତିକା ଖ୍ୱାଗିଥିଲି, ଉତ୍ତମ ମଧ୍ୟମ କରି ପାନେ..."

Digitized by PPRACHIN, SOA

"ଶୁଣୁଛ, କିଏ ଜଣେ ବାହାରେ ଡାକୁଛନ୍ତି, ଭାରି ବ୍ୟସ୍ତ ହୋଇ—"

ସୁନ୍ଦରୀ ଶଶବ୍ୟସ୍ତେ ଭିତରକୁ ଧାଇଁ ଆସି କହିଲା।

"ଡାକୁଥାଉ—ମୁଁ ବର୍ତ୍ତମାନ ଭାରି ବ୍ୟସ୍ତ"

କହିଦେଇ, ଜୟନାରାୟଣ ବାହାରପାଣି କରିବାକୁ ଚାଲିଗଲା।

"ଉଃ! କମ୍ପାଉଣ୍ଡର ବାବୁ—ମରିଗଲି—"

ବାହାରୁ ଏହିପରି ମୁହୁର୍ମୁହୁ ଆର୍ତ୍ତନାଦ ଶୁଣାଗଲା—ସୁନ୍ଦରୀ ଆଉ ଥୟ ଧରି ରହି ପାରିଲା ନାହିଁ—ସଦରକୁ ଯାଇ ଦ୍ୱାର ଖୋଲିଦେଲା—ଦେଖିଲା, ଜଣେ ଅଧା ପ୍ୟାଣ୍ଟଧାରୀ ଭଦ୍ରଲୋକ—ହାତର ଅଙ୍ଗୁଳିଟା କଟିଯାଇ ରକ୍ତ ବାହାରୁଚି—ଅନ୍ୟହାତରେ କଟାସ୍ଥାନକୁ ଚିପିଧରି ଯନ୍ତ୍ରଣାରେ ମୁଖ ବିକୃତ କରିଛନ୍ତି।

"ଆସନ୍ତୁ—ଭିତରକୁ ଆସନ୍ତୁ—ସଙ୍କୋଚର ପ୍ରୟୋଜନ ନାହିଁ।"

ବୋଲି, ବିଦ୍ୟୁତ୍‌ଗମକରେ ସୁନ୍ଦରୀ ବିଦ୍ୟୁତ୍‌ପ୍ରଭା ଖେଳାଇ ଦେଇ ଘରର ଅନ୍ତରାଳରେ ଲୁଚିଗଲା। ଭଦ୍ର ବ୍ୟକ୍ତି ସେହି ବିଦ୍ୟୁତ୍ ଝଲକ ସହି ନପାରି ଚକ୍ଷୁ ମୁଦ୍ରିତ କରିଥିଲେ—ଉନ୍ମିଳିତ କଲେ, ଦେଖିଲେ—ଏକ ବିରାଟ ଶୂନ୍ୟ! କିନ୍ତୁ ମାନସ ନେତ୍ରରେ ଦେଖିଲେ, ସ୍ମୃତିଧାରାପରି ଉଜ୍ଜ୍ୱଳ ରେଖାଟିଏ ସେହି ଶୂନ୍ୟ ଭେଦ କରିଛି...କାନ ଡେରିଲେ, ଶୁଣିଲେ—କାମିନୀ କଣ୍ଠ-ଧ୍ୱନିର ମଧୁର ରେଶଟା ଅଦ୍ୟାପି କର୍ଣ୍ଣ-କୁହରରେ ଖେଳି ବୁଲୁଚି—ଭଦ୍ରବ୍ୟକ୍ତି ଯନ୍ତ୍ରଣା ଏକଦମ୍ ଭୁଲିଗଲେ, ଭୁଲି ନ କରି ସୁନ୍ଦରୀର ଗମନ ପଥ ଅନୁସରିଲେ; ସିଧାସଳଖ ଖଞ୍ଜା ଭିତରେ ହାଜର ହେଲେ।

× × × ×

Digitized by PPRACHIN, SOA

"ବସନ୍ତୁ"

ଏହିପରି କହୁଥିବାବେଳେ ସୁନ୍ଦରୀ ବେଣ୍ଡେଜ୍, ଲୋସନ୍ ପାଣି ଆଦି ସଂଗ୍ରହ କରିସାରି, ଗୋଟାଏ ଚୌକି ପକାଇ ଦେଇଥିଲା—ଭଦ୍ରବ୍ୟକ୍ତିଟି କି ଯେ ମୁଗ୍ଧ ଓ ଲୁବ୍ଧ ନୟନରେ ଗୃହିଁ ରହିଥା'ନ୍ତି ଶୁଶ୍ରୂଷାକାରିଣୀ ପ୍ରତି ।...

"ଆଃ, ରକ୍ତ ଯେ ଦରଦର ବୋହୁଚି—ଚିପି ଧରିଥିଲେ, ବେଶ୍ କରିଥିଲେ—ଛାଡ଼ିଦେଲେ କାହିଁକି ?"

ଏଭଳି ନିଃସଙ୍କୋଚ ଉକ୍ତିରେ ଭଦ୍ରବ୍ୟକ୍ତିଟି ସଂକୋଚ ବୋଧ କଲେ, ଚୌକିଉପରେ ବସିଲେ, କ୍ଷତ ଯନ୍ତ୍ରଣାଟା ଅନୁଭବ କଲେ କାହିଁରେ କ'ଣ; ମାତ୍ର ସୁନ୍ଦରୀ ନିର୍ଲିପ୍ତ ଥାଇ ସେବାବ୍ରତୀ ହେଲା, ଅଙ୍ଗୁଳିଟା ଭଲ କରି ଲୋସନ ପାଣିରେ ଧୋଇଦେଲା, ବେଶ୍ ଦକ୍ଷତାର ସହିତ ତାହା ବ୍ୟାଣ୍ଡେଜ କରିବାକୁ ଲଗିଲା—ଭଦ୍ରବ୍ୟକ୍ତିଙ୍କ ପକ୍ଷେ ଏପରି ଅଭିଜ୍ଞତା ଯେ ଏହି ପ୍ରଥମ ଓ କଳ୍ପନାତୀତ ଏହା ତାଙ୍କର ବିସ୍ମୟବିମୂଢ଼ ଚାହାଣିରୁ ବେଶ୍ ଜଣାଗଲା ।

"ରିଲିଫ୍ ବୋଧ କଲେ ତ ?"

"ଅତିଶୟ ! କ୍ଷମା କରିବେ—ମୋ'ର ବେୟାଦବି ମାଫ୍ କରିବେ ।"

"ଆପଣ ଅଧୀର ହେବେ ନାହିଁ—ଏ'ତ ଆମର କରଣୀୟ ।"

ସ୍ମିତ ଅଧରରେ ସୁନ୍ଦରୀ ଏହିପରି କହିବାରୁ ଭଦ୍ରବ୍ୟକ୍ତି କିପରି ବିଚଳିତ ବୋଧକଲେ; କିନ୍ତୁ ସମ୍ଭାଳି ନେଲେ ନିଜକୁ—ତା'ପରି ଗମନୋଦ୍ୟତ ହୋଇ କହିଲେ—

Digitized by PPRACHIN, SOA

"ନମସ୍କାର—ମୁଁ ରହିପାରୁ ନାହିଁ—ମଝରଟା ଠିଆହୋଇଛ—ଜୟନାରାୟଣ ବାବୁ କ'ଣ ଡାକ୍ତରଖାନାରୁ ଫେର ନାହାନ୍ତି ?"

"ସେ ବାହାରପାଣି ଯାଇଛନ୍ତି—ଅସିଲେ ବୋଲ୍—ଆପଣ ଟିକିଏ ଅପେକ୍ଷା କରନ୍ତୁ—ମୁଁ ଯା' ତା'ଙ୍କର ବାନ୍ଧ ଦେଇଚି—ତାଙ୍କୁ ଥରେ ଦେଖାଇ ନେଲେ, ଭଲ କରିବେ ।"

ଭଦ୍ରବ୍ୟକ୍ତିଟି ନିର୍ବାକ !···ପରମୁହୂର୍ତ୍ତରେ ଲଜ୍ଜାର ତାଡ଼ନା ଅନୁଭବ କଲେ···ସେଠାରୁ ଚାଲିଯିବାକୁ ବାଟ ଖୋଜିଲେ—କିନ୍ତୁ ଦୂର ବି ଗଲେ···ତା'ପର ଲେଜଟି ଅସି କହିଲେ—

"ଠିକ୍ ବନ୍ଧା ହୋଇଛନ୍ତି—କମ୍ପାଉଣ୍ଡର ବାବୁ ଅସିଲ ମାତ୍ରେ, ଏହି କାର୍ଡ଼ଟି ତା'ଙ୍କୁ ଦେବେ···ନମସ୍କାର ।"

ପରିଚୟ କାର୍ଡ଼ଟି ସୁନ୍ଦରୀ ଗୃହିଣୀଙ୍କର ପଢ଼ୁଥିଲାବେଳେ—

"କିଏ ସେ ଲୋକଟା ? ଖଞ୍ଜା ଭିତରକୁ ଏକଦମ୍ ପଶି ଅସିଥିଲ ନା କ'ଣ ?"

କହୁ କହୁ ଜୟନାରାୟଣ ହାତଦି'ଟା ପିନ୍ଧାର ଗୋଟାଏ କାନରେ ପୋଛୁ ପୋଛୁ ସୁନ୍ଦରୀ ଅଡ଼େ ସୋତ୍ସୁକ ନୟନ ସ୍ଥାପନ କଲ । ସୁନ୍ଦରୀ ହସି ହସି କହିଲ—

"ପଶି ଅସିବେ କାହିଁକି, ମୁଁ ପାଛୋଟି ନେଇ ଅସିଥିଲି"

ଜୟନାରାୟଣକୁ ଯେମିତ କଙ୍କଡ଼ାବିଛା କାମୁଡ଼ି ଦେଲା, ସେ ଏହାପର ମୁଖବିକୃତ କଲ ଓ ଜ୍ୱାଳାର ଅତିଶଯ୍ୟ ଉଦ୍‌ଗାର କଲ, କହି—

"ଅଭ୍ୟାସଟା ଛାଡ଼ିବା ସହଜ କି ?"

Digitized by PPRACHIN, SOA

ସୁନ୍ଦରୀ ଏହା ବ୍ୟଙ୍ଗ ହଜମ କଲା ନାହିଁ,—କଠିନ କଣ୍ଠରେ ପ୍ରତ୍ୟୁତ୍ତର ଦେଲା—

"ତୁମେ ପୁରୁଷ ସବୁ କିଛି ଘୁଣ୍ଡିପାର···ମୁଁ ନାରୀ !"

ପରେ ପରେ ନାରୀ-ସୁଲଭ କଣ୍ଠରେ କହିଲା—

"ହଉ, କାର୍ଡ଼ଟା ରଖିଲ, ମୋ'ର ଢେର କାମ—"

କାର୍ଡ଼ଟା ହତବାକ୍ ଜୟନାରାୟଣ ହସ୍ତରେ ଦେଇ, ସୁନ୍ଦରୀ ଚିକିତ୍ସା-ସ୍ଥାନକୁ ଚାଲିଗଲା ଭୈଷଜ ଉପକରଣ ଗୁଡ଼ିକ ପୁନରା-ହରଣ କରିବା ନିମନ୍ତେ।···ଜୟନାରାୟଣର ଦୃଷ୍ଟି ପଡ଼ିଲା ସେ ଗୁଡ଼ିକ ପ୍ରତି···ସେ ଅପ୍ରତିଭ ହୋଇ କହିଲା—

"ବ୍ୟାଣ୍ଡେଜ ! ଲୋସନ ! ଲୋକଟା ଆହତ ହୋଇଥିଲା ? ତୁମେ ଚିକିତ୍ସା କରିଥିଲ ?···ଫିଜ୍ ?···ବିଲ କରିବ ? କିଏ ସେ ଗ୍ରାହକ ?"

କାର୍ଡ଼ଟିରେ ଆଖିପକାଇଲା ମାତ୍ରେ ଜୟନାରାୟଣ ସାନ୍ତଙ୍କେ ଚିତ୍କାର କଲା—

"ଏଁ ଯେ ଦିବାକର ବାବୁ !"

ସୁନ୍ଦରୀ ହସି ହସି ଟିପ୍ପଣୀ କଲା—

"ଭାରୀ ମଉଜରାମ-ବାବୁ, ନା ?"

ଜୟନାରାୟଣ ଗମ୍ଭୀର ନିର୍ଘୋଷରେ ପ୍ରତିଧ୍ୱନି କଲା—

"ରାସ୍କେଲ୍ ! ପାଜି ! ସଇତାନ !"

Digitized by PPRACHIN, SOA

ପାଞ୍ଚ

'ସଇତାନ' ବୋଲି କହିବାଟା ନିତାନ୍ତ ଅନ୍ୟାୟ—ଏହାର ପ୍ରତିବାଦ କରିବ—ଏହିପରି ଆଲୋଚନା ଶେଷ-ପ୍ରସ୍ତରେ ଥାଇ—ମନକୁ ମନ ସୂନ୍ଦରୀ କରୁଥିବାବେଳେ, ହଠାତ୍ ମନେ ପଡ଼ିଗଲା ସେଦିନର କଥା—ସ୍ୱାମୀ କହୁଥିଲେ, କାପଡ଼ ନିଜ ହାତରେ, ଦିବାକର ବାବୁଙ୍କୁ ଜ୍ୱରାବସ୍ଥାରେ ସୁଦ୍ଧା ମଦପିଆଇ ଆସିଥିଲେ—ମଦ ନ ହେଲେ କୁଆଡ଼େ ଦଣ୍ଡେ ନ ଚଳେ—କେବଳ ତାଙ୍କର ସେହି ନିଷ୍ଠାବତୀ ସତୀ ସାଧ୍ୱୀ ସ୍ତ୍ରୀଙ୍କ ଲାଗି ଲକ୍ଷ୍ମୀ ଯା' ଘରେ ବନ୍ଧା ରହିଛନ୍ତି—ନାହିଁତ କାଳିଆ କନା କେବେଠୁଁ ବୁଲି ସାରନ୍ତାଣି—"

ଏତକବେଳେ ଜୟନାରାୟଣ ବାବୁ କମିଜ୍‌ଟା ପିନ୍ଧି ଘରୁ ବାହାରି ପଡ଼ିଲେ ।

"ମ, ନ ଖାଇ ବାହାରିଲ ତ ?"

"ତୁମେ ଜାଣ ନାହିଁ ସେ ସଇତାନ କଥା—ଡାକ୍ତର ବାବୁଙ୍କୁ ଯଦି କହୁ ଫୋଡ଼ି ଫାଡ଼ିଦିଏ ତ ମୋର ଗୃଙ୍କୀ ଇତି ।"

Digitized by PPRACHIN, SOA

କହୁ କହୁ ରଡ଼ି ଯୋଡ଼ାଙ୍କ ପିଛ ଜୟନାରାୟଣ ଠଟ୍‌ଠଟ୍ ଶବ୍ଦରେ ଖଞ୍ଜା ଝଟପି ଅନ୍ତର୍ଦ୍ଧାନ । ସଦର ଦ୍ୱାର ଦେଇ ଆସି, ସୁନ୍ଦରୀ ପୂର୍ବ ଆଲୋଚନାର ଖିଅ ଧରି ପୁଣି ମନକୁ ମନ କହିଲା—

"ସତେ ତ, ଡାକ୍ତରବାବୁ ଏହି ମଦ ସେବନ ପଠାଇ ଥିଲେ ବୋଲି ସ୍ୱାମୀ କହୁଥିଲେ ।···ହେଲେ ଡାକ୍ତର ବାବୁ, ମୁନ୍‌ସଫ୍ ବାବୁ ଆହୁରି କେତେ ବଡ଼ ବଡ଼ଙ୍କ ସଙ୍ଗେ ଦବାକର ବାବୁଙ୍କର ଭାରି ଦୋସ୍ତି—ରୋଜ୍ ଶନିବାର ମଉଜ୍, ମଜ୍‌ଲିସ, ଖାନାପିନା ହୁଏ, ସେଥିରେ ସମସ୍ତେ ଯୋଗ ଦଅନ୍ତି, ଫୂର୍ତ୍ତି କରନ୍ତି, କାହିଁ ଦିନେ ବି ସ୍ୱାମୀ ତାଙ୍କୁ ନିନ୍ଦିଛନ୍ତି ବୋଲି ଶୁଣି ନାହିଁ ।···ତା'ଛଡ଼ା ସେଦିନ ରାତିରେ ବର୍ଷା କାହିଁରେ କ'ଣ, ଜଗନ୍ନାଥ-ବୋହୂ ମଲା, କେହି ଘରୁ ବାହାରିଲେ ନାହିଁ—'ମଡ଼ା ବାସୀ ହେବ', ଏହି କଥା କହି, ଏହି ଦବାକର ବାବୁ ତ ଡାକହାକ କରି କାମ ଅଞ୍ଜାମ କରେଇଥିଲେ, ଶୁଣିଛୁ !—ଆହୁରି ବି ଉଦ୍ଧଣ୍ଡୀ ରମା ନାଁ'ରେ ଗୀତ-ବାନ୍ଧି, ଦାଣ୍ଡରେ ଘାଟରେ ଗୁମ୍ପା ମାରି, ତା'ର ଭାରି ଧେନା ଯିବା ବାଟରେ କଣ୍ଟା ପକାଇ, ରାଣ୍ଡୀ ମା'ଟାକୁ ଯେତେବେଳେ ସାହି ଟୋକାଏ ହିନିଅବସ୍ଥା କଲେ, ସେତେବେଳେ କିଏ ସାହା ହୋଇ ଠିଆ ହେଇଥିଲା—ଏହି ଦବାକର ବାବୁ ନୁହେଁ କି ?—ସେହି ରମା ତ ଏବେ ପିଲାର ମା !—ଖାଲି ମଦ ଖାଏ, ଫୁର୍ତ୍ତି କରେ ବୋଲି କ'ଣ ଲୋକର ସବୁ ଗୁଣ ଦୁର୍ଗୁଣ ହୋଇଯାଏ ?—ମୁଁ ତ ଅଜା ନିଜ ଆଖିରେ ଦେଖିଲି, ନିଜେ ଅନୁଭବ କଲି—ଅଭଦ୍ରତାର ଲେଶ ଚିହ୍ନ କାହିଁ ଖୋଜି ପାଇଲି ନାହିଁ—ବରଂ ପରିଚୟ ··ଣ୍ଡିକି ଦେଇ ସତ୍‌ସାହସର ପରିଚୟ ଦେଇ ଗଲେ···"

ଠିକ୍ ଏତିକି ବେଳେ ଚନ୍ଦ୍ର ମୁହଁ ଚୁନ କରି,

Digitized by PPRACHIN, SOA

"କାହିଁଚଲ ଗୋ ?"

ବୋଲି ପାଣୁଆ-ମା ବାଡ଼ ଦ୍ୱାର ବାଟେ ପ୍ରବେଶ କଲା । ମଥାରେ ତା'ର ବେଭ୍ରୁଷ୍ଟ-ପଲିତକେଶଗୁଡ଼ାଏ, ବେଶ୍ ପରିପାଟିରେ ଫୁଲନକ୍ସା କରା ଘୋଡ଼ଣୀରେ ଆବୃତ୍ତ । ସୁନ୍ଦରୀକୁ ଦେଖି, ତା' ସାମ୍ନାରେ ବେଭାରଟା ଥୋଇ ଦେଲା, ଆଉ ଥପ୍ କରିକା ପିଣ୍ଡାର ପାହାଚ ଉପରେ ବସି ପଡ଼ିଲା ।

ସୁନ୍ଦରୀ ହଠାତ୍ ପାଣୁଆ-ମାକୁ ଆଉ ତା'ର ଏ'ପରି ଭାବେ ଆସିବାର ଦେଖି, ଭାରୀ ଆଶ୍ଚର୍ଯ୍ୟ ହୋଇଗଲା—କହିଲା—

"ପାଣୁଆ-ମା,—ତୁ !—ଅପୂର୍ବ ଯେ !—ଏ' କ'ଣ କି ?"

ପାଣୁଆ-ମା ଯେ ଦ'ଆଖିରେ ସୁନ୍ଦରୀକୁ ଦେଖିପାରେ ନାହିଁ, ତା'ର ପୁନରାଲୋଚନା କରିବା ବାହୁଲ୍ୟ ମାତ୍ର —ସେ ମୁହଁ ମୋଡ଼ି ଦେଇ, ଅନ୍ୟ ଆଡ଼କୁ ଚାହିଁ, ମନକୁ ମନ କହିଲା—

"ମଲାମୋର କିଛି ଜାଣନ୍ତି ନାହିଁ—ଆଖି ବୁଜି ଦୁଧ ପିଉଛି ବୋଲି, ବିଲେଇ ଭାବୁଚି କାହାରି ଆଖି ନାହିଁ ।"

ତା'ପରେ ସୁନ୍ଦରୀ ଆଡ଼କୁ ଚାହିଁ, କହିଲା—

"ନିଅ, ରଖିଲ —ଭେଟି ପାଇଛି —ବାସନ ମାଜିଲେ, ସାନ୍ତାଣୀ ଭାତ ଖାଇବେ—"

"ଏ' କ'ଣ ?—କି ଭେଟି ?—କିଏ ପଠାଇଛନ୍ତି ?—କାହିଁକି ?—କାହାର ବାହା-ପୁଅଣୀର ଭାର କି ?"

ଏହି 'ବାହା-ପୁଅଣୀ' ଶବ୍ଦ ଦୁଇଟି ଅଗ୍ନିକଣ ପାଣୁଆ-ମାର ଛାତି ଭିତରେ ଯେମିତି ପରସ୍ପର ଦୁଇଟି ସଶବ୍ଦ ଦମା-ପାହାର

Digitized by PPRACHIN, SOA

ବସାଇ୍ ଦେଲ—ସେଇ ଦାଉରେ ଦୁଇ ଝଲକା ରକ୍ତ ବି ଖସି ପଡ଼ିଲ— ସେ ଅସ୍ୱାଭାବିକ କଣ୍ଠରେ ଚିତ୍କାର କରି ଉଠିଲ—

"ସାନ୍ତାଣୀ……!"

"କ'ଣ କି, ପାଣୁଆ-ମା ? ଏମିତ ସାନ୍ତାଣୀ ବୋଲି ହଠାତ୍…"

ପାଣୁଆ-ମା ନିଜକୁ ସମ୍ଭାଳି ନେଇଥିଲ, ସେଥିପାଇଁ କଥା ଯାକିଦେଇ କହିଲ—

"କିଛି ନାହିଁ, ନୂଆ-ସାନ୍ତାଣୀ !…ବାବୁ ବେଭାର ପଠାଇ ଦେଇଛନ୍ତି…ରଖ ତ !"

'ନୂଆ-ସାନ୍ତାଣୀ'—ପାଣୁଆ ମା ତୁଣ୍ଡରେ ଏହି ଡାକଟି ଭାରି ମଧୁରିଆ ଲଗିଲ, ସୁନ୍ଦରୀ ଆଉ ସମ୍ଭାଳି ହୋଇ ରହି ପାରିଲ ନାହିଁ, ସମ୍ଭାରଥାଳୀଟିର ଆବରଣ ଉନ୍ମୋଚନ କରି ଦେଲ, ସ୍ୱପ୍ନାଳୁ ଆଖିରେ ଦେଖିଲ—ଥାକେ ଦାମିକା ଶାଢ଼ୀ, ଖଣ୍ଡେ ଦାମିକା ବ୍ଲାଉଜ, ଦଶୋଟି ମୁଦ୍ରା, ଗୋଲପି କାର୍ଡଟିଏ—ସେଥିରେ ସୁନ୍ଦର ଅକ୍ଷରରେ ଲେଖା—

"ଯତ୍‌କିଞ୍ଚିତ ନିବେଦନ…ଦିବାକର"

ପାଠମାନେ, ସୁନ୍ଦରୀର ଆଚ୍ଛନ୍ନତା ତୁଟିଗଲ, ଛଟକା-ଘଣ୍ଟରେ ସେ ଉଠିପଡ଼ିଲ, ଛନ୍ଦହୀନ ଗତିରେ ଘର ଭିତରକୁ ପଶିଗଲ… ପାଣୁଆ-ମା ଭାବିଲ—ଥାଳିଆ ଆଣିବାକୁ ଗଲେ । ସେ ନିଶ୍ଚିନ୍ତ ମନରେ ବସି ନିଜକୁ ନିଜେ କହି ହେବାକୁ ଲଗିଲ—

"ଓଃ, ମୋତେ ଟିକିଏ ରହିଥୋଇ ଦେଲେନାହିଁ ସାଆନ୍ତ —କହିଲ, ବାସନାଡ଼ା ମାଜୁଚି, ସାରିକରି ଯିବି—ନା, ପରେ

Digitized by PPRACHIN, SOA

ମଜା ହେବ··· ଆଗ ଏ'କାମ, ତା'ପର ଯଉଁ କଥା । ··· ମୁଁ ଜାଣେ, ଡାହାଣୀର ନଜର ଠିକ୍ ପଡ଼ିଛି···ପୁଅକୁ ତ ଖାଇଛି, ବାପକୁ ଏବେ···ହୁଁ, ସେଇପାଇଁ ତ···କଟିଲା ଆଙ୍ଗୁଳିର ରକ୍ତ ଦେଖିଲାଣି, ସେ ଘା' ଆଉ ଶୁଖିବ !"

ସେତିକିବେଳେ ସୁନ୍ଦରୀ ପୁଣି ବାହାରି ଆସିଲା, କହିଲା—

"ତୁ ଯାଇନୁ, ପାଣୁଆ-ମା ?"

"ରଖିଲେ ତ ?"

"ନା, ତୁ ଫେରାଇ ନେଇଯା—"

"ମୋ ବୋଉ ଲୋ !"···

କହିବା ସଙ୍ଗେ ସଙ୍ଗେ ସାତହାତ ଜିଭ ବାହାର କରି କାମୁଡ଼ି ପକାଇଲା ପାଣୁଆ-ମା ।

"ବାବୁ ବକିବେ ଝଗିବେ, ଏଇଥିପାଇଁ ଡରୁଛୁ ତ···? ରହ, ମୁଁ ଲେଖି ଦେଉଛି"

କହି, ସୁନ୍ଦରୀ ଆପଣା ଉଦ୍ଦେଶ୍ୟରେ ଘର ଭିତରକୁ ଚାଲିଗଲା ।

"ଏତିକିବେଳଅ ଆପଣା କାମ···".

କହି, ପାଣୁଆ ମା ସମ୍ଭାରଗୁଡ଼ିକ ସେଇଠି ଅଜାଡ଼ି ଅଜାଡ଼ି ଅଳ୍ପରେ କହୁଥାଏ—

"ଏବେ ଏଇ ନଜରଅ-ଜିନିଷ ଫେରାଇନେବି, ତହିଁରେ ବାବୁଙ୍କ ମେଣ୍ଢା ବନାଇବ ବୋଲି ଫିକର ଥିବ ଯଉଁ ଯନ୍ତ-କାଗଜ ଲେଖୁଛି, ତା'କୁ ବି ନେବି—ଆଉ ରକ୍ଷାରକ୍ଷଣ ଅଛି ? ସର୍ବନାଶ ଉଚ୍ଛନ୍ନ ଏକାବେଳକେ— !"

ଏତିକିବେଳେ ନିଜ କଥାକୁ ହେଜିଲା ।

Digitized by PPRACHIN, SOA

"ମୁଁ ତ କଣ୍ଆ ଡାହାଣୀଟାକୁ ସାକ୍ଷାତ୍ ଭେଟିଲିଣି···କଣ୍ଆ ଗୁଡ଼ାବେଇ ଦବ ନାହିଁ ତ ?"

ବୋଲି ଛନାଥର ମାଡ଼ି ମାଡ଼ିକର ଗୋଡ଼ କଟୁଡ଼ି, ପଛକୁ ଫେର ଅନାଇଁ ଅନାଇଁ ଡାହାଣୀ ଗୋଡ଼େଇଲା ଭଳି ହୋଇ ଛୁଟେ······

ଗୁଣ୍ଡିଗୁ-କୁଡ଼ିଆଟା ନଜର ପଡ଼ନ୍ତେ, ଧକେଇ ହୋଇ ଡାକିଲା—

"ଗୁଣ୍ଡିଗୁ—ଗୁଣ୍ଡିଗୁ—"

କୁଡ଼ିଆ ଭିତରେ ଗୁଣ୍ଡିଗୁର ନାକ ଗର୍ଜନ ଡେଡେବେଳକୁ ସମୁଦ୍ର ଗର୍ଜନକୁ ବଳି ଯାଇଥାଏ—କୌଣସି ଡାକ କ'ଣ ସହଜେ ତା' କର୍ଣ୍ଣ କୁହରରେ ପ୍ରବେଶ କରିବ ?

"ଗୁଣ୍ଡିଗୁ—ଗୁଣ୍ଡିଗୁ"

ବୋଲି, କୁଡ଼ିଆ ଦ୍ୱାର ଠେଲିପଶି, ପାଣୁଆ-ମା କାନ ପାଖରେ ଖୁବ୍ ତର୍ଜନ କରି ଡାକିଲା—ନାକ ଗର୍ଜନଟା ହଠାତ୍ ଥମିଗଲା—କିନ୍ତୁ ଗୁଣ୍ଡିଗୁ ଆଖି ସହଜେ ଖୋଲିଲା ନାହିଁ—ମୁଖବିକୃତରୁ ଜଣାଗଲା, ସେ ସ୍ୱପ୍ନ ଦେଖୁଚି—ସଫା ଜହ୍ନ-ରାତି, ଭୂତ ଅସି ବାଇଗଣ କିଆରିରେ ଢେଣ୍ଡା ପାଣି ମଡ଼େଇବାକୁ 'ଗୁଣ୍ଡିଗୁ'—'ଗୁଣ୍ଡିଗୁ' ବୋଲି ଖନଖନେଇ ଡାକୁଚି ।

ରହି ନପାରି ପାଣୁଆ-ମା ଦେହ ହଲାଇ ଡାକିଲା—

"ଆରେ, ପୁଅ, ଉଠ ମ—"

"ଏଁ, ଏ'ତ ମଣିଷ ଡାକ—ମଣିଷର ଛୁଆଁ !"

ଏହି ବିଶ୍ୱାସ ଜନ୍ମନ୍ତେ, ଖୁବ୍ ସାହସରେ ଗୁଣ୍ଡିଗୁ ଆଖିପତା ମେଲାଇଲା, ହେଲେ ନ ମେଲାଇଲା ଭଳି । ପାଣୁଆ-ମା କାରଣ ବୁଝିପାରି କହିଲା—

Digitized by PPRACHIN, SOA

"ଅରେ, ମୁଁ ପାଣୁଆ-ମା"

"ପାଣୁଆ-ମା'—ତୁ—?"

ଧଡ଼ପଡ଼ ହୋଇ ଉଠିବସିଲି, ଅଉ କହିଲି—

"ତୁ ଏତେବେଳେ ?—"

"ଅରେ ମୋ'ର ଦାଦ କ'ଣ ହୋଇଯାଉଚରେ ! —ଆଉ ମୁଁ ବଞ୍ଚିବ ନାହିଁରେ !"

"କାହିଁକି କ'ଣ ହେଲି ତୋ'ର ପାଣୁଆ-ମା ?"

"ତୁ ଆଗ ଝାଡ଼ି, କାଲି ଦେ କି—ତା'ପର ଯଉଁ କଥା ।"

ଆଲେ କାଲିବ ଯେ—ଭୂତ କି ଡାହାଣୀ କହିଲେ ତ ?"

"ଭୂତ ବି, ଡାହାଣୀ ବି—ତୁ ଝାଡ଼ଝାଡ଼—ଫୁଙ୍କ ଫୁଙ୍କ—ଜୀବ ଗଲି, ଗଲି…"

"ବେଶ୍, ତୁ ଅନା…ପତା ପକାନା…"

ଗୁଣ୍ଡ୍ରୁ ବାଡ଼ିର ବାଡ଼ର ହେଲି…ବେଶ୍ କର ତନିଥର ଫୁଙ୍କି ଦେଲି—ନିରସ୍ତ ହେବାର ଦେଖି, ପାଣୁଆ-ମା କହିଲି—

"ଆହୁର ଭଲ କର ଫୁଙ୍କି ଦେ'ରେ, ବାପ —ଦାଦ ଗୁରୁପଠି, ଏ ପାଖ ସେପାଖ ବୁଲେଇ—ଅସଲ କଞ୍ଚା ପୃଅଖାଇ ଡାହାଣୀରେ, ବାପ !"

"ଆଲେ କିଏ ସେ ?"

"ନାଁ-ଧରିବନି, ନାଁ ଧରିବନି"

"ଜମ୍ବିବାବୁଙ୍କ ଭୁରଯା କି ?"

"ଥୁ କୁଲ—ଥୁ କୁଲ"

ବୋଲି, ପାଣୁଆ-ମା ଛେପରେ ଛେପରେ ଆପଣା ଛୁତଠାକୁ ଉନ୍ତେଇ ବୁଡ଼େଇ ଦେଲି ।

Digitized by PPRACHIN, SOA

"କ'ଣ କରୁଛ ସେ ?"

"ସାଧୁ ପରମଲଙ୍କୁ ଛାଡ଼ ଏବେ ଆମ ବାବୁଙ୍କଠେଇଁ ରସିଛ । ମୁଁ ମନା କରୁଛ, ସେ ପୁଅ ଖାଇ ଡାହାଣୀ ଘରକୁ ମୋତେ ପଠାଅ ନା—ଏକା ଜିଗର ତାଙ୍କର—ନିଜେ ମଲେ, ମୋତେ ବି ଯାଇଲେ—ଅରେ ପୁଅରେ—"

ବୋଲି ଗୁଣ୍ଡିଚ୍ଛଙ୍କୁ କୁଣ୍ଢାଇ ପକାଇ ହାଉଳେ ମାଉଳେ ହୋଇ କହିବାକୁ ଲଗିଲା, ହେଲେ, ଆଖିରୁ ଟୋପେ ପାଣି ଯଦ୍ ନ ଝରୁଥାନ୍ତା ।

"ଅଲେ, ତୁ ଏତେ ବ୍ୟାକୁଳ ହେଉଚୁ କାହିଁକି ମ ତୋର କି ସେ ଯବାନୀ ଅଛି ଯେ, ତୋତେ ଲୋଡ଼େଇବ ।"

"ସତେ ?—ସତେ ?—"

ବୋଲି, ପାଣୁଆ-ମା ଗୁଣ୍ଡିଚ୍ଛର ଭଙ୍ଗା ଅଇନାଟା କାନ୍ଥ-କୁହୁରୁ ଟାଣିଆଣି, ନିଜକୁ ପରଖିବାକୁ ଲଗିଲା ।

"କଥା କ'ଣ କହୁଚ ?"

ପାଣୁଆ-ମା ଅଥୁଁଧର ସମସ୍ତ ଘଟଣା ବର୍ଣ୍ଣନା କଲା, ଅବଶ୍ୟ ସତ ମିଛ ଲଗେଇ । ଗୁଣ୍ଡିଚ୍ଛ ମଧ୍ୟ ତା'ର ଯେତିକି ଲୋଡ଼ା, ସେତିକି ସାର ଲଗେଇ କରି ପଚାରିଲା—

"କେଠା ଥାନଟା ସେ ତା'ହେଲେ ନଜର ପକାଇ ଛୁଇଁ ଦେଇଛି ତ ?"

"ବିଲ୍‌କୁଲ୍—କସିକରି ବାନ୍ଧି ଦେଇଚ ।"

"ସେଇଥି ଯୋଗୁଁ ତ ବାବୁ କ୍ଷାଣ୍ଟ ।"

Digitized by PPRACHIN, SOA

"ଯ୍ୟା ଆଜ୍ କହିବାକୁ ?···ସାନ୍ତାଣୀଙ୍କ ପାଇଁ ଯେଉଁ ପାଠଶାଢ଼ୀ ଆଜ୍ ବରହମପୁରରୁ ଅଣେଇ ରଖିଥିଲେ ଜାକାଟି, କୁଆଁର ପୁନେଇକୁ ପିନ୍ଧିବେ ବୋଲି, ତାକୁଇ ପରା ବେଭାର ପଠେଇ ଦେଲେ···"

"ହାୟରେ କପାଳ !—ସେଦିନ ଏତେ ଝାଳ ନାଳ ହୋଇ ଭୂତ ଛଡ଼େଇଲି, (ଅବଶ୍ୟ ଗାଳର ସେହି ଫୁଲ ଥାନକୁ ହା'ଟ ଯେ ଘୁଏଁ ଘୁଏଁ ଉଠି ନଗଲା, ତା' ନୁହେଁ) କେହି କହିଲେ ନାହିଁ ଯେ, ଗୁଣ୍ଡିଚ୍ରୁ-ଭାଉଯାକୁ ପାଠ-ଫୁଲ, କନ୍ଦୁନି ବକଟେ ଦିଏଁ···"

"ଆରେ ପୁଅ—ଭଲକଥା—ମୁଁ କହୁନାହିଁ—ସେଦିନ ତୁ ଭୂତ ଛଡ଼େଇବାକୁ ଗଲା ଅଗରୁ ଏଇ ଡାହାଣୀଟା ଫିକର କରି ତା' ଘଇତା ହାତରେ କ'ଣ ବୋତଲେ ପଠାଇଥିଲା—ବାବୁ ତାକୁ ଢକ ଢକ କରି ପିଇ ଦେଇଥିଲେ—"

ଗୁଣ୍ଡିଚ୍ରୁ ବାଧା ଦେଇ କହିଲା—

"ସ—ତେ—?···ଏ' କଥା ଆଜିଯାଏ ଆହୁରି ମୋତେ ଲୁଚେଇଥିଲୁ ? କଥା ଶେଷ, ପାଣୁଅ-ମା, କଥା ଶେଷ— ଡାହାଣୀଟା ବାବୁଙ୍କୁ ଔଷଧି କରି ସାରିଚି ସେଇଦିନୁ—ନଜର-କଥା କହୁଚୁ କ'ଣ ?—ନଜର କି ଛାର !"

"କ'ଣ ହେବରେ, ପୁଅ ?"

"ସେଇଯ୍ୟାତ !···ଯ୍ୟାର ଉତାର କରିବାକୁ ଦିନାକେତେ ଲାଗିଯିବ, ମାଉସୀ···ମାଲୁମ୍ ହେଉଚି, ଯେଉଁ ଜଡ଼ି ପେଟ ଭିତରକୁ ଯାଇଚି ତା' ଗଛ ହୋଇ ଚେର ମାଡ଼ିଗଲାଣି—ହଉ, ସାନ୍ତାଣୀକୁ ତୋର କହିବୁ—ଗୁଣ୍ଡିଚ୍ରୁ ବି ଗଛ ଓପାଡ଼ି ଜାଣେ ଯେ—ଇଛି ନାହିଁ, ଅନ୍ଧୁଅ ଗୁଡ଼ିଲ ସେଟ୍ରେ, ନିରୋଳା ଗୁଆ ଘିଅ ପାଏ,

Digitized by PPRACHIN, SOA

ବସାଦନ୍ତ ଖଣ୍ଡେ ଏହାପର ସଞ୍ଜାଟିଏ ଅଙ୍କିତ ମାସେଯାଏ ବେଶ୍ ଶୁଦ୍ଧମନରେ ନିତ ସଖୀଙ୍କୁ ମୋତେ ପଠାଇବେ ।” ସାଧନା କରିବାକୁ ହେବ କି ନା—ହଁ, ପୂର୍ବ ଶାଳଆ କାଠିଆ ପାଚିଲା ଛଦାଳ ପୃଷ୍ଠାଏ ଲେଖା ବି ତା’ ସାଙ୍ଗେ—”

“କାହିଁକିରେ ?”

“ବୀର ସାଧନା କରିବାକୁ ହବ !”

“ବୀର ?”

“ହନୁମାନ !—ହଁ, ପାଚିଲା ପୂର୍ବଶାଳଆ କାଠିଆ ଛଦାଳୀ ପୃଷ୍ଠାଏ ଲେଖା ବି ପଠାଇବେ ।”

“କଫ ପଦ୍ମ ଧରେ, ବାପ !···ହଉ, ତୁ ଗୁହିଁଥା’, ମୁଁ ଅଇଲି ବୋଲି !”

ପାଣୁଆ-ମା କି ଉଦ୍‌ବେଗରେ ଯେ ଗଲା, ଗୋଡ଼ ତା’ର ଭଲେ ଲାଗିଲା ନାହିଁ ।

ଗୁଣ୍ଡିଗୁ ଆଖିସାମ୍ନାର ଆମ୍ବ ତୋଟାଟାକୁ ଅନାଇ ଦେଲା—ଦେଖିଲା ତା’ ପୌରାଣିକ ଯୁଗର ମଧୁବନ ପାଲଟି ଗଲା—ନିଜ ଆଡ଼କୁ ଅନାଇ ଦେଖିଲା, ସେ ଆଉ ଗୁଣ୍ଡିଗୁ ନୁହେଁ, ଗଛକୁ ଗଛ ମହା ଆନନ୍ଦରେ ଡେଇଁ ଡେଇଁକା ବୁଲୁଚ, ଆଜ—ବୀର ହନୁମାନ ଏକା ଉଆଁକେ କୁଦାମାର ତୋଟାଟାକୁ ଚିଛ୍ ନିଛ୍ କରି ଦେଲା—ଯେତେ ଖାଇଲା, ତେତେଗୁଣ୍ଡା ନଷ୍ଟ କଲା, ଆଉ ‘ହୁମ୍’ ‘ହୁମ୍’ ରିଡ଼ିରେ ମେଦିନୀ କମ୍ପାଇ ଆକାଶ ଫଟାଇ ଚାଲିଲା ।

———

Digitized by PPRACHIN, SOA

ଛଅ

ଏଣେ ସୁନ୍ଦରୀ ଲଫାଫା ବନ୍ଦକରି, ଚିଠିଟା ଧେଇ ପଦାକୁ ଆସି ଦେଖେତ—ପାଣୁଆ-ମା ହାଓ୍ୟା— ସମ୍ଭାର-ଦ୍ରବ୍ୟଗୁଡ଼ିକ ମାଟିରେ ପଡ଼ି ମାଟି ।

"ମ ! ଗୁଲିଗଲା···ଚିଠିଟା ଲେଖି ଆଣି ଦେଉଁ ଦେଉଁ··· ମୋ'ର କ'ଣ ଉଚ୍ଛୁର ହୋଇଗଲା ?···ନା'ଃ···ଏଁ ! (ଘଣ୍ଟାକୁ ଗୃହିଁ ଦେଲା) ଘଣ୍ଟାଏ !"

ଏହାପରେ କହିବା ସଙ୍ଗେ ସଙ୍ଗେ ସୁନ୍ଦରୀର ପଟଳ-ଚିରା ଆଖି ଦୁଇଟି ଅଦ୍ଭୁତ ଚିର ହୋଇ ଗଲା, ପତାଁ ଲୁଚ ପକ୍ଷ୍ମ ଗୁଡ଼ିକ ଠିଆ ହୋଇ ଗଲା, ସରଳ ଭ୍ରୂ-ଗୃପ ଦୁଇଟି ଉପରକୁ ଉଠି କୁଟୀଳ ଭାବ ଧାରଣ କଲା । ସୁନ୍ଦରୀ ତାହା ସଂବରଣ କଲା ଏହାପରେ କହୁ କହୁ—

"ନା, ଦିବାକର ବାବୁଙ୍କର ଏ ଭାରି ଅନ୍ୟାୟ ! ସାମାନ୍ୟ ଟିକିଏ ବ୍ୟାଣ୍ଡେଜ କରି ଦେଲି ବୋଲି ଏହି ଅସାମାନ୍ୟ ପୁରସ୍କାର ! ଶାଢ଼ୀ, ବ୍ଲାଉସ୍, ଦଶ ଟଙ୍କା !···ମୋତେ କ'ଣ ପେଶା-ଦାର୍ ବୋଲି ଭାବିଲେ ?"

Digitized by PPRACHIN, SOA

ଏହି ଭାବରେ ନିଜର ଦୋଷ ପରକୁ ଠେଲି ସୁନ୍ଦରୀ ସେହି ମହାର୍ଘ ଦ୍ରବ୍ୟ ଗୁଡ଼ିକ ପ୍ରତି ଅନର୍ଘ୍ୟ ସୁଲଭ ତାଚ୍ଛିଲ୍ୟ. ପ୍ରଦର୍ଶନ କର ଅନ୍ତର ହେଉଥିଲି, ଅନ୍ତରାସ୍ପୃ ହେଲି, ନିଜ କଣ୍ଠୋଚ୍ଚାରିତ 'ପେଶାଦାର' ଶବ୍ଦଟି । ସେ ତତ୍‌କ୍ଷଣାତ୍ ଗତି ରୋଧକଲି, ହେଲେ ଗତିଶୀଳ ମନ ଆଲୋଚନାକରି ଗ୍ଲ‌ଲା ଏହିପରି—

"ମୋର ସ୍ୱାମୀ ତ ପେଶାଦାର···ସେହି କଥା ବିଗୁରି ଯଦି ପଠାଇଥାନ୍ତି···ହେଲେ, ସେ ଏ କେସ୍‌ରେ ହାତ ଦେଇ ନାହାନ୍ତି···ମୁଁ ତ ଦେଇଛୁ ?···ସେ ଓ ମୁଁ ତ ଭିନ୍ନ ନୁହେଁ ।··· ଦିବାକରବାବୁ କୌଣସି ଅନ୍ୟାୟ କରି ନାହାନ୍ତି···ବରଂ ଭଦ୍ରଲୋକ ପକ୍ଷେ ଯାହା କରିବା ଉଚିତ, ତାହାହିଁ ସେ କରିଛନ୍ତି !

ସୁତରାଂ ଜିନିଷ ଗୁଡ଼ିକ ପ୍ରତି ସଶ୍ରଦ୍ଧ ଅଭିନନ୍ଦନ ଜଣାଇ, ତାହା ପାଣ୍ଠେଟି ଘେନିଗଲି ଘର ଭିତରକୁ ଓ ସଯତ୍ନେ ସ୍ଥାପନ କଲି ସର୍ବୋତ୍‌କୃଷ୍ଟ ଆଧାର-ବେଦୀରେ । ଆରାଧନାର ଶେଷ ନିବେଦନ ଜଣାଇବି, ଏତିକିବେଳେ ମନଟା ପୁଣି ବିଦ୍ରୋହୀ ହୋଇ ଉଠିଲା, ସେ ଆପଣାକୁ ବିଚ୍ଛିନ୍ନ କରି ନେଲା ଓ ଧିକ୍‌କାର କଣ୍ଠରେ ନିଜକୁ ନିଜେ ଝିଙ୍ଗାସିବାକୁ ଲାଗିଲା—

"ଆମେ ପେଶାଦାର ବୋଲି କ'ଣ, ପ୍ରାଣଟାକୁ ବି ପେଶା କରି-ପକେଇଛୁ ? ସାମାନ୍ୟ ଉପକାର···ଉପକାର ବା କୁହାଯିବ କିପରି···ମଣିଷ ପ୍ରତି ମଣିଷ ଯାହା କରିଥାଏ···କର୍ତ୍ତବ୍ୟ—ଏଥିପାଇଁ ପୁରସ୍କାର ? ନା, ଏ ପୁରସ୍କାର ନୁହେଁ, ତିରସ୍କାର ।"

ଏହି ତିରସ୍କାର ସୁନ୍ଦରୀ ସହ୍ୟ କରି ପାରିଲା ନାହିଁ । ଗ୍ଲ‌ବୁକରେ ତୁହାର ସୁଲଭ ଅନୁଭବ କଲା, ପଲଙ୍କରେ ଅଜାଡ଼ି ହୋଇ ପଡ଼ି କହିଁ କହିଁ କାନ୍ଦିବାକୁ ଲାଗିଲା । ଏତିକିବେଳେ—

Digitized by PPRACHIN, SOA

"ମ, ଶୁଣୁଛ···"

ବୋଲି, ମନଫୁଲ୍ଲଣିଆ ଜୟନାରାୟଣ ହସ ହସ ମୁଖରେ ପ୍ରବେଶ କଲେ, ଅବଶ୍ୟ ସଦର ଦେଇ—କାରଣ ପାଣୁଆ-ମା ସେଠି ବାଟେ 'ଯଃ ପଳାୟତି ସଃ ଜୀବତି' କାମ କରିଥିଲେ ।

"ମ, ଶୁଣୁଛ ?···କ'ଣ ରାନ୍ଧିଚ ବା ?"

ବୋଲି, ଉଚ୍ଛୁଳା ପ୍ରାଣରେ ଜୟନାରାୟଣ (ଏଭଳି ଭାବ ଗଲା ମାସ ଭିତରେ କେହି ଦେଖି ନାହିଁ) ···ରୋଷଣା ପରସ୍ତରେ ହୁଁ କା ମାରି, କାହାକୁ ନ ଦେଖି, ସିଧା ଶୟନ-କକ୍ଷକୁ ଧାଇଁଗଲେ—ଅବସ୍ଥା ଦେଖିଲେ—ଆଶ୍ଚର୍ଯ୍ୟ ହେଲେ ନାହିଁ—ବରଂ ଅଭିଭୂତ ହୋଇ ଦରଦୀ କଣ୍ଠରେ କହିଲେ—

"କାନ୍ଦୁଛ ? ଛି ।··· ଆଜି ପରି ସୁଖ-ଦିନରେ ଅଭିମାନ ?"

"ସୁଖ—ସୁଖ—ସବୁ ସୁଖ ତୁମରି ସେଇ ଅର୍ଥ !"

କ୍ଷିପ୍ର ଭାବରେ ଶଯ୍ୟାତ୍ୟାଗ ପୂର୍ବକ ସୁନ୍ଦରୀ ଏହିପରି ଅବ୍ୟର୍ଥ ବାକ୍ୟ-ବାଣ ନିକ୍ଷେପ କରି ସେଠାରୁ ଅନ୍ତର୍ହିତ ହୋଇଗଲେ ।

ଜୟନାରାୟଣଙ୍କୁ ତାହା ଆଦୌ ଭେଦିଲା ନାହିଁ, କାରଣ ସେତେବେଳକୁ ସେ ଧ୍ୟାନମଗ୍ନ, ତା'ର ଲୋଲୁପଦୃଷ୍ଟି ସେହି ଅମୂଲ୍ୟ ଦ୍ରବ୍ୟଗୁଡ଼ିକ ଉପରେ ସନ୍ନିବଦ୍ଧ ! କେତେବେଳକେ ଧ୍ୟାନ-ଭାଙ୍ଗିଗଲା, ସେ ପାଟିତୁଣ୍ଡ କରି ଉଠିଲେ—

"ମ' କୁଆଡ଼େ ଗଲ ମ ?—ଏ' ଜିନିଷ ଗୁଡ଼ାକ ପେଡ଼ିରେ ବନ୍ଦ ନ କରି, ବାହାରେ ପକାଇ ରଖିଚ ତ ?"

"ହଉ, ଭାତ ବାଢ଼ିଦେଇଚି, ଖାଇବ ଆସ ତ !"

Digitized by PPRACHIN, SOA

ବରଣ୍ଡାରେ ଠା-ପିଢ଼ା କରାହୋଇଥିଲା, ସେହିଠାରେ ଥାଇ ସୁନ୍ଦରୀ ଉକ୍ତ ଭାବରେ ଡାକିଲା ।

"ମ, ଏତେ ଶୀଘ୍ର ବାଢ଼ିଦେଲ—ମନେ କରିଥିଲି—"

କହି, କେଉଁ ଜାଗୃତ୍ୟମାନ ବାସନାଟା ତୃପ୍ତି ରଖି ଜମ୍ବୁ-ନାରାୟଣ ଆସନରେ ଉପବେଶନ କରି ଚକ୍ଷୁ ସାରୁ ସାରୁ ପୁଣି କହିଲା—

"ଶୁଣିଚ ନା—ଦରମା ମୋର ବଢ଼ିଚି—କୋଡ଼ିଏଁ ଟଙ୍କା—ଦିବାକର ବାବୁଙ୍କ ଯୋଗୁଁ ଏକା—ମଣିଷଟାଏ ତ !"

ସୁନ୍ଦରୀ କୌଣସି ଉତ୍ତର ନ ଦେଇ ରୋଷେଇଶାଳକୁ ଚାଲିଗଲା ଓ ଗରମ୍ ଗରମ୍ ଭଜା ଆଣି, ବାଢ଼ିଦେଲା ।

"ସେଦିନ ତେଢ଼େ ଅଶୁଭ କଥାଟାରେ ହସି ହସି ଗଡ଼ି ଯାଉଥିଲ—"

"ମୋର ମନ ଯାହା ଖୋଜୁଥିଲା, ତୁମେ ଯେ ତାହାହିଁ ଆଣି ଥୋଇଦେଲ । ତୁମର ସ୍ୱୀକାରକୁ ଚିହ୍ନିବା ସତେ କାଠିକର ପାଠ—କେତେବେଳେ ଯେ କେଉଁରୂପ ଧର—"

"ସେଟା ଯେ ତୁମର ଧୂର୍ତ୍ତପଜାଡର ଆଖିର ଭ୍ରମ ତା'କେବେ ହେଲେ ସ୍ୱୀକାର କରିବ ?—ଧଳାଙ୍କ ହଳଦିଆ ଦେଖ—ସେଟା ଆଉ ବେମାର ନୁହେଁ ?"

"ଆଶ୍ଚର୍ଯ୍ୟ ! ବାହାରେ ମଜ୍ଜା ଘାଣ୍ଟି ଘାଣ୍ଟି ଆମେ ଜାଣିଲୁ ନାହିଁ କେଉଁଟା ବେମାର, କେଉଁଟା ଭଲ, ଆଉ ତୁମେ ଘର-ଭୂଆସୁଣୀ ଘର କଣରେ ଥାଇ ଜାଣିଲ !"

'ଘର ଭୂଆସୁଣୀ' 'ଘର କଣ' ଏହି ଖଣ୍ଡବାକ୍ୟ ଗୁଡ଼ିକ ସୁନ୍ଦରୀକୁ ଶେଳ ସଦୃଶ ବିନ୍ଧି କଲା, ତାହା ଲକ୍ଷିତ ଦଶନଦଷ୍ଟ ଅଧର

Digitized by PPRACHIN, SOA

ସ୍ଫୁରଣରେ ସ୍ପଷ୍ଟ ସୂଚିତ ହେଲା, 'ଏହି ଘର କୋଣ ଅଳ୍ପ କାହା ଯୋଗୁଁ—' ଏହି ପ୍ରତ୍ୟୁତ୍ତର ଦେବାକୁ ଯାଇ, ସେ କହିପକାଇଲା—

"ଗଧଟା କଣ ବାହାରେ ବୁଲୁ ନାହିଁ କି ?—ଘାସ ପତ୍ର ମେଞ୍ଚାଏ ସାମ୍ନାରେ ପକାଇ ଦେଲେ,'ଘାଣ୍ଟି ଘାଣ୍ଟି' ଖାଉନାହିଁ କି ?"

"କ'ଣ ?—ମୁଁ ଗଧ ?"

ବୋଲି, ମୁହଁକୁ ନେଉଥିଲା ଯେଉଁ ଗ୍ରାସକ ତାହା ଜୟ-ନାରାୟଣ ଭାତ ଥାଳିରେ ଛୁଆଁଡ଼ିଦେଲା···ପରିଣାମ ଚିନ୍ତାରେଇ ଠିକ୍ ସେହି ସଙ୍କଟ ମୁହୂର୍ତ୍ତରେ ସୁନ୍ଦରୀ ପ୍ରତ୍ୟୁତ୍ତର ଦେଲା—

"ତା' ହେଲେ ତ ମୁଁ ଗର୍ଦ୍ଦଭୀ"

"ହୁଁ"

ବୋଲି, ଜୟନାରାୟଣ ଅପ୍ରସ୍ତୁତ ହେଲେ ମଧ୍ୟ ଅଥୟ ମନରେ ନିଜର ଭୋଜନ ସମାପନ କରିବାକୁ ଲାଗିଗଲା । ସୁନ୍ଦରୀ ସମାଜର ଗ୍ଲାନିକୁ ସ୍ୱାମୀ ଉପରେ ଚପାଇ ଅନ୍ୟାୟ କରିଚି ଭାବି, ଲଜ୍ଜିତା ଓ ଅନୁତପ୍ତା ହେଲା—କ'ଣ କଲେ ବା କହିଲେ ସ୍ୱାମୀ ସନ୍ତୁଷ୍ଟ ହେବେ ଏହିକଥା ଆଲୋଚନା କଲା—କ୍ଷମା ମାଗି ନେବ ? ତା'ର ମୂଲ୍ୟ କ'ଣ ସେ ବୁଝିବେ ?—'ପେଶା' 'ଉପକାର' ପ୍ରଭୃତି ନେଇ ଯେଉଁ ଗବେଷଣା ସେ କରୁଥିଲା, ସେହି କଥା ପକାଇବ ? ହେଲେ ତା'ର ତାତ୍ପର୍ଯ୍ୟ କ'ଣ ସେ ବୁଝିବେ ?—ବରଂ ଥଟ୍ଟା ମନେ କରିବେ, ତେଣୁ, ଭାବି ଚିନ୍ତି, ଭାଗ୍ନ ସ୍ୱରରେ ସୁନ୍ଦରୀ କହିଲା—

"ଦେଖ, ଅଳ୍ପ ବେଶୀ ରାତି କରିବ ନାହିଁ—ଘିଅ-ଭାତି ରାନ୍ଧିଥିବି, ତା'ସାଙ୍ଗକୁ ବାଇଗଣ ଭଜା—ଆଳୁବଡ଼ା—ଆଉ ଯଦି

ଯାଏ କଣ୍ଠାମାଛ ବେଲବୁଡ଼କୁ ଅଣି ଦିଅନ୍ତୁ—କାଲିଅ, କୋପ୍ତା ବ କରିପକାନ୍ତୁ ।”

ଜୟନାରାୟଣ ଏ’ ସବୁ ଅହାର୍ଯ୍ୟର ତାଲିକା ଶୁଣି, ବିରସ ବଦନ ସରସ କରି ସୁନ୍ଦରୀ ଅଟେଡ଼ ଚକାଇଲା—ପାଠିକୁ ମାମୁଁଙ୍କ ଭୋଜନ ଆଉ ରୁଚିଲା ନାହିଁ—ରସନାଟା ଖାଲି ସରସିଉଠିଲା ଆସନ୍ନ ଭୋଜନକୁ ଲୋଡ଼ି, ପେଟ ବି ପୂରି ଉଠିଲା ।—‘ଅଘ୍ରାଣଂ ଅର୍ଦ୍ଧ ଭୋଜନଂ’ ଏହି ପ୍ରଚଳିତ ପ୍ରବାଦକୁ ରଦ୍ଦ କରି, ‘ଶ୍ରବଣଂ ଅର୍ଦ୍ଧ ଭୋଜନଂ’ ଏହି ସତ୍ୟ-ଲବ୍ଧ ବାକ୍ୟକୁ କାଏମ୍ କଲା— ଜୟନାରାୟଣ ଭାରି ଆଗ୍ରହରେ କହିଲା—

“ଦେଖ, ଆଉ ଦିନ ଦଶଟାରେ ମାସକବାର—ଅଧିକା ଟଙ୍କା ବି ମିଳିବ—ମାଉଁସ ଅଣାଇବା—କମ୍ ଟିକିଏ ବଢ଼ାଇବା— ହଁ, ଦବାକର ବାବୁଙ୍କୁ ବି ନିମନ୍ତ୍ରଣ କରିବା—କେମିତି ?”

ଏହି ଶେଷପଦକରେ ସୁନ୍ଦରୀ ସହସା ଘନ ଅନ୍ଧକାର ଭିତରେ ଉଜ୍ଜ୍ୱଳ ଆଲୋକର ରଶ୍ମି ଟିଏ ଦେଖିଲା—ନିଗୂଢ଼ ଅସ୍ୱସ୍ତି ମଧ୍ୟରେ ପ୍ରଗାଢ଼ ସ୍ୱସ୍ତି ବୋଧ କଲା—ସେ ତତ୍‌କ୍ଷଣାତ୍ ଉତ୍ତର ଦେଲା—

“ବେଶ୍ ତ, ନିମନ୍ତ୍ରଣ ଯଦି କରିବାକୁ ହେବ, ଆଜି ନ କରିବା କାହିଁକି ? ମାଛ ତେଲରେ ମାଛ ଭଜାହେବ—ସେ ଦେଇଥିବା ଦଶଟା ଟଙ୍କା ଏହି ବ୍ୟାଟରେ ଖର୍ଚ୍ଚ ହେବ—ଟେରାପ୍ କ’ଣ ? ମୁଁ ତ ମନେ କରେଁ...”

ମନର କଥା ଆଉ ସୁନ୍ଦରୀ ଖୋଲିଲା ନାହିଁ, ଜୟନାରାୟଣ ମଧ୍ୟ ଶୁଣିବାକୁ ପ୍ରସ୍ତୁତ ନଥିଲା ।—ଯେଉଁ ଟଙ୍କା ନେଇ ସେ ଗଚ୍ଛିତ

Digitized by PPRACHIN, SOA

ଟଙ୍କା ସଙ୍ଗେ ମିଶାଇ ସାରିଛି, ତାକୁ ପୁଣି ବାହାର କରିବ ? —ସଞ୍ଚୟ ଥିଲା ୧୯୦ ଟଙ୍କା—ଖଣ୍ଡିଆଟାଏ ରହି ଯାଇଥିଲା—ବହୁତ୍ ଦିନୁ ଟ ୨୦୦୯ ପୂର୍ଣ୍ଣ କରିବ ବୋଲି କରିପାରୁ ନ ଥିଲା । ଆଜି ସେହି ମଣ୍ଡିକା କପାଳ ଗୁଣକୁ ମିଳିଗଲା—କି ଯେ ଆନନ୍ଦ !—ସେହି ଅଙ୍କାର୍ଣ୍ଣ ଆନନ୍ଦଟାକୁ ଗୃହିଣୀ ନପାରି ସେମିତି ଝିଅପିଅ ଓ ନାମକରଣ ପ୍ରସ୍ତାବଟା ବାଡ଼ି ପକାଇଥିଲା ସିନା !—ସୁନ୍ଦରୀ ଯେ ସେଥିରୁ ଏମିତି ଫାଇଦା ଉଠାଇବ କିଏ ଜାଣିଥିଲା ?—ଏ'ତ ଅତି ଯୁକ୍ତି-ଯୁକ୍ତ କଥା—ଏ' ଟଙ୍କାରେ ତାଙ୍କର କି ଅଧିକାର ?—ସୁନ୍ଦରୀ ଜୋର କଲେ ତ, ସେ କୌଣସି ଯୁକ୍ତି ବଳରେ ତାହା ଖଣ୍ଡନ କରି ପାରିବ ନାହିଁ—ତେବେ ? ହଠାତ୍ ବୁଦ୍ଧି ଦିଶିଗଲା—

"ଦେଖ, ମୁଁ ଦବାକର ବାବୁଙ୍କୁ ଆଗ ପଚାରି ବୁଝେ, ତା' ପର ତ ଯୋଗାଡ଼ କରିବ ।"

"ଠିକ୍ କଥା । କାଲିକି ତେବେ ଦରିଦ୍ କର—ବିଳମ୍ବ କରିବା ଉଚିତ ନୁହେଁ ।"

"ଦେଖ, ମୁଁ ଆଜି ପଚାରୁଛି—ତାଙ୍କର ତ ଆଦୌ ଫୁରସତ୍ ନ ଥାଏ—କେଉଁ କେଉଁ ଦିନ ଘରକୁ ଫେରୁ ଫେରୁ ରାତ ବାରଟା, ଗୋଟାଏ ହୋଇଯାଏ—ଆଜିର ଘଟଣାକୁ ଦେଖ—କାଲି କେଉଁ ବଡ଼ ହାକିମ କୋଠିକୁ ମଟର ମରାମତି କରି ଯାଇଥିଲେ, ସେଠୁଁ ଆଜି ଦିନ ଦିପହରେ ଫେରୁଥିଲେ, ବାଟରେ ହଠାତ୍ ଇଞ୍ଜିନ୍‌ଟା ବିଗିଡ଼ି ଗଲା—ତା'କୁ ଚଳାଇବାକୁ ଯାଇତ ଏହି ଦଶା—ପଙ୍ଖାର ଦାନ୍ତୁଆ ପହରେ ଆଙ୍ଗୁଳିଟା କଟି ରକ୍ତପାତ୍—ଯା' ହେଉ ତୁମେ—"

Digitized by PPRACHIN, SOA

ସୁନ୍ଦରୀ ନିଜର ପ୍ରଶଂସା ଶୁଣିବାକୁ ସେଠି ଆଉ ଠିଆ ହେଲା ନାହିଁ—ବରଣ୍ଡାରେ ହାତ ଧୋଇବାର ପାଣି ରଖି ନ ଥିଲା, ସେଇ ଆଲ କରି ଚଗ ଗୁଲିଗଲା—ଜଯ୍ନାଗ୍ନୟୁଙ୍କ ନିଶ୍ଚିନ୍ତ ହେଲା ।

× × × ×

ଏଣେ ଦିବାକର ଜୋତା ମସ୍ ମସ୍ କରି, ଗୋଟାଝାଳ ହୋଇ ଘରକୁ ପୃଣି ଫେରିଲାବେଳକୁ ଦିନ ୨ଟା—

“ହାଁ, ହାଁ, ଲୁଗାଟା ଶୁଖୁଚି, ଛୁଇଁବ ?—”

“ଏତେବେଳେ ବାଟ ଘାଟ ମୋତେ ଦିଶୁନାହିଁ—ଗଲ,ଗଲ, କ’ଣ ଗଣ୍ଡାଏ ଆଣିଲ—ଭୋକରେ ହଂସା ଉଡ଼ିଲାଣି—”

“ସେଇ ତ ସେତେବେଳେ ଅସିଥିଲ ବେଗିର ପଠାଇବାକୁ, ସୁପାରଶ କଥାଟା ତ ଫଳାଇ ଯାଉ ନଥିଲ ।”

“ମନଟା ଫଳାଇ ଯିବାକୁ କେତେବେଳ—ଘଡ଼ିକେ ଘୋଡ଼ା ଛୁଟେ—ଏ ପ୍ରବାଦ କ’ଣ ମିଛ ?”

କହୁ କହୁ, ଦିବାକର ନିଜର ଜାମା ଓଟାରି ପକାଇଲା, ଅଳଗୁଣିରୁ ଲୁଙ୍ଗିଟା ଭିଡ଼ି ଆଣି ପ୍ୟାଣ୍ଟଟା ଖସାଇ ପକାଇଲା । ତା’ପର···

“ଥାଉ୍ ଯେସବୁ ସେଇଠି ପଡ଼ିଥାଉ, ତୁମକୁ ରଖିବାକୁ ହେବ ନାହିଁ ।”

ବୋଲି, ମନ୍ଦୁର ନିରସ୍ତ କଲା । ତେତେବେଳକୁ ସେ ପିଣ୍ଡାରେ ପାଣି ଛୁଞ୍ଚୁଛି, ଆସନଟା ପାରି ଦେଇ ସାରିଥିଲା—ଦିବାକର ଘିଁ ଚ୍ଚିନ୍ତ ଯାଇ ସେଠାରେ ବସି ପଡ଼ିଲା···

“ହାଁ, ହାଁ ।···ମୁହଁ, ଗୋଡ଼ ହାତ ନ ଧୋଇ ବସି ପଡ଼ୁଛ ?”

Digitized by PPRACHIN, SOA

ବୋଲି, ଠାକୁରଙ୍କ କଣ୍ଠରେ ମନ୍ଦାର କହି ଉଠିଲା । ଦିବାକର ଷାଡ଼ରୁ ନାଗୁର । ଡିକ୍‌ସିକ୍ ହୋଇ ସେଠୁଁ ପଦାର ତଳକୁ ଓହ୍ଲାଇ ଗଲା...ପାଣି ଠାଳକ ତଳ ପାଦରେ ନିଃଶେଷ କରି ଇଡ଼ି ଦେଲା— ଅନ୍ୟାନ୍ୟ ଆନୁସଙ୍ଗିକ କାମ ଯଥାତଥା କରି ବଢ଼ାଇଲା—ଓ.'ପର ଆସନରେ ଜବର ଆସନ କଲା ଠିକ୍ ଏହି ଭାବରେ—

'ଘାଇ ନେଉଛି ପିଢ଼ାଫାଳି, ତେବେ ସେ ବ୍ରାହ୍ମଣ ଠା' ନ ଉଠୁ'

ସ୍ୱାମୀ କାମ ଠିକ୍ ଠିକ୍ କଲେ କି ନାହିଁ, ମନ୍ଦାର ତଦାରଖି ଅଖିରେ ଠିଆ ହୋଇ ଦେଖୁଥିଲା—ଏକରକମ ଚଳିବା ମାଫିକ ହୋଇଗଲା ଦେଖି, ଆଉ ମାଡ଼ ଗୋଳ କରିବାକୁ ମନ ବଳାଇଲା ନାହିଁ ।

"ଆଉ ପାରି ହେଲା ନାହିଁ"

ଏତକ କହି,ମରାଳ ଗମନା ନିତମ୍ବ ଦୋହଲାଇ ହେଁସେଲଶାଳ ଅଭିମୁଖୀ ହେଲା ।

ଦିବାକରର ମନଟା ଆଜି କେଉଁ ସ୍ୱପନ ରାଇଜରେ ଉଡ଼ି ଉଡ଼ି ବୁଲୁଥିବାରୁ ସେହି ସୂତ୍ର ଧରି ସେ ହଠାତ୍ କହି ଉଠିଲା—

"ନା, ମୁଁ କିଛି କରି ପାରିଲି ନାହିଁ..."

ତା'ପର ହଠାତ୍ ତଳକୁ ଖସିପଡ଼ି, ବାସ୍ତବତାର କଠିନ ସ୍ପର୍ଶ ଅନୁଭବ କରି କହିଲା—

'କାହିଁ, ଅଣ ମ...ଭାସି ହେଲ !'

କିନ୍ତୁ ତତ୍‌କ୍ଷଣାତ୍ ଅମୃହର୍ ହୋଇଗଲା ।

ଦିବାକରର ପ୍ରକୃତି, ଯେତେବେଳେ ଯେଉଁ କଥାକୁ ଜିଦ୍ ଧରିବ, ତାହାର ଭଲ ଭଲାନ୍ତ ନ ଦେଖିବା ଯାଏ, କେବେ ତାହା

Digitized by PPRACHIN, SOA

ସ୍ଥଳ ଦେବନାହିଁ — ଯଦି କୌଣସି ରୋଗୀର ସେବା ଶୁଶ୍ରୂଷା କରୁଚି ତ, କରୁଚି — ଦିନ ରାତି, ଭୋକ ଶୋଷ ସବୁ ପାଶୋରି ପକାଇବ— ଠିକ୍ ସେହିପରି ଆମୋଦ ପ୍ରମୋଦରେ ମାତଚି ତ ମାତଚି, ଘର ବୁଡ଼ି ପାଣି ଆଣ୍ଠିଏ ହେଲେ ବି ପର୍ବାୟ ନଥିବ— ଅଜା ଏହି ଯେ ଅଙ୍ଗୁଳିଟା ସାମାନ୍ୟ (?) କଟି ଗଲା, ଆଉ ଜଣେ ଭଦ୍ରଘରର ଭୂଆସୁଣୀ (ଭଦ୍ରଘରର ଭୂଆସୁଣୀ କହିଲେ, ତା'ର ଧାରଣା ବା ସଂସ୍କାର ଯା' ବୋଲ୍, ସେ ବୁଝେ, ଯେ କି ପର-ପୁରୁଷ ଆଗରେ ଓଢ଼ଣୀ ଟେକିବା ତ ଦୂରେ, ତଳିପା ସୁଦ୍ଧା ଲୁଚେଇବାକୁ ହନ୍ତସନ୍ତ ହେବ ନାହିଁ) ସବୁ ଲଜ୍ଜା ସଂକୋଚ ଦୂରେ ଫିଙ୍ଗି ଦେଇ ତା'ପର ଜଣେ ଚରିତ୍ରହୀନ,ଗୁଣ୍ଡା ନାମଧାରୀ ଲୋକକୁ ବିନା ସଂକୋ- ଚରେ, ଜଣା ନାହିଁ, ଶୁଣା ନାହିଁ, ପଚରା ନାହିଁ, ଉଚରା ନାହିଁ, ଏକାବେଳକେ ଘରର ଅନ୍ଦରମହଲକୁ ଘେନିଗଲା, ଅବଲୀଳାରେ କି ସରଳ, ସଂବେଦନଶୀଳ ଅନ୍ତରରେ କ୍ଷତ ସ୍ଥାନଟାକୁ କମନୀୟ ସ୍ପର୍ଶ ସହକାରେ ଧୋଇ, ବ୍ୟାଣ୍ଡେଜ କରି ଦେଲା — ଅପୂର୍ବ । ଏ' କି ସ୍ୱର୍ଗର ଅପ୍ସରୀ, ନା ଦେବୀ ? ସୁତରାଂ ତା'ର ତମସାଚ୍ଛନ୍ନ ବିବେକ ଯେ କେଉଁ ନୂତନ ଆଲୋକରେ ଉଦ୍ଭାସିତ ହୋଇଥିଲା, ସଂସ୍କାରର ଘେରି-ଜାଲ ଛିନ୍ନକରି କେଉଁ ମହତ୍ ଭାବର ଅନୁପ୍ରେରଣାରେ ସେ ଯେ ସାମାନ୍ୟ (?) ଉପକାରର ଅସାମାନ୍ୟ ପ୍ରତ୍ୟୁପକାର କରିଥିଲା,- ଏହା କହିବା ବାହୁଲ୍ୟ ମାତ୍ର ।—ବର୍ତ୍ତମାନ ସେହି କଥାକୁ ଯେତିକି ସେ ହେଜୁଚି, ଯାହା ସେ କରିଚି, ତାହା ସେତିକି କାଇଁତ୍ କରି ବୋଧ ହେଉଚି ।

× × × ×

ଦିବାକର ଯେତେବେଳେ ନିଜର ଆକସ୍ମିକତା ଓ ତା'ର ପରିଚର୍ଯ୍ୟା ସଂପର୍କିତ ସମସ୍ତ ଘଟଣା ମନ୍ଦାର ନିକଟରେ ବର୍ଣ୍ଣନା କଲା ଓ ଉପଢ଼ୌକନର ପ୍ରସ୍ତାବ ବାଢ଼ିଲା, ସେତେବେଳେ ସାଧ୍ୱୀ ଆଗଭର ହୋଇ ନିଜର ଶାଢ଼ୀ ଓ ବ୍ଲାଉସ୍ କାଢ଼ି ଦେଇଥିଲା, ଆହୁରି ମଧ୍ୟ ସେ ବିଲ୍‌କୁଲ୍ ଭୁଲି ଯାଇଥିଲା ଶୁଶ୍ରୂଷାକାରିଣୀ ସଂକ୍ରାନ୍ତ ନାନା ଗୁଜବ ଓ ଅପବାଦର କଥା । ପାଣୁଆ-ମା'କୁ ତୁରନ୍ତ ବେଭାର ଦେବାପାଇଁ ଯିବାକୁ ବାବୁ ମୋଟେ ଅଗ୍ରହୀ ହୋଇ ନଥିଲେ, ସାନ୍ତାଣୀ ହୋଇଥିଲେ ତହିଁରୁ ଅଧିକ ।— ସ୍ତ୍ରୀର ଏଭଳି ଆଚରଣ ଦିବାକରକୁ ଏତେ ଉତ୍ସାହିତ କରିଥିଲା ଯେ, ସେ ଭୋକ ଶୋଷ ଭୁଲି,ଉପକାରିଣୀର ଆହୁରି ଉପକାର କରିବ,ଏହି ମାନସରେ ତା'ର ସ୍ୱାମୀର ବେତନ ବୃଦ୍ଧିର ସୁପାରିଶ୍ କରିବାକୁ ଧାଇଁ ଯାଇଥିଲା । ସେହି କାମ ବଢ଼ାଇ ସେ ବର୍ତ୍ତମାନ ଘରକୁ ଲେଉଟିଛି—ଭୋକର ଦାଉ ଅତି ମାତ୍ରାରେ ଅନୁଭବ କରୁଛି । ଏହା ଯେ ସ୍ୱାମୀର ଆତ୍ମ-ତୃପ୍ତିର ନିଦର୍ଶନ, ଏହି ତୃପ୍ତି ପତ୍ନୀ ମର୍ମେ ମର୍ମେ ଅନୁଭବ କରୁଛି । ସେଥିପାଇଁ ଆଗୁର ବଗୁରର କଟକଣା କୋହଳ କରି, ରାନ୍ଧଣା ପରସ୍ତକୁ ଯାଇ, ବଢ଼ାବଢ଼ି ଯୋଗାଡ଼ରେ ଲାଗିଯାଇଛି ।

ଏତିକିବେଳେ ପାଣୁଆ-ମା ପ୍ରବେଶ କଲା । ସେ ବାବୁଙ୍କୁ ସେମିତି ଗୁମ୍‌ମାରି ବସି ଥିବାର ଦେଖି, ପାଦ ଟିପି ଟିପି ରାନ୍ଧଣା-ଶାଳକୁ ଚଳି । ସାନ୍ତାଣୀ ତଳି ଉଠି କହିଲେ—

"କିଲୋ, ତୁ ଏତେବେଳକୁ ଫେରୁଚୁ ? — କମ୍ପାଉଣ୍ଡର ବାବୁଙ୍କ ଘର ଆଠକୋଶ ନା ନଅକୋଶ ବାଟ ?"

ପାଣୁଆ-ମା ଇଙ୍ଗିତରେ ଚୁପ ହେବାକୁ କହିଲା ଓ ଇସାରରେ ବାବୁଙ୍କର ମୌନ ମୂର୍ତ୍ତିକୁ ଦେଖାଇ ଗାଇଗଲା—

Digitized by PPRACHIN, SOA

"ବାବୁଙ୍କୁ ସେହି ଡାହାଣୀଟା ସାରିଚି । ଚେରମୂଳ କରି ବଶ୍‌କରି ପକେଇଚି । ସେଦିନ ତା'ର ଘଇତା ଅସିଥିଲା ସେଇ ଓଷଧି କରିବାକୁ । ପୁଣି ଯୋଗକୁ ହାତନା ଅଜ କଟିଗଲା ନାହିଁ ଯେ, ଯୋଗୁଣୀକୁ ମଉକା ମିଳିଗଲା— ସେଇ କଟା ଥାନକୁ ବାନ୍ଧି-ଦେଇ, ବାବୁଙ୍କୁ ବିଲ୍‌କୁଲ୍‌ ବାନ୍ଧି ପକେଇଚି ।..."

"ଏଁ, ତୁ କ'ଣ କହୁଚୁ ଲୋ ?"

"ମୁଁ କ'ଣ ମିଛ କହୁଚି ?—ଗୁଣିଆଁ କ'ଣ ମିଛ କହୁଚ୍ଛି ?—ସାଇଁ ପଡ଼ିଶା କ'ଣ ମିଛ କହନ୍ତି ?—ଦେଖୁନ ବାବୁଙ୍କୁ ଚଟକେଇ-କି ଆଖିରେ—କେମିତି ଗାରଡ଼ି ପାଲଟି ଯାଇଛନ୍ତି ।"

"ପାଣୁଆ-ମା !"

"ତୁମେ କିଛି ପରୁଆ କରନା—ମୁଁ ପାର ଉତାର କରେଇ ଆସିଚି—ଗୁଣିଆଁ ନିତ ଅରୁଆ ଖାଇ ମାସେ କାଳ ବୀର-ସାଧନା କରିବ—ବାବୁଙ୍କ ପେଟରେ ଗଛ ହୋଇ ଥିଲେ ବି ଚେରମୂଳ କରି ଉପାଡ଼ି ଦ'ବ ।"

"ସତେ ?"

"ଆହୁରି ବି, ଗୁଣିଆଁ ପାଖରୁ ସିଧା-ସଞ୍ଚାର ବରାଦ୍‌ ନେଇ ଫେରି ଆସୁଥିଲି— ବାଟରେ ମନେ ପଡ଼ିଗଲା, ବାବୁଙ୍କର କଟା-ଘା ଶୁଖିବ କେମିତି, ଏଇ କଥା—ଡାହାଣୀ ନଜର—ପୁଣି ଗୁଣିଆଁ ପାଖକୁ ଲେଉଟି ଗଲି । ସେ, ଏହି ପତର ବାଡ଼ୀର କଇଁଲଟାରୁ ତୋଳି ଆଣି ମନ୍ତୁରେଇ ଦେଇଚି, କହିଚି ଘାକୁ ଛେଚି ଲଗେଇ ଦେବାକୁ ।"

"ଦେଲୁ, ଦେଲୁ"

Digitized by PPRACHIN, SOA

ବୋଲି, ଭାତ ବଢ଼ାବଢ଼ି ଘୁଞ୍ଚାଦେଇ, ଶିଳ ଧୋଇଧାଇ ସେଥିରେ ଛେଚିବାକୁ ବସିଗଲା । ତା' କରସାର ନେଇ ଗଲାବେଳକୁ ପାଣୁଆ-ମା କହିଲା—

"ହଁ, ଲଗେଇ ଦେଇ, କାଲିଆ କନାଟିଏ ଗୁଡ଼େଇ ଦ'ବ ଅଙ୍ଗୁଠିରେ—ଗୁଣ୍ଡିରୁ ବାରୁମ୍ବାର ତାକିଡ଼ କରି କହି ଦେଇଚି ।"

ମନ୍ଦାର ଅତୀବ ସଂସ୍କାର-ପ୍ରବଣା । ଘଟଣା ବଶତଃ ଯେଉଁ ଆଚ୍ଛନ୍ନତା ଭେଦକରି ନାରୀ-ହୃଦୟ ଅଳ୍ପ ଉଦ୍‌ବେଳିତ ହୋଇ ଉଠିଲା, ତାହା ପାଣୁଆ-ମା'ର ଏଭଳି ଅପ-କାର୍ତ୍ତନ ଓ ପ୍ରବର୍ତ୍ତନ ଫଳରେ ଘନୀଭୂତ ହୋଇଗଲା । ସେ ମହନୀୟ ସୁନ୍ଦରୀ ଆଉ ସୁନ୍ଦର ଓ ମହାନ୍ ହୋଇ ରହିଲା ନାହିଁ । କାଳୀ ପୂଜାର କାଳୀ-ମେଢ଼ରେ ଯୋଗିଣୀ ଡାହାଣୀର ବ୍ୟାଦିତମୁଖ, ସ୍ରବିତ ରକ୍ତ କରାଳ ମୂର୍ତ୍ତି ସେ ଦେଖିଚି, ତା'କୁ ବଳି ବୀଭତ୍ସ ଦେଖିବାକୁ ଲାଗିଲା ଏହି ଶୁଶ୍ରୂଷାକାରିଣୀକୁ । ସେହି କରାଳ ଗ୍ରାସରୁ ଗୁଣ୍ଡେ କେମିତି ତା'ର ସ୍ୱାମୀକୁ ଉଦ୍ଧାରିବ ଏଥିପାଇଁ ହୋଇ ଗଲା ବ୍ୟଗ୍ର ।—କଳା କନାର ପ୍ରୟୋଜନ, ସେଥିପାଇଁ ନିଜ-ପିନ୍ଧାର କଳା ଧଡ଼ୀକୁ ଫଡ୍ ଫଡ୍ କରି ଛିଣ୍ଡାଇ ପକାଇଲା ସେହିକ୍ଷଣି ।

ସେତେବେଳେ ଦିବାକର ଗଭୀର ସ୍ୱପ୍ନ-ମଗ୍ନ—ସ୍ୱପ୍ନମୟୀ ସୁନ୍ଦରୀର ମଧୁର ସାନ୍ନିଧ୍ୟ ସ୍ୱପ୍ନାତୀତ ଭାବରେ ଅନୁଭବ କରୁଥିଲା । ଏହି ପରିସ୍ଥିତିରେ ଉଚ୍ଛନ୍ନ ହୋଇ ଧାଇଁଆସିଲା ମନ୍ଦାର ।

ସ୍ୱାମୀର ଦକ୍ଷିଣକରପଲ୍ଲବରେ କ୍ଷତଗ୍ରସ୍ତ ଅଙ୍ଗୁଳିକୁ ବେଣ୍ଡେଜ ଗଣ୍ଠି ପିଟାଇଲା । ଝିଙ୍କା ପଡ଼ିବାରୁ ଦିବାକରର ସ୍ୱପ୍ନଟା

Digitized by PPRACHIN, SOA

ଭଙ୍ଗିଗଲା । ହେଲେ, ଆବେଶଟା ଛାଡ଼ିଲା ନାହିଁ—ସେହି ଆବେଶର ଅନୁଭୂତିରେ ବରଂ ସେ ଦେଖିବାକୁ ଲଗିଲା,—ମଧୁପିପ୍ପାସୀ ସୁନ୍ଦରୀ ସେହି ଅଙ୍ଗୁଳିକୁ ଓଠାର ନେଇ ଗୋଲାପୀ-ଅଧର ସ୍ପର୍ଶରେ ଚୁମ୍ବନାର -ପ୍ରୟାସୀ ।—ଆଉ ମନ୍ଦାର ସେତେବେଳେ କାମ ଚଟାପଟ୍ ସାରିଦେଇ ଅଙ୍ଗୁଠି ଛାଡ଼ିଦେଲା । ସେତେବେଳେ ସୁନ୍ଦରୀ ଛାଡ଼ିଦେଲା କି ଆଉ, ଏହିଭଳି ଆବେଶ ବହୁଳତାରେ ଦିବାକର ଆଲିଙ୍ଗନୋନ୍ମୁଖ ହୋଇ ଉଠିଲା । ମନ୍ଦାର 'ଛି' ବୋଲି, ସେଠୁ ପଳାଇ ଆସି ରାନ୍ଧଣା-ଘରେ ପଶିବାକୁ ବାଟ ଖୋଜି ପାଇଲା ନାହିଁ । ପ୍ରତି-ଧକ୍କାରେ ଦିବାକର ଚେତ ଉଠିଲା—ତାପରେ ଆତ୍ମ-ଗ୍ଳାନି ଅନୁଭବ କଲା । ମନ୍ଦାର ଯେତେବେଳେ ଭାତଥାଳି ଆଣି ସ୍ୱାମୀ ସମ୍ମୁଖରେ ଥୋଇଦେଲା, ସେତେବେଳେ ସ୍ୱାମୀ ସ୍ତ୍ରୀର ସମ୍ମୁଖୀନ ହୋଇ ପାରିଲା ନାହିଁ, ଥରିଲା କଣ୍ଠରେ କହିଲା—

"ମନ୍ଦ, ମୋ-ତେ କ୍ଷ-ମା—"

" ଆଃ"

ବୋଲି ମନ୍ଦାର ନୀରସ କରି ପାଣୁଆ-ମାଆଡ଼କୁ ତୀକ୍ଷ୍ଣ ଚାହାଣୀରେ ଇଙ୍ଗିତ କରାଇ ଦେଲା ।

ପାଣୁଆ-ମା କି ଖୁସୀ !—ସାନ୍ତାଣୀ ଯେତେବେଳେ ଲେଉଟି ରୋଷଇଶାଳକୁ ଗଲେ ଆଉ କ'ଣ ତୁଉଣ ନେବାପାଇଁ ସେତେବେଳେ ପାଣୁଆ-ମା କହିଲା ତୁନି ତୁନି—

"ସାନ୍ତାଣୀ, ସେଇ ବରଗଛ-ଠାକୁରାଣୀକୁ ମାଜଣା ମାନତ କରିଛି—ଆଜ ଦେବି—କାଲି ଯେଉଁ ନୂଆ ଶଙ୍ଖା ଦି'ପଟ କିଣି ଠାକୁରାଣୀଙ୍କ ପାଦରେ ଛୁଆଇଁ ଆଣିଚି, ବଜର ଅଣ୍ଟରେ ପିନ୍ଧିବ, ଠାକୁରାଣୀଙ୍କ ସିନ୍ଦୂର ବହଳ କରି ସୁନ୍ଥାରେ ଲଗାଇବ ।"

Digitized by PPRACHIN, SOA

"ହେଉ"

ବୋଲି, ମନ୍ଦାର ତୁଉଣୀ-ତାଟିଆ ନେଇ ତରବରରେ ଚାଲିଗଲା ।

ସେତେବେଳେ ଦିବାକରର ଅଦ୍ଭୁତ ଭାବ ପରିବର୍ତ୍ତନ ! ଭାଲିଆ-ବ୍ୟାଣ୍ଡେଜ ଦେଖି କଳା-କାଠ ପଡ଼ିଯାଇଥିଲା ।— ଭାତଥାଳୀର ଭାତକୁ ଖାଲି ଖେଳାମେଳା କରୁଥିଲା ।

"ମ୍', ଖାଅ…"

ମନ୍ଦାରର ଏ'ଭଳି ଅନୁଜ୍ଞାର ଉତ୍ତରରେ ଦିବାକର କେବଳ ଗମ୍ଭୀର କଣ୍ଠରେ ଉଚ୍ଚାରଣ କଲା—

"ହୁଁ"

Digitized by PPRACHIN, SOA

ସାତ

"ନାତ ଏମିତ ଉତ୍ତର କରୁଥିବ ?"

"କାମ ସରିଲେ ତ ଆସିବ !"

"ଦେହ ମୁଣ୍ଡକୁ ଟିକିଏ ଚକାଅ ।"

"ହଁ, ଏଣିକି ତୁମେ ଖାଇ ନେବ, ମୋ ପାଇଁ ଗଣ୍ଡେ ବାଢ଼ି, କିଛି ଗୋଟିଏ ଢାଙ୍କଣା ଦେଇ ରଖିଦେବ ।"

ମନ୍ଦାର ଆଉ ଉତ୍ତର ଦେଇ ପାରିଲା ନାହିଁ । କେଉଁ ସତୀ-ନାରୀ ଏହା ସହିବ ? ଯେଉଁ ସ୍ୱାମୀର ହିତ କାମନା କରି ଦେବତା, ଉପ-ଦେବତା, ଅପଦେବତା ସମସ୍ତଙ୍କୁ ଏକାସନରେ ବସାଇଛି, ସେହି ସ୍ୱାମୀ ଆଜି ଏତେବଡ଼ କଥାଟାଏ କହିଲେ ?— ଅନ୍ୟ କେହି ଏ କଥା କହିଥିଲେ, ତା'ର ଜିଭ' ଆଜି ପିଠିରେ ନ ଥା'ନ୍ତା ।···ସୁତରାଂ ଏ କ୍ଷେତ୍ରରେ ହୁଏ ଜହର-ବ୍ରତ, ନଚେତ୍ ଅଭିମାନ, ସତୀପକ୍ଷେ ଅବଲମ୍ବନୀୟ ।

ବିଂଶ ଶତାବ୍ଦୀର ସତୀ, ତେଣୁ ଅଭିମାନକୁ ବରଣ କରିନେଇ ମନ୍ଦାର ମାନ-ମନ୍ଦିର (ରୋଷେଇ-ଘରଟି) ଆଡ଼କୁ ଗୁରୁ ପଦକ୍ଷେପରେ ଅଗ୍ରସର ହେଲା—କର୍ତ୍ତବ୍ୟ କରି ଯିବ, ଏତିକି ।

Digitized by PPRACHIN, SOA

ଯାଉଁ ଯାଉଁ ଅର୍ଦ୍ଧପଥରେ ସ୍ମରଣହେଲା ଅବହେଳାର କଥା । ନିଜକୁ ଧିକ୍କାର ମନକୁ ମନ କହିଲା—

"ଭାତ ବାଢ଼ ଯାଉଚି, ଜେଗାଠାକର ଅସି ନାହିଁ—ଛି...ଛି..."

ଲେଉଟି ପଡ଼ି ଅନାଇ ଦିଏତ ସ୍ୱାମୀ ଅଜ ନିଜେ ଠା-ପିଢ଼ାଙ୍କର ଅସନରେ ଉପବିଷ୍ଟ—ଆହାର୍ଯ୍ୟକୁ ପତୀକ୍ଷା ।

ଜେଗାଠା ତ ପହଁର ହୋଇନାହିଁ, ପାଣିଛୁଆଁ ହୋଇନାହିଁ, ଏପରି ଅପବିତ୍ର ଥାନରେ ସ୍ୱାମୀ ଖାଇ ବସିବେ, ଏଥିରେ ତାଙ୍କର ମଙ୍ଗଳ ହେବ ତ ? ମନ୍ଦାର ଆଉ ପାଟି ବୁଜି ରହିପାରିଲା ନାହିଁ, ମାନ-ଅଭିମାନ ଝାଡ଼ି ଫିଙ୍ଗି ଦେଇ କହିଲା—

"ଟିକିଏ ଉଠିଲ—ମୁଁ ପହଁର, ପାଣି ଛୁଆଁଇଦିଏଁ—"

ଦିବାକର ନିଜକୁ ସ୍ତ୍ରୀର ଏ'ଭଳି ଅଭିମାନର ହେତୁଭୂତ ମନେକରି, ସେହି ଅଭିମାନର ଗୁରୁତ୍ୱ କିଞ୍ଚିତ୍ ଲଘବ କରି ପାରିବ, ଏହି ଉଦ୍ଦେଶ୍ୟରେ ଯା' ତା' କରି ଆସନଠା ପାରି ଦେଇ, ବସି ପଡ଼ିଥିଲା । ବର୍ତ୍ତମାନ ମନ୍ଦାର ଫେରିଅସି ନରମ କଣ୍ଠରେ ତ୍ରୁଟି ଦର୍ଶାଇ ଉଠିବାକୁ କହିବାରୁ, ସେ ମହା ଖୁସିରେ ଉଠିପଡ଼ିଲା ଏବଂ ଭାବୋନ୍ମାଦନାରେ କହିଲା—

"ମୁଁ ଛୁଇଁ ଦେଉଚି—ତୁମେ ଯାଅ, ଭାତ ବାଢ଼ ତ..."

ଏହିଭଳି କାର୍ଯ୍ୟ ଦ୍ୱାରା ପତ୍ନୀର ଭୂମିକାରେ ଆହୁରି ଅଧିକ ଅଂଶ ଗ୍ରହଣ କରିବ, ପତ୍ନୀର ଏକାନ୍ତ ସନ୍ତୋଷଭାଜନ ହେବ, ତଥା ଉଭୟଙ୍କର ଦାମ୍ପତ୍ୟ-ଭାବରେ କୌଣସି ଅଭାବ ଢିଟି ନାହିଁ ପ୍ରମାଣ କରିବ—ଏହି ଖିଆଲର ବଶବର୍ତ୍ତୀ ହୋଇ ଦିବାକର ସେପରି

Digitized by PPRACHIN, SOA

ଢହୃଥିଲ, ସନ୍ଦେହ ନାହିଁ; କିନ୍ତୁ ଏହି ଅବାମୃଷ୍ୟକାରିତାର ଫଳ ହେଲା ଓଲଟା ।

"ମୁଁ ମଲେ, କରିବ"

ବୋଲି, ମନ୍ଦାର ଅର୍ଦ୍ଧୋ ଅଶ୍ରୁ ସମ୍ବରଣ କରି ପାରିଲା ନାହିଁ । ସେଇଥିରେ ତନ୍ତ୍ର ବୁଢ଼ ଯଥା-କାର୍ଯ୍ୟ ଭୁଲାଇବାକୁ ଲାଗିଲା ।

ଦିବାକର ତ ଅବାକ୍ !!

କିନ୍ତୁ ପରମୁହୂର୍ତ୍ତରେ ଭାବି ଦେଖିଲା, ତାର ଅବାକ୍ ହେବାର କୌଣସି କାରଣ ନାହିଁ ।···ସେହି ବ୍ୟାଣ୍ଡେଜ-ବନ୍ଧା ଦିନଠାରୁ ଆଜି ମଧ୍ୟରେ ଦୃଶ୍ୟତଃ ବେଶୀ କିଛି ବୈଶିଷ୍ଟ୍ୟ ଘଟି ନ ଥିଲେ ମଧ୍ୟ ଅଦୃଶ୍ୟତଃ ବେଶ୍ କିଛି ଘଟି ଯାଇଛି । ଯେତେବେଳେ ମନ୍ଦାର ବ୍ୟାଣ୍ଡେଜ୍‌ଟି ବଦଳାଇବାକୁ ଯାଇ, ତାହା କାଢ଼ି ପଦାକୁ ଫିଙ୍ଗି ଦେଲା, ସେତେବେଳେ ପାଣୁଆ-ମା ତାହା ଖପ୍‌କରି ଗୋଟାଇ ନେଲା, ନିଆଁ-ହୁରୁ-ହୁରୁ ଚୁଲ୍ଲିରେ ଜାଳି ଦେଲା, ସେ ଜାଣିଛି— ନିଜର ମୋହମୁକ୍ତପରେ କାଳିଆ-କନା (ବ୍ୟାଣ୍ଡେଜ୍ ଉପରେ ନଜର ପଡ଼ିବାରୁ) ଗୋଟିଏ ଅନ୍ଧବିଶ୍ୱାସୀ ନାରୀର ଅପକୀର୍ତ୍ତି, ଜଣେ ପ୍ରଗତିଶୀଳା ଅଲୋକଦର୍ଶିନୀର କୃତୀର ଅବମାନନା କରିବ, ଏହାହିଁ ହୋଇଥିଲା ତାର କ୍ରୋଧର କାରଣ ।—ଯେଉଁ ଦିବାକର ମାତାଲ ହେଲେ ମଧ୍ୟ, ସ୍ତ୍ରୀ ଜାତିକୁ ସଦାବେଳେ ସମ୍ମାନ ଦେଇ ଆସିଛି, ସେ ଏହା ସହ୍ୟ କରିବ ? ତେଣୁ ସେ ନୀରବ ପ୍ରତିବାଦ ସ୍ୱରୂପ ସ୍ୱ-ସ୍ତ୍ରୀର ବ୍ୟାଣ୍ଡେଜକୁ କାଢ଼ି ସେଦିନ ଫିଙ୍ଗି ଦେଇଥିଲା !!—ବର୍ତ୍ତମାନ ସେହି ଦୃଷ୍ଟିରୁ ଅଶିକ୍ଷିତା ବା କୁସଂସ୍କାରଗ୍ରସ୍ତା ଜାଣି ସୁଦ୍ଧା ଯେଉଁ ସ୍ତ୍ରୀକୁ ସେ ଧର୍ମପତ୍ନୀର ଆସନ ଦେଇ ଆସିଛି ଏ'ଯାଏଁ, ତାହା ପ୍ରତି ଔଦାସିନ୍ୟପ୍ରଦର୍ଶନ, ଏହା କି ମାର୍ଜନୀୟ ?···କଦାପି ନୁହେଁ ।

Digitized by PPRACHIN, SOA

···ଆଜି ଯଦି ମନ୍ଦାର ଅକଥ୍ୟ କିଛି କହିଥାଏ ତା'ର ସ୍ୱାମୀକୁ ଓ ଅନ୍ତରର ଜମାଟ୍ କୋହକୁ ଅଶ୍ରୁ-ବିଗଳିତ ଧାରାରେ ବୁହାଇ ଧରା ଦିଅନ୍ତାଇ ଥାଏ, ତେବେ ତାହା ସ୍ୱାମୀର ଔଦାସିନ୍ୟ ଛଡ଼ା ଅନ୍ୟ କିଛି ନୁହେଁ, ଏହାହିଁ ବୁଝାଯିବ । ସୁତରାଂ, ସେ ଲମ୍ପଟ ନ ହୋଇ ଯେ ଲମ୍ପଟର ଆଚରଣ କରି ଚାଲିଛି, ଏହା ମର୍ମେ ମର୍ମେ ଉପଲବ୍ଧି କଲା—ସୌନ୍ଦର୍ଯ୍ୟର ଲାଳସା, ସ୍ୱାଭାବିକ ଧର୍ମ—ନିଜର ସ୍ତ୍ରୀ ବୟସ ଯୋଗୁଁ ହେଉ କି, ନୈସର୍ଗିକ କାର୍ପଣ୍ୟ ଯୋଗୁଁ ହେଉ, ସେଥିରୁ ସେ ବଞ୍ଚିତ । ଅପରର ସ୍ତ୍ରୀ ଉଭୟ ବୟସ ଓ ନୈସର୍ଗିକ ଐଶ୍ୱର୍ଯ୍ୟରେ ସମନ୍ୱିତା, ଲାବଣ୍ୟମୟୀ··· ବିଷମ ତାରତମ୍ୟ । ଅବଚେତନ ମାନସରେ ଥିଲା ଏହି ବୋଧ । ସେଥିପାଇଁ ସେ ଠେଲିଥିଲା ସୁନ୍ଦରୀ ପ୍ରତି । ଏହି ସୂକ୍ଷ୍ମ ବିଚାର ସେ ଗ୍ରହଣ କରି ପାରିଲା ନାହିଁ । ସାମାଜିକତାର ସ୍ଥୂଳ ବୋଧ ତା' ଚେତନ ମନରେ ପ୍ରବଳ ହୋଇ ଉଠିଲା, ସେ ଆତ୍ମ-ସମର୍ଥନ କରି ପାରିଲା ନାହିଁ, ବରଂ ନିଜକୁ ଦୋଷୀ ସାବ୍ୟସ୍ତ କଲା । ସୁତରାଂ ସେ ଗର୍ହିତ ଅପରାଧ କରିଛି, ଏହି ଅନୁତାପରେ ଦଗ୍ଧ ହେବାକୁ ଲାଗିଲା—ସ୍ତ୍ରୀର ସଦା ଦିନିଆ ନିର୍ଦ୍ଦେଶ ବା ଅନୁରୋଧକୁ ଅପେକ୍ଷା ନ ରଖି, ଆସନରେ ବସି ପଡ଼ିଲା ।

ମନ୍ଦାର ଭାତଥାଳି ଓ ପାଣି ଗିଲାସେ ଆଣି ସେତେବେଳକୁ ଥୋଇ ଦେଇଥିଲା, ମାତ୍ର ଆଡ଼େଇବା ପାଇଁ ବିଚଣ୍ଠାଏ ହଲଉ ଥିଲା ।

ଉଭୟ ପକ୍ଷରେ ଦାମ୍ପତ୍ୟ-ଧର୍ମାଚରଣର କୌଣସି ତ୍ରୁଟି ନ ଥିଲା । ତା'ସତ୍ତ୍ୱେ ବି ଦିବାକର ଥରେ ଥରେ ମନ୍ଦାର ଆଡ଼େ କଣେଇ କଣେଇ ଅନାଉଥିଲା—ରକ୍ତ ମାଂସର ବିଭବ, ତା'

Digitized by PPRACHIN, SOA

ନାହିଁ ? ଦିବାକରର ଏହି ବୁଭୁକ୍ଷା ରିକ୍ତ-ଯୌବନା ମନ୍ଦାର ଅଦୌ ଖିଆଲ୍ କରି ପାରୁ ନଥିଲା, ଯେହେତୁ ତା'ର ଧରଣୀ-ଦୃଷ୍ଟି ସମ୍ପୂର୍ଣ୍ଣ ନିବଦ୍ଧ ଥିଲା ସ୍ୱାମୀର ଉଦର-କ୍ଷୁଧା ମେଣ୍ଟିବ ଯେଉଁଥିରେ, ସେହି ଭୋଜନ-ଥାଳି ପ୍ରତି ।... ଦିବାକର ଶେଷକୁ ଖାଣ୍ଟି ଘିଅର ସ୍ୱାଦ ଡାଲିଦାରେ ମେଣ୍ଟାଇବାକୁ କହିଲା—

"ଆଃ, ଡାଲିଟା ଯା' ହୋଇଚି ।—ଏମିତିକା ସ୍ୱାଦିଆ ରାନ୍ଧଣା କେହି ରାନ୍ଧିବ ନାହିଁ ପରା !"

ମନ୍ଦାର ତତ୍‌କ୍ଷଣାତ୍ ଉଠିଗଲା ଏବଂ ନିଜପାଇଁ କିଛି ନ ରଖି ସବୁତକ ଡାଲି ଆଣି ଅଜାଡ଼ିଦେଲା ଡାଲି-ଗାଟିଆରେ ।

× × × × ×

ଦିବାକର ଖାଇବା ପରେ, ଘରେ କିଛିତ୍ ବିଶ୍ରାମ କରିଥାଏ; କିନ୍ତୁ ଆଜି କହିଲା—

"ଭାରି ଖରା...ଟିକିଏ ଗଡ଼ପଡ଼ ହେବି—"

"ଭଲ କଥା—"

ବୋଲି, ମନ୍ଦାର ଭଲକରି ପଲଙ୍କ ଝାଡ଼ିଦେଲା, ଭଲ ଶେଯ-ଚଦରଟିଏ ପାରିଦେଲା, ତକିଆଟିକୁ ମୋଲାଏମ୍ କରି ଥୋଇଲା ।

ଦିବାକର ଗାତ୍ର ପ୍ରସାରିତ କରି, ତକିଆରେ ଡେସ ଦେଇ, ଆପଣାକୁ ଶାନ୍ତ୍ୱିତ କଲା, ତା'ପର ମନ୍ଦାରକୁ ଅନାଇ, ମନ୍ଦ ମନ୍ଦ ହସି, କହିଲା—

"ପାନ କାହିଁ ମ—?"

ମନ୍ଦାର ପାନ-ଭର୍ତ୍ତି ପାନ-ଡବାଟା ଆଣି ହାତ ପାଖରେ ଥୋଇଦେଲା ।

Digitized by PPRACHIN, SOA

"ମ—"

ବୋଲି, ଦବାକର ପାଟି ହାଁ କଲା···ମଦାର ତା'ର ମର୍ମ ବୁଝିଲା । ହେଲେ ସେ-ବୟସ କାହିଁ ? ରୋମାଞ୍ଚ-ରହସ୍ୟର ଆକର୍ଷଣ ଆସିବ କାହୁଁ ? ତଥାପି ଏ-ବୟସର ବାସ୍ତବ-ଜୀବନ-ବୋଧକୁ (ସଂସ୍କାର-ବୋଧକୁ) ଅତିକ୍ରମ କରି, ଯେତିକି ପାରିଲା, ସେଥିରେ ପାନବଟାର ଡାଙ୍କୁଣିଟା ମେଲେଇ ଦେଇ, ମେଲାଣି ନେଇ ଚାଲିଗଲା, କହି—

"ବେଳ କୁଉଠି ହେଲାଣି—ଠାକୁର ପୂଜା ସାରିବ, ପାଣ୍ଡୁଆ-ମାଲ୍କୁ ଭାତ ଦେବ···"

ଗଜଗମନା ଗଜ-ଦେହ ଦୋହଲାଇ ଚାଲିଗଲା— ହେଲେ, ଦବାକର ଚନ୍ଦ୍ରାଚ୍ଛନ୍ନ ନୟନରେ ଦେଖିବାକୁ ଲାଗିଲା—

ତରୁଣବୟସୀ ତନ୍ୱୀଟିଏ, ରୂପରେ ଅଗ୍ନି-ସମ୍ଭବା, ଆକାଶର ଛାୟା-ବଥି ଉଦ୍ଭାସିତ କରି, ତାହାର ପ୍ରତି ସ୍ଥିର-ଦୃଷ୍ଟି ଥାଇ, ଲଘୁ-ପଦ-କ୍ଷେପରେ ଓହ୍ଲାଇ ଆସୁଛି ।

———

Digitized by PPRACHIN, SOA

ଆଠ

"ଦିବାକର ବାବୁ ଘରେ ଅଛନ୍ତି ?"—

ବାହାରର ଏହି ଡାକଟି ଦିବାକରର କର୍ଣ୍ଣକୁହରରେ ପ୍ରବେଶ କଲା ନାହିଁ ।

"ଦିବାକର ବାବୁ..."

ପୁଣି ଥରେ ଏହିପରି ଅଧା-ଡାକ ଡାକି, ସଦରର ଆଉଜା-କବାଟ ଠେଲି ଜୟନାରାୟଣ ସିଧା ସିଧା ପଶିଆସିଲା ।

ମନ୍ଦାର ପ୍ରଥମ ଡାକ ଶୁଣି ଠାକୁରଘରୁ ବାହାରି ଆସିଥିଲା—ଧାଇଁ ଯାଇ, ସ୍ୱାମୀଙ୍କୁ ଚେତାଇ ଦେବ ଭାବିଥିଲା—କିନ୍ତୁ ଆଗନ୍ତୁକକୁ ଦେଖି, ରହିଗଲା ।—ଆଗନ୍ତୁକ ମଧ୍ୟ ନିଜର ଭୁଲବୁଝିପାରି, ଜଡ଼ିତ ପାଦକ୍ଷେପରେ ସଦରକୁ ଲେଉଟିଗଲା । ତଥାପି ମନ୍ଦାର ଠିଆହୋଇ ରହିଲା—ବିଲକୁଲ ଜଡ଼ ପାଲଟିଗଲା । ମନ୍ଦାର ଜୟନାରାୟଣକୁ ଚିହ୍ନେନା, ସେଥିପାଇଁ ଚିହ୍ନିପାରିଲା ନାହିଁ—ସେଦିନ ରାତିରେ ଅବଶ୍ୟ ଏହିପରି ଡାକିବାର ଶୁଣିଥିଲା; କିନ୍ତୁ କଣ୍ଠ ବାରିପାରିଲା

Digitized by PPRACHIN, SOA

ନାହିଁ । ···ତାହା ହେଲେ, ଇଏତ୍ ଜଣେ ପର-ପୁରୁଷ ତ ! ପୁଣି, ଅଜ ଶୋଇଲା ଘରେ ଯେଉଁ ରହସ୍ୟ ଘଟିଛି, କି ସରମ କଥାଲୋ, ମା !··· ସ୍ୱାମୀ କଣ୍ଠ ଛୋକାଛୋକିଲଅ ନୁହନ୍ତି, ସେ ବି ଦରବୁଢ଼ାଟାଏ··· ପାଣୁଅ-ମାଟା ଯଦି ଦେଖିଥିବ ଏ କଥା, ତେବେ ତୁଣ୍ଡବାଇଦ ବାଜିଲା ଜାଣ···ଛୋକା ବୁଢ଼ୀ ସଭିଏଁ ପରା ଅଜ ରୁଣ୍ଡ ହୋଇଯିବେ ଉକାଉକି ହୋଇ, ଗୁଣ୍ଡିଚ୍-ପୋଖରୀ ତୁଠ ଠେଇଁ—କେହି ପାଟି ଫିଟେଇ ନଥିବେ, ହେଲେ ସଭିଙ୍କ ପେଟ ଭିତରେ କଥାଟା ଝିଙ୍କମକ ଫୁଟୁଥିବ, ହେଲେ ସାଧି ବଳବଳୀଟା କ'ଣ ଥୟ ହୋଇ ରହିବ, ହାଣ୍ଡି ଫଟେଇ ଦେବ—ସାଥି ସାଥି ଅଣ୍ଟ ବୁଢ଼ୀଟା ସୂନ ଧାଇଯିବ, ଟେଟେଲେଇ କରି କହିବ—

"କ'ଣ କହୁଚୁଲୋ ନାତୁଣୀ ? ···ଦିବାକର ଭାରିଜା ?··· ଦରବୁଢ଼ୀଟା ?···ପେଟରେ ପେଟରେ ଏତେ ଛଥା ?···ଦିନ ଦିପହର-ଟାରେ ସୁଆମୀ-ସୁଆଗ ?···"

ଅଉ ସମସ୍ତେ ସେଇକଥାକୁ କୁରୁକୁରୁ ହସି, କି ଯେ ସୁଖ ପାଉଥିବେ !···

ଏତିକିବେଳେ ମୁଁ ଯଦି ପହଁଚ ଯିବି, ତେବେ ସମସ୍ତେ ଠରା ଠରି ହୋଇ ତୁନି ପଡ଼ିବେ, ହେଲେ, ଅଣ୍ଟ ବୁଢ଼ୀଟା ଇଙ୍ଗିତ କରିବାକୁ ଛାଡ଼ିବ ନାହିଁ, ଗାଅଣୀ କଣ୍ଠରେ ପଦ ବସେଇବ—

"ପୀରତି କି ଜାଣେ ଦିନ ରାତି···"

ବଳବଳି ସାଧିଟା ବି ପଦ ମିଶାଇବାକୁ ଛାଡ଼ିବ ନାହିଁ, ବେସୁରା କଣ୍ଠରେ ସୁର ମିଶାଇ କହିବ—

"ଜରତାକୁ ଡରେ ସେ ଯୁବତୀ—"

Digitized by PPRACHIN, SOA

ଆଉ ସଭିଏଁ ଏଥର ଉଚ୍ଛୁଳା ହସରେ ପରି ଚହଲି ଗଡ଼ି ପଡ଼ିବେ ବନ୍ଧ ତଳକୁ…

ଓଃ ! ସେତେବେଳେ ମୋ'ର କି ଦଶା ହେବ !…ନା ଘରକୁ ଲେଉଟିବି, ନା ପୋଖରୀ ତଳ ଖୋଜିବି !

ଏହିଭଳି ଅମ୍ଳ-ସୁଲଭ ଚିନ୍ତା-ଜଡ଼ତାରେ ମନ୍ଦାର ଅନ୍ତର ଜଡ଼ୀଭୂତ ହୋଇଗଲା ।।

ଜୟନାରାୟଣ ସଦର-ଘରେ ଅପେକ୍ଷା କରି ରହିଥିଲା । ଜୟନାରାୟଣର ଗୃହ ଅବରୋଧ-ମୁକ୍ତ, ସେଇ ପ୍ରଥାରେ ସେ ଅଭ୍ୟସ୍ତ; ସୁତରାଂ ସେ ଡାକୁ ଡାକୁ ପଶି ଆସିଥିଲା । କିନ୍ତୁ ସେହି ପ୍ରଥମ ଦିନର ଅଭିଜ୍ଞତା ଯେ ଏ ଗୃହ ଅନ୍ତରକ୍ତ ପର୍ଦ୍ଦାନସୀନ, ଏହି ଖିଆଲ ହେବା ମାତ୍ରେ, ସେ ଫେରି ଯାଇଥିଲା । ସେ ଆଶା କରିଥିଲା ଯେ, ଅନ୍ତଃପୁର-ବାସିନୀ ତା'ର ସ୍ୱାମୀକୁ ତା'ର ଆଗମନବାର୍ତ୍ତା ନିଶ୍ଚୟ ଜଣାଇ ଦେବ । ବିଳମ୍ବ ଘଟିବାର କାରଣ ବୁଝି ନ ପାରି, ସେ କି ଉପାୟରେ ସ୍ମାରକ-ସୂଚକ ଯୋଗାଯୋଗ ସ୍ଥାପନ କରିବ ଅବଗୁଣ୍ଠନବତୀ ସଙ୍ଗେ ସମ୍ଭ୍ରମେ, ସେଥିପାଇଁ ସେ କୃତ୍ରିମ କାଶର ଆଶ୍ରୟ ନେଲା ।

ଫଳରେ ମନ୍ଦାରର ଜଡ଼ତା ଅନେକ ଭାଙ୍ଗିଗଲା, ସେ ଚର୍କିଚେଇ ପଶିଗଲା ଦିବାକରର ଶୋଇଲା ଘରେ, ଏବଂ ଧଡ଼୍କିନା କବାଟ ଆଉଜାଇ ଦେଲା ।

ଏହି ଶବ୍ଦରେ ଦିବାକରର ମୋହ-ନିଦ୍ରା ତୁଟିଗଲା ଏବଂ ସ୍ତ୍ରୀର ଏଭଳି ଭୟବିହ୍ୱଳିତ ଆଚରଣରୁ ସେ ଆଁଚ କରି ନେଲା ଯେ, ଘରେ କେହିରର ଉପଦ୍ରବ !…ତତ୍‌କ୍ଷଣାତ୍ ବେପରୁଆ ଦିବାକର ବନ୍ଧୁକଟା ଟାଣି ନେଇ, ନଳି ଉଞ୍ଚାଇ, ସଦର ଘରେ ହାଜର ।

Digitized by PPRACHIN, SOA

ଜୟନାରାୟଣ ଏ'ଠାକୁ ଆସିବା ପୂର୍ବରୁ ଦିବାକରକୁ ମଠର-ଛାରଖାନାରେ ଖୋଜିଥିଲା । ସେଠାରେ ନିର୍ଭୁଲ ସମ୍ବାଦ ପାଇଥିଲା ଯେ, ସେ ବର୍ତ୍ତମାନ ଘରେ । ତାହା ଯେ ଭୁଲ, ନିତାନ୍ତ ଭୁଲ, ଏହି ସଙ୍କେତ ହିଁ ବାଢ଼ିଲା, ଗୃହସ୍ୱାମୀର ଏଭଳି ବ୍ୟବହାର । ତାକୁ ଗୃହସ୍ୱାମୀର ତୁଷ୍ଟି ଭାବରୁ ସେହି ସୂଚନା ଘେନି ଆଗରୁ ଚାଲିଯିବା ଉଚିତ ଥିଲା । ସୁତରାଂ ସେ ଅପ୍ରତିଭ ହେବା ଦୂରେ ଥାଉ, ବରଂ ନିଜର ମୂଢ଼ତାକୁ ତିରସ୍କାର କରୁ କରୁ ଦ୍ରୁତ ପଦକ୍ଷେପରେ ନିଷ୍କ୍ରାନ୍ତ ହୋଇ ଯାଇଥିଲା ।

ଏ'ପାଖ ସେ ପାଖ ଚାହିଁ, ଦିବାକର ସଦର ଘରେ, ବା ଦ୍ୱାର ବାହାରେ କାହାରିକୁ ଦେଖିଲା ନାହିଁ ।

ମନ୍ଦାରର କୌଣସି ଛାୟା-ପ୍ରେତ ଭୟ ଯେ ତା'ର ସୁଖର ସ୍ୱପ୍ନରେ ଏଭଳି ବ୍ୟାଘାତ ଘଟାଇଲା, ଏହି କଥା ବିଚାରି, ସେ କ୍ଷୁବ୍ଧ ମନରେ ନଳିଚା ତଳ ମୁହାଁ କରି, ଲେଉଟିଲା ।

ଚଉକାଠ ଡେଇଁବ, ଏତିକିବେଳେ ଫ୍ୟାସନେବଲ୍ କାର୍ଡ଼ଟିଏ ଦ୍ୱାର ବନ୍ଧର ଭିତରେ ପଡ଼ି ଥିବାର ଲକ୍ଷ୍ୟ କଲା ।··· ତୁରନ୍ତ ଉଠାଇ ନେଇ ତାହା ପାଠ କଲା ।···ଅତି ସୁନ୍ଦର ହରଫରେ କୌଣସି ସ୍ତ୍ରୀର ହାତରେ ବା ସେହି ଢଙ୍ଗରେ ଲେଖା—

"ଦିବାକର ବାବୁ, ଅଜି ସନ୍ଧ୍ୟା ୭ଟାରେ ଗରିବ କୁଟୀରରେ ପଦାର୍ପଣ କରି, ଗରିବ ଦମ୍ପତିକୁ ଅତିଥିସେବାରେ ଅପ୍ୟାୟିତ କରିବେ ।

ବିନୀତ
'ଜଃ ସୁଃ'

'ଜଃ, ସୁଃ' ଏହି ଦୁଇଟି ଅକ୍ଷର ଯେ ଜୟନାରାୟଣ ଓ ସୁନନ୍ଦା ଏହି ଦୁଇଟି ନାମର ଆଦ୍ୟ ବର୍ଣ୍ଣ, ଏହା ଦିବାକରକୁ ବୁଝିବାକୁ ଆଦୌ ସମୟ ଲାଗିଲା ନାହିଁ ।––

Digitized by PPRACHIN, SOA

ସୁଦର୍ଶ୍ନା-ଚିନ୍ତାରେ ସେ ଆଜି ମଜ୍‌ଗୁଲ୍—'ସୁଃ'କୁ ସମ୍ବଳ କରି, ଏକମାତ୍ର ସେହି ନାମକୁ ଯେ ସେ ଆବିଷ୍କାର୍ କରିବ, ସେଥିରେ ଅଉ ସନ୍ଦେହ କ'ଣ ? 'ଜଃ' ଏହି ଅକ୍ଷରଟି ଯୁକ୍ତ ଥିବାରୁ ଯୁକ୍ତିର ମଧ୍ୟ ଅବକାଶ ରହୁନି ନାହିଁ । ହେଲେ, 'ଜଃ'ଟା ନ ଥାଇ, ଖାଲି 'ସୁଃ'ଟା ଯଦି ସ୍ୱାକ୍ଷର-ସ୍ଥଳରେ ଥାନ୍ତା ।...

ଆଃ ।—'ଜଃ' ଟା କିଛି ନୁହେଁ, 'ଦିଃ' (ଦିବାକର) ଓ 'ସୁଃ' ମଧ୍ୟରେ ଗୋଟାଏ ଯୋଗ-ସୂତ୍ର । ଗାଡ଼ୀର ଦୁଇଟି ଚକକୁ ଯୋଗ କରିଥାଏ ଅକ୍ଷ-ଦଣ୍ଡ । ସେ ଜଣେ ମେକାନିକ୍— ଏତିକି ବୁଝିବାକୁ ଅକ୍ଷମ ।...

ଏହିପରି ଚିନ୍ତାର ସ୍ରୋତରେ ଭାସି, ସେ 'ସୁଦର୍ଶ୍ନା—ସୁଦର୍ଶ୍ନା' ବୋଲି, ସେହି କାର୍ଡ଼ଟିକୁ ଚୁମ୍ବନ କରିବାକୁ ଉଦ୍ୟତ, ଏହି ସମୟରେ

"ଶୁଣୁଚ"

ବୋଲି, ବାଧା ଉପୁଜାଇଲା ମନ୍ଦାର ।

× × × ×

ଦିବାକର ଯେତେବେଳେ ବନ୍ଧୁକ ଉଁଚାଇ ସଦରକୁ ଧାଇଁଯାଏ, ଠିକ୍ ସେତିକିବେଳେ ଅନ୍ୟ ବାଡ଼ିଦ୍ୱାର ଦେଇ ଉଚ୍ଛନ୍ନ ହୋଇ ଆସେ ଓ କାନ୍ଦି କାନ୍ଦି ମନ୍ଦାର ଗୋଡ଼ତଳେ ଲୋଟି ଯାଏ । ଅନ୍ୟ ଭାଗ୍ୟ ହୀନ କପାଳୀ, ଘରତା-ସୁଖ ସେ ଜାଣେ ନା । ଖଟି ଖଟି ମରେ । ତେବେ ବି ଶାଶୂ ଖୁସୀ ହୁଏ ନା । ପୁଅ ଆସିଲେ ବୋହୂ ନାଁରେ ନାନା ଖିଚ ମିଛ କରି କୁହେ । ଏବେ ତ ପୁଅ ମଦ ଖାଏ, ରଣ୍ଡିବାଡ଼ୀରେ ପଡ଼ିଥାଏ, ବୋହୂକୁ ଦି'ଆଖିରେ ଦେଖି ପାରେ ନା; ଦ୍ୱିତୀୟରେ ଏହିପରି ଅଭିଯୋଗ, ତାକୁ ମଉକା ମିଳିଯାଏ, ବେଶ୍ ଉତ୍ତମ ମଧ୍ୟମ କରି ଚଢ଼ାଏ । ଏହି ଅନ୍ୟ ପାଟିବୁଜା ସବୁକଥା ସହି ରହେ ବୋଲି, ମନ୍ଦାରର ତା' ପ୍ରତି ଭାରି ଦରଦ, ସହାନୁଭୂତି ।

Digitized by PPRACHIN, SOA

ଆଜି ସେହି କଥା ଅମର ସହ୍ୟ ସୀମାକୁ ବଳିଯାଇଛି, ସେଥିପାଇଁ ସେ କାନ୍ଧ କାଟି ଉଚ୍ଛନ୍ନ ହୋଇ ମନ୍ଦାର ଗୋଡ଼ତଳେ ଲୋଟିଛି ।

ଅମର ଗେରସ୍ତ ଅନାମ । ଦିବାକରର କାରଖାନାରେ କାମ କରେ । ମନ୍ଦାର କେତେଥର ତା' ନାଁରେ କହିଥିବ । ହେଲେ, ବୃଥା । ଭଲ ମିସ୍ତ୍ରୀ ବୋଲି ଦିବାକର କେବଳ 'ହୁଁ' ଦ୍ୱାରା ଅଭିଯୋଗର ଫଇସଲ କରିଥାଏ । କିନ୍ତୁ ଆଜି ମନ୍ଦାର ଅତ୍ୟାଗ୍ରହର ସ୍ୱାକ୍ଷର ସାକ୍ଷାତରେ ଦେଖି ସହିପାରିଲା ନାହିଁ, ମୁହୂର୍ତ୍ତେ ବି ଅପେକ୍ଷା କରି ପାରିଲା ନାହିଁ ସ୍ୱାମୀ ଘର ଭିତରକୁ ଲେଉଟିବା ଯାକେ, ଭିଡ଼ିନେଲା ଅମକୁ, ଦଉଡ଼ି ଗଲା ଦାଣ୍ଡ ଘରକୁ—ମୁନିବ ସ୍ୱାମୀ ନିକଟରେ ସେହି ଅଭିଯୋଗ କରିବାକୁ ।

ହେଲେ, 'ଶୁଣୁଚ' ବୋଲି ମନ୍ଦାର ଯେତେବେଳେ ଡାକିଲା, ସେତେବେଳେ ଦିବାକର 'ବିବେକ' ଡାକିଲା, ଏହିପରି ଭାବରେ ବାଧାପାଇ ନିରସ୍ତ ହେଲା । କେବଳ ସେତିକି ନୁହେଁ, କାର୍ଡ଼ଟିକୁ ମୁଠାଇ ମକ୍‌ଚିବାକୁ ଲାଗିଲା । ତା'ପରେ,

"କ'ଣ ?"

ବୋଲି, ମନ୍ଦାର ଆଡ଼େ ଉତ୍ସୁକ ନୟନରେ ଚକାଇ ରହିଲା ।

ମନ୍ଦାର, ଅମକୁ ଦେଖାଇ, ସିଧା ସିଧା କହିଲା—

"ଅମର ଗେରସ୍ତ କରିଛି କ'ଣ, ଆଖିରେ ଦେଖ ।"

"ଅନାମ ?"

"ହଁ, ତୁମର ଅନାମ !"

"ଆଚ୍ଛା."

ବୋଲି, ଦିବାକର ବନ୍ଧୁକଟା ମନ୍ଦାର ହାତରେ ଝିକିଦେଇ, ଦାଣ୍ଡଘରେ ଥିବା ଚଟି ଯୋଡ଼ାକ ମଡ଼ାଇ, ଏକକାନିଆ ହୋଇ ସାଥି ସାଥି ବାହାରିଗଲା ।

ଦୁହେଁ ମନ୍ଦାର ଓ ଅମ ପରସ୍ପରର ମୁହଁକୁ ଚାହିଁ, ଅବାକ୍ ।

Digitized by PPRACHIN, SOA

ନଅ

ଦିବାକର ଯେଉଁଭଳି ଦାପଟରେ ଚାଲିଗଲା, ମଦାର ସେହିଭଳି ମୁହ୍ୟମାନ ହୋଇ ପଡ଼ିଲା ।

ମଦାର ଅନାର ପ୍ରସଙ୍ଗ ନେଇ ଯେତେଥର ଗୁହାରି କରୁଛି, ସେତେଥର ତା'ର ଉତ୍ତର ପାଉଛି କେବଳ—'ହୁଁ' ।

ଅଜାର 'ଅଚ୍ଛା' ଯେ ପଶ୍ଚିମୀୟ ବ୍ୟବହାର ଗୋଟାଏ ସ୍ପଷ୍ଟ ନିଦର୍ଶନ, ଏହା ସେ ବୁଝି ପାରିଲା । ସେଥିପାଇଁ ତା'ର ଦୁଃଖର ଅନ୍ତ ରହିଲା ନାହିଁ । ସ୍ୱାମୀର ପ୍ରକୃତ ତାକୁ ଉତ୍ତମ ରୂପେ ଜଣା । ସହଜେ ଗଣ୍ଠି ଧରେ ନାହିଁ, ଯଦି ଧରେ, ତେବେ ତାହାର ପରିଣତି ଶେଷ ସୀମାରେ ଉପନୀତ ହେବାକୁ ଛାଡ଼େ ନାହିଁ । ସୁତରାଂ ଯଦି ଅନାମକୁ ମାରଧର କରନ୍ତି, ତେବେ ତ ତା'ର ଓଲଟି ପାହାର ପଡ଼ିବ ଅନାର ପିଠିରେ, ଆଉ ଯଦି ଗୃହିଣୀରୁ ବରଖାସ୍ତ କରି ଦିଅନ୍ତି, ତେବେ ତ ପାହାର ପଡ଼ିବ ସମସ୍ତ ପରିବାରଟିର ଘେଣ୍ଠରେ ।

ତାହାହେଲେ ?

Digitized by PPRACHIN, SOA

ଅନ୍ୟ ସମୟରେ ଯେ ଏହିସବୁ ପରିଣାମକୁ ଖିଆଲ କରି, ସେ ସ୍ୱାମୀର 'ହୁଁ' ପଦକରେ ସନ୍ତୁଷ୍ଟ ହୋଇଛି, କିମ୍ବା ବେଶୀ ବଳାଇ ନାହିଁ, ତାହା ନୁହେଁ ।

ମନ୍ଦାରର ସ୍ୱଭାବ ଠିକ ଅନ୍ୟ ପରି । ଅନ୍ୟାୟ, ଅତ୍ୟାଚାର ସହିଯିବା, ବନ୍ଧୁଙ୍କରେ ଠିଆହେବା ନୁହେଁ । ପ୍ରତିକାର ବା ପ୍ରତିବିଧାନର ଏକମାତ୍ର ଉପାୟ ସେ ଜାଣେ—ମନ୍ତ୍ର-ଯନ୍ତ୍ରବଳ, ଦାଈ-ଦେବତାଙ୍କ ଆରାଧନା, ଆଉ କୁଳର ଯଥା ଆଚାର ଧର୍ମମାନ ଚାଲିବା । ତେଣୁ, ନିଜପ୍ରତି କୌଣସି ଅନ୍ୟାୟର ସେ କେବେ ହେଲେ ପ୍ରତିବାଦ କରି ନାହିଁ, ମଥା ପାତି ଗ୍ରହଣ କରିଛି । କେବଳ ତା'ର ଦରଦୀ ପ୍ରାଣ ଅପରର ଦରଦ ପ୍ରକାଶ କରିବାକୁ ଯାଇ, ଯେତିକି ଅଭିଯୋଗ କରିଛି, ସେତିକି । ସୁତରାଂ ସେହି 'ହୁଁ' ଟିକି ଥିଲା ତା'ପକ୍ଷେ ଯଥେଷ୍ଟ । ହେଲେ, ଆଜି କି ଗୋଟାଏ ଅଶୁଭକ୍ଷଣରେ କିଏ ଜଣେ ଅପରିଚିତ ବ୍ୟକ୍ତିର ଆବିର୍ଭାବ ଓ ଅନ୍ତର୍ଦ୍ଧାନ ଫଳରେ ଯେତେବେଳେ ଉଭୟ ସ୍ତ୍ରୀ ଓ ସ୍ୱାମୀ ଉତ୍ତେଜିତ, ଠିକ୍ ସେହି ସମୟରେ ଅମର ପ୍ରବେଶ ।—ଅମର ସର୍ବାଙ୍ଗରେ ଅତ୍ୟାଚାରର ଜ୍ୱଳନ୍ତ ସ୍ୱାକ୍ଷର ! ତାହା ଦେଖି, ସେ ହୋଇଗଲା ବିହ୍ୱଳ, ଅଧିକ ଉତ୍ତେଜିତ—ଠିକ୍ ନିଆଁରେ ଘିଅ ଢାଳିଲା ଭଳି ଜ୍ୱଳନ୍ତ !! ସେହି ତାଡ଼ନାରେ ସେ ପୁରନାରୀର ଧର୍ମ ବିସର୍ଜନ ଦେଇ, ଅନ୍ଦର ମହଲ ଡେଇଁ ଏକାବେଳକେ ସଦର ଘରେ ହାଜର । ସ୍ୱାମୀଙ୍କୁ ଅଭିଯୋଗ । ସେତେବେଳେ ଅପର ପୁରୁଷ, ଯାହାର ମୁଖ ଦେଖିବା ସତୀ ସାଧ୍ୱୀ ପକ୍ଷେ ମହାପାପ, ଉପସ୍ଥିତ ଥିଲେ ବି ସେ ଗ୍ରାହ୍ୟ କରି ନ ଥା'ନ୍ତା ।···

ବର୍ତ୍ତମାନ ଉପାୟ ?—କିପରି ସ୍ୱାମୀଙ୍କୁ ନିରସ୍ତ କରିବ !··· କୁଳନାରୀ ସେ, କୁଳ ମର୍ଯ୍ୟାଦା ଡେଇଁ, ଗୃହର ନିସୀମା ଡେଇଁବ—

Digitized by PPRACHIN, SOA

ଏ ଯୁ ତା'ର ତ ନାହିଁ । ସୁତରାଂ ସେ ବ୍ୟସ୍ତ ପଦକ୍ଷେପରେ ଫେରିଲା, ଭିତର ଅଗଣାକୁ ଆସିଲା, ଅନ୍ନ ମଧ୍ୟ ଅନୁସରଣ କଲା— କାହାର ମୁହଁରେ ପଦେ କଥା ନାହିଁ, କା ଆଖିରେ ଟୋପେ ଲୁହ ନାହିଁ—ସମ୍ମୁଖରେ ଦୁସ୍ତର ମରୁ ମରୀଚିକା ! ହା, ହୁତାଶ !··· କେତେବେଳକେ ଗୋଟାଏ ଦୀର୍ଘଶ୍ୱାସ ସଙ୍ଗେ, ମନ୍ଦାର କେବଳ ଏତିକି କହିଲା—

"ହେ ମା ବାସୁଳି !"

ତା'ପରେ ଠାକୁରଘରେ ପଶି, ଠାକୁର-ସେବାର ଅସମାପ୍ତ କାର୍ଯ୍ୟ-ସମାଧାରେ ଆତ୍ମ-ନିବେଦନ କଲା ।

ଅନ୍ନ କାଠ ପାଲଟି ଯାଇଥିଲା, କାଠ କୁଣ୍ଢେଇଟି ପରି-ଠାକୁର-ଘର ଦ୍ୱାରବନ୍ଧର ବାହାର ପଟେ ବସିପଡ଼ିଲା ଓ ଠାକୁର ଠାକୁରାଣୀଙ୍କୁ ଉଦ୍ଦେଶ୍ୟ କରି ବନ୍ଧ ଉପରେ ମଥାକୋଡ଼ି ହେଲା ।

× × × ×

ଏଣେ ଦିବାକର ରକ୍ତରଞ୍ଜିତ ଗ୍ରେବାଇଲ ପର ହୋଇ, ବାଟ ଅବାଟ ନ ମାନି ଯେତେବେଳେ କାରଖାନାର ଫାଟକ ପାଖାପାଖି ହେଲା, ସେତେବେଳେ ସେ ଅନାଇ ଦେଲା ଯେ, ଅନାମ ଗୋଟାପଣେ ଝାଳରେ ବୁଡ଼ି, କାଳିରେ ବୋଳି ହୋଇ ଗୋଟାଏ ବାଙ୍ଗାଲୀଙ୍କ ମଟରର ପାଦାନୀରେ ବସି ପେଟ ଚଳେଇଛି, ଆଉ ଗୀତ ଗାଉଛି ।

ଦିବାକରର ପାଦ ଚଳିଲା ନାହିଁ । ସେ ଠିଆହୋଇ ତା'ର ଫୁର୍ସତ୍ ବେଳର ଫୁର୍ତ୍ତିକୁ ନିରୀକ୍ଷଣ କଲା ।

Digitized by PPRACHIN, SOA

ଏ' କ୍ଳାନ୍ତି-ଅପନୋଦନ, ବିଳାସ-ବ୍ୟସନ ନୁହେଁ । ଆଜି ଠିକ୍ କ ପଟର ସେ ସେହି ମଂଚରତଳେ ଶୋଇବ, ଅଣନିଶ୍ୱାସୀ ହୋଇ କର୍ମ-ପ୍ରବୃତ୍ତ ହେବ । ଯେଉଁଭଳି ମେହନତ କାମ, ସେହିଭଳି ଉତ୍ତେଜକ ଛଡା ନିଜକୁ ଉଜ୍ଜୀବିତ କରିବାର ଅନ୍ୟ ଉପାୟ କ'ଣ ?···ନିଜେ ଦିବାକର ବି ଗୀତ ଗାଏ, ମଦ ଖାଏ—କେହିକେହି ଶ୍ରମିକ ଖାଏ ପ୍ରୟୋଜନ ବୋଧରେ, ମୂନିବ ଖାଏ ଶୋଷଣର ଉଲ୍ଲାସରେ । ତେବେ ଅନାମ ବିରୁଦ୍ଧରେ ଗୁରୁତର ଅଭିଯୋଗ— ସେ ବେଶ୍ୟାସକ୍ତ, ସ୍ତ୍ରୀ ପ୍ରତି କରେ ଦୁର୍ବ୍ୟବହାର; କିନ୍ତୁ ଦିବାକର ? ତା'ର ଅପରାଧ ଜଘନ୍ୟତର ! ସେ ଭଦ୍ରବେଶୀ ସଇତାନ—ସେ ଭଦ୍ରନାରୀ ଠାରେ ହୋଇଛି ଆସକ୍ତ ! ସ୍ତ୍ରୀ ସଙ୍ଗେ କରୁଛି କାପଟ୍ୟ !

ଏହି ଚିନ୍ତା ଦିବାକରର ମନରେ ଉଦ୍ରେକ ହେବା ମାତ୍ରେ ସେ କାରଖାନାରେ ନ ପଶି, ଡାକ୍ତରଖାନାର ବାଟ ଧରିଲା । ମନକୁମନ କହିବାକୁ ଲାଗିଲା—

"ସିଧା ସିଧା କମ୍ପାଉଣ୍ଡର ବାବୁଙ୍କୁ କହିବି, ଏ ନିମକର ରକ୍ଷା କରିବା ମୋ' ପକ୍ଷେ ଦୁଃସାଧ୍ୟ—ସେ'ଠୁଁ ନେଇଚି ମଦାରକୁ ସମସ୍ତ କଥା ଅକପଟରେ କହିବି,—ତା'ପରେ ଅନାମର ବିଗ୍ଭର । ତା'କୁ ସାଧୁ କରିବି !!"

× × × ×

ଜୟନାରାୟଣ ଦିବାକରକୁ ଗୃହରେ ନ ପାଇ, ପାଇବାର ଆଶା ତ୍ୟାଗ କଲା । ତା'ପର ନୈରାଶ୍ୟରେ ଗତ ମନ୍ଥର କରିବ କିଁଣି, ଆହୁରି ଦ୍ରୁତ ଗତିରେ ନିଜର ଗୃହାଭିମୁଖୀ ହେଲା । ଏହାର କାରଣ ମଧ୍ୟ ସୁସ୍ପଷ୍ଟ ।

Digitized by PPRACHIN, SOA

ସେଦିନ ସୁନ୍ଦରୀ ଯେତେବେଳେ ନିମନ୍ତ୍ରଣର ପ୍ରସ୍ତାବ ବାଢ଼ିଥିଲି, ଆଉ ସେଥିର ଖର୍ଚ୍ଚ ତୁଲାଇବାକୁ ଦିବାକର ଦେଇଥିବା ଦଶ୍-ଟଙ୍କାର ଉଲ୍ଲେଖ କରିଥିଲା, ସେତେବେଳେ ଜୟନ୍ତନାରାୟଣ ବଡ଼ ବେକାଇଦାରେ ପଡ଼ିଯାଇଥିଲେ । ଯେହେତୁ ସେହି ଟଙ୍କାରେ ସେ କୁଇଶ ଟଙ୍କା ଭରଣା କରି ଗଚ୍ଛିତ-ଧନର ପରିମାଣକୁ ଗୋଟାଏ ପୂର୍ଣ୍ଣ ଅଙ୍କରେ ପରିଣତ କରି ସାରିଥିଲେ, ସେହିହେତୁ ସେ ସୁନ୍ଦରୀର ପ୍ରସ୍ତାବକୁ ବାଁଚାଲିଆ କରି ଦେଇଥିଲେ ଏହିକଥା କହି ଯେ, ନିମନ୍ତ୍ରଣ କରିବା ପୂର୍ବରୁ ଦିବାକର ବାବୁଙ୍କର ସମ୍ମତି ନେବା ଅପରିହାର୍ଯ୍ୟ । ଦିବାକର ନିଜର ଓ ପରର କାମରେ ସଦାବେଳେ କର୍ମବ୍ୟସ୍ତ, ମଉଜିଆ ଲୋକ—ଏହି କଥାଜାଣି, ସୁନ୍ଦରୀ ତାହା ସମର୍ଥନ କରିଥିଲା । ମାତ୍ର, ଦିନ ଯେତେ ଗଡ଼ିଲା, ନିମନ୍ତ୍ରଣ ତେତେ ପଛେଇଲା । ଉପକାରୀର ପ୍ରତି ସ୍ୱତଃ କୃତଜ୍ଞତା-ବୋଧର ଗୋଟାଏ ଉତ୍ତେଜନାରେ ସିନା ଜୟନ୍ତନାରାୟଣ ସେ'ଭଳି ପ୍ରସ୍ତାବଟାଏ କରି ପକେଇଥିଲେ, କାଳର ଗତି ସଙ୍ଗେ ସେହି ଉତ୍ତେଜନା ହ୍ରାସ ପାଇବାକୁ ଲାଗିଲା; ଅନ୍ୟ ପକ୍ଷେ ସଞ୍ଚୟର ବାସନା ପ୍ରବଳ ହୋଇ ଉଠିଲା । ସୁତରାଂ ପ୍ରତିଦିନ ସୁନ୍ଦରୀ ଦିବାକର ସଙ୍ଗେ ସାକ୍ଷାତ ହେଲା କିନା ପଚାରିବ, ଆଉ ଜୟନ୍ତନାରାୟଣ ନାନା କଥାର ଦୋହାଇ ଦେଇ ନାହିଁ କରିବ । ସ୍ୱାମୀର ଏହି ଆଳ ଯେ 'ସଉତୁଣୀ'ର ପ୍ରରୋଚନା, ଏହା ସୁନ୍ଦରୀ ବେଶ ଉପଲବ୍ଧି କଲା ; ଶେଷକୁ ନିରୁପାୟ ହୋଇ ନିଜ ପାଖେ ଯାହା ଥିଲା, ତାହା ଝାଡ଼ିଝୁଡ଼ି କୋଡ଼ିଏଟି ଟଙ୍କା ସ୍ୱାମୀ ହାତରେ ପଇଠ କରି ଦେଲା ଓ ନିମନ୍ତ୍ରଣର ବରାଦ କଲା ଆଜିକୁ । ପନ୍ଦରଟି ବେଶ୍ ନକ୍ସା କାଟି, ସୁନ୍ଦର କରି ଲେଖି ରଖିଥିଲା, ବେଳସୁଁ, ତାହା ମଧ ଧରାଇ ଦେଲା । ଜୟନ୍ତନାରାୟଣ ତ ବେକୁବ୍ !...ଗୃହିଣୀକୁ ଦଶଟଙ୍କାରୁ ବଞ୍ଚିତ

Digitized by PPRACHIN, SOA

କରିବାକୁ ଯାଇ, ଗୃହରୁ ଯେ କୋଡ଼ିଏ ଟଙ୍କା ବାହାରିଯିବ !—କମ୍ ଅପ୍‌ଶୋଷ ! ସେ ସେହି ଟଙ୍କା ଆଡ଼େ କି ଲୋଲୁପ-ଦୃଷ୍ଟିରେ ଯେ ଅନାଇ ରହିଲା, ତାହା ଅବର୍ଣ୍ଣନୀୟ !...ସୁନ୍ଦରୀ ସେହି କଥା ଲକ୍ଷ୍ୟ କରି, କିମ୍ବା ଅନ୍ୟ ଯେଉଁ କାରଣରୁ ହେଉ, କହିଲା—

"ତୁମ ଉପରେ ନିମନ୍ତ୍ରଣ-ଭାର ରହିଲା, ସଉଦା ପତ୍ରରି ଭାର ମୁଁ ତୁଲାଇବି । ହଁ, ଗଳି-ବାଟରେ ଅବଦୁଲ୍‌କୁ ଡାକି ଦେଇଯିବ ।"

"ଅବ୍‌ଦୁଲ ?"

"ହଁ, କାହିଁକୁ ନିମନ୍ତ୍ରଣ, ବୁଝୁନ ତ ?"

କହି, ସୁନ୍ଦରୀ ଟଙ୍କାତକ ସ୍ୱାମୀଙ୍କ ହାତରୁ ଛଡ଼ାଇ ନେଲା । ଅଉ ଜଗୁନାଥ୍‌ଙ୍କ ସ୍ତ୍ରୀର ଦାଉରେ ସ୍ତ୍ରୀରୁ 'ସଉକୁଣୀ'କୁ ଘୁଡ଼ପତ୍ର ଦେଲାଭଳି ଭାବ୍‌ପ୍ରାନ୍ତ-ମନ ଯେନି ଗୁଲିଗଲା । ନିମନ୍ତ୍ରଣ-ପତ୍ରଟି ଯେ-ଦୁର୍ବହ ହୋଇ ପଡ଼ିଥିଲା ସେତେବେଳେ, କହିବା ବାହୁଲ୍ୟ ମାତ୍ର ।

ତେବେ ଅବ୍‌ଦୁଲ୍‌କୁ ଡାକିବାକୁ ଯାଇ, ଦେଖିଲାମାତ୍ରେ ପଲଉ, କାଲିଆ, କୋପ୍ତା କଥା ମନେ ପଡ଼ିଲା, ଅଧର ଓ ରସନା ସରସେଇ ଉଠିଲା, ମନଟା ହାଲୁକା ଧରିଲା, ଫୁର୍ତ୍ତିରେ ସେ ନିମନ୍ତ୍ରଣ-କାମ ଅଞ୍ଜାମ କରିବାରେ ପ୍ରବୃତ୍ତ ହେଲା ।

ଦୈବ-ବିଡ଼ମ୍ବନା—ନିମନ୍ତ୍ରଣ ଯାହାକୁ କରିବ, ଯାହାକୁ କେନ୍ଦ୍ର କରି ରସନା ତୃପ୍ତିର ଆୟୋଜନ,—ଜଗୁନାଥ୍‌ଙ୍କ ନାନା ଠିକଣା ଧନ୍ଦ ଧନ୍ଦ କାହିଁ ତା'ର ଠାବ ପାଇଲା ନାହିଁ । ଶେଷ ଭରସା ଯେତେବେଳେ ନିଷ୍ଫଳ ହେଲା, ସେତେବେଳେ ତା'ର ମନେ ପଡ଼ିଲା ଟଙ୍କା-କଥା, ଅପଚୟ କଥା । ସେ ସମ୍ଭାଳି ହୋଇ

Digitized by PPRACHIN, SOA

ରହି ପାରିଲା ନାହିଁ—ଏକ ପ୍ରକାର ଅଗ୍ନିଶର୍ମା ହୋଇ ଆସି ସୁନନ୍ଦାକୁ ବିଫଳ-ଦୌତ୍ୟର ସମ୍ବାଦ ଦେଲା ଓ ଅନ୍ୟ ନିଃଶ୍ୱାସ ଗ୍ରହଣ ନ କରି ମିତବ୍ୟୟିତାର ଉପଦେଶ ବାଢ଼ିଲା । ସୁନନ୍ଦା ସେଥିରେ କର୍ଣ୍ଣପାତ ନ କରି ଅବିଚଳିତ କଣ୍ଠରେ ପଚାରିଲା—

"ଦେଖା ନ ପାଇଲ ନାହିଁ,ଘରେ କାର୍ଡ଼ ଦେଇ ଆସିଛ ତ ?…"

"ସେ କଥା ତ ଖିଆଲ ନାହିଁ ।"

ଜପ୍ନନାକ୍ସପ୍ନଣ ଫେରିଲା । ବିଶେଷତଃ ଯେତେବେଳେ ଦେଖିଲା ଅବ୍‌ଦୁଲ୍ ଫାଉଲ୍, ମଠନ୍ ଆଦି ଧେନ ଉପସ୍ଥିତ, ସେତେବେଳେ ସେ ଆଉ ରହି ପାରିଲା ନାହିଁ ।

ପୁଣି ଦିବାକରର ଗୃହ-ପଥରେ ପଥିକ ହେଲା…କିନ୍ତୁ, ଅସୂର୍ଯ୍ୟଂପଶ୍ୟା ଗୃହିଣୀ ହାତରେ ଦେବ କେମିତି, ସେହି ଚିନ୍ତା ଘାରିଲା ।…ଅନୁଶୀଳନର ପ୍ରୟୋଜନ ବୋଧ କଲା । କାର୍ଡ଼ଟି ଖୋଜିଲା ।…କାର୍ଡ଼ ? ଏ' ପକେଟ୍ ସେ ପକେଟ୍ ଖୋଜିଲା, ତା'ପର ଡାକ୍ତରଖାନାକୁ ଦୌଡ଼ିଲା । ଆଜି ଦିନକ ଛୁଟି ନେବ ବୋଲି, ଡାକ୍ତରବାବୁଙ୍କୁ ଛୁଟି ମାଗି ଯାଇଥିଲା, ସେଇଠି ନିଶ୍ଚୟ ପକେଇ ଥିବ ।…ଏହିଭଳି କୃତ-ନିଶ୍ଚୟ ହୋଇ, ଡାକ୍ତରଖାନାକୁ ଯାଇ, ଖୋଜାଖୋଜି କରି ଯେତେବେଳେ ନ ପାଇଲା ସେତେବେଳେ ତା'ର ହାଲକ୍ ଶୁଖିଗଲା, ସେ କାଉଁଳା-ରୋଗୀ ପାଲଟି, ନିସ୍ତେଜ ହୋଇ, ଗୋଟାଏ ରୋଗୀ ଚେୟାରରେ ବସି ପଡ଼ିଲା ।…କିଂକର୍ତ୍ତବ୍ୟ-ବିମୂଢ଼ ହୋଇ ଗୃହଅଭିମୁଖେ ହରିଦ୍ରା-ବର୍ଣ୍ଣ ଦୃଷ୍ଟିରେ ଚାହାଁଉଚି, ଏତିକିବେଳେ ଦିବାକର ପହଞ୍ଚିଗଲା । ସମ୍ମୁଖରେ ଦେଖି ସୁଦ୍ଧା, ଦିବାକରକୁ ଦେଖି ପାରିଲା ନାହିଁ—ଦେଖିଲା ଯଦି, ସେଭଳି ଦରିଦ୍ର ବେଶରେ ତାକୁ ଚିହ୍ନିପାରିଲା ନାହିଁ ।

Digitized by PPRACHIN, SOA

"କମ୍ପାଉଣ୍ଡର ବାବୁ···"

ଏହିଭଳି ସମ୍ବୋଧନ କରି, ନିମନ୍ତ୍ରଣ-ପତ୍ରଟି ଦେବାପାଇଁ ଦେବାକୁ ଯାଇ, ଯେତେବେଳେ ଦିବାକର ଦମ୍ଭରେ କହିଲି—

"ନିମନ୍ତ୍ରଣ ମୁଁ···"

ସେତେବେଳେ ଜୟନାରାୟଣ

"ପାଇଛନ୍ତି···ପାଇଛନ୍ତି"

ବୋଲି, ବକ୍ତବ୍ୟ ଶେଷ କରିବାକୁ ନ ଦେଇ, ଉନ୍ମାଦ ପ୍ରାୟ ହୋଇଗଲେ ଓ ସେହି ଭାବରେ ସ୍ଥାନ-ତ୍ୟାଗ କରି ଚାଲିଯିବା ପୂର୍ବରୁ ଏତିକି ଅନୁରୋଧ କରିଗଲେ—

"ବିଳମ୍ବ କରିବେ ନାହିଁ —ସୁନ୍ଦରୀର ଅନୁରୋଧ ।

ଏହା ମାନସର କେଉଁ ନିଭୃତ ପ୍ରଦେଶର ବାଣୀ ନା କ'ଣ ଏହିପରି ଗୋଟାଏ ଦ୍ୱନ୍ଦ୍ୱ ଭିତରେ କିଛି ନିଷ୍କ୍ରିୟ ହୋଇ ରହିଗଲେ କିଛି-କ୍ଷଣ ଦିବାକର ।

———

Digitized by PPRACHIN, SOA

ଦଶ

ଯା'ର ଗତି ଅଛି, ତା'ର ଶକ୍ତି ଅଛି । ଏକମାତ୍ର ସମୟ ସେଥିର ଚିର ଅଧିକାରୀ । ସମୟର ସେହି ଗୁଣର ପ୍ରଭାବ ଦିବାକରର ଉପରେ ସକ୍ରିୟ ହେଲା । ସେ ଗତିଶୀଳ ହେଲା । ଚିକିତ୍ସାଳୟର ବହିଃ ଅଳିନ୍ଦର ପାବଚ୍ଛ ଶ୍ରେଣୀ ଗୋଟି ଗୋଟି କରି ଅବରୋହଣ ପୂର୍ବକ ରାଜମାର୍ଗ-ଗାମୀ ହେଲା ।

କାଷ୍ଠଦ୍ୱାର ଅତିକ୍ରମ କରିଛି କି ନାହିଁ, ଡାକ୍ତରବାବୁ ବିପରୀତ ଦିଗରୁ ହନ୍ ହନ୍ ହୋଇ ଆସି ହାବୁଡ଼ି ଗଲେ । ଡାକ୍ତର ବାବୁଙ୍କର ଡାକ୍ତରି-ବେଶ ଓ ପରିପାଟି ଫୁଲ୍‌ପ୍ୟାଣ୍ଟ, କୋର୍ଟ ଓ ଗଳା ଦେଶରେ ଲମ୍ବମାନ ଷ୍ଟେଥେସ୍‌କୋପ୍ । ଦିବାକର କେଉଁ ସ୍ୱପ୍ନ-କୁମାରୀର ସ୍ୱପ୍ନ-ଦର୍ଶନରେ ଆତ୍ମ-ବିଭୋର—ଅଚାନକ୍ କୃଷ୍ଣ-ଦୈତ୍ୟର ଅବିର୍ଭାବ, —ଠିକ୍ ଏହାପରି ଗୋଟାଏ ଚମକର ଶିହରଣ ଅନୁଭବ କଲା । ଡାକ୍ତର ବାବୁଙ୍କ ଉତ୍‌ପକ୍ଷ୍ମ-ନୟନରେ ତକାଇ ରହିଲା ।

ଡାକ୍ତରବାବୁ ମଧ୍ୟ କମ୍ ଅପ୍ରତିଭ ହୋଇଯାଇ ନ ଥିଲେ ଦିବାକରର ଏ'ଭଳି ବେଖାପା ବେଶରେ ଓ ବେଖାପା ଭାବରେ ଚିକିତ୍ସା-ସ୍ଥଳକୁ ଆସିବାର ଦେଖି । ···ଚିକିତ୍ସକ-ସୁଲଭ ଭଙ୍ଗିରେ ଡାକ୍ତରବାବୁ ହଠାତ୍ ପଚାରିଲେ—

Digitized by PPRACHIN, SOA

"କ'ଣ ହୋଇଚ ଆପଣଙ୍କର ? କି ରୋଗ ?"

"ରୋଗ ?...ହାଃ...ହାଃ...ହାଃ"

ବୋଲି, ଦିବାକର ହସି ଉଠିଲା ।—

ଡାକ୍ତରବାବୁ ଦିବାକରର ନାଡ଼ୀ-ନକ୍ଷତ୍ର ଜାଣନ୍ତି, ସେଥିପାଇଁ ସେହି ହସକୁ ଯେଉଁ ରୋଗର ନିଦାନ ବୋଲି ସହଜରେ ଅନୁମାନ କରି ନେଲେ, ତାହା ଅଭିବ୍ୟକ୍ତ କଲେ ସପ୍ରତିଭ କଣ୍ଠରେ,ଏହିପରି—

"ବୁଝିଚି, କେଉଁଠି ଘର-କାଇଅ (ମୂର୍ଦ୍ଧାର ଉଠାଇବା) ପଡ଼ିଥିଲା—stimulant ର ଅବଶ୍ୟକ...କମ୍ପାଉଣ୍ଡର ବାବୁଙ୍କୁ ପାଇଲେ ନାହିଁ ?...ସେ ଆଜି ଛୁଟିରେ ଅଛନ୍ତି, ଆସନ୍ତୁ, ମୁଁ ଦେଉଛି..."

"ଧନ୍ୟବାଦ"

ବୋଲି, ଦିବାକର ଝଡ଼ବେଗରେ ସେଠୁଁ ନିମିଷକେ ଅନ୍ତର୍ଦ୍ଧାନ ହୋଇଗଲା ।

ଡାକ୍ତରବାବୁ ହେଲେ ଆତ୍ମ-ଧ୍ୟାନ-ମଗ୍ନ ଏମିତି ଜଣାଶୁଣା Caseଟାର diagnosis କରି ନପାରି ।

× × × ×

ଦିବାକର ଯେଉଁ ବାଟରେ ଲେଉଟିଲା, ସେହି ବାଟରେ ପଡ଼େ ତା'ର କାରଖାନା ।...କାରଖାନା ଦୃଷ୍ଟିଗୋଚର ହେବା ମାତ୍ରେ, ତା'ର ଗତି ସ୍ତିମିତ ହୋଇଗଲା । ସତକୁସତ ସେ 'ଘର-କାଇଅ'ର ଘାର ଅନୁଭବ କଲା...stimulant ର ଅବଶ୍ୟକତା ଲୋଡ଼ିଲା... ଅନାମ (ମିସ୍ତ୍ରୀ)ର ସାହାଯ୍ୟ ଗ୍ରହଣ କରିବ—ସୁରା ସେବନ କରିବ— ବାରନାରୀର ଅଲିଙ୍ଗନରେ ଆପଣାକୁ ଉତ୍ସର୍ଗ କରିଦେବ ।

Digitized by PPRACHIN, SOA

"ବାରନାସ୍ତି !—ହାଃ···ହାଃ···ହାଃ"

ବୋଲି, ଦେଖାଗଲା ଅଦ୍ଭୁତ !—ସେ ଯେ କାରଖାନାର ମାଲିକ···ଅନାମ ଯେ ତା'ର କର୍ମଗୁରୁ···ସବୁର ଉପରେ ତା'ର ଏପରି ଉଲ୍ଲଙ୍ଘବେଶ···ଏ ଖିଆଲ ତା'ର ଅଦୌ ରହିଲା ନାହିଁ—ସେ ତ୍ୱରିତ ପଦ-କ୍ଷେପରେ କାରଖାନା ନିକଟବର୍ତ୍ତୀ ହେଲା—ରୁଦ୍ଧ ହସ୍ତରେ ରୁଦ୍ଧ ଫାଟକ ଠେଲି ପ୍ରବେଶ କରିବାକୁ ଯିବ, ଅନାମ ଓ ଅନ୍ୟ ନିଃସଙ୍କୋଚରେ କାରଖାନା ଭିତରୁ ବାହାରି ଆସି ମୁନିବର ଚରଣ-ଲଗି ହେଲେ ।

ଧବାକର ଏକାବେଳକେ ପଥର ! —ଆଜି ଅନ୍ୟ-ଅନାମ ଦର୍ଶନ କଲେ, ସାକ୍ଷାତ୍ ପଥର-ଦେବତା ! !

ଅନାମ ସଙ୍ଗେ ସଙ୍ଗେ ସ୍ତୁତି ଆରମ୍ଭ କରିଦେଲା—ଅବଶ୍ୟ ଅବୋଧ ମନ୍ତ୍ର ପାଠରେ ନୁହେଁ, ଯାନ୍ତ୍ରିକର ସୁବୋଧ ଭାଷାରେ । ସେ ବଖାଣିଲା—

"ସ୍ୟାର୍ ! ମୁଁ ଲୁହାର ମଣିଷ ! ମୁଁ ଜାଣେ—ଲୁହା ସଙ୍ଗେ ଲୁହା ଖାପ ଖାଏ, କାଦୁଅମେଞ୍ଚା ଖାଏନାହିଁ । ସେହି କାରଣରୁ ଅନ୍ୟକୁ ପିଟିଛି, ସଜ୍ଜେଇଛି । ସେ ଆଜି ଲୁହା ପାଲଟିଛି । ଅନ୍ୟ ଆଖିରେ ସେ ସ୍ୱାମୀ-ଦ୍ରୋହୀ ହୋଇପାରେ, କିନ୍ତୁ ଅନାମ ଆଖିରେ ଆଜି ସେ ସ୍ୱାମୀ-ସୁଆଗୀ ସହଧର୍ମିଣୀ ।"

"ଧେତ୍"

ବୋଲି, ଲାଜରେ ସଢ଼ି, ଅନ୍ୟ ନିଜକୁ ବିମୁକ୍ତ କରିବାକୁ ଗଲା; କିନ୍ତୁ ଅନାମର ବଜ୍ର-ମୁଷ୍ଟି ତାହା କରାଇଦେଲା ନାହିଁ ।

Digitized by PPRACHIN, SOA

ଦିବାକରର ଚେତା ପଶିଲା । ସେ ଏହିଭଳି ବଜ୍ର-ମୁଷ୍ଟିରେ ମଦ୍ଧାରକୁ ଧାରଣା କରିବ. ଏହି ଚେତନାରେ ହେଲା ଅନୁପ୍ରାଣିତ । ସେ ଗଳ୍ପବେଳେ ଦୁହିଙ୍କୁ ଅନାଇ କହିଲା—

"ତୁମ ଦୁହିଙ୍କ ଆଜି ଅମଘରେ ନିମନ୍ତ୍ରଣ !"

ଦିବାକର ଚୁଲିଗଲା । ଅନାମ ସ୍ମିତ-ମୁଖରେ ଅଜାକୁ ଅନାଇ କହିଲା—

"କାଲେ ଚିହାକା ? ଚୁକ୍ତି ଯିବ ବୋଲି ଡରୁଥିଲ ପରା ?···ଆଲେ ! ଯାନ୍ତ୍ରିକ ସିନା ଜାଣେ ଯନ୍ତ୍ରର ସୂକ୍ଷ୍ମ ବ୍ୟବହାର, ସେଇଥି ପାଇଁ ଅନ୍ୟ ଯାନ୍ତ୍ରିକ ସଙ୍ଗେ କରେ ସମ-ବ୍ୟବହାର !"

ଅଜା ଶେଷ ବାକ୍ୟଟିର ଅର୍ଥ ନ ବୁଝିଲେ ମଧ୍ୟ, ମର୍ମ ଉପଲବ୍ଧି କଲା—ସେହି ସଙ୍ଗେ ଏହି ମିଳନର ସୂତ୍ରଧରକୁ ଉଦ୍ଦେଶ୍ୟ କରି ପ୍ରଣାତ ଜଣାଇଲା ।

Digitized by PPRACHIN, SOA

ଏଗାର

ମନ୍ଦାର ପ୍ରକୃତରେ ଦେବୀ—ଏହିପରି କହି ଉଠିଲା ଦାଦାଙ୍କର ମନକୁମନ, ଯେତେବେଳେ ସେ ଘର ଭିତରେ ପଶି ଅଲକ୍ଷ୍ୟରେ ଥାଇ ଦେଖିବାକୁ ଲାଗିଲେ ମନ୍ଦାର ଭୋଜର ପ୍ରାଥମିକ ଆୟୋଜନରେ ଭାରି ବ୍ୟସ୍ତ । ସେ ବରଣ୍ଡାରେ ବସି ନଡ଼ିଆ କୋରୁଛି, ଆଉ ପାଣ୍ଡୁଆ-ମା ବଟୁରି ବାର ଶିଳରେ ବାଟୁଛି । ଅହୁରି କେତେ କ'ଣ ଆନୁସଙ୍ଗିକ ଅନ୍ଧୁଣିଆ ଦ୍ରବ୍ୟ କୁଢ଼ ହୋଇଛି ଠା-କୁ ଠା । ଗୁଡ଼, ଛେନା, ଦୁଧ, ବାସୂବତୀ ଧାନର ମିହିଅରୁଆ ଇତ୍ୟାଦି । ଯା'ର ଦିବ୍ୟଦୃଷ୍ଟି ଅଛି, ସେହି ଦେବତା । 'ମୁଁ ଯେ ନିମନ୍ତ୍ରଣ କରି ଆସିଛି ଅନ୍ନ ଓ ଅନାମକୁ ସେ କ'ଣ ତାହା ଆଗହୁଁ ଜାଣିପାରି, ବେଳସୁଁ ଏହି କାମରେ ଲାଗିପଡ଼ିଛି ?'—ଏହିପରି ଆପଣା ମନକୁ କହି ସେ ମନ୍ଦାରକୁ ଅଭିନନ୍ଦନ ଜଣାଇବାକୁ ଅଗ୍ରସର ହେବ, ଏତିକିବେଳେ ମନ୍ଦାରର ଧ୍ୟାନ ତୁଟିଗଲା । ସେ ଦୌଡ଼ି ଆସିଲା ସ୍ୱାମୀ ନିକଟକୁ ନିଃସଂକୋଚରେ, ଆଉ କହିଲା ଅବାଧ-କଣ୍ଠରେ—

"ତୁମେ କ'ଣ କୁହତ ?"

Digitized by PPRACHIN, SOA

'ମୁଁ ତୁମର ସ୍ୱାମୀ'—ଏହାପର ଉତ୍ତର ଦେଇ ଦ୍ୱାରୀକର ତତ୍‌କ୍ଷଣାତ୍ ମନ୍ଦାରର ହାତକୁ ବଜ୍ରମୁଷ୍ଟିରେ ଧାରଣ କରିଥା'ନ୍ତା, ହେଲେ, ପାରିଲା ନାହିଁ । ପାଣୁଆ-ମାଙ୍କ ପ୍ରତିବନ୍ଧକ ହୋଇ ଠିଆ ହେଲା ଅଜି ସ୍ୱାମୀ ପକ୍ଷେ, ଯଦ୍ୟପି ସ୍ତ୍ରୀ ପକ୍ଷେ ସେହି ଅଲଙ୍ଘନୀୟ ପ୍ରତିବନ୍ଧକ ହୋଇଥିଲା ଲଙ୍ଘିତ ।

ଦ୍ୱାରୀକର କିଛି ଉତ୍ତର ଦେଲା ନାହିଁ । ଚଟି ଖୋଲିଲା, ଗୋଡ଼ ହାତ ଧୋଇଲା ନିଜ ହାତରେ, ପୋଛି ପାଛି ହେଲା, ସରୁସରୁ ଘର ଭିତରକୁ ପଶିଗଲା ।

ମନ୍ଦାର ପରିସ୍ଥିତି ବୁଝି ପାରିଲା, ସରମେଇଲା, କିନ୍ତୁ ସେହି ଭାବକୁ ଲୁଚେଇବାକୁ ଯାଇ ଟିକିଏ ରୁକ୍ଷ ସ୍ୱରରେ କହିଲା ପାଣୁଆ-ମାକୁ—

"କିଲୋ, ସଇଲା ବାଟ ?"

ପାଣୁଆ-ମା ତାହାଁ ଚାଲିକ, ସେ ସାନ୍ତାଣୀ ପାଖକୁ ଧାଇଁ ଆସି ଥରିଥରି କହିଲା—

"ଅବଧାନ ଯେଉଁ ଗୁଆଟି ଦେଇଚ, ତା' ବାବୁଙ୍କ ମୁଣ୍ଡରେ ଛୁଆଁଇ ରଖ···ତୁମରତ ଭୁଲା-ମନ···ଆଜି ଯେମିତ ମାତିଚ, ଭୁଲି ଯିବ ତ ମୁସ୍କିଲ ।"

"ସତେ ଲୋ !"

ବୋଲି, ମନ୍ଦାର ଅନ୍ତତଃ ଯେଉଁ ଆଳ ଖୋଜୁଥିଲା ଘର ଭିତରକୁ ଯିବ ବୋଲି, ତା' ପାଇଗଲା, ଆଉ ପାଣୁଆ-ମା ବ ଡାକି ଦେଇ ବହି ବାଟିବାକୁ ଲାଗିଲା, ବିଜୟିନୀ-ଗର୍ବରେ ।

× × × × ×

Digitized by PPRACHIN, SOA

ଆତ୍ମ-ପ୍ରକାଶ କରିବା ଜୀବର ଧର୍ମ । ସ୍ଥୂଳ ଭାବରେ ହେଉ, କି ସୂକ୍ଷ୍ମ ଭାବରେ ହେଉ, ଜୀବାତ୍ମା ତାହା କରିବ ହିଁ କରିବ । କୃଷ୍ଟି, ସଂସ୍କୃତି ଆଦି ବିକାଶର ମାଧ୍ୟମ ମାତ୍ର । ପରିବେଶ, ପରିସ୍ଥିତି ସେଥିର ସହାୟକ ।

ଦିବାକର ଆତ୍ମ-ପ୍ରକାଶ କରିବାକୁ ଚାହୁଁଥିଲା । ବାହାରର ପରିସ୍ଥିତି ହୋଇଥିଲା ପ୍ରତିକୂଳ । ବର୍ତ୍ତମାନ ସେ ଘରଭିତରେ, ଭିତରର ପରିବେଶ ହେଲା ଅନୁକୂଳ ।

ଦିବାକର ଯାନ୍ତ୍ରିକ । ହେଲେ, ସେ ଯନ୍ତ୍ରବିଶେଷ ନୁହେଁ । ତା'ର ହୃଦୟ ଅଛି, ରସ-ବୋଧ ଅଛି । ସେ ଗୀତ ଗାଏ, ଗଳ୍ପ ଲେଖେ ।

ମନ୍ଦାର ଯେତେବେଳେ ମିଥୁନ-ଭ୍ରଷ୍ଟା କ୍ରୌଞ୍ଚୀ ପରି ଶିକାରୀ କବଳରୁ ଖସି, ଉଡ଼ିଗଲା ସ୍ୱ-ନୀଡ଼ ଭିତରକୁ, ସେତେବେଳେ ସେ କ୍ରୌଞ୍ଚ ସାଥିକୁ ଉଚ୍ଛନ୍ନ-ଆଖିରେ ଲୋଡ଼ି, ଅନାଇ ଦେଖିଲା—ସେ କୌଣସି ଗୋଟାଏ କାର୍ଯ୍ୟରେ ଧ୍ୟାନମଗ୍ନ । ମନ୍ଦାର ବିରକ୍ତ କଲା ନାହିଁ । ଧୀରେ ଧୀରେ ପାଖକୁ ଗଲା, ପଛ ପଟେ ଥାଇ କାର୍ଯ୍ୟ-କଳାପ ନିରୀକ୍ଷଣ କରିବାକୁ ଲାଗିଲା ।

କକ୍ଷର ଯେଉଁ ପଟେ ଗବାକ୍ଷ ଉନ୍ମୁକ୍ତ, ଆଉ ମୁକ୍ତ ଆକାଶର ନୀଳିମାରୁ ଫାଲେ ପ୍ରବିଷ୍ଟ, ସେହି ପଟେ କାଠର ଟେବୁଲଟିଏ ଥୁଆ । ସେଥି ଉପରେ ଯାନ୍ତ୍ରିକର ଯନ୍ତ୍ରପାତି ଓ ଆନୁସଙ୍ଗିକ ଅନ୍ୟାନ୍ୟ ଉପକରଣ । ସେଥି ମଧ୍ୟରୁ କେତେକ ଖେଳା ମେଲା । ସେହି ଟେବୁଲକୁ ଲାଗି କାଠର ଚୌକିଟିଏ, ଯାନ୍ତ୍ରିକର ଉପବେଶନ ପାଇଁ ନିର୍ଦ୍ଦିଷ୍ଟ ।

Digitized by PPRACHIN, SOA

ଉପବିଷ୍ଟ ଓ କର୍ମ-ରତ ଦିବାକର 'ଜଃ-ସୁଃ'ର ନିମନ୍ତ୍ରଣ-ପତ୍ରର ଆକାର ଓ ମାପରେ ଗୋଟିଏ ପିଚ୍‌ବୋର୍ଡ଼ କାଟିଛୁ ।-ସେଥିରେ ସଫେଦ୍ ରଙ୍ଗ ବୋଳିଛୁ ।—ବର୍ତ୍ତମାନ ରଙ୍ଗ-ତୂଳି ଧରିଛି ।' କ'ଣ ଲେଖିବ, ସେହି କଥା ଭଲ ନିଜକୁ ନିଜେ ପଚାରିଲା—

"ତା' ପର ?..."

ମଦାର ଭାବିଲା ପ୍ରଶ୍ନଟି ତାହାକୁଇ ଉଦ୍ଦେଶ୍ୟ କରି କୁହାଗଲା । ସେ ତତ୍‌କ୍ଷଣାତ୍ ଦିବାକରର ସମ୍ମୁଖୀନ ହେଲା ଓ ଅନୁପସ୍ଥିତ-ବେଳର ଘଟଣା ଗୁଡ଼ିକ ଅନର୍ଗଳ କହିଗଲା—

"ତୁମେ ତ ଚାଲିଗଲ । ଯେଉଁ ଢଙ୍ଗରେ ଗଲ, କ'ଣ ନା କ'ଣ କରିବ, ଏହି ଭୟରେ ତ କାଠ । ଆଖିରୁ ଖାଲି ସୋରିଷ-ଫୁଲ ଦୁହାକୁ ଦୁହା ନିକଳିଲା ।...ଅଗତ୍ୟା ଠାକୁର ଘରେ ପଶିଲି । ଠାକୁରଙ୍କ ଅଣ୍ଡା ନେଲି । 'ଗଜନିସ୍ତାରଣ' ପଢ଼ିଥିଲି । ଚଣ୍ଡୀ ଗୁହାରି ଶୁଣିଲେ ।...ଅନ୍ନ-ଶାଶୂ ଆସି ପହଞ୍ଚିଗଲା । କହିଲା—ଅନକୁ ଭୂତ ସବାର ହୁଏ । ସେଇ ଭୂତ ଛଡ଼େଇବା ପାଇଁ, ଘଇତା ତା'କୁ ମାରେ । ଅନ ପ୍ରତିବାଦ କଲା—ଭୂତ ମୋତେ ଲାଗେ ନାହିଁ, ଭୂତ ଲାଗେ ତୁମମାନଙ୍କୁ । ମୁଁ ବି ଅନ-ପଟ ଧରିଲି—ଡାକ ଅନାମକୁ । ଠିକ୍ ସେତିକିବେଳେ ଅନାମ କାହିଁ ଥିଲା ଖଣ୍ଡିଆ-ଭୂତ ଭଳି ଆସି ଅନକୁ ଟାଣିନେଲା ପାଖକୁ, ଆଉ କହିଲା—ବୋଉ ଏଣିକି ତା'ଘର ସମାଳୁ, ଆମ ଘର ଆଜଠୁଁ କାରଖାନାରେ...ତୁମେ ଯେ ଏମିତି କରି ମିଳେଇଦେବ..."

ଠିକ୍ ଏହି ମୁହୂର୍ତ୍ତରେ ମଦାରର ଦୃଷ୍ଟି ପଡ଼ିଗଲା ଦିବାକର ଅଙ୍କିଥିବା ଚିତ୍ରପ୍ରତି । ସେ କଥା ଶେଷକରି ପାରିଲା ନାହିଁ । କିନ୍ତୁ, ଦିବାକର ଅଙ୍କନରତ ଥାଇ ତାହା ପୂରଣ କଲା, ଏହିପରି କହି—

Digitized by PPRACHIN, SOA

"ଏହା ଚନ୍ଦଧାଗ୍ରିଙ୍କ ଚନ୍ଦ...ସେଇଥିଲାଗି ଭୋଗରାଗର ବ୍ୟବସ୍ଥା...ହଁ,..."

'ହଁ' ବୋଲି ଦଦାକର ମୁହଁ ଚେଙ୍କ ଆଉ କ'ଣ କହିବାକୁ ମିଳିବା ପୂର୍ବରୁ, ମଦାର କି ଗୋଟାଏ ସରମର ତାଡ଼ନାରେ ସେଠୁଁ ପଳେଇ ବଞ୍ଚିବା ଉଦ୍ଦେଶ୍ୟରେ କିଛିଦୂର ଗୁଲିଯାଇଥିଲି, ଅବଶ୍ୟ ଏହାପର କହୁ କହୁ—

"ମୁଁ କି· ଅଲକ୍ଷଣୀଟା ଲୋ...ଠାକୁର ଅନ୍ଧ୍ରଣିଆ ଅଘୋଡ଼ା ପକେଇ ଆସିଛୁ, କିଆ ଯଦ ଥଣ୍ଟ ମାରେ, ବଳେଇଟା ବ ନହର-ମହର ହେଉଚ..."

ସତକୁ ସତ ବଳେଇଟା ବ ସେତେବେଳେ ମିଆଁଉ ମିଆଁଉ କରି ଘର ଭିତରକୁ ପଶି ଆସିଲା କାହାର ତାଡ଼ନାରେ ଯେମିତ— ଆଉ 'ଦୁସ୍, ଦୁସ୍' ବୋଲି ଦୁଡ଼ରେଇବା ଶବ୍ଦ ମଧ୍ୟ ଶୁଣାଗଲା ପାଣୁଆ-ମା କଣ୍ଠରେ । ମଦାର ଅଉ କି ରହେ ?...ଦ୍ୱାରବନ୍ଧ ଡେଇଁବ, ଏତକବେଳେ ଦଦାକର ଉଠିଆସିଲା ଚୂଲିରୁ ପାଖକୁ, କହିଲା—

"ବେଶିକର ଭୋଗ-ରାଗର ବ୍ୟବସ୍ଥା କରବ — ମୁଁ ଅଜ ସେମାନଙ୍କୁ ନିମନ୍ତ୍ରଣ କରିଛି ।"

"କେଉଁମାନଙ୍କୁ ?"

"ମଦାର ଅଟକି ଗଲା, ଡାଟଙ୍କା ହୋଇ ପଚାରିଲା ।

"ତୁମର ଅନ୍ନ ଓ ଅନାମକୁ"

"ସତେ ?"

କ ଯେ ପ୍ରସନ୍ନ-ଭାବ ଫୁଟି ଉଠିଲା ମନ୍ଦାର ଦୃଷ୍ଟିରେ ଓ ମୁଖରେ—ତାହା ଅବର୍ଣ୍ଣନୀୟ । ଦିବାକର ମଧ୍ୟ କି ଅନନୁଭୂତପୂର୍ବ ସୌନ୍ଦର୍ଯ୍ୟ ଉପଭୋଗ କଲା ଆଜି ମନ୍ଦାର ମଧ୍ୟରେ—ଯାହା କଳ୍ପନାତୀତ ।

× × × ×

ମନ୍ଦାର ଚାଲିଗଲା, ଦିବାକର ଫେରିଆସିଲା ତା'ର ଅଙ୍କନ-ସ୍ଥାନକୁ ।

ଦିବାକର ସେହି କାର୍ଡ ସାଇଜରେ କଟା ପିଚ୍‌ବୋର୍ଡ ଉପରେ ଯେଉଁ ଛବିଟି ଆଙ୍କିଥିଲା, ତାହା ଗୋଟିଏ ଦମ୍ପତିର ଛବି । ଅବିକଳ ନିଜର ଓ ମନ୍ଦାରର ପ୍ରତିରୂପ । ମିଳନର ଛବି । ବିଶେଷତ୍ୱ ମଧ୍ୟରେ, ସ୍ତ୍ରୀ ସ୍ୱାମୀର ହାତକୁ ଦୃଢ଼ ମୁଷ୍ଟିରେ ଧାରଣ କରିଛି— ଯାହା କୃଷ୍ଟି-ବିରୁଦ୍ଧ, ସଚରାଚର ଘଟି ନଥାଏ । ଏହା ଯେ ତା'ର ପଳାୟନପର ମନର ପ୍ରତିଫଳ, ଏହା କହିବା ବାହୁଲ୍ୟ ମାତ୍ର ।

ଦିବାକର 'ଜଃ—ସୁଃ'ର ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରିବ, ଏହି ସଂକଳ୍ପ ସେ ଦୃଢ଼ମନରେ ପୋଷଣ କରିଛି । କିନ୍ତୁ, କି ଉପାୟରେ ତାହା କରିବ, ଏହାହିଁ ସମସ୍ୟା । ସେହି ସମସ୍ୟା ସେ ସମାଧାନ କରିଛି ଏହି ଛବିଟି ଆଙ୍କି । ସେମାନେ ନିମନ୍ତ୍ରଣ କରିଛନ୍ତି ସୌଜନ୍ୟ-ପୂର୍ଣ୍ଣ କାର୍ଡ ଦ୍ୱାରା, ସେ ମଧ୍ୟ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରିବ ଅନୁରୂପ ସୌଜନ୍ୟ ଅବଲମ୍ବନ ଦ୍ୱାରା ।···ସେମାନଙ୍କର କାର୍ଡଟି ଅଳଙ୍କୃତ ଥିଲା ଲତା-ପତ୍ରରେ, ଦିବାକରର କାର୍ଡ ଅଳଂକୃତ ହେବ ପ୍ରକୃତିର ସାହାଯ୍ୟରେ ନୁହେଁ, ପ୍ରତିକୃତି ସାହାଯ୍ୟରେ । ସେଥିପାଇଁ ଏହି ଛବି । ଏହାଠାରୁ ବଳି ଅନ୍ୟ କେଉଁ ଛବି ହେବ ସମୀଚୀନ ?—

Digitized by PPRACHIN, SOA

ବର୍ତ୍ତମାନ ପ୍ରଶ୍ନ—ସେ କାର୍ଡ଼ଟିରେ ପ୍ରତ୍ୟାଖ୍ୟାନକୁ କି ଭାଷା-ରୂପ ଦେବ ? ନା, ଭାଷାର କୌଣସି ପ୍ରୟୋଜନ ନାହିଁ । ସୁତରାଂ ସେହି ଶବ୍ଦ ତଳେ ଯୁକ୍ତ ଭାବରେ ଏହି ଦୁଇଟି ବର୍ଣ୍ଣ ମାତ୍ର ଲେଖିଲି—

"ମଃ + ଦଃ"

ଲେଖିସାରି, ମନକୁ ମନ ହସିଲି—

'ସେମାନେ ଲେଖିଥିଲେ ଯୁକ୍ତ-ଭାବରେ 'ଜଃ ସୂଃ'—ମୁଁ ଲେଖିଲି 'ମଃ ଦଃ'—ମୋ'ର ସ୍ତ୍ରୀକୁ ଅଗ୍ରାଧିକାର ଦେଇ, ସେମାନଙ୍କର ପ୍ରଗତିଶୀଳତାର ଗୋଟିଏ ମହାନ୍ ତ୍ରୁଟି ଧରାଇ ଦେଇଛି, ଏଥିରେ ସେମାନେ ହେବେ ନିଶ୍ଚୟ ଲଜ୍ଜିତ ।... ହାଃ...ହାଃ...ହାଃ"

ସେତିକିବେଳେ ମନ୍ଦାର ତରବର ହୋଇ ପଶିଆସି କହିଲା—

"ନିମନ୍ତ୍ରଣ କଲ, ବିଦାୟ କରୁଛ କ'ଣ ?"

"ତା' ଗୃହ-କର୍ତ୍ତ୍ରୀ ଜାଣେ"

"ଆମିଷର ଛଅଟା କଟଲେଟ୍‌କୁ ହେଲେ—"

"ଅଃ ! ଠାକୁର-ଭୋଗ...ଆମିଷ କାହିଁ ?"

"ବେଶ୍, ତା'ହେଲେ ଅନାମ ଆସିଛି, ମୁଁ ସେଇଭଳି ବଜାର ଆଣାଉଛି...କେମିତି ?"

ମନ୍ଦାର ଏହାପରେ କହି ଚାଲି ଯାଉଥିଲା—ଦିବାକର ବାଧା ଦେଇ କହିଲା—

"ମୁଁ ଅଲ୍‌କା ବାହାରିବି, ଗୋଟିଏ ଜରୁରୀ କାମରେ—ଶୀଘ୍ର ଫେରିବି ।"

Digitized by PPRACHIN, SOA

"ବେଶ୍—କିନ୍ତୁ ଏ' ବେଶରେ ନୁହେଁ । ରୁହ, ମୁଁ ହାତଧୋଇ ଆସୁଛି ।"

ମନ୍ଦାର ଆସିଲା । ପେଟରାରୁ ମିହିସୂତାର ମାଣିଆ-ବନି ଯୋଡ଼ କାଢ଼ିଲା, ସିଲ୍କର ପଞ୍ଜାବି କେଉଁକାଳୁ ପରସ୍ତ କରିହୋଇ ଥିଲା, ତା' ଖୋଲି ସେଥିରେ ସୁନାର ବୋତାମ ଲଗାଇଲା, ଅଙ୍ଗୁର କେତେ କ'ଣ ।

"ମଥାଟା ଟିକିଏ କୁଣ୍ଡେଇ ଦିଅତ"

ଦିବାକର ହୁଁ ଚୁଁ କଲାନାହିଁ, ବରଂ ପସନ୍ଦ କଲା, କାରଣ ସେ ମନକୁମନ କହିଲା—ସୁନ୍ଦରୀ-ନିମନ୍ତ୍ରଣର ପ୍ରତ୍ୟାଖ୍ୟାନ ସୁନ୍ଦର ଭାବରେ କରିବାହିଁ ଯୁକ୍ତିସଙ୍ଗତ । 'ହିଂସାଠାରୁ ପ୍ରତିହିଂସା ହୋଇଥାଏ ଦାରୁଣତର ।'—ପ୍ରତ୍ୟୁତ୍ତରରେ ଏହିପରି ଗୋଟାଏ ଧ୍ୱନି ଯେ ଦିବାକରର ଅବଚେତନ ଗୁହାରେ ପ୍ରତିଧ୍ୱନିତ ହୋଇ ତା'କୁ ଉପହାସ କରୁ ନ ଥିଲା, ତାହା ନୁହେଁ ।

ସାଜସଜ୍ଜା ସାରି ଦିବାକର ପରମ ପରିପାଟିରେ ଯେତେବେଳେ ଘରୁ ଅନୁକୂଳ କଲା, ସେତେବେଳେ କାନ୍ଥ-ଘଣ୍ଟାରେ ଢଂ ଢଂ ହୋଇ ଗୁରିଟା ବାଜିଲା ।

× × × ×

ଆଜି ମନ୍ଦାର—ତା'ର କି ପାଟିତୁଣ୍ଡ । କି ଲଣ୍ଡଭଣ୍ଡ । ଏଠା ଆଣ, ସେଠା ଆଣ—ଏ'ଠା କର, ସେଠା କର ବୋଲି ପାଣୁଆ-ମା ଆଉ ଅନ୍ନକୁ (ସେତେବେଳେ ସେ ଅସି ମିଳିଥିଲ ପାଇଥାଏ) ବସେଇ ଉଠେଇ ଦେଉ ନ ଥିଲା ପରି ।

———

Digitized by PPRACHIN, SOA

ବାର

ଏତେବେଳ ପର୍ଯ୍ୟନ୍ତ ଆକାଶଟା ବେଶ୍ ନିର୍ମଳ ଥିଲା । କିନ୍ତୁ ଦୂର ଗଲାପରେ ଦିବାକର ହଠାତ୍ ଆକାଶକୁ ଅନାଇ ଦେଲା । ଉତ୍ତର-ପଶ୍ଚିମ କୋଣଟା ଚକ୍‌ମକେଇ ଉଠିଲା । ଦିବାକର ଅନ୍ତର-ଆକାଶର କେଉଁ ନିଭୃତ କୋଣରେ ଠିକ୍ ସେହିପରି ଗୋଟାଏ ଶିହରଣ ଅନୁଭବ କଲା । ସେ ଅଟକି ଗଲେ ମଧ୍ୟ ଅଟକିଲା ନାହିଁ, ବରଂ ଆହୁରି ଗତିଶୀଳ ହୋଇ ପଥ ଅତିବାହିତ କରିବାକୁ ଲାଗିଲା ।

ଯେତେବେଳେ ସେ ଜୟନାରାୟଣ-ଗୃହର ପାଖାପାଖି ଏବଂ ତାହା ସଂପୂର୍ଣ୍ଣ ଦୃଷ୍ଟି-ପଥାରୂଢ଼—ସେତିକିବେଳେ ପ୍ରବଳ ଝଡ଼ର ଗୋଟାଏ ଝାପ୍‌ଟା ବିପରୀତ ଦିଗରୁ ଝପଟି ଆସି ତା'ର ଗତିରୋଧ କଲା । ଭେଲା କୂଳକୁ ଆଉ ଯିବ, ଠିକ୍ ଏହିଁ ଅବସ୍ଥାରେ ଚୁସିଁ ରହିଗଲା ।

ମୂଷଳ ଧାରାରେ ବାରିପାତ ଆରମ୍ଭ ହେଲା । ଅଗତ୍ୟା ଦିବାକର ଆଶ୍ରୟ ଲୋଡ଼ି ଠାବ-ଅନ୍ୱେଷଣରେ ତତ୍ପର ହେଲା ।

Digitized by PPRACHIN, SOA

ଦେବ ଯୋଗକୁ ଅନତିଦୂରରେ ଗୋଟାଏ ଝାଙ୍କା ବରଗଛ ଥିଲା, ତା'ର ମୂଳ-ଦେଶକୁ ଦୌଡ଼ିଯାଇ ଗଣ୍ଡିକୁ ଆଉଜା ଠିଆହେଲା ।

ଏଥର ବର୍ଷା ଓ ପବନର ଅବିଶ୍ରାନ୍ତ ସହ-ନୃତ୍ୟର ତାଣ୍ଡବ ଆକାଶ-ମେଦିନୀ କମ୍ପମାନ କରି ଚାଲିଲା ।···ତାହିଁଣି ଶରକ୍ଷେପ ପରି ସମ୍ମୁଖ ଦିଗରୁ ତୀର୍ଯ୍ୟକ୍ ଧାର-ପାତ ଓ ଜଳସ୍ତମ୍ଭ ସଦୃଶ ଊର୍ଦ୍ଧ୍ୱ ଦେଶରୁ ଗହଳ-ପତ୍ର-ସଞ୍ଚିତ ବାରି-ପ୍ରପାତ ତା'କୁ କଲା ଏକ ଦିଗରୁ ଯେମିତି ସ୍ନାନ-ସିକ୍ତ, ଅନ୍ୟ ଦିଗରୁ କଲା ସେମିତି କ୍ଷତ-ବିକ୍ଷତ । ···ମାତ୍ର ଦିବାକର ଆଦୌ ବ୍ୟସ୍ତ ହେଲା ନାହିଁ । ତାହାର ଛାତି-ପକେଟରେ ଥିଲା ପ୍ରତ୍ୟାଖ୍ୟାନ କାର୍ଡ଼ଟି । ତାକୁଇ କେମିତି ରକ୍ଷା କରିବ ବର୍ଷା-ପବନର ଦାଉରୁ, ସେଥିରେ ଥିଲା ନିବାଙ୍କି ଦୃଢ଼-ହସ୍ତ ସ୍ଥାପନ କରି ଦୃଢ଼-ସଂକଳ୍ପର ସେହି ବସ୍ତୁକୁ ଛାତି ସଙ୍ଗେ କରିଥିଲା ଘନ-ସନ୍ନିବଦ୍ଧ । କାୟିକ ଅଭିଯାନ ତା'ର ସାମୟିକ ବାଧାପାଇ ସ୍ଥଗିତ ହୋଇଥିଲା, କିନ୍ତୁ ମାନସିକ ଅଭିଯାନ ଚାଲିଥିଲା ଅବାଧଗତିରେ ସମୟକୁ ଅତିକ୍ରମକରି ।···

ସେ ଜାଣେ ଜୟନାରାୟଣ ଆଜି ଅଫିସରୁ ଛୁଟି ନେଇଛି— ନିଶ୍ଚୟ ଘରେ ଅଛି । ସ୍ୱ-ଗୃହରେ ତା'କୁ ଭେଟିବ । ସ୍ୱ-ହସ୍ତରେ କାର୍ଡ଼ଟି ଦେବ । ଜୟନାରାୟଣ ତାହା ଦେଖିବ, ବିମୂଢ଼ ହୋଇ ଯିବ, ବିମୂଢ଼ ନୟନରେ ହୁଏତ ତା'କୁ ଅନାଇବ ।···ତା'ର କ'ଣ ? ସେ ଡାକ-ପିଅନ । ଡାକ ଦେଲା ପରେ ତା'ର କର୍ତ୍ତବ୍ୟ ଶେଷ, ସେ ଖଲ୍ଲାସ । ଉଲ୍ଲାସ ଚିତ୍ତରେ ସେ ତା'ର ସ୍ୱ-ସ୍ଥାନକୁ ଫେରିବ, କୌଣସି ଡାକବାକୁ ସେ ଖାତିର କରିବ ନାହିଁ, ଡାକଣା-ହାରକୁ ଫେରି ଅନାଇବ ନାହିଁ ଥରେ ।

Digitized by PPRACHIN, SOA

ଯ୍ବା ପରେ ଯାହା ଘଟିବ, ତାହା ନଖ-ଦର୍ପଣରେ ପ୍ରତି-ଫଳିତ—ଚମତ୍କାର !

'ଜଃ' ନେଇ ଯିବ କାର୍ଡ଼ଟି ଘର ଭିତରକୁ, 'ସ୍ମିଃ' କୁ ଦେଖାଇବ; କିମ୍ବା 'ସ୍ମିଃ' ବାହାର ଅସିବ ପଦାକୁ କେଉଁ ସ୍ୱର୍ଗ ପାଇ; ତା'ର ତ ପର୍ଦ୍ଦାର କଟକଣା ନାହିଁ, କି ସରମର ବାଧା ନାହିଁ; ସେ କାଃଫକୋଟରେ ଝାଣି ନେବ କାର୍ଡ଼ଟି 'ଜଃ' ହାତରୁ; ତୀକ୍ଷ୍ଣ ଦୃଷ୍ଟିରେ ଛବିଟିକୁ ନିରୀକ୍ଷଣ କରିବ; ନୈରାଶ୍ୟ ବ୍ୟଞ୍ଜକ କଣ୍ଠରେ ମୃତ ସ୍ୱାମୀକୁ ଅର୍ଥ କରି ବୁଝାଇବ—'ମଃ-ଦାଃ'ର ଦାମ୍ପତ୍ୟ ସାଧାରଣ ନୁହେଁ, 'ଜଃ-ସ୍ମିଃ'ର ଅନୁରୂପ ଲଘୁ ନୁହେଁ,—ଏହା ଅସାଧାରଣ, ଅମୋଘ—ସ୍ୱର୍ଗର ଅପ୍‌ସରା-କିନ୍ନରୀର ମୋହ-ବାଣ ମଧ୍ୟ ଭେଦିବାକୁ ଅସମର୍ଥ ।

ହାଃ...ହାଃ...ହାଃ...ହାଃ

ଠିକ୍ ସେତିକି-ବେଳେ ଅଟଳ-ପାତର ଭୀଷଣ ରୋଳ ଚତୁର୍ଦ୍ଦିଗ ପ୍ରକମ୍ପିତ କଲା, ହେଲେ,ଏହି ଅଟ୍ଟହାସ୍ୟର ବିକଟ ରୋଳକୁ କ୍ଷୁଣ୍ଣ କରି ପାରିଲା ନାହିଁ ।...ତଥାପି ଦିବାକରର କଳ୍ପନା-ଜାଲ ହେଲା ଛିନ୍ନଭିନ୍ନ, ସେ ହେଲା ପ୍ରକୃତିସ୍ଥ । ମାତ୍ର ତା'ର ଆଖି ଆଗରେ ଯେଉଁ ପ୍ରକୃତ ଦୃଶ୍ୟ ଖେଳିଗଲା, ତାହା ପ୍ରକୃତିର ପରିହାସ, ଏହାପରି ମର୍ମ ସେ ଶିରରେ ଶିରରେ ଅନୁଭବ କରିବାକୁ ଲାଗିଲେ ।

ବାୟୁରୁ ବଳ ହଟିଥିଲା, ବୃଷ୍ଟିର ବର୍ଷଣ ପାତଳ ଧରିଥିଲା, ଏହି ଅବସରରେ ଗୋଟିଏ ମହାର୍ଘ-କାର୍ ମନ୍ଥର ଗତିରେ ଅସି ଠିକ୍ ଜୟନାରାୟଣ-ଗୃହର ସାମ୍ନାସାମ୍ନି ଠିଆ ହେଲା । ଡ୍ରାଇଭର ଦରଜା ଉନ୍ମୁକ୍ତ କରିଦେଲା, କାର୍ ଭିତରୁ ଓହ୍ଲାଇ ଆସିଲା ପ୍ରଥମେ ଜଣେ ହ୍ୟାଟ୍‌ଧାରୀ ସାହେବ୍-ସୁଟ୍ ପରିହିତ ବ୍ୟକ୍ତି—

Digitized by PPRACHIN, SOA

ପ୍ରୌଢ଼ କି ଯୁବା ଠିକ୍ ଜଣାଗଲା ନାହିଁ । ସେହି ଜଣକ ସାହେବୀ ଷ୍ଟାଇଲରେ କାର୍ ଭିତରକୁ ହସ୍ତ ପ୍ରସାରିତ କଲା, ସେହି ହସ୍ତକୁ ମେମ୍-ସୁଲଭ କାଇଦାରେ ଅବଲମ୍ବନ କରି, ବେଶ୍ ଷ୍ଟାଇଲରେ ଓହ୍ଲାଇ ଆସିଲା 'ରଙ୍ଗିଣୀ'-ଲକ୍ଷଣା ତରୁଣୀଟିଏ—ହେଲେ, ତାର ମଥାର ତାଜ୍ ସହ ଶ୍ୱେତ ଶୁଭ୍ର ବେଶର ପରିପାଟି ସୂଚାଇ ଦେଉଥିଲା, ସେ ନର୍ସ ।

ବର୍ଷା ପଡ଼ୁଥିଲା, ତେଣୁ ସୌଜନ୍ୟ-ଖାତିରରେ ସାହେବ ଜଣକ ନିଜର ହ୍ୟାଟ୍ ଓହ୍ଲାଇ ପକାଇ ତରୁଣୀର ମଥାଉପରେ ରକ୍ଷା-କବଚ ରୂପେ ଧାରଣ କଲା ।

ରାଜ-ମାର୍ଗରୁ ଉଦ୍ଦିଷ୍ଟ ଗୃହର ଦୂରତ୍ୱ ଏମିତ କିଛି ବେଶୀ ନୁହେଁ; କିନ୍ତୁ ଯେଉଁ ଭଳି ନିବିଡ଼ ଭାବରେ ଜଡ଼ାଜଡ଼ି ହୋଇ ସେମାନେ ରାସ୍ତା ଅତିକ୍ରମ କଲେ, ସେଥିରେ ସମୟର କଣ୍ଟା ବେଶ୍ କିଛି ଆଗେଇ ଗଲା ।

ଦାଣ୍ଡ-ପିଣ୍ଡାକୁ ତରୁଣୀ ଉଠିଗଲା । 'ବାଇ, ବାଇ' ବୋଲି ଉଭୟେ ପରସ୍ପରଠାରୁ ରୁମାଲ ଉଡ଼ାଇ ବିଦାୟ ନେଲେ । ସାହେବ-ପୋଷାକାଧାରୀ ମଟର ଆଡ଼କୁ ଦ୍ରୁତ ପଦକ୍ଷେପରେ ଅଗ୍ରସର ହେଲା । ହରିଣ-ନେତ୍ରୀ ଶଙ୍ଖ-ମଲମଲ ମୂର୍ତ୍ତିଟି ପରି ଯଥା-ସ୍ଥାନରେ ଠିଆ ହୋଇ ଉତ୍‌ପକ୍ଷ୍ମ-ନେତ୍ରରେ ବିଦାୟୀ-ଜଣକ ପ୍ରତି ଧ୍ୟାନମଗ୍ନ ରହିଲା ।

ଏହି ଏକକ-ପରିସ୍ଥିତିରେ ତରୁଣୀଟି ଦିବାକରର ଷ୍ଟିମ୍ୟକ୍ ଦୃଷ୍ଟିର ଶରବ୍ୟ ହେଲା । ଦିବାକର ଚହିଁଲା—'ସୁନ୍ଦରୀ' ! ସୁନ୍ଦରୀ ଅଦୃଶ୍ୟ ହୋଇଗଲା•••ଦିବାକର ମଧ୍ୟରେ ହେଲା ହିଂସାର ସମାବେଶ । ପୁରୁଷ ଜଣକ ଯିଏ ହେଉ, ସେ ଦୁଷ୍ଟନ୍, ଏହି ଭାବରେ ସେ ହେଲା

Digitized by PPRACHIN, SOA

ଉତ୍‌କ୍ଷିପ୍ତ । ଚଳମାନ ମଟରଟି ସମ୍ମୁଖସ୍ଥ ହେଉଣୁ ନ ହେଉଣୁ, ସେ କୃଷ୍ଣ-ଶ୍ୱାପଦର ଉଲ୍ଲମ୍ଫନରେ କାର୍ ଉପରେ ହେଲା ପତିତ ।

"ହାଁ...ହାଁ"

ବୋଲି, ଡ୍ରାଇଭର ବ୍ରେକ୍ କସିଲା, ଆଉ ଆରୋହୀ ଅନ୍ୟଜଣକ ଚୀତ୍କାର କରି ଉଠିଲେ—

"ଦିବାକର ବାବୁ..."

ଏବଂ ସାଥି ସାଥି ଦରଜା ଖୋଲି, ପଦାକୁ ବାହାରି ଆସିଲେ ।

ଦିବାକର ଚାହିଁଲା ହୋଇ ଦେଖିଲା—ମୁନସଫ୍‌ବାବୁ ।

"ଆସନ୍ତୁ, ଆସନ୍ତୁ କାର ଭିତରକୁ...ଏ'ଭଳି ଅପନ୍ତରିଆ ଯୋଗାରେ ହଠାତ୍ ଆପଣ ?..."

ବୋଲି, ମୁନସଫ୍‌ବାବୁ ଦିବାକରକୁ ପାଖେଇଟି ନେବା ପାଇଁ ହାତ ଧରିଲେ ।

" କ୍ଷମା କରିବେ, ମୋ'ର ଟିକିଏ କାମ ଅଛି ।"

"କେଉଁଠି ?...ଚାଲନ୍ତୁ ନା, ମୁଁ ସେଇଠି ଓହ୍ଲାଇ ଦେବି ।"

"ଏଇଠି, କମ୍ପାଉଣ୍ଡର ବାବୁଙ୍କ ସଙ୍ଗେ ଗୋଟାଏ ଜରୁରି ଦରକାର ଥିଲା ।"

"ସେ'ତ ଘରେ ନାହାନ୍ତି । ମୁଁ ଏଇକ୍ଷଣି ସେଇଠୁଁ ଆସୁଛି । ଆଉ ଯଦି ତାଙ୍କଘରେ ଦରକାରଟା ଜଣାଇ ଆସିବାକୁ ଚାହୁଁଥା'ନ୍ତି, ତେବେ ଏ'ଭଳି ଭିଜା ଲୁଗାପଟାରେ, ଅଭଦ୍ର ଅବସ୍ଥାରେ ଜଣେ ଭଦ୍ରମହିଳା ସଙ୍ଗେ ସାକ୍ଷାତ୍ କରିବା ଠିକ୍ ହେବ ତ ?"

ଏତେବେଳକେ ଦିବାକର ନିଜର ଅବସ୍ଥା ପ୍ରତି ଦୃଷ୍ଟିଦେଲା । ମୁନ୍‌ସଫ୍ ବାବୁ କହି ଚାଲିଥାନ୍ତି—

Digitized by PPRACHIN, SOA

"ଆପଣ ବୋଧହୁଏ ଜାଣନ୍ତି ନାହିଁ—She is most refined and uptodate lady ever seen—ଗୃଳନ୍ତୁ ସାଥିରେ, ଘରେ ଲୁଗାପଟା ବଦଳାଇ ଅସିବେ—ହିଁ, ଏ' ମରହଛି ଅ ପୋଷାକ ମଧ୍ୟ !"

ଏତକ କହି ମୂନ୍‌ସଫ୍‌ବାବୁ ମୁରୁକି ମରୁକି ହସିଲେ, ହେଲେ, ସେହି ହସର ଅନ୍ତର୍ନିହିତ କଟାକ୍ଷ ଦବାକରକୁ ତେତେ ବାଧିଲା ନାହିଁ, ଯେତେ ବାଧିଲା ପ୍ରତିଦ୍ୱନ୍ଦୀର uptodate ପୋଷାକର ସାମ୍ମୁଖ୍ୟ । ଦବାକର ବନାବାକ୍ୟ-ବ୍ୟୁହରେ ହାକିମଙ୍କ ସହ-ଯାତ୍ରୀ ହେଲା···ଗାଡ଼ି ଗୃଲିଲା ।

× × × ×

"ଆଜି ଗୋଟାଏ ଖାଣ୍ଟି ଇଉରୋପିଆନ୍ ପାର୍ଟି···ସେଥିପାଇଁ ମୋତେ ସାଜିବାକୁ ପଡ଼ୁଛି ନକଲି ଇଉରୋପିଆନ୍···ଏ' ବିଷୟରେ ଭଦ୍ରମହିଳାଟି ମଧ୍ୟ ମୋତେ କମ୍ ସାହାଯ୍ୟ କରନାହାନ୍ତି··· ପ୍ରକୃତରେ very accomplished, very accomplished lady she is ! ଦର୍ବାକରବାବୁ, ସତ କହିବାକୁ କ'ଣ,ଜୟନାରାୟଣ ପ୍ରତି ମୋର ଭାରି ଈର୍ଷା ହୁଏ···ସେହି ସଙ୍ଗେ ମହିଳାଟି ପ୍ରତି ଦୁଃଖ ମଧ୍ୟ କମ୍ ନୁହେଁ···ଏମିତି କଳାବତ୍ତୀ-ସ୍ତ୍ରୀର କି ନା ଗର୍ଦ୍ଦଭ-ସ୍ୱାମୀ !··· ମୋ'ର ସ୍ତ୍ରୀ ବର୍ତ୍ତମାନ ସନ୍ତାନ-ସମ୍ଭବା. ସେଥିପାଇଁ ପ୍ରତିଦନ ମୋତେ ନେଇଯିବାକୁ ଓ ଛାଡ଼ିଦେଇଯିବାକୁ ପଡ଼ୁଛି···ଏଇଥି ଭିତରେ ଯେତିକି ଟିକିଏ ସାନ୍ନିଧ୍ୟ, ତାହା ଯେ କି ଆନନ୍ଦ······"

ମୁନସଫ୍‌ବାବୁ କହୁ କହୁ ହଠାତ୍ ଅଟକି ଗଲେ, ଚଳନ୍ତା ଗାଡ଼ିରୁ ଦବାକରକୁ ଉଲ୍ଲମ୍ଫମାନ ହେବାର ଦେଖି···

Digitized by PPRACHIN, SOA

"ଦିବାକର ବାବୁ !"

ବୋଲି, ଦିବାକରଙ୍କୁ ଟାଣି ସିଟ୍‌ରେ ବସାଇ ଦେଲେ ।

"ଓହ୍ଲାଇ ଦିଅନ୍ତୁ ଅନୁଗ୍ରହ କର, ସ୍ୟାର୍ !"

"କାହିଁକି ? Are you jealous of me ? ...ମୋପ୍ରତି ହିଂସା ହେଉଚି ?..."

ଠିକ୍ ସେତିକିବେଳେ ବିପରୀତ ଦିଗରୁ ଗୋଟିଏ ସାଇକଲ୍-ରିକ୍ସା ଛୁଟି ଆସିଲା ।

"ରୋକ୍, ରୋକ"

ବୋଲି, ପାଟି-ତୁଣ୍ଡ କରି, ରିକ୍ସା-ଯାତ୍ରୀ ଔଦ୍ଧତ୍ୟକ ହସ୍ତ ଟେକି ରହିଲା । ମଟର ଥମିଲା, ରିକ୍ସା ଆସି ମଟରର ପାଖକୁ ଲାଗି ଠିଆ ହେଲା ।

"ସ୍ୟାର୍..."

ବୋଲି, ଜୟନାରାୟଣ ରିକ୍ସାରୁ ଡେଇଁ ପଡ଼ିଲା ତଳକୁ, ଆଉ ମୁନ୍‌ସଫ୍‌ବାବୁଙ୍କ ହାତକୁ ଟେଲିଗ୍ରାମ୍‌ଟିଏ ବଢ଼ାଇ ଦେଇ, ପୁଣି କହିଲା—

"ଜରୁରୀ ଖବର...ଡାକ୍ତରବାବୁ ଦେଲେ...ଡାକ୍ତରଖାନାରେ ଅପେକ୍ଷା କରିଛନ୍ତି, ସେହିବାଟେ ଯିବେ...ଦିବାକରବାବୁ ଯେ !"

ମୁନ୍‌ସଫ୍‌ବାବୁ ଟେଲିଗ୍ରାମ୍‌ଟି ପଢ଼ୁଥିଲେ, ଅନ୍ୟମନସ୍କ ଥିଲେ । ...ଦିବାକର ଓହ୍ଲାଇବ କି ନା ଠିକ୍ କରିପାରୁ ନଥିଲା...ମୁନସଫ୍ ବାବୁ ଅନାଇ ଦେଇ କହିଲେ—

"ଓହ୍ଲାଇ ନାହାନ୍ତି ?...କମ୍ପାଉଣ୍ଡର ବାବୁଙ୍କ ସଙ୍ଗେ ଜରୁରୀ ଦରକାର ବୋଲି କହୁଥିଲେ ପରା ?"

"ସ୍ୟାର୍"

ବୋଲି, କିଏ ଯେମିତି ଠେଲିପେଲି ଦିଏ, ଠିକ୍ ସେହି ଭାବରେ ଦିବାକର ଓହ୍ଲାଇ ପଡ଼ିଲା, ଅବଶ୍ୟ ରିକ୍ସାର ବିପରୀତ ଦିଗରେ ।

Digitized by PPRACHIN, SOA

ମୁନ୍‌ସଫ୍‌ବାବୁ ଜୟନାରାୟଣଙ୍କୁ ଚାହିଁ କହିଲେ—

"ଦିବାକର ବାବୁଙ୍କ ଯେଉଁ ହାଲ, ସେଥିରେ କୌଣସି ଭଦ୍ରଲୋକ ସଙ୍ଗେ ଦେଖା କରିବା ଦୂରେ ଥାଉ, ବାଟ ଚାଲିବା ମଧ୍ୟ ଦୁଷ୍କର।…ଆପଣଙ୍କୁ ଲାଗିଲା, ଏହି ରିକ୍‌ସାରେ ପଠାଇ ଦେବେ, ମୁଁ ଚାଲିଲି"

"ଜରୁରୀ କାମ, ଆପଣ ଆସନ୍ତୁ।"

ମଠେର ଚାଲିଗଲା। ଦିବାକର ଓ ଜୟନାରାୟଣ ପରସ୍ପରାଭିମୁଖୀ ହେଲେ। ଜୟନାରାୟଣ ପ୍ରଥମେ କଥା ଆରମ୍ଭକଲା—

"ଆପଣ ସହଳ ସହଳ ଆସିଥିଲେ, ଭଲ କରିଥିଲେ…ଲୁଗା-ପଟା ଭିଜିଯାଇଥିଲା ବୋଲି ଲେଉଟି ଯାଉଥିଲେ?…ଛି, ଛି… ଆପଣ କ'ଣ ଆମ-ଘରକୁ ଯାଇଥିଲେ?"

"ନା"

"ବାଟରୁ ଲେଉଟୁଛନ୍ତି?…ସୁନ୍ଦରୀ ଏ'କଥା ଶୁଣିଲେ, ମୋ ମୁଣ୍ଡ ରଖିବ ତ? ସେଇଠି କ'ଣ ଏ' ଓଦା ଲୁଗାପଟା ବଦଳାଇ ପାରି ନ ଥା'ନ୍ତେ?…ସୁନ୍ଦରୀ ଅବଶ୍ୟ ଘରେ ନଥିଲା। ସେ ନ-ଥିବା ଅବସ୍ଥାରେ ମୁଁ ବି ଜରୁରୀ ଡାକରା ପାଇ ବାହାରି ଯାଇଥିଲି, ଅବ୍‌ଦୁଲ ତ ଥିଲା।"

"ଅବ୍‌ଦୁଲ।"

"ବୁଝି ପାରୁଥିବେ ସୁନ୍ଦରୀର ଖିଆଲ…ଉଠନ୍ତୁ ତ ରିକ୍‌ସାରେ।"

ଦିବାକର ଓ ଜୟନାରାୟଣ ଆରୋହଣ କଲେ। ରିକ୍‌ସା ଚାଲିଲା। ଦିବାକରଠାରେ ଶ୍ଳେଷ୍ମାର ପ୍ରକୋପ ଦେଖାଗଲା। ସେ ଘନଘନ ଛିଙ୍କିବାକୁ ଲାଗିଲା। ଜୟନାରାୟଣ କହିଲା—

Digitized by PPRACHIN, SOA

"ଦେଖିଲେତ ଓଦା-ଲୁଗାପଟାରେ ରହିବାର ଫଳ ! ଜଲଦି ରିକ୍‌ସା !···ବାଟରେ ମୁନ୍‌ସଫ୍‌ବାବୁଙ୍କ ସଙ୍ଗେ ଦେଖା ହୋଇଗଲା, ରିଷା !···ରିକ୍‌ସା କରିଥିଲି, ଖାସ୍ ଆପଣଙ୍କୁ ତୁରନ୍ତ କାମସାରି ଘରୁ ନେଇ ଆସିବା ବୋଲି । ମଟର ଥିଲେବି, ମଟରରେ ଆସିବେ ନାହିଁ, ଜାଣେ । ଯାହାହେଉ ଦୈବାତ୍ ଆପଣଙ୍କ ଏମିତ ଭାବରେ ଭେଟିବି, ଆଦୌ କଳ୍ପନା କରି ନଥିଲି ।—କଥାରେ କହନ୍ତି ନାହିଁ—Man proposes God disposes···"

"ହଁ, ସେହି ତାରଟା କ'ଣ କି, ମୁନ୍‌ସଫ୍ ବାବୁଙ୍କୁ ଯା' ଦେଲେ ?···ଗୋପନୀୟ କିଛି ନୁହେଁ ତ ?"

"ଗୋ-ପନୀୟ···ହଁ, ଖୁବ୍ ବର୍ତ୍ତମାନ-ପରିସ୍ଥିତିରେ··· ତେବେ, ଆପଣଙ୍କୁ ଗୋପନରେ କହୁଚି—ବ୍ରାହ୍ମଣୀ, ବୈତରଣୀ ଜୋର୍ ବଢ଼ୁଚି···ବିପଦ-ସଙ୍କେତ ଅତିକ୍ରମ କରିବା ଉପରେ— ତେବେ ଭୟନାହିଁ ।"

"ମାନେ ?"

"କାଠଯୋଡ଼ି-ମହାନଦୀ ବଢ଼ୁନାହିଁ ଯେ, ଆମର ନିମନ୍ତଣଟା ବାଁଗ୍ରୁଲିଆ ହୋଇଯିବ ।"

"କମାଣ୍ଡର ବାବୁ !···"

ବୋଲି, ଦିବାକର ଅସ୍ଫୁଟ ସ୍ୱରରେ ଏହିପଦକ ଉଚ୍ଚାରଣ କଲା, ଏବଂ ତତ୍‌କ୍ଷଣାତ ନିଜର ଜାମାର ଗୁପ୍ତ-ପକେଟରେ ହସ୍ତ ପ୍ରବିଷ୍ଟ କଲା; କିନ୍ତୁ ଯାହା ବାହାର କରିବାକୁ ଯାଉଥିଲା, ତାହା କରି ପାରିଲା ନାହିଁ, କାରଣ ସେତେବେଳକୁ ରିକ୍‌ସା ଗନ୍ତବ୍ୟ ସ୍ଥଳରେ ଆସି ଅଟକି ଯାଇଥିଲା, ଏବଂ ସ୍ୱାଗତ-ଅଭିନନ୍ଦନ ଜଣାଇ, ବିଦ୍ୟୁଲ୍ଲତା ଝଲକରେ ଦୁଇଟି କର-ପଲ୍ଲବ କୁଠୀରର ରୁଦ୍ଧ-ଦ୍ୱାର ଉନ୍ମୁକ୍ତ କରିଦେଇଥିଲା ।

Digitized by PPRACHIN, SOA

ତେର

ଜୟନାରାୟଣର ଗୃହ । ବୈଠକଖାନା । ପ୍ରଶସ୍ତ ନ ହେଲେ ମଧ୍ୟ ଅପ୍ରଶସ୍ତ ନୁହେଁ । ସରଳ ଅଥଚ ରୁଚିବୋଧର ପରିଚୟ ଦେଉଥିଲା ଆଜିର ସାଜ-ସଜ୍ଜା । ନାନା ରଙ୍ଗୀନ ଆଲୋକର ବିଦ୍ୟୁଚ୍ଛଟାରେ ତାହା ଉଦ୍ଭାସିତ । ବୈଠକଖାନାର ପୃଷ୍ଠ-ଭାଗରେ ଗୋଟିଏ ମସ୍‌ଲିନ୍ ପର୍ଦ୍ଦା—ରଙ୍ଗମଞ୍ଚର ଯବନିକାପରି—ପ୍ରୟୋଜନ-ବୋଧରେ ତାହା ଦୁଇଟି ଡେଣାମେଲ୍ ଅପସାରିତ ହୋଇଯିବ । …ଏହି ଯବନିକାର ସମ୍ମୁଖ ଭାଗରେ ଜଳସାର ବ୍ୟବସ୍ଥା । ଏକ ପାର୍ଶ୍ୱରେ ପିଆନୋ, ଅପର ପାର୍ଶ୍ୱରେ ପଖାଉଜ ଓ ବାୟାଁ-ତବଲା ଆଦି ବାଦ୍ୟ-ଯନ୍ତ୍ରର ସମାବେଶ । ତଳେ କାଶ୍ମୀରୀ କାର୍ପେଟର ଶୋଭା । ମଧ୍ୟସ୍ଥଳରେ ଅଲଙ୍କୃତ ବୃତ୍ତ । ବୃତ୍ତର କେନ୍ଦ୍ରସ୍ଥଳରେ ଅବ୍‌ଲୁସ୍ କାଠର ନାତିଉଚ୍ଚ ଟିପଏ ।…ସେଥିର ମହାର୍ଘ-ଆବରଣ ଉପରେ ରଜନୀ-ଗନ୍ଧା-ଗୁଚ୍ଛ-ଧାରୀ ଫୁଲଦାନିଟିଏ ।

× × × ×

Digitized by PPRACHIN, SOA

ଦବାକର ଜଲ୍‌ସାର ପୋକ, ହେଲେ ଏଭଳି ଆୟୋଜନର ଅଭିଜ୍ଞତା ତା'ର ଜୀବନରେ ପ୍ରଥମ ବୋଲି ସେ ମନେକଲା । ସେ ଯେମିତ ରସନା-ରସିକ, ସେମିତ କଣ୍ଠ-ରସିକ । ଭୋଜ୍ଯ ଓ ସଙ୍ଗୀତ ମାନବ-ଜୀବନର ଏକମାତ୍ର ଉପଭୋଗ୍ୟ ବୋଲି ସେ ଜାଣେ । ଏଥିପାଇଁ ସ୍ଥାନାସ୍ଥାନ ବା କାଳାକାଳର ଅପେକ୍ଷା ସେ ରଖେ ନାହିଁ । ଯଦି ସେ ବେଶ୍ୟାଳୟକୁ କେବେ ଯାଇଥିବ, ତେବେ ବେଶ୍ୟାର ଅଧର-ଲାଳସୀ ହୋଇ ନୁହେଁ, ବେଶ୍ୟାର କଣ୍ଠ-ଲାଳସୀ ହୋଇ । ଯଦି ସେ ଜାତିପାଠକର ବାରଣ ନ ରଖି ଅବଦୁଲ-ହାତର ରାନ୍ଧଣା ଖାଇଥିବ, ତେବେ ରସନାର ତୃପ୍ତି ଏକମାତ୍ର ଉଦ୍ଦେଶ୍ୟ, ଉଦାରତାର ପରିତୃପ୍ତି ନୁହେଁ । ଶନିବାରକୁ ଶନିବାର ନିଜ ପକେଟରୁ ଖର୍ଚ୍ଚକରି, ଉଦ୍ୟାନ-ବାଟିକାରେ ଡାକ୍ତର ବାବୁ, ମୁନସଫ୍ ବାବୁ ଆଦିଙ୍କୁ ନିମନ୍ତ୍ରଣ କରେ—ସେଥିର ମୂଳରେ ରହିଛି ଜୀବନଭୋଗର ଅଭୀପ୍‌ସା, ଅନ୍ୟ କିଛି ନୁହେଁ । ସେ ଗୃହୀ, ଗୃହରେ ଅବଦ୍ଧ ରହିବାକୁ ସଂକୀର୍ଣ୍ଣତା ବୋଧ କରେ; ସେ ହୁଏ ତ ମାତାଲାମି କରେ, ମାତାଲ ନୁହେଁ; ସେ ଦାନ କରେ, ଦାତା ନୁହେଁ; ସେ ଶତ୍ରୁତା କରେ, ଶତ୍ରୁ ନୁହେଁ; ମିତ୍ରତା କରେ ବୋଲି, ମିତ୍ରର ବଶ ହେବ ତାହା ନୁହେଁ; ବିପଦରେ ସାହାଯ୍ୟ କରେ ବୋଲି, କାହାର ସାହାଯ୍ୟ ଲୋଡ଼ିବ ତାହା ନୁହେଁ; ସେ ଇନ୍ଦ୍ରିୟର ଦାସ, କିନ୍ତୁ କ୍ରୀତ-ଦାସ ନୁହେଁ; ସମାଜର ବିଧି-ନିଷେଧ ସେ ମାନି ଚଳେ, କିନ୍ତୁ ଏକାଧିପତ୍ୟକୁ ଅସ୍ୱୀକାର କରେ ।

ଚେତନ ମନରେ ଯେଉଁ ଆକର୍ଷଣରେ ଥାଉ, ଅବଚେତନ ମନରେ ଏହିଧର ଗୋଟାଏ ବୈପ୍ଲବିକ ଜୀବନ-ବୋଧର ଆଲୋଡ଼ନବିଲୋଡ଼ନରେ କ୍ଷତବିକ୍ଷତ ହୋଇ, ସେ ଏହିଠାରେ

Digitized by PPRACHIN, SOA

ଉପସ୍ଥିତ, ସନ୍ଦେହ ନାହିଁ । ବର୍ତ୍ତମାନ ଜୀବନ-ଉପଭୋଗର ପୂର୍ଣ୍ଣ ଆୟୋଜନ ସେ ଏହିଠାରେ ଠୁଳ ଦେଖିଲା । ସୁନ୍ଦରୀ-ଲିପ୍‌ସାର ଯୌନ ଆକର୍ଷଣ ହୋଇଗଲା ଗୌଣ । କେତେବେଳେ ଯେ ଓଦାଲୁଗା-ଜାମା ବଦଳାଇ, ଘରଦର ଧୋତି-ଜାମା ପିନ୍ଧିଚି, ତାହା ତା'କୁ ମାଲୁମ୍ ନାହିଁ । ···କିଏ ଦେଇଚି, କିଏ ନେଇଚି, ସେଥିପ୍ରତି ମଧ୍ୟ ଲକ୍ଷ୍ୟ ନାହିଁ । ତା'ର ଧ୍ୟାନ ଥିଲା ପିଆନୋଟି ପ୍ରତି—କେତେ-ବେଳେ ସେ ତାହା ବଜାଇବ, ସ୍ୱପ୍ନ-ଜୀବନର ଛନ୍ଦକୁ କରିବ ଅନୁରଣିତ । ସେ ବଜାଇଲା, ମଧୁର ଗୋଟିଏ ରାଗିଣୀ, ଆଉ ତା' ସଙ୍ଗେ ତବଲାର ସଙ୍ଗତ କରି ଚାଲିଲା ଅନୁରୂପ ଲୟ ଓ ତାଳରେ ଜୟନାରାୟଣ ।···ଜୟନାରାୟଣର ସେ ବେଳର ବେଶ-ପରିପାଟି ଦେଖିଲେ କେହି କହିବ ନାହିଁ ଯେ, ଏ 'କମ୍ପାଉଣ୍ଡର—ବୁଢ଼ା ଜୟନାରାୟଣ', ଏ ଜଣେ ଲକ୍ଷ୍ନୌବାସୀ ଲବ୍ଧ-ପ୍ରତିଷ୍ଠ ତବଲ୍‌ଚି ।

ଗତ୍ ଶେଷ ହେଲା । ଗୋଟାଏ ଛେଦର ଉପକ୍ରମ, କିନ୍ତୁ ଯବନିକାର ଅନ୍ତରାଳରେ ଶୁଣାଗଲା ନୂପୁରର ଝଙ୍କାର । ନୂପୁର-ଧାରିଣୀ ନାଚିବାକୁ ଉଚ୍ଛନ୍ନ—ସେଥିପାଇଁ ବାଦ୍ୟର ଆମନ୍ତ୍ରଣ ।

"ବାଃ···"

ବୋଲି, ଦବାକର ଏଥର ଗାଇଲା ଓ ବଜାଇଲା । ଲହର ଦେଇ ତବଲା ମଧ୍ୟ ଚାଲିଲା ।···ଯବନିକା ଅପସାରିତ ହୋଇଗଲା । ବିବିଧ ବର୍ଣ୍ଣାଢ୍ୟ ଆଲୋକର ସଂପାତ ଯେଉଁ ରହସ୍ୟ-ଲୋକ ସୃଷ୍ଟି କଲା, ସେଥିରୁ ମନେ ହେଲା, କେଉଁ ନୃତ୍ୟପଟିୟସୀ ରମ୍ଭା ବା ଉର୍ବଶୀ ନୃତ୍ୟଛନ୍ଦରେ ଅଳକାଧାମରୁ ଓହ୍ଲାଇ ଆସିଲା ଏ ମର୍ତ୍ତ୍ୟପୁରୀକୁ । ନୃତ୍ୟ ଚାଲିଲା ।······

× × × ×

Digitized by PPRACHIN, SOA

ତେଣେ ଦବାକରର ଗୃହ ।···କାଉଁରିଆ ଅବଧାନ ଅସି, ତା'ର ପୋଥି-ପତ୍ର ମେଲେଇ ବସିଚ, ଆଉ ଗର୍ଦ୍ଦଭ-ବିନିନ୍ଦିତ କଣ୍ଠରେ ଭୂତକେଳି ବୋଲୁଚ । କିଏ ବା ଶୁଣୁଚ ?···ଯେ ଯାହାର କାମ-ପାଇଟିରେ ବ୍ୟସ୍ତ ।···ମଦାର ବ୍ରେଷେଇ-ଘରସ୍ତରେ, ପିଠାପଣା କରିବାରେ ମନପ୍ରାଣ ଢାଳି ଦେଇଚ । ଅନି ହୋଇଚ ତା'ର ହାତ-ବାରିସି ।···ପାଣୁଆ-ମା ପାଟି ଫିଟେଇ କିଛି ନ କହିଲେ ମଧ୍ୟ, କେମିତି ଫଣ-ଫଣ ମୁହଁ କରିଚ, ଆଉ କାମ-ଅକାମରେ ଲଗିଚ । ···ବେଳେ ବେଳେ ମନର ଝାଲ୍ ମେଣ୍ଟେଇ ନେଉଚ ଅବଧାନ ଉପରେ—

"କାହିଁକି ଏମିତ ଗଧ-ରଡ଼ି ଛାଡ଼ୁଚ ବା ? ଟିକିଏ ତୁନି ହୋଇ ପାରୁନ ?"

"ଅଲୋ, ପାଣୁଆ-ମା, ଅବଧାନକୁ ସିଧା-ସଅଁା ଦେଲୁ ?— କହିଦେ, ଅଜ ତାଙ୍କ କଥା ଶୁଣିବାକୁ ମୋ'ର ତର ନାହିଁ ।"

ମଦାର ଅବଶ୍ୟ ରାନ୍ଧଣା-ଶାଳରେ ଥାଇ ଏହିପରି କହିଲା । ପାଣୁଆ-ମା ଅବଧାନକୁ ଚାହିଁ ନମ୍ରକଣ୍ଠରେ ଝିଙ୍ଗାସିଲା ଭଳି କହିଲା—

"ହେଲା ?···"

ଆଉ ସାନ୍ତାଣୀଙ୍କୁ ଉଦ୍ଦେଶ୍ୟକରି କହିଲା—

"ଦଉଚ, ସାନ୍ତାଣୀ"

ଅବଧାନ କହିଲା ସାନ୍ତାଣୀଙ୍କୁ ଶୁଣେଇଲା ଭଳି ତୁଣ୍ଡ କରି—

"ସାନ୍ତାଣୀ ! ଗୁଆ ଛୁଇଁ ଇ ନ ରହିଲ ନାହିଁ । ସେଥିରେ ବା ଦରକାର କ'ଣ ?···ମନ ଶୁଦ୍ଧ ଥିଲେ, ଗାଡ଼ୁଆ ବି ଗଙ୍ଗା ।"

Digitized by PPRACHIN, SOA

"ହଁ, ସେଇକଥା, ଅବଧାନେ···ମୁଁ ଏଠୁଁ ଉଠି ପାରୁ ନାହିଁ; କାଲି ଆସିବ, ପଇସା ଦେବ, ଭୋଗ-ରାଗ ଯୋଗାଇବ ।"

"ଜଗନ୍ନାଥ କରନ୍ତୁ, ବାବୁଙ୍କର ରିଷ୍ଟ କଟିଯାଉ, ଅଧିକରୁ ଅଧିକ ହେଉ—"

"ଅବଧାନେ, କିଛି ମନେ କରିବ ନାହିଁ—ଏଇଟି ଭେଟି ହେଉଚି"

"ସର୍ବାରିଷ୍ଟ ଶାନ୍ତିର୍ଭବତୁଃ"

ପାଣୁଆ-ମା ସିଧା ଆଣି, ଅବଧାନର ଗାମୁଛା କାନିରେ ଅଜାଡ଼ି ଦେଲା । ଅବଧାନ ତାହା ସରସ-ମନରେ ଗଣ୍ଠି ଲା କରୁ କରୁ କହିଲା—

"କାଲି ଶନିବାର ନଅଟାକୁ ଅମୃତ ବେଳା ପଡ଼ୁଚି ଗାଧୋଇ ପାଧୋଇ ମୋ' ସଙ୍ଗେ ଦେଖା କରିବୁ···ତୋ' ପୁତୁରା-ବୋହୂକୁ ତେଉଁରିଆ ଗୋଟିଏ ଦେବ ଦେଖିବୁ, ତା'ର ଫଳ କ'ଣ ହବ···"

"ଚଛନା ହବ···"

ପାଣୁଆ-ମା ମୁହଁମୋଡ଼ି ଦେଇ ଚାଲିଗଲା ।

× × × ×

ପୁଣି ଜୟନାରାୟଣର ଗୃହ । ବୈଠକଖାନା । ନାଚ ପରେ ପର୍ଦ୍ଦା ପଡ଼ିଥିଲା । ପର୍ଦ୍ଦାର ଭିତର ପଟରେ ଥାଇ ସୁନ୍ଦରୀ ପୋଷାକ ବଦଳାଉ ଥିଲା । ସେ ଦିନର ସେହି ଉପଢୌକନୀକୃତ ଶାଢ଼ୀ ଓ ବ୍ଲାଉଜ ପିନ୍ଧିଲା । ଦିବାକର ଯେଉଁ ପ୍ରତ୍ୟାଖ୍ୟାନ ଝାଡ଼ିଟି ଆଣିଥିଲା, ତାହା ଟିଏ ଦିବାକରର ଓଦା ଜାମା ଶୁଖାଇଲା ବେଳେ ପକେଟରୁ

Digitized by PPRACHIN, SOA

ଖସିପଡ଼ି ଥିବାରୁ ପାଇଥିଲା । ସେଥିରେ ଅଙ୍କା ଥିଲା ଦରବାଜର ଓ ମନ୍ଦିରର ଅନୁରୂପ ଛବି, ତଳେ ଲେଖାଥିଲା ନାମରେ ଆଦ୍ୟ ଅକ୍ଷର ମିଃ-ଦାଃ । କାର୍ଡ଼ଟି ଦୁହିଁଙ୍କ ସ୍ୱାକ୍ଷର ଥାଇ ସୁନ୍ଦରୀ ଓ ଜମୁନାରାୟଣଙ୍କୁ ପ୍ରତି-ନିମନ୍ତ୍ରଣ ପତ୍ର, ଏହି ଅର୍ଥରେ ସେ ତାହା ଗ୍ରହଣ କରିଥିଲା । ଜମୁନାରାୟଣଙ୍କୁ ପତ୍ରଟି ଦେଖାଇ ସେହି କଥା ମଧ୍ୟ କହିଥିଲା । ସମାଜ-ଚେତନାରେ ଉଦ୍‌ବୁଦ୍ଧ ହୋଇ ଦୁହେଁ ଏହି ଆମନ୍ତ୍ରଣକୁ ଅଛବର ମନ୍ଦିର-ପ୍ରବେଶର ଆହ୍ୱାନ ସଦୃଶ ମଣିଥିଲେ ।

ସୁତରାଂ କଳା-ରସିକ ଅତିଥିଙ୍କୁ ଆତ୍ମ-ନିବେଦନ ସ୍ୱରୂପ ପୁଷ୍ପାଞ୍ଜଳିରେ କଳାକାର-ଜୀବନର ବିସ୍ମୃତ ପ୍ରାୟ କଳା-ରସ ଅର୍ଘ୍ୟ ଦେବାକୁ କାର୍ପଣ୍ୟ କରି ନଥିଲେ । ବର୍ତ୍ତମାନ ସୁନ୍ଦରୀ ଉକ୍ତ ପରିଧେୟ ଧାରଣକରି କୁଳ-ବଧୂଟି ପରି ସାଜିଲା କି ନାହିଁ, ତାହା ପରୀକ୍ଷା କରିବା ନିମନ୍ତେ ସମ୍ମୁଖସ୍ଥ ସମକାୟ ଦର୍ପଣରେ ଆପଣାର ପ୍ରତିଚ୍ଛବିକୁ ସେହି କାର୍ଡ-ଅଙ୍କିତ ଯୁଗ୍ମ-ଦମ୍ପତିର ଅର୍ଦ୍ଧାଙ୍ଗିନୀ ଛବି ସଙ୍ଗେ ମିଳାଇ ଦେଖିବାକୁ ଲାଗିଲା ଓ ତ୍ରୁଟି ସଜାଡ଼ିବାକୁ ଲାଗିଲା । ଅତିଥି-ପରିଚର୍ଯ୍ୟାର ପରବର୍ତ୍ତୀ ଭୂମିକାରେ ସେ ଏହି ବେଶରେ ଅବତୀର୍ଣ୍ଣ ହେବ, ତାହା ବେଶ୍ ବୁଝାଗଲା, ଯେତେବେଳେ ସେ ମନକୁ ମନ କହିଲା—

"ଅତିଥିର କୌଳିନ୍ୟ ରକ୍ଷା ନିମନ୍ତେ ମୋତେ କୁଳ-ବଧୂର ଆଚରଣ କରିବାକୁ ହେବ ତ !"

× × × ×

"...ହିଁ, 'କୁଳ-ବଧୂ'...ସୁନ୍ଦରୀ ହେବ କୁଳବଧୂ, ଏହାହିଁ ଥିଲା ତା'ର କୁଳ-କଳଙ୍କିନୀ ମା'ର ଏକାନ୍ତ ଅଭିଳାଷ..."

Digitized by PPRACHIN, SOA

ଜୟନାରାୟଣ ଏହାପରେ କହି ନିରସ୍ତ ହେଲା ।

ପର୍ଦ୍ଦାର ବାହାର ପଟେ ଥିଲେ ଜୟନାରାୟଣ ଓ ଦିବାକର। ଜୟନାରାୟଣ କହୁଥିଲା, ଦିବାକର ଶୁଣୁଥିଲା । ଉଭୟେ ଆଦ୍ୟନ୍ତ ଯେ ଯେଉଁ ଆସନ ଦଖଲ କରିଥିଲେ, ସେହି ଆସନରେ ଉପବିଷ୍ଟ ଥିଲେ ।

ପୂର୍ବ କ୍ରମଧରି ଦିବାକର କହିଲା—

"ତେଣୁ ତୁମର କୌଳିନ୍ୟକୁ ସମ୍ବଳକରି ନିଃସମ୍ବଳ ତୁମ ସଙ୍ଗେ ହେଲା ମନ୍ତ୍ର-ପୂତ-ବିବାହ ।"

"ହେଲେ, ସୁନ୍ଦରୀ ଷୋଡ଼ଶୀ ରୂପସୀ, ବାଲ୍ୟକାଳୁ ରୂପ-ଜୀବିନୀର ଉଚ୍ଛୃଙ୍ଖଳ-ଜୀବନ-ଧାରାରେ ଅଭ୍ୟସ୍ତ, ଶୃଙ୍ଖଳା ସେ ମାନିବ କାହିଁକି ?···ତା' ଆଖିରେ ମୁଁ ହେଲି ଗୋଟାଏ ଜାତୀୟାଣ ପୋଷା-ଜୀବ-ବିଶେଷ ।···ତେବେ···"

"ତେବେ ?"

"ମୋର ବାଦ୍ୟ-ଛନ୍ଦ ତାକୁ ଦେଉଥିଲା ଆନନ୍ଦ···ସେଥିରେ ମିଶାଉଥିଲା ସେ ନୂପୁର-ଛନ୍ଦ···"

"ଯଦିଓ ଜୀବନ-ଛନ୍ଦକୁ କରିଥିଲା ଉପେକ୍ଷା ?"

"ଠିକ୍ ସେଇଆ ।"

"ତା'ପରେ ?"

"ଏ' ଉପେକ୍ଷା ମୁଁ ବରଦାସ୍ତ କରିଥିଲି; କିନ୍ତୁ ପାରିଲି ନାହିଁ, ଯେଉଁଦିନ ଶୁଣିଲି ଆଡ଼କାନରେ ସେ ତା'ର ସମବୟସୀ ବାନ୍ଧବୀକୁ ଅପେକ୍ଷାକରି କହୁଚି···"

"କ'ଣ ?"

Digitized by PPRACHIN, SOA

"ଶଯ୍ୟା-ସଙ୍ଗିନୀ ହେଲେ ଯେ ସହଧର୍ମିଣୀ ହେବାକୁ ପଡ଼ିବ, ତା'ର କିଛି ଗୋଟାଏ ଯୁକ୍ତି ଅଛି ? ଆଉଲ୍ଲ ! ମା ମୋତେ ବାହା ଦେଇଛି, ମୋ' ସୁଖକୁ ନୁହେଁମ, ନିଜେ ପାଳିଛିଟି 'ବୃଦ୍ଧବେଶ୍ୟା ତପସ୍ୱିନୀ'—ଏହାପରି କହିବା ସଙ୍ଗେ ସଙ୍ଗେ ଦୁହେଁ ହସି ହସି ଗଡ଼ିଗଲେ—ମୋ'ର ଜାତ୍ୟାଭିମାନରେ ପଡ଼ିଲା ପାହାର ।···ମୁଁ ସେଦିନ ଶୟନ-କକ୍ଷ-ଦ୍ୱାର ବନ୍ଦ କରି ଦେଲି···ଏକାକୀ ରହିଲି··· ରାତି ନ ପାହୁଣୁ ରାତିଅନ୍ଧାରରେ ମିଶିଯିବି, ସ୍ଥିରକଲି···ଏହାପରି ଅବସ୍ଥାରେ କେତେବେଳେ ନିଦେଇ ପଡ଼ିଛି···ହଠାତ୍···"

"କ'ଣ ହେଲା ?"

"ନିଶୀଥ-ରାତ୍ରିର ଗମ୍ଭୀରତା ଭେଦକରି ଭାସି ଆସିଲା ଗୋଟାଏ ବିଳାପ-ଧ୍ୱନି···କ୍ରମେ ତାହା ଚିତ୍କାରରେ ପରିଣତ ହେଲା ···ଅବଶେଷେ ମୋ'ର କର୍ଣ୍ଣକୁହରକୁ ବଧିରୀତ କଲା 'ସ୍ୱାମି ସ୍ୱାମୀ' ସମ୍ବୋଧନ···ମୁଁ ତତ୍‌କ୍ଷଣାତ୍ କକ୍ଷ-ଦ୍ୱାର ଉନ୍ମୁକ୍ତ କରିଦେଲି··· ସୁନ୍ଦରୀ ଅଲୁଲାୟିତ କେଶ-ବିନ୍ୟାସରେ ମୋ'ଉପରେ ଆସି ଅଜାଡ଼ି ହୋଇ ପଡ଼ିଲା···ମୁଁ ତାକୁ ଆଡ଼େଇ ଦେଇ, ସନ୍ଦେହ ଦୃଷ୍ଟିରେ ଅନୁଧାବନକାରୀ ପ୍ରତି ଅଗ୍ରସର ହେଲି···ମୋ'ର ଆଖି ଖୋସି ହୋଇଗଲା···ପାଦ ଚଳିଲା ନାହିଁ···ନରାଧମ ଅନ୍ୟ କେହି ନୁହେଁ···"

ବୋଲୁ, କପାଳ ଏକ ଅଦ୍ଭୁତ ଦୃଷ୍ଟିରେ ଗୁହିଁ ରହିଲା ଜୟ-ନାରାୟଣ···ଦିବାକର ସୋତ୍ସୁକ କଣ୍ଠରେ ପଚାରିଲା—

"କିଏ ?"

"ସେହି ନର-ପିଶାଚ, ଯିଏ ସୁନ୍ଦରୀର ମାତୃ-ଜନନୀର କୁମାରୀଜୀବନକୁ କରିଥିଲା କଳୁଷିତ ।"

Digitized by PPRACHIN, SOA

"ଓଃ ।"

"ତା'ପର···ବିବାହର ମନ୍ତ୍ରପାଠ ହେଉ, କି ସମାଜ-ଚେତନାର ପ୍ରଭାବ ହେଉ,ମୋ' ଭିତରେ ଉନ୍ମେଷିତ ହେଲା ପୁରୁଷ-ସତ୍ତା, ଅଉ ମୋ'ର ଅର୍ଦ୍ଧାଙ୍ଗିନୀ ଭିତରେ ନାରୀ-ସତ୍ତା···ଆମେ ଦୁହେଁ ହେଲୁ ଏକୀଭୂତ···ପ୍ରୀତି-ନିବିଡ଼ କଣ୍ଠରେ ମୁଁ ଡାକିଲି 'ସୁଃ', ସେ ଡାକିଲା 'ଜଃ'···ହଁ, ସେହି ଦିନରେ କଲୁ ଗୃହତ୍ୟାଗ···ଦେଶ-କାଳ-ପାତ୍ର ଭୁଲି ହେଲୁ ଯାଯାବର···ଜୀବନଧାରଣର ପ୍ରୟୋଜନ ···ସେ ହେଲା ନର୍ସ, ମୁଁ ହେଲି କମ୍ପାଉଣ୍ଡର···"

ବୋଲି, ଜୟନ୍ତନାରାୟଣ ରହିଗଲା । ଦବାକରର ସ୍ଖଳିତ ହସ୍ତ-ସ୍ପର୍ଶରେ ପିଆନୋଟା ଶବ୍ଦ କରିଉଠିଲା । ଜୟନ୍ତନାରାୟଣ କହିଲା—

"···ଏହି ପିଆନୋ ଆଉ ବାଁଯ୍ଲାଟବଲ, ଯାହାର ପ୍ରଶଂସାରେ ଆପଣ ମୁଖର, ତାହା ଆମର କଳାକାର-ଜୀବନର ସ୍ମୃତି-ସମ୍ଭକ । ଜୀବନସାରା-ସଞ୍ଚୟର ଗୋଟାଏ ବିପୁଳ ଅଂଶର ବିନିମୟରେ, ଅଗ୍ରନିକ ଦିନେ ଅଦାଲତର ନିଲାମରୁ ଏହି ଅମୂଲ୍ୟ ସମ୍ପଦକୁ କରିଥିଲୁ ଉଦ୍ଧାର । ଆଜି ସେହି ସମ୍ପଦର ସଦୁପଯୋଗ ହୋଇଚି ।"

"କିପରି ?"

"ସୁନ୍ଦରୀର ରୂପ-ବିଭବ ଆଉ ମୋ'ର ରୌପ୍ୟର ଅଭାବ—ସମାଜର ଏକ ବିଶିଷ୍ଟ ଶ୍ରେଣୀର ହସ୍ତରେ ଆମକୁ କରିଛି ଲାଞ୍ଛନା-ଯାତନାର ଖରିଦ୍ୟ—ଅଧୁର, ଯାହା ସୁନ୍ଦରୀର ଭୁଲ ନୁହେଁ, ଯାହା ମୋର ଭୁଲ ନୁହେଁ, ସେଥିପାଇଁ ବ୍ୟାପକ ଭାବେ ସମାଜ ଆମକୁ କରିଛି ବାସନ୍ଦ···ଏହିସବୁ ହେଜ, ଆମେ ବାରମ୍ବାର ପ୍ରଶ୍ନ କରିଛୁଁ ନିଜକୁ ନିଜେ—ଆମେ କ'ଣ ମାନବ ନୋହୁଁ ?···ମାନବ-ସମାଜରେ କ'ଣ ଆମର ସ୍ଥାନ ନାହିଁ ?···ଆଜି ଯେତେବେଳେ

Digitized by PPRACHIN, SOA

ସେହି ଦ୍ୱନ୍ଦ୍ୱର ଚରମ ପର୍ଯ୍ୟାୟରେ 'ସ୍ୱାମୀ-ସ୍ତ୍ରୀ' ଦୁହେଁ ଅବସନ୍ନ, ସେତିକିବେଳେ ଦେବ-ଦୂତ ଆପଣ ଦେଇଛନ୍ତି ଆଶ୍ୱାସ— ପରିମାନନ୍ଦମୟ ଅଲକାପୁରୀ-ପ୍ରବେଶର ମାଭୁଲ୍ ସଙ୍କେତ ।"

"ମୁଁ ?"

"ହଁ, ଆପଣ..."

ଏତିକିବେଳେ ଦଣ୍ଡାୟମାନ ମଠରର ଘନ ଘନ ହର୍ନ ଶୁଣାଗଲା ବହିର୍ଦ୍ଦେଶରୁ ।

• "ମିନ୍‌ସଫ୍ ବାବୁ !"

ବୋଲି,ଜୟନାରାୟଣ ଉଚ୍ଛନ୍ନ ହୋଇ ଧାଇଁଗଲେ...ଦ୍ୱାକର ଛନକା-ଚଅଁଳ ହୋଇ ଉଠିଲା, ଏବଂ ତ୍ୱରିତ ଗତିରେ ଯାଇ, ସଶବ୍ଦେ ଦ୍ୱାର୍ ବନ୍ଦ କରିଦେଲା ।

× × × ×

"ବର୍ତ୍ତମାନ ପୁଣି ଟେଲିଗ୍ରାମ ଆସିଛି...ଗାଁ-ଗଣ୍ଡା ଭାସି ଯାଇଛି...ପିଲା-କବିଲା ନେଇ ଲୋକେ ବନ୍ଧବାଡ଼, ଗଛ-ବୃକ୍ଷର ଆଶ୍ରୟ ନେଇଛନ୍ତି...ରିଲିଫର ତୁରନ୍ତ ପ୍ରୟୋଜନ...ବଣ୍ଟନକାର୍ଯ୍ୟ କରିବାକୁ ଯାଇ, ଲୋକେ ଆଗେ ନିଜ ଅଣ୍ଟି ଭରୁଛନ୍ତି...ବିଶ୍ୱାସୀ ଲୋକର ପ୍ରୟୋଜନ...ରେଡ଼୍‌କ୍ରସ୍ ତୁମକୁ ବାଛିଛି...ଘଣ୍ଟାକ ଭିତରେ ଗାଡ଼ି...ତୁମେ ପ୍ରସ୍ତୁତ ହୁଅ, ଡାକ୍ତରବାବୁଙ୍କ ସଙ୍ଗେ ଯାଇ ଦେଖାକର...ଅଜ ତୁମଘରେ ଅତିଥି—ଜାଣେ...କିନ୍ତୁ ତେଣେ ଶହ ଶହ କରୁଣା-ପ୍ରାର୍ଥୀ ତୁମର ହାତଟେକାକୁ ଅନାଇ ରହିଛନ୍ତି, କମାଣ୍ଡର ବାବୁ !"

"ସ୍ୟାର୍ !"

Digitized by PPRACHIN, SOA

"ହଁ, ଅନ୍ତଥିକୁ ଯେତେ ଶୀଘ୍ର..."

କହି, ମୁନ୍‌ସଫ୍ ବାବୁ ଅଟକିଗଲେ ଓ ସଙ୍ଗେ ସଙ୍ଗେ

"ଚାଲଅ"

ବୋଲି, ନିର୍ଦ୍ଦେଶ ଦେଲେ ଡ୍ରାଇଭରକୁ ।

ମଟର ଚାଲିଲା । ...ଜୟନାରାୟଣ ଚାଲିଲାନାହିଁ—ଗୋଟିଏ ଧୋକା ଅନୁଭବ କଲା ।

× × × ×

କିନ୍ତୁ ଜୟନାରାୟଣ ଯେ ଧକା ଖାଇଲା ନାହିଁ, ତାହା ବେଶ୍ ବୁଝାଗଲା ଯେତେବେଳେ ସେ ସଜୋରେ ରୁଦ୍ଧଦ୍ୱାର ଉନ୍ମୁକ୍ତ କରିଦେଇ ଝଡ଼ ବେଗରେ ଘର ଭିତରେ ପ୍ରବେଶ କଲା ଓ ମୁହ୍ୟମାନ ଦିବାକରକୁ ଚେତାଇ କହିଲା—

"କିଛି ଚିନ୍ତା ନାହିଁ, ଦିବାକର ବାବୁ...ଆଜି ମଜଲିସ୍‌ର ରାତି—ଫୁର୍ତ୍ତି, ଫୁର୍ତ୍ତି...ଆପଣ ଗାଆନ୍ତୁ...ମୁଁ ବଜାଏଁ..."

ବୋଲି, ଜୟନାରାୟଣ ଗୀତର ଅପେକ୍ଷାରେ ରହିଲା ନାହିଁ, କ୍ଷିପ୍ର ଅଙ୍ଗୁଳି ସଞ୍ଚାଳନରେ ତବଲାତରଙ୍ଗ ଫୁଟାଇ ଚାଲିଲା । ସମ୍ପନ୍ଦନର ଧର୍ମ ଦିବାକରକୁ ସ୍ପର୍ଶକଲା—ସେ କ୍ଷିପ୍ର ହୋଇ ଉଠିଲା, ଉଚ୍ଛୁଳା କଣ୍ଠରେ ତରଙ୍ଗ ଖେଳାଇ ଗାଇଲା ।

ସେ ଏତେଦୂର ତନ୍ମୟ ହୋଇଯାଇଥିଲା ଯେ, ଜୟନାରାୟଣ ବାଦ୍ୟ ବନ୍ଦ କରି କେତେବେଳକୁ ଚାଲିଗଲାଣି ତାହା ସେ ଜାଣିପାରିଲା ନାହିଁ । ସୁତରାଂ ତା'ର ଗୀତ ଚାଲିଥିଲା ।

× × × ×

Digitized by PPRACHIN, SOA

ପର୍ଦ୍ଦାର ଭିତରପଟ । ଗୋଟାଏ ଘୂରିଣିଆ ଚେୟାର ଉପରେ ସୁନ୍ଦରୀ ଉପବିଷ୍ଟା । ସମ୍ମୁଖସ୍ଥ ପ୍ରଶସ୍ତ ଦର୍ପଣରେ ସାମଗ୍ରିକ ମୂର୍ତ୍ତିଟି ପ୍ରତିଫଳିତ । ସୁନ୍ଦରୀ ତତ୍କାଳୀନ ବେଶ-ଭୂଷା-ସମ୍ବଳିତ ପ୍ରତିବିମ୍ବକୁ ମୁଗ୍ଧ ଚିତ୍ତରେ ଉପଭୋଗ କରୁଥିବାର ଜଣାପଡ଼ୁଥିଲା ।···ମଧ୍ୟେ ମଧ୍ୟେ ସେହି ପ୍ରତ୍ୟାଖ୍ୟାନ କାର୍ଡ଼ଟିର ଚିତ୍ରପଟ ଉପରେ ଯୌଗିତଙ୍କ ଦୃଷ୍ଟି ଯେ ବୁଲୁଉ ନଥିଲା, ତାହା ନୁହେଁ । ପର୍ଦ୍ଦା-ପ୍ରାଚୀର ଭେଦ କରି ସଙ୍ଗୀତର ତାନ, ଆଉ ତାହାସଙ୍ଗେ ମିଶି ବର୍ଷଣର ଝଞ୍ଜଣୀ-ବାଦନ ଗୋଟିଏ ରହସ୍ୟମୟ ପରିବେଶ ସୃଷ୍ଟି କରିଥିଲା । ସେଥିର ଆବେଶରେ ସୁନ୍ଦରୀର ମନ-ମୟୂରୀ ଯେ ନୃତ୍ୟମାନ ଥିଲା, ତାହା ତା'ର ଚରଣ-ଚଞ୍ଚଳତା ଓ ଚେୟାରର ପାର୍ଶ୍ୱ-ଦୋଳନରୁ ବେଶ୍ ସୂଚିତ ହେଉଥିଲା ।

ଇତ୍ୟବସରରେ ଜୟନାରାୟଣ ପ୍ରବେଶ କଲା । ଯାତ୍ରା-କାଳୀନ ବେଶ-ଭୂଷା—ହାତରେ ଚମଡ଼ାର ବ୍ୟାଗ୍ । ଯେଉଁପରି ତରତର ହୋଇ ସେ ପ୍ରବେଶ କଲା, ସେଥିରୁ ସେ ସତ୍ୱର ବିଦାୟ ନେଇ ଚାଲିଯିବ ବୋଲି ମନେ ହେଲା; କିନ୍ତୁ ସେ ଅଟକିଗଲା । ସମ୍ମୁଖସ୍ଥ ଦର୍ପଣରେ ପ୍ରତିଫଳିତ ହୋଇଥିଲା ସୁନ୍ଦରୀର ଛବି, ହେଲେ, ତା'ର ମନ-ଦର୍ପଣରେ ପ୍ରତିଫଳିତ ହୋଇଗଲା ଚଉଠିରାତିର ସେହି ଛବିଲ ନବ-ବଧୂଟି ।

ଜୟନାରାୟଣ ଛପି ଠିଆହେଲା ସତ; କିନ୍ତୁ ତା'ର ରୂପ ପଡ଼ିଗଲା ଦର୍ପଣର ସ୍ୱଚ୍ଛ-ଫଳକରେ ।···ଚକିତା ହରିଣୀପରି ସୁନ୍ଦରୀ ଗ୍ରୀବା ବୁଲାଇଦେଲା, ଆଉ ଘୂର୍ଣ୍ଣାୟମାନ ଆସନଟି ହୋରବସ୍ତ ବୁଲିଗଲା । ଦୁହେଁ ମୁହାଁମୁହିଁ ହେଲେ । ସୁନ୍ଦରୀ ବିସ୍ମିତ ହେଲେ ମଧ୍ୟ, ସ୍ମିତ ଅଧରରେ ପଚାରିଲା—

Digitized by PPRACHIN, SOA

"ତୁମେ ?"

ଜୟନାରାୟଣ ମସ୍ତକ ଈଷତ୍ ଆନ୍ଦୋଳିତ କଲା ।

"କ'ଣ ଦେଖୁଥିଲ, କୁହ ତ ?"

"ତୁମକୁ"

"ଓଁ ହୁଁ ···ରଉଠିରାତିର ନବ-ବଧୂକୁ ।···ମୁଁ ଭାରି ସୁନ୍ଦରୀ, ନା ?"

"ବିଶ୍ୱ-ମୋହିନୀ ।"

"ଆଉ ଛଳନାରେ ?"

"ମାଟାହରି । (Matahari)"

କେବଳ ସୁନ୍ଦରୀ କୌତୁକ ଅନୁଭବ କଲାନାହିଁ, ଜୟ-ନାରାୟଣ ମଧ୍ୟ ବେଶ୍ ଉପଭୋଗ କଲା ।···ସେହି ପ୍ରସଙ୍ଗ ଓଠାଇ, ସୁନ୍ଦରୀ ପୁଣି କହିଲା—

"ରୂପ ଆଉ ଛଳନା, ଏହି ଦୁଇଟିକୁ ମିଶାଇ, ଆଜି ମୁଁ ଗୋଟିଏ ରାସାୟନିକ ତତ୍ତ୍ୱ ଆବିଷ୍କାର କରିଛି ।"

"କ'ଣ ?"

"ରୂପା-ଜୀବୀ ଆଳୟରେ ରୂପସୀ ଛଳନାକୁ କରିଥାଏ ଆତ୍ମ-ବିକୟର ସମ୍ବଳ । ହାଟବଜାରରେ ସେହି ଛଳନା ହୋଇଥାଏ ରୂପସୀର ଆତ୍ମା-ରକ୍ଷାର କବଚ । ଆଉ ଦେବାଳୟରେ ରୂପସୀ ସେହି ଛଳନାକୁ କରିଥାଏ ଆତ୍ମ-ନିବେଦନର କଳା-ମାଧ୍ୟମ ।"

"ଅତିଥି ଦେବତା । ତୁମେ ସେହି କଳା-ମାଧ୍ୟମରେ ଆଜି ଅତିଥିର ପୂଜା କରିବ···ମୁଁ ଗଲିଲି···"

"ତୁମେ ?···କେଉଁଠାକୁ ?"

Digitized by PPRACHIN, SOA

କହୁ, କହୁ ଅପ୍ରତିଭଦୃଷ୍ଟିରେ ଚକାଇ, ସୁନ୍ଦରୀ ଜୟନାରାୟଣର ନିକଟବର୍ତ୍ତିନୀ ହେଲା । ଜୟନାରାୟଣ ହସି ହସି କହିଲା:—

"ସେଇଠାକୁ, ସୁଃ, ଯେଉଁଠାରେ ଶହ ଶହ ଛୁଟ୍‌ଣ—ନିରନ୍ନ ବନ୍ୟାର୍ତ୍ତି ଅତିଥି ଆଜି ଆମର ହାତଚେଟକା-ଅନ୍ନକୁ ଅନାଇ ରହି-ଛନ୍ତି—ସେଠାରେ ଦାତା-ଗ୍ରହୀତାର ଭେଦ ନାହିଁ, ପରିଚୟ-ଅପରିଚୟର ପ୍ରଶ୍ନ ନାହିଁ, ଅଛି ମାନବତାର ବିକାଶ, ଆତ୍ମାରେ ଆତ୍ମାରେ ମିଳନ—ସେହି ତ ମାନବ-ଦୁନିଆ !—ତୁମେ ଦିବାକର ବାବୁଙ୍କ ପକ୍ଷରେ ମାନବର ସଂକୀର୍ଣ୍ଣ ସମାଜ-ପ୍ରବେଶର ନିମନ୍ତ୍ରଣ ଅବଷ୍କାର କରିଥିଲ, ମୁଁ ରେଡ୍‌କ୍ରସ୍‌ର ଆହ୍ୱାନରେ ମାନବତାର ସୀମାତୀତ ରାଜ୍ୟ-ପ୍ରବେଶର ଆମନ୍ତ୍ରଣ ଅବଷ୍କାର କରୁଛି···ମୋତେ ବିଦାୟ ଦିଅ,···ମୋ'ର କ୍ୟାସ୍ ବାକ୍‌ସର ଚାବିକାଠି ନିଅ···ତୁମର 'ସଜ୍ଜୁଣୀ'-ଦାଉରୁ ନିଷ୍କୃତି···"

କୋଲି, ଦିବାକର ଚାବି ଦେବାକୁ ଗଲା !

"ଜାଃ"

ବୋଲି, ସୁନ୍ଦରୀ ଅଜାଡ଼ି ହୋଇ ପଡ଼ିଲା ଜୟନାରାୟଣ ଉପରେ । ପରସ୍ପର ଦୃଢ଼ାଲିଙ୍ଗନରେ ଆବଦ୍ଧ ହେଲେ । ପରସ୍ପରର ସ୍କନ୍ଧ ଉପରେ ସ୍ଥାପିତ ଗଣ୍ଡ-ଦେଶ ପ୍ଳାବିତ କରି ଅଶ୍ରୁ ବର୍ଷିତ ହେବାକୁ ଲାଗିଲା, ଝରଝର ଧାରରେ ।

× × × ×

ପର୍ଦ୍ଦାର ବାହାରପଟେ । ଜୟନାରାୟଣ ଯେତେବେଳେ ସୁନ୍ଦରୀଠାରୁ ବିଦାୟ ନେଇ, ଦିବାକରଠାରୁ ବିଦାୟ ନେବା ଅଭିପ୍ରାୟରେ, ସେ ବସି ବଜାଉଥିଲା ଯେଉଁ ପଟେ, ସେହି ପଟେ ଆସି ସେହିଠାରେ ଠିଆ ହେଲା, ସେତେବେଳେ ସେ ଲକ୍ଷ୍ୟ କଲା

Digitized by PPRACHIN, SOA

ଯେ, ଦିବାକର କାପର ଏକ ଅଚ୍ଛନ୍ନ ଦୃଷ୍ଟିରେ ସେହି ଅଡ଼କୁ- ଚାହିଁ କଳ୍ପିତ-ଜୟନାରାୟଣ ସଙ୍ଗେ କଥାବାର୍ତ୍ତାରେ ମତ୍ତ । ଜୟନାରାୟଣଙ୍କ କୌଣସି ବାଧା ଉପୁଜାଇଲେ ନାହିଁ, ସ୍ଥିର ଭାବରେ ଠିଆ ହୋଇ ଶୁଣିବାକୁ ଲାଗିଲେ…ସେତେବେଳେ ଦିବାକର ଏହିପରି କହୁଥିଲା—

"…ମୁଁ ଲିଫ୍‌ଟ୍‌ସ୍‌ମ୍ୟାନ (Liftsman) ମାତ୍ର, କମାଣ୍ଡରର ବାବୁ…ସେହି ହିସାବରେ ଉପର ମହଲା ସଙ୍ଗେ ମୋ'ର ଘନିଷ୍ଠ କାରବାର…ତଳ-ଉପର କରିବା ମୋର କାମ, ସେଥିଯୋଗୁଁ ତଳ ମହଲାର ଅଧିବାସୀଙ୍କ ମଧ୍ୟ ଚିହ୍ନେ…ଆପଣ ଉପର-ମହଲାର ଅଧିବାସୀ ହେବାକୁ ଯଦି ଚାହାନ୍ତି, ତେବେ ମାରାତ୍ମକ ଭୁଲ କରିବେ, କାରଣ ସେମାନଙ୍କ ସଂବନ୍ଧେ ଆପଣଙ୍କର ଧାରଣା ନାହିଁ…

ତଳ-ମହଲାର ଲୋକେ ଚୋର ହେଲେ, ଉପର ମହଲାର ଲୋକେ ଚଳାନ୍ତି ଚୋରା-କାରବାର; ତଳର ଲୋକେ ଖୁନୀ ହେଲେ, ଉପରର ଲୋକେ ବ୍ୟାପକ ଖୁନର ବ୍ୟବସ୍ଥା କରି ତାହା ଭୁଞ୍ଜନ୍ତି; ତଳର ଲୋକେ ଖଟି ଗ୍ରାସାଚ୍ଛାଦନ ଯୋଗାଡ଼ କଲେ, ଉପରର ଲୋକେ ତାହା କାଢ଼ିନେଇ ଖଟରେ ଆରାମ କରି ନିଦ୍ରା ଯା'ନ୍ତି;—ବ୍ୟଭିଚାର ଅଭିଯୋଗରେ ତଳମହଲାର ଅଧିବାସୀ ସମାଜ-ବାସନ୍ଦ ହେଲେ, ସେହି ବ୍ୟଭିଚାର ଉପରମହଲାର ବାସିନ୍ଦାଙ୍କ ପକ୍ଷେ ହୋଇଥାଏ ସମାଜ-ସଂସ୍କାରର ଉପାଦାନ…ସୁତରାଂ…"

ଠିକ୍ ଏତିକିବେଳେ ବାହାରେ ମଟର-ହର୍ନର ପଁ ପଁ ଶବ୍ଦ ଶୁଣାଗଲା ।

"ମୁନ୍‌ସଫ୍ ବାବୁ ପଠାଇ ଦେଇଛନ୍ତି ଗାଡ଼ୀ…"

ବୋଲି, ଜୟନାରାୟଣ ତିଳେ ବିଳମ୍ବ ନକରି ବାହାରି ଚାଲିଗଲା ।

Digitized by PPRACHIN, SOA

"ହିପୋକ୍ରିଟ୍ (Hypocrit) ।"

ବୋଲି, ଦିବାକର ରୁଢ଼ହସ୍ତରେ ଦ୍ୱାରର ଦୁଇପଟ କପାଟ ରୁଦ୍ଧ କରିଦେଲା ।

× × × ×

ତେଣେ ପର୍ଦ୍ଦାର ଭିତର ପଟେ ସୁନନ୍ଦା ବଦାଘ୍ରର ପ୍ରତିଘାତ ସହି ନପାରି ବିଚ୍ଛିନ୍ନ ବଲ୍ଲରୀ ପରି ମଉଳି, ବଛେଇ ହୋଇ ପଡ଼ିଥିଲା କକ୍ଷର ଚଟାଣ ଉପରେ । ଲପନଟି ନ୍ୟସ୍ତଥିଲା ଉପାଧାନୀକୃତ ସେହି ଧୂସରିଆ ଚଉକୀର ଏକ ପ୍ରାନ୍ତରେ । ବେଦନର ସଦ୍ୟ-ଶୁଷ୍କଧାରା ଗଣ୍ଡଦେଶର ଲାବଣ୍ୟକୁ ବିଶୀର୍ଣ୍ଣ କରିଥିଲେ ମଧ୍ୟ, ବିଶ୍ରୀ କରିପାରି ନଥିଲା । ତନୁଲତାର ଲୀଳାୟିତ ମଧ୍ୟଭାଗ ଉଦ୍ବେଳିତ ହୋଇ ରହି- ଥିଲେ ମଧ୍ୟ, ଯୌବନ-ଶ୍ରୀର ପୂର୍ଣ୍ଣ-ଭାରରେ ଥିଲା ଈଷତ୍ ଅବନମିତ । ସୁଡୌଲ କରଦ୍ୱୟ—ସେଥି ମଧ୍ୟରୁ ଗୋଟିକର ପଲ୍ଲବାଗ୍ର ଚଳମାନ ଚଉକୀର ପରିଧି-ପ୍ରାନ୍ତ ଆଲିଙ୍ଗନ କରି, ତାକୁ କରିଥିଲା ଅଚଳ, ଆପରଟି ଭୂପୃଷ୍ଠ ଚୁମ୍ବନ କରି ତନୁଲତାର ଆଶ୍ରୟ-ସ୍ତମ୍ଭକୁ କରିଥିଲା ସଦମ୍ଭ ।

ଏହିପରି ମୁହ୍ୟମାନ ଅବସ୍ଥାରେ ଯେତେବେଳେ ସୁନନ୍ଦା, ସେତେବେଳେ ଆରପଟର 'ହିପୋକ୍ରିଟ' ଶବ୍ଦଟି ତା'ର କର୍ଣ୍ଣକୁହରକୁ ବଧିରିତ କରିଦେଲା । ସେ ସଚକିତେ ଗାତ୍ରୋତ୍‌ଥାନ ପୂର୍ବକ ମର୍ମାନ୍ତିକ ସ୍ୱରରେ ପ୍ରତିଧ୍ୱନି କରି ଉଠିଲା—

"ହିପୋକ୍ରିଟ୍ ।"

ତତ୍‌କ୍ଷଣାତ୍ ସମ୍ମୁଖସ୍ଥ ଦର୍ପଣରେ ନିଜର ପ୍ରତିଫଳିତ ବିମ୍ବକୁ ଅନାଇ ଦେଲା, ଏବଂ ତାକୁଇ ଲକ୍ଷ୍ୟ କରି ବ୍ୟଙ୍ଗ-ମିଶ୍ରିତ ତିରସ୍କାର- କଣ୍ଠରେ ପୁଣି ଉଚ୍ଚାରଣ କଲା—

Digitized by PPRACHIN, SOA

"ହାପୋକିଟ୍ ଇନ୍‌ଡଉ୍ ।।"

ତା'ପର ନିଜର ପରିହିତ ସେହି ବଧୂ-ସଜ୍ଜା ରୂଢ଼ ହସ୍ତରେ ଓଟାରି ଫିଙ୍ଗି ଦେଉ ଦେଉ ମନକୁ ମନ କହିଲା—

"ମୁଁ ପର୍ଦ୍ଦାନସୀନ୍ ନୁହେଁ···ମୁଁ କୁଳ-ବଧୂ ନୁହେଁ···"

ଏବଂ ସଙ୍ଗେ ସଙ୍ଗେ ଡାକିଲା—

"ଅବଦୁଲ୍"

"ଜି !"

ବୋଲି, ଅବ୍‌ଦୁଲ ଧାଇଁ ଅସିଲା, ତା । ହାତରେ ଥିଲା ମାଂସ-କଟା ଚପର୍ (chopper) ।

"ପର୍ଦ୍ଦା ଉତାରୋ···ଟେବଲ୍‌ମେ ଖାନା ଲଗାଓ···ନାଇଟ୍ ଔର ଡିନର ଡ୍ରେସ୍ ଦେତା, ମଇମନ୍ କୋ ପିନ୍ନେ ବୋଲୋ···"

କହି, ସୁନ୍ଦରୀ ଏକ ପ୍ରକାର ଉଲଗ୍ନ-ପ୍ରାୟ ହୋଇ ଗୁଲିଗଲା··· ଅବ୍‌ଦୁଲ ତାଟଙ୍କା ହୋଇ ବିବିକୁ ଅନାଇବ କ'ଣ, ଘଡ଼ିର ଢଂ ଢଂ ଶବ୍ଦ ତାକୁ ଅଣାବଣା କରିଦେଲା ।···ରାତି ଦଶ ।

Digitized by PPRACHIN, SOA

ଚଉଦ

ଦିବାକର ବାବୁଙ୍କ ଗୃହ ।

"ଦଶଟା ବାଜିଲା···କାହାନ୍ତି ? ଅନାମ ବି ଫେରିଲାନାହିଁ···"

ବୋଲି, ମନ୍ଦାର ଗୋଟାଏ ହତାଶ-ବ୍ୟଞ୍ଜକ ନିଶ୍ୱାସ ପକାଇଲା ।

ଅନି ବୋଧଦେଇ କହିଲା—

"ସେ ଖୋଜିବାକୁ ଯାଇଛନ୍ତି ଯେତେବେଳେ, ନିଶ୍ଚୟ ଢିତ-କରି ଆସିବେ···"

"ତୋ ମୁହଁରେ ଫୁଲ ଚନ୍ଦନ ପଡ଼ୁ ଲୋ"

"ଉଠିଲି, ମୁଁ ପିଣ୍ଡାଟା ଓଳାଇ ଠା-ପିଢ଼ା କରିଦିଏଁ···ତୁମେ ବତ୍ତାକଢ଼ି କଲଯାଇଁ···"

"ବେଶ୍"

ବୋଲି, ମନ୍ଦାର ଚାଲିଗଲା ରାନ୍ଧଣା-ଘର ଆଡ଼କୁ, ଥମକି ଠିଆ ହୋଇଗଲା, ତା'ପର ଲେଉଟିଲା କହୁ କହୁ—

Digitized by PPRACHIN, SOA

"ମଲ, ଦେଖୁଚୁତ···ଠାକୁର ଘରେ ଭୋଗ-ରାଗ—ମୁଁ ରାନ୍ଧଣା ଘରେ ପଶିମରୁଛି···"

ଏତକବେଳେ ଅନାମ ପ୍ରବେଶକଲା, ସେ ହାଲିଆ ଦିଶୁଥିଲା ।

"ଅନାମ !···ବାବୁ ?···"

"ସବୁ ଠାଣା ଖୋଜ, ଖୋଜ ଆସିଲି, କେଉଁଠି ପାଇଲି ନାହିଁ···"

"ତେବେ ?"

"ଥୟ ଧରନ୍ତୁ, ସାନ୍ତାଣୀ···ଅନାମ ହଟିଯିବାର ପାତ୍ର ନୁହେଁ···ସେ ଯେଉଁ ନିମନ୍ତ୍ରଣ କାର୍ଡ଼ଟି ଦେଖାଉଥିଲେ, ସେତେବେଳେ, ଆଣନ୍ତୁ ଥରେ···"

ମନ୍ଦାର ଘରଭିତରକୁ ପଶିଗଲା, ଟେବୁଲ ଉପରୁ କାର୍ଡ଼ଟି ଘେନି ଫେରି ଆସିଲା ଓ କହିଲା—

"ନାଲିଟିକ୍ସା ଆଣିତ, ଅନା ।"

"ବାବୁ ଏତେବଡ଼ କାରଖାନାର ମାଲିକ, ବିଜୁଳି-ବତୀର ହାଉଯାଉ, ନିଜର ଘର ଅନ୍ଧାର···ସରମର କଥା ।"

"ଏ ସରମ ବାବୁଙ୍କ ନୁହେଁ···ମୋତେ, ଅନାମ ।"

ଅନାମ ସରମ ବୋଧକଲା ନିଜେ···କାର୍ଡ଼-ପ୍ରସଙ୍ଗକୁ ଉତ୍ସାହ୍ୟକର ଚା' ଘୋଡ଼ାଇଲା ଓ ପଚାରିଲା—

"ଆଚ୍ଛା ସାନ୍ତାଣୀ ! ଦିପ୍ରହରବେଳେ ଯେଉଁ ଲୋକ ସିଧା ସିଧା ଘରଭିତରକୁ ପଶିଆସିଥିଲା ତାକୁ ତାକୁ, ତାକୁ ଦେଖିଥିଲ ବୋଲି କହୁଥିଲ, କେମିତ ଦେଖିବାକୁ କହିପାରିବ ?"

Digitized by PPRACHIN, SOA

"କୁଳକୁ ହେଜ, କାନ୍ଥ-ବାଡ଼ର କୋଳରେ ପଶ୍ ଆଉଜ ମଲ ସେତେବେଳେ ।"

"ପରପୁରୁଷର ମୁହଁ ଦେଖିବା ପାପ, ଏ'ସବୁ ସେ-ଯୁଗର କୁଳ-ଧର୍ମ, ସାନ୍ତାଣୀ··· ।"

"ତେବେ ଗୋଟାଏ କଥା ଝାପ୍‌ସା ଝାପ୍‌ସା ମନେ ପଡ଼ୁଚି, ଅନାମ"

"କ'ଣ ?"

"ତାର କଣ୍ଠ-ସ୍ୱର"

"କେମିତକ! ?"

"ଅରେ ଏ'ଘରକୁ ସେମିତ ଡାକ ଡାକ ଜଣେ ଆସିଥିଲେ ସଞ୍ଜଓଳିରେ ···ବାବୁ ଘରେ ଥିଲେ, ଡାକିଲେ···ଠିକ୍ ତାଙ୍କର କଣ୍ଠ-ସ୍ୱରପର ।"

"ସେ କିଏ, ଜାଣନ୍ତ ?"

"ହଁ···କମ୍ପାଉଣ୍ଡର ବାବୁ ।"

"ଜୟନାରାୟଣ ବାବୁ ?"

ବୋଲି, ଅନାମ ସେଇ କାର୍ଡ଼ଟି ଉପରେ ଦୃଷ୍ଟି କ୍ଷେପ କଲା··· ପୁଣି କହିଲା—

"ସାଙ୍କେତକ ଦସ୍ତଖତର 'ଜଃ' ସେଇ ନାମର ଅଦ୍ୟବର୍ଣ୍ଣ ହେଲେ, 'ସୁଃ' ?···"

"ସୁନ୍ଦରୀ ନୁହେଁ ତ ?"

"ସେଇ ଡାହାଣୀଟା ନଷ୍ଟେ ବାବୁଙ୍କୁ ଅମର କମିଆ କରିଚି, ଘଇତାକୁ ପଠେଇ···"

ବୋଲି, ଧାଈଆ-ମା କେଉଁ ଅନ୍ଧାର-କୋଣରୁ ବାହାରି ଆସିଲା···ସେଇଠି ସେ ବସି ବସି ଉଙ୍କାଉ ଥିଲା···ଲୁଗୁଛପାରେ

Digitized by PPRACHIN, SOA

ଦ'ଟା ଗୋଟାଏ ମଣ୍ତ୍ରା ଯେ ଗାଲରେ ପୂରାଇ ଆମ୍ବା-ଶାନ୍ତ କରୁନ୍ ଥିଲ, ତା'ବ ନୁହେଁ···ଅନାମର ବାଧାପାଇ କଥା ଅଟକିଗଲ୍ଲ, ସେହ୍ନ ସଙ୍ଗେ ମଣ୍ତ୍ରା ବ···ଅନାମ ଗର୍ଜି କହ୍ନଲ୍ଲ—

"ଚୁପ୍‌କର୍, ପାଣୁଆ-ମା···ତୋ'ର ଡାହାଣୀ, ଚରକୁଣୀ, ଗୁଣ୍ତିଗ୍ନର ଭୂତପ୍ରେତ—ମନ୍ତଯନ୍ତ, ଆଉ ଙ୍କାଉିନଅ ଅବଧାନର ଖଡ଼ି-ପାଠ, ତେଣ୍ତିରଆ-କବଚର ଦାଉ ଏ' ଚକଡ଼ାରେ କାହାରିକୁ ଆଉ ଘର କରେଇ ଦବ ନାହିଁ···ଫେଣ୍ ଯଦ ଏ'କଥା ପଙ୍କେଇଚ୍ ଏ'ଘରେ, ତେବେ ତୋ'ର ଦାନା-ପାଣି ଉଠିଲ୍ଲ, ଜାଣିଥା···ହିଁ···ସାନ୍ତାଣୀ ! ମୂର୍ଖ-ଅନ୍ଧଙ୍କ କଥାରେ ମାତ୍, ଘର ଅନ୍ଧାର କର ରଖିଚନ୍ତ ସିନା; ସେହ୍ନ ଅନ୍ଧାରରେ ନିଜକୁ ଦେଖିପାରୁ ନାହାନ୍ତ, ନିଜର ଲୋକକୁ ଦେଖିବା ତ ଦୂରେ; ଝରକା ଖୋଲ୍ ଦଅନ୍ତୁ, ଆଲୋକ ଖେଳ ଆସୁ, ସେହ୍ନ ଆଲୋକରେ ନିଜ ନିଜ ଭିତରେ ଦେଖାଦେଖି, ବୁଝାବୁଝି ହୁଅନ୍ତୁ ଘରଭିତରେ; ଘରର ବାହାରେ ଗ୍ଳଲଚ୍ଛ ଯୁଗର ପଟୁଆର—ତା'ଙ୍କର ଡାକହାକ, ପାଟିତୁଣ୍ତ ଶୁଣନ୍ତୁ, ଦ୍ୱାର ଖୋଲ୍ ଦଅନ୍ତୁ; ଖୋଲ୍ଲ ମନରେ ଦ୍ୱାର ଡେଇଁ ବାହାର ପଡ଼ନ୍ତୁ, ବାହାର ଦୁନିଆର ଅଭିଯାତ୍ରୀ ଦଳରେ ମିଶି ସହ-ଯାତ୍ରୀ ହୋଇ ଯା'ନ୍ତୁ । କ୍ଷମା ଦେବେ, ମୁଁ ଗଲ୍ ।"

ବୋଲ୍, ଅନାମ ଗ୍ଳଲଗଲ୍ଲ ।···ମନ୍ଦାର ସ୍ତବ୍ଧୀଭୂତ ସଂସ୍କାର-ପରଳ ଭେଦ୍ଦକର ଅନାଇବାର ଚେଷ୍ଟା କଲ୍ଲ ।

× × × ×

ମନ୍ଦାର ଯେତେବେଳେ ଏଣେ ଏହ୍ନପର ଧ୍ୟାନମଗ୍ନ, ସେତେବେଳେ ତେଣେ (ଜୟନ୍ତୀନାରାୟଣର ଗୃହରେ) ଦିବାକର ସୁନନ୍ଦା ସହ ସହ-ନୃତ୍ୟରେ ମଜ୍‌ଗୁଲ୍ ।

Digitized by PPRACHIN, SOA

ସେହି କକ୍ଷ ।···ପର୍ଦ୍ଦା ଓ ପୂର୍ବର ଆସ୍‌ବାବ ପତ୍ର ଅପସାରିତ ।···ତତ୍‌ପରିବର୍ତ୍ତେ, ଗ୍ଲେଜିଆ ଡାଇନିଂ-ଟେବୁଲ୍‌ଟିଏ ।··· ସେଥିର ମହାର୍ଘ ଅବଗୁଣ୍ଠନ ଉପରେ ଫୁଲ୍-ଦାନିଟିଏ, ତାକୁଇ ସୀମାରେଖାର ପିଲ୍‌ପାହିଆ କରି, ଦୁଇପଟେ ନାନାଦି ଉସ୍‌ର ସମାବେଶ ।···ଦେଶୀ-ବିଲାତି ମିଶାମିଶି ।—ଆନ୍ତର୍ଜାତିକ ।··· ଦୁଇପଟେ ଦୁଇଟି ଚେୟାର ।···ଅତିଥି ଓ ହୋଷ୍ଟ (ବର୍ତ୍ତମାନ ହୋଷ୍ଟେସ୍) ପାଇଁ ନିର୍ଦ୍ଦିଷ୍ଟ ।···ଟେବୁଲର ପଛପଟେ କାନ୍ଥକୁ ଅଉଜା, କନକେଭ୍ (concave) ଅଳ୍ପତ-ବିଶିଷ୍ଟ ପ୍ରମାଣ-ଉଚ୍ଚର ମିରର୍‌ଟିଏ ।···ତାହା ଖଣ୍ଡ ଖଣ୍ଡ କାଚର ଅଖଣ୍ଡ ସମାବେଶ-ବିଶେଷ ।···ସେଥିଯୋଗୁଁ ଯାବତୀୟ ଦ୍ରବ୍ୟ-ସମେତ କକ୍ଷଟି ଅସଂଖ୍ୟ କକ୍ଷରେ ପ୍ରତିଫଳିତ ।

ଗୋଟିଏ ରେଡିଓ-ସେଟ୍ କେଉଁଠାରେ ଆତ୍ମଗୋପନ କରି, ପାଶ୍ଚାତ୍ୟ-ଟିଉନ୍‌ର ଗତ୍‌ଟିଏ ପରିବେଶନ କରୁଥିଲା ।—ଏତିକି ଗମ୍ଭୀର ରାତି, ତହିଁରେ ଟିଉନ୍‌ର ଠୁଂ ଠାଂ ଶବ୍ଦ—ଏହି ସୂକ୍ଷ୍ମ ପ୍ରଜାଗରଣୀ ଯେ ଏକ କଳ୍ପଲୋକ ସୃଷ୍ଟି କରିଥିଲା, ସନ୍ଦେହ ନାହିଁ । ମୋହମୟ ପରିବେଶ । ତା’ର ଆବେଶରେ ବିମୋହିତ ଦୁଇଟି ନରନାରୀ । ସେମାନେ ଥିଲେ ନୃତ୍ୟ-ରତ ।···ପାଶ୍ଚାତ୍ୟ ଭଙ୍ଗିରେ ଛନ୍ଦ ପକାଉଥିଲେ ଛନ୍ଦାଛନ୍ଦ ହୋଇ ।···ପ୍ରତିବିମ୍ବର ଅସଂଖ୍ୟତା···ତେଣୁ କୌଣସି ନାମଜାଦା ନାଇଟ୍-କ୍ଲବର ଉତ୍ସବ-ମୁଖରିତ ଚିତ୍ର ଯେ ସହଜେ ଉଙ୍କିମାରି ଉଠିବ ଦର୍ଶକ-କଳ୍ପନାରେ, ଏହା ନିଃସନ୍ଦେହ ।

ସୁନ୍ଦରୀ ଥିଲା ଅକୃତ୍ରିମ ସୁନ୍ଦରୀ । ସେଥିପାଇଁ ତା’ର କୃତ୍ରିମ ଆଭରଣର ଆଦୌ ପ୍ରୟୋଜନ ନ ଥିଲା । ସମାଜର ଯୁଗୋଚିତ ରୁଚିକୁ ଗ୍ରହି ଯେତିକି ଟିକିଏ ଧାରଣ ନ କଲେ ନ ଚଳେ,

Digitized by PPRACHIN, SOA

ତାହାହିଁ ସେ କରିଥିଲା । କଥାରେ ଅଛି, 'ଆପ୍ରୁଚି ଖାନା, ପର୍ରୁଚି ପହିର୍ନା' ।...ତେବେ ପୂର୍ବର ନୃତ୍ୟ-ପରିଚ୍ଛଦରେ ଥିଲା ପ୍ରାଚ୍ୟର ଛାପ, ବର୍ତ୍ତମାନର ପରିଚ୍ଛଦରେ ପଡ଼ିଛି ପ୍ରତୀଚ୍ୟର ଛାପ ।...ଏହା ଯେ ମାନସିକ ପରିବର୍ତ୍ତନର ଛାପ, ଏହା କହିବାକୁ ହେବ । କାରଣ ପୂର୍ବେ ସେ ଅତିଥି-ସମ୍ବର୍ଦ୍ଧନା କରିବାକୁ ମନ କରିଥିଲା, ଅତିଥିର ରକ୍ଷଣ-ଶୀଳତା ଦୃଷ୍ଟିରୁ, ବର୍ତ୍ତମାନ ସେ କରିବ, ନିଜର ଲିବରେଲ (liberal) ଭିଉ (view)ରୁ । ଅବଶ୍ୟ ଏହି ପରିବର୍ତ୍ତନ ମୂଳରେ ସକ୍ରିୟ ଥିଲା 'ହିପୋକ୍ରିଟ୍' (hypocrit)—ଏହି ଶବ୍ଦଟି ।

ଦିବାକର ପ୍ରତୀଚ୍ୟ-ପୋଷାକ ଧାରଣ କରିଥିଲେ ମଧ୍ୟ, ସେ ଯେ ରୁଚିର ଶାଳୀନତାବୋଧରୁ ଏହା କରିଛି, ତାହା ଆଦୌ ନୁହେଁ । ସେ ଏ' ଗୃହକୁ ଆସିଛି କେଉଁ ଦୁର୍ବାର ଜୈବିକ ଲିପ୍ସାର ତାଡ଼ନାରେ । ସେହି ପିପାସା ସେ ମେଣ୍ଟାଇବାକୁ ଉତ୍କଣ୍ଠିତ । 'ହିପୋକ୍ରିଟ୍' ଶବ୍ଦଟି ସେ ଉଚ୍ଚାରଣ କରିଥିଲା ଈର୍ଷା-ପ୍ରଣୋଦିତ ହୋଇ । ସୁତରାଂ ଈର୍ଷା-ଉଦ୍ରେକକାରିଣୀର ଅଭିପ୍ସିତ ପୋଷାକକୁ ବିନା-ପ୍ରତିବାଦରେ ଗ୍ରହଣ କରିବ ଓ ନିଜେ 'ହିପୋକ୍ରିଟ' ସାଜିବ, ଏଥିରେ ଆଉ ଆଶ୍ଚର୍ଯ୍ୟ କ'ଣ ?

ନୃତ୍ୟର ଧାରା କ୍ରମଶଃ ଛନ୍ଦ-ହରା ହୋଇ ବେଧାରା ଅଡ଼କୁ ଅଭିମୁଖୀ କଲା । ଦିବାକର ତ ଛନ୍ଦପାତ କରିବ, ଜଣାକଥା । କାରଣ ପାନୀୟ-ମଦିରାରେ ଅଛି ପ୍ରମତ୍ତତା, ସେହି ଷ୍ଟଳ ରୂପର ମଦିରାରେ ରହିଛି ଜଡ଼ତା, ଆଚ୍ଛନ୍ନତା ।...ଦିବାକର ରୂପ-ମୋହାଚ୍ଛନ୍ନ । କିନ୍ତୁ ସୁନନ୍ଦା ? ସେ ତ ଅତିଥି-ସେବାରେ ଥିଲା ସଚେତନ; ଦେବତାର ମନସ୍ତୁଷ୍ଟି ସାଧନ କରିବ, ଏଥିପାଇଁ ଆତ୍ମ-ନିବେଦନର

Digitized by PPRACHIN, SOA

କଳା-ମାଧ୍ୟମକୁ କରିଥିଲି ଅବଲମ୍ବନ—ତା'ର ଛନ୍ଦ-ପାତର କାରଣ ? ···କଳା-ମାଧ୍ୟମ ଭୁଲି, କଳା-କାର ମଧ୍ୟରେ କଳା-କାରଣୀରୁ ଆତ୍ମସମର୍ପଣ ।।

ନୃତ୍ୟ ଚାଲିଥିଲା—ଚାଲିଥିଲା ପୂର୍ଣ୍ଣ ଆବେଗରେ । ସେହି ଆବେଗର ସ୍ପନ୍ଦନ କକ୍ଷର ଜଡ଼-ପଦାର୍ଥ ଗୁଡ଼ିକୁ ମଧ୍ୟ କରିଥିଲା ସ୍ପର୍ଶ—କରିଥିଲା ନୃତ୍ୟ-ଶୀଳ···ତେଣୁ ଚେତନ—ଅବ୍ଦୁଲର ଚାରି କ'ଣ ? ଅବ୍ଦୁଲର ହାତରେ ଗୋଟିଏ ଟ୍ରେ—ସେଥିରେ ଥିଲା ମଧ୍ୟସ୍ଥଳରେ ବିଲାତିମଦର ବୋତଲ, ଦୁଇପାଖରେ ଦୁଇଟି କାଚର କପ···ସେସବୁ ସେହି ବେଗରେ ହୋଇଥିଲା କମ୍ପିତ ।

× × × ×

ସେହି ସମୟରେ ଛନ୍ଦ-ଅଛନ୍ଦ ନ ମାନି, ବାଟ ଚାଲିଥିଲା ଅନାମ । ଏକେ ମେଘୁଆ ଓ ବଢ଼ିଲା ରାତିରେ ଜମାଟ ଅନ୍ଧାର, ତେଣେ ନିଛାଟିଆ ବାଟ—କମାଣ୍ଡାଣ୍ଟବାବୁଙ୍କ ଘର ଅପନ୍ତରିଆ ଯାଗାରେ ବୋଲି ତାହା ଆହୁରି ନିଛାଟିଆ—କେଉଁଠି ବିଜୁଳିବତୀ ମିଞ୍ଜି ମିଞ୍ଜି, କେଉଁଠି ଝଡ଼ବର୍ଷାରେ ବଲ୍ବ ନଷ୍ଟ ହୋଇଥିବାରୁ ତା'ବି ନାହିଁ—ତଥାପି ଅନାମ ବାଟ ଠଉରେଇ ଚାଲିଥିଲା—ଅବ୍ଦୁଲ ଘରଠୁଁ ବେଶୀ ଦୂର ନୁହେଁ କମାଣ୍ଡାଣ୍ଟବାବୁଙ୍କ ଘର—ତାହା ବାଟରେ ପଡ଼େ—ସେଇଠି ଯେମିତି ଅଶାନ୍ତି ପ୍ରାଣରେ ପହଁଚି ଯାଇଚି, ଗୋଡ଼ଟା ଗୋଟାଏ ଗାଲ ଭିତରେ ପଡ଼ି ମଚ୍କିନା ହୋଇଗଲା, ସେ ଆଉ ବାଟ ଚାଲିବ କ'ଣ, ସେଇଠି ବସିପଡ଼ିଲା 'ଉଃ' ବୋଲି ।··· କାଦୁଅ ବଲ୍ବଲ୍ ହେଲେ ମଧ୍ୟ, ଅବ୍ଦୁଲର ଘର ଅତିକ୍ରମ କରି ଆଗେଇବାକୁ ମନକଲା, କିନ୍ତୁ ମଚ୍କା-ଗୋଡ଼-କବ୍ଜା ତା' କରିବାକୁ ଦେଲାନାହିଁ । ସେ ଏକପ୍ରକାର ଘୋଷାଡ଼ିଲା

Digitized by PPRACHIN, SOA

ଝଲି ହୋଇ ଅବ୍‌ଦୁଲ୍‌-ଘର-ବାହାର ପିଣ୍ଡାର ଅଣ୍ଟା ଧରିଲା । ସେଇଠି ଥକ୍କାମାରି ବସିପଡ଼ି, ଯନ୍ତଣା-ଭରି କଣ୍ଠରେ ଡାକିଲା—

"ଅବ୍‌ଦୁଲ୍ ଚଚା"

"କୋନ୍ ?"

ବୋଲି, ଘରଭିତରୁ ନାରୀ-କଣ୍ଠ ଶୁଣାଗଲା ।

"ମଇନା-ଗୁଡ଼ି ?···ମୁଁ ଅନାମ ।"

"ବେଟା !···ତୁ ଏତେବେଳେ ?"

ବୋଲି, ମଇନା ବଡ଼ ଦ୍ୱାରର ପର୍ଦ୍ଦା ସ୍ୱଳ୍ପ ଅପସାରିତ କରିଦେଲା···ଅବଗୁଣ୍ଠନହୀନ ଆତୁର ଓହଳାଇ ଦେଲା···କଠୋର ଗୋରି ତକ୍ ତକ୍ ହାତଟିଏ ବାହାର କରି, କାଳି-ପଡ଼ା ଭଙ୍ଗା-ଯୋଡ଼ା-କାଚର ଲଣ୍ଠନଟିଏ ଚଉକ ଠ ବାହାରପଟେ ଥୋଇଦେଲା । ···ସେ କହିଲାବେଳେ ଦମା ପେଲି, କାଶରେ ଅସ୍ଥିର ହେଉଥିଲି, ହାତ ବି ବେଶ୍ ଥରୁଥିଲା ।···ଅନାମ ପଚାରିଲା—

"ଜର ହୋଇଛି କି, ଗୁଡ଼ି ?"

"ଆଠ ଦଶ ରୋଜ୍ ହେଲା ବୋଖାର···କାଶ···ଦମା··· ଗୁଣିଆର ଝାଡ଼ଫୁଁକ୍ ମାନୁନାହିଁ କି ମୌଲବିର ମନ୍ତ୍ର-ପାଣି କାହିଁ କରୁନାହିଁ ।"

"ଡାକ୍ତର ଦେଖା, ଦବେଇ କର···ଏ'ସବୁ ଛାଡ଼ ।"

"ସୁଦଖୋ-ମିତା ବି ସେଇବାତ୍ କହୁଚ···ଆହୁର କହୁଚ—"

"କ'ଣ ?"

"ଅଭି ଓଲଟ୍ ଦୁନିଆ—ଅଲ୍ଲାଅର କାରବାର···ଅନ୍ଧ-ବିଶ୍ୱାସ ଛୋଡ଼ନେ ହେବ ।"

"ଠିକ୍ ତ"

"ମଗର୍ ଛୋଡ଼୍‌ନେ ସେକୁଚ କେଉଁଠୁ ?"

Digitized by PPRACHIN, SOA

"କାହିଁକି ?"

"ଜଙ୍ଗଲରେ ବି ତ ଦୁନିଆ ଭୂତ ଦେଖୁଛି···ଆମେ ଭି ସହଜେ ଅନ୍ଧ, ବିଲ୍‌କୁଲ୍ ଅନ୍ଧେରାରେ ।"

"ଖାଣ୍ଟିକଥା କହୁଚୁ ଗୁଛି···ଛାଡ଼···ଅବ୍‌ଦୁଲ୍ଲ ଟଛା ଘରେ ନାହିଁ ? କୁଆଡ଼େ ଯାଇଚି, କହି ପାରିବୁ ?"

"ମ' ଏ ବାତ୍ ତୋତେ ଜଣାନାହିଁ ?—ଆଜି ପରା ସୁନ୍ଦରସାହି-ଅପା ନେତା' ବାବୁଙ୍କୁ ନିମନ୍ତ୍ରଣ କରିଛି···ସେ'ଠି ଖାନା ବନେଇ ଯାଇଚି···ଜାଣୁତ, ତୋ' ଟଛାର ରାନ୍ଧଣା ବଡ଼ାବାବୁଙ୍କୁ ଯେତେ ସ୍ୱାଦ ଲଗେ, ବାବୁଆଣୀର ରାନ୍ଧଣା ତେତେ ନୁହେଁ···"

ଅନାମ କି ଗୋଟାଏ ଦଂଶନ ଅନୁଭବ କଲା, କିନ୍ତୁ ତାହା ସମ୍ଭାଳି ନେଇ, ପଚାରିଲା—

"ରାତି ଅଧି ଅଧେ ହେଲାଣି, ଟଛା ଅବ୍‌ତକ୍ ଫେରିନାହିଁ ଯେ ?"

"ସେ ଅଜ ଫେରିବ ନାହିଁ···ରହିମ୍ ହାତରେ ଦାମ-ପାଇଁ ଖାନାଭନା ପଠାଇ ଦେଲା, ଔର କହିପଠାଇଲା, ସେ ଅଜ ସେ'ଠି ପହରାରେ ମୁତାଏନ୍ ରହିବ ।"

"ପହରା ?"

"କମ୍ପାଉଣ୍ଡରବାବୁ ପରା ବଡ଼ିଆନରୁ ଜରୁର୍ ତଲବ୍ ପାଇ ଗୁଲିଗଲେ···ଘରେ ବିବି ଏକେଲା···"

"ତେବେ ତ ବାବୁ ସେ'ଠି ନଥିବେ···"

"ଅଲ୍‌ବତ୍ତା ଥିବେ···କେଉଁ ମିଆଁ ତା'ର ଏମିତ ଖୁବ୍-ସୁରତ୍ ବିବିକୁ—ମଇମନ୍ ହୁଏ, ଯୋ କୋଇ ହୁଏ—ଦୋସ୍‌ରା ଆଦ୍‌ମି ପାଖରେ ଛାଡ଼ି ଦେଇଯିବ···?"

Digitized by PPRACHIN, SOA

"ହେଲେ, ବଲେଇ ଜମାରେ ପୋଡ଼ପିଠା ଦେଇଗଲ୍, ସେ ଖିଆଲ୍…"

"କ'ଣ, କ'ଣ କହୁଲୁରେ, ବେଟା ?"

"କଛୁନାହିଁ, ଗୁଇଁ, କ'ଣ ଗୋଟାଏ କହ ପକାଇଲି— ତୁମେ ଶୁଅନାଇ…ମୁଁ ଅସୁଛୁ…ଭଗ୍ ଜଲୁଗ୍ କାମ…"

ବୋଲି, ଅନାମ ସେହ ମଚ୍‌କା-ଗୋଡ଼ରେ ଦ୍ରୁତ ଗୁଲ୍‌ଗଲ । ମଇନା ବବ ମଥାରେ ସେହ "ବଲେଇ ଜମାରେ" କଥାଟି ଖେଳୁଥିଲ୍, ସେ ଥକାମାର ଯାଇଥିଲ୍, କହଲ ଆକୁଳ କଣ୍ଠରେ—

"…ପୋ-ଡ଼ ପିଠା !"

ଏହଶେଷ ଶବ୍ଦଟି । ଆଲୁଅଟା ଫକ୍‌କର ଲଭଗଲ ତା'ର ଦୀର୍ଘ-ଶ୍ୱାସର ଦମ୍‌ରେ, କ ଦମ୍‌କା ହାଓ୍ୱାରେ, କହହେବ ନାହିଁ ।

× × × ×

ତେଣେ ଜୟନାରାୟଣ-ଭବନର ଆଲୋକୋଜ୍ଜ୍ୱଳ କକ୍ଷରେ ସେହ ପୂର୍ବାନୁଷ୍ଠିତ ନୃତ୍ୟର ସର୍‌ଗରମ୍ ବାଧାହୀନ ଗତରେ ଗୁଲ୍‌ଥିଲ…ବର୍ତ୍ତମାନ ତାହା ପରଣତ-ଅଭମୁଖୀ ।…ବାଦ୍ୟର ଝଙ୍କାର ଦ୍ରୁତ । ନୃତ୍ୟ-ଛନ୍ଦବେଗମୟ । ଆବେଗରେ ଶିଳ୍ପି-ଦ୍ୱୟ ଛନ୍ଦାଛନ୍ଦ ।—ନବଦ୍ଧ ।—ଏକୀଭୂତ ।—ଏତକବେଳେ ପଡ଼ଲ ବାଧା । ଠିକ୍ ଚଳଇ ଏ-ସୁଠିଂ କାଳର 'କଟ୍' ଡାକଭଳ । ଶିଳ୍ପିଦ୍ୱୟ ଠକ୍‌କର ରହଗଲେ । ହେଲେ—ଦବାକର ଯେଉଁ ଭାବରେ ସୁନ୍ଦରୀ କବଳରୁ ଆପଣାକୁ ମୁକୁଳାଇ ନେଲ, ସେଥିରୁ ବୁଝିବାକୁ କଷ୍ଟ ହେଲ ନାହିଁ ଯେ, 'କଟ୍' ଡାକର ନର୍ଦ୍ଦେଶକ ଥିଲ ଦବାକରର ଅନ୍ତରାତ୍ମା । ତାହା ଅଧିକ ଦବାଲୋକପର ସ୍ପଷ୍ଟ ହୋଇ ଉଠିଲ, ଯେତେବେଳେ

Digitized by PPRACHIN, SOA

ଦିବାକର ବିରକ୍ତଗାନରେ ପ୍ରତିଫଳିତ ଅପର୍ଣ୍ଣାର ଶତ ଶତ ପ୍ରତିବିମ୍ବ ଦୃଷ୍ଟିପାତ କଲା ଓ ଦୃଢ଼ତା ସହ ଜିଜ୍ଞାସା-କଣ୍ଠରେ ପଚାରିଲା—

"କିଏ ତୁମେ ?"

ସୁନ୍ଦରୀ ଦ୍ୱାପର ବମ୍ପୃକ୍ତ ହୋଇଯାଇଥିଲା ଘଟଣାର ଆକସ୍ମିକତା ଯୋଗୁଁ, ପରମୁହୂର୍ତ୍ତରେ ଆପଣାକୁ ସମ୍ଭାଳି ନେଲା ଓ ସହଜ କଣ୍ଠରେ ଡାକିଲା—

"ଦିବାକର ବାବୁ !···"

ଦିବାକର ଏହି ଡାକକୁ ସମ୍ବୋଧନ ରୂପେ ଗ୍ରହଣ ନ କରି ଆରୋପିତ ପ୍ରଶ୍ନର ଉତ୍ତରରୂପେ ଗ୍ରହଣ କଲା ଓ ଉପହସିତ କଣ୍ଠରେ ଉଚ୍ଚାରଣ କଲା—

"ଦିବାକରବାବୁ !···ହାଃ-ହାଃ-ହାଃ"

"ଦିବାକର ବାବୁ !"

ବୋଲି, ସୁନ୍ଦରୀ ମୋହାବିଷ୍ଟ ଦିବାକରର ବାହୁ-ମୂଳ ଧରି ହଲାଇ ଦେଲା ନିଃସଙ୍କୋଚରେ, ନର୍ସ-ସୁଲଭ ଭଙ୍ଗୀରେ ।

"ଦିବାକର ?"

ବୋଲି, ଦିବାକର ପୁଣି ଥରେ ନିଜର ପ୍ରତିଚ୍ଛବି ପ୍ରତି ଦୃଷ୍ଟିକ୍ଷେପ କଲା ଓ ନିଜର ବେଶ-ଭୂଷାକୁ ନିରୀକ୍ଷଣ କଲା···ତା'ପରି ମୀମାଂସା-ନିର୍ଣ୍ଣୟ କଣ୍ଠରେ କହିଲା—

"ମୁଁ ହିପୋକ୍ରିଟ୍ (Hyhocrit) !···ଦିବାକର ସେହିଠାରେ —ବାଥ୍‌ରୁମ୍‌ରେ"

କହିବା ସଙ୍ଗେ ସଙ୍ଗେ ଦିବାକର ବାଥ୍‌ରୁମ୍‌କୁ ଲକ୍ଷ୍ୟକରି ଅଭିଯାନ କଲା ।

"ଓଦା-ଲୁଗାପଟା ଅପଣଙ୍କର ସେଇଠି ମେଲେଇ ଦେଇଥିଲି ଶୁଖି ନଥିବ ··"

Digitized by PPRACHIN, SOA

ବୋଲି, ସୁନ୍ଦରୀ ସେବିକାର ଉଦ୍‌ବିଗ୍ନତା ଧେନ ଅନୁଗମନ କଲା···

ହେଲେ, ଧବାକର ଅଦୃଶ୍ୟ ହୋଇଯାଇଥିଲା ଏବଂ ଘଣ୍ଟା ଠଂ ଠଂ କରି ୧୨ଟା ବାଜିଲା ଠିକ୍ ସେତିକିବେଳେ ।

"ବୀର ?···ଅବ୍‌ଦୁଲ !···"

"ଜୀ !"

"ତୁମାରି ଛୁଟି···ରାସ୍ତାସେ ଏକଠୋ ରିକ୍‌ସା ଇହିଁ ଜରୁର୍ ଭେଜ୍‌ଦେନା ।"

ଅବ୍‌ଦୁଲ ଇତସ୍ତତଃ କଲା ।

"ଯାଓ !"

ଅବ୍‌ଦୁଲା ଚାଲିଗଲା ।

"ମୁଁ ନର୍ସ··· ।"

ବୋଲି, ସୁନ୍ଦରୀ ସଦମ୍ଭପଦକ୍ଷେପରେ ଭିତରକୁ ଚାଲିଗଲା ।

"ନା, ନା, ମୁଁ ହସପୋର୍ଟି ନୁହେଁ !"

ଅବ୍‌ଦୁଲ ଯାଇ ନ ଥିଲା, ଉଙ୍କି ମାରି ଦେଖୁଥିଲା । ଫାଙ୍କର ସୁଯୋଗ ନେଲା । ଗୋଡ଼ ଟିପି ଟିପି ପ୍ରବେଶ କଲା । ହାତରେ ଥିଲା ପୂର୍ବ ଦୁଇଟିର ଅନୁରୂପ ଆଉ ଗୋଟିଏ କାଚର ପାତ୍ର ।···ତାହା ଯେ ଖାନାର ଅନୁପସ୍ଥିତ ଅଂଶୀଦାର ପାଇଁ ନିର୍ଦ୍ଦିଷ୍ଟ ଥିଲା, ସନ୍ଦେହ ନାହିଁ । ସେ ଧୀରେ ଧୀରେ ଖାନା-ଟେବୁଲ ପାଖକୁ ଆସି, କ୍ଷିପ୍ର ଓ ନିପୁଣ ହସ୍ତରେ ବୋତଲର କର୍କଟି ନିଃଶବ୍ଦେ ଫିଟାଇଲା, ନିଜ ଗ୍ଲାସରେ ପାନୀୟ ଭରିଲା, ବୋତଲଟି ବନ୍ଦକରି ଯଥାସ୍ଥାନରେ ଥୋଇଲା ଏବଂ ଚକ ଚକ କରି ପିଇ ପିଇ ଦ୍ରୁତ ଗତିରେ ପ୍ରତ୍ୟାବର୍ତ୍ତନ କଲା ।···

Digitized by PPRACHIN, SOA

ପରେ ପରେ,

"କମ୍ପାଉଣ୍ଡର ବାବୁ···କମ୍ପାଉଣ୍ଡର ବାବୁ"

ବୋଲି, ଡାକୁ ଡାକୁ ଦିବାକର ସଶବ୍ୟସ୍ତେ ପଶି ଆସିଲା।··· କ୍ଷଣେ ଯେମିତ ଗୋଟାଏ ଅମୂଲ୍ୟ ଚିଜ ଖୋଜି ପାଉ ନାହିଁ, ଏହି ଭାବରେ ପକେଟ ଅଣ୍ଡାଳୁ ଥିଲା, ତା'ପର କଷର ଅନ୍ଧ ସନ୍ଧ ଖୋଜି ଚାଲିଡ଼ିବାକୁ ଲାଗିଲା।

ଅଦୂରେ ସୁନ୍ଦରୀ ଦେଖାଦେଲା। ସେହି ଉପଢୌକନୀକୃତ ଶାଢ଼ୀ ବ୍ଲାଉସ୍‌କୁ ସେ ସେବିକା (ନର୍ସ) ଢଙ୍ଗରେ ଧାରଣ କରିଥିଲା ଅଙ୍ଗର ପରିଚ୍ଛଦରୂପେ। ସ୍ମିତ ଅଧରରେଖା। ସ୍ନିଗ୍ଧ ଜ୍ୟୋତି ଅକ୍ଷି-ଯୁଗଳରେ। ଗଣ୍ଡ-ଦ୍ୱୟ ସ୍ଫୀତ, ଲାବଣ୍ୟମୟ। ସୁନ୍ଦର ପ୍ରତିମାଟି ପରି ଦେଖାଯାଉ ଥିଲା। ସେ କ୍ଷଣକାଳ ଠିଆ ହୋଇ ଦିବାକରର କାର୍ଯ୍ୟକଳାପ ଦେଖିଲା, କୌତୁକ ଅନୁଭବ କଲା, ତା'ପର ନିଜର କର୍ତ୍ତବ୍ୟ ପ୍ରତି ଅବହିତ ହୋଇ, ଆଶ୍ୱାସନା ଓ ନିର୍ବନ୍ଧମୂଳକ କଣ୍ଠରେ କହିଲା—

"ବ୍ୟସ୍ତ ହେବେ ନାହିଁ···ଆଗ ଆସନ୍ତୁ, ଉପବେଶନ କରନ୍ତୁ ···ନିମନ୍ତ୍ରଣର ଯତ୍‌ସାମାନ୍ୟ ଆୟୋଜନ···ତତ୍‌ପ୍ରତି ସୁବିଚାର କରନ୍ତୁ।"

"ନିମନ୍ତ୍ରଣ।"

ବୋଲି, ଦିବାକର ବ୍ୟଙ୍ଗାତ୍ମକ କଣ୍ଠରେ ଉଚ୍ଚାରଣ କଲା।

"ବିଶ୍ୱାସ କରନ୍ତୁ···ପ୍ରତି-ନିମନ୍ତ୍ରଣ-ପତ୍ର ପାଇଛୁଁ···ସେ ଆସିଗଲେ, ଖବରଟା ପଠାଇବୁଁ···ନିମନ୍ତ୍ରଣ ଅବଶ୍ୟ ରକ୍ଷା କରିବୁଁ··· ଏହି ଦେଖନ୍ତୁ ପତ୍ରଟି ସାଦରେ ମୁଁ···"

Digitized by PPRACHIN, SOA

ବୋଲି, ସୁନନ୍ଦା ଆପଣାର ବ୍ଲାଉସର ବୁକୁ-ଅନ୍ତରାଳରୁ ପତ୍ରଟି କାଢ଼ି ଆଣିଲା ଓ ଦିବାକରର ଆଖି ସାମ୍ନାରେ ସସ୍ନେହେ ଧାରଣ କଲା ଓ ଆନନ୍ଦ ଗଦଗଦ କଣ୍ଠରେ କହିଲା—

"ସମାଜ-ପ୍ରତିଷ୍ଠିତ ଗୋଟିଏ ସୁଖୀ-ଦମ୍ପତି ପ୍ରୀତି-ନିମନ୍ତ୍ରଣ କରନ୍ତି ଦୁନିଆଁର୍ ଅବହେଳିତ ଗୋଟିଏ ଦୁଃଖୀ-ଦମ୍ପତିଙ୍କୁ— ଏ'ଭଳି ପ୍ରୀତି-ନିମନ୍ତ୍ରଣ, ଏହା କ'ଣ ଭୁଲ୍ ହୁଏ ? ?"

କହିବା ସଙ୍ଗେ ସଙ୍ଗେ ସୁନନ୍ଦାର ଆଖି-ପତା ଓଦା ଓଦା ହୋଇ ଯାଇଥିଲା···ସେ ତାହା ତତ୍‌କ୍ଷଣାତ୍ ପୋଛି ପକାଇଲା··· ଅଧରରେ ସ୍ମିତ-ରେଖା ଟାଣି ସାନୁନୟ ଦୃଷ୍ଟିରେ ଅତିଥିଙ୍କୁ ଅନାଇ ରହିଲା ।

ଦିବାକର ତାହା ଲକ୍ଷ୍ୟ କଲେ ମଧ୍ୟ, ଦ୍ରବୀଭୂତ ହେଲା ନାହିଁ, ବରଂ ରୁକ୍ଷ କଣ୍ଠରେ କହିଲା—

"ଏ ପ୍ରୀତି ବା ପ୍ରୀତି-ନିମନ୍ତ୍ରଣ ନୁହେଁ ।"

"ତେବେ ?"

ବୋଲି, ସୁନନ୍ଦା ଆକାଶରୁ ଛିଡ଼ି ପଡ଼ିଲା ଭଳି ହୋଇ ଚାହିଁଲା ।

ଦିବାକର ପୂର୍ବ-କ୍ରମ ଧରି କହି ଚାଲିଲା—

"ତୁମର ଏହି ନିମନ୍ତ୍ରଣ ରକ୍ଷା କରିବାକୁ ଆସି ନଥିଲି, ଆସିଥିଲି ପ୍ରତ୍ୟାଖ୍ୟାନ କରିବାକୁ ।—ଏ' ସେହି ପ୍ରତ୍ୟାଖ୍ୟାନ-ପତ୍ର ।।"

ସାମାନ୍ୟ ବିରତି ପରେ, ଗମ୍ଭୀର କଣ୍ଠରେ

"ନମସ୍କାର"

Digitized by PPRACHIN, SOA

ବୋଲି, ପଛ ଓଫେରି, ଦ୍ୱାର ମେଲି କଲି, ସିଧା ସିଧା ଫେରନ୍ତା ବାଟ ଧରି ରାତ୍ରୀର ଗଭୀର ଅନ୍ଧକାରରେ ମିଶିଗଲି ।

ସୁଦକ୍ଷା ବିଲ୍‌କୁଲ୍ ପଥର ପାଲଟି ଯାଇଥିଲା । ଅତିଥି ଅଦୃଶ୍ୟ ହେବା ମାତ୍ରେ, ସେ ଭାଙ୍ଗି ପଡ଼ିଲା । ନିଜର ଭଙ୍ଗା ଦେହ-ଭାରକୁ ଚଉକି ଉପରେ ବସାଇ ଦେଲା । ହେଲେ, ବସି ରହିପାରିଲା ନାହିଁ । ଖାନା-ଟେବୁଲ ଉପରେ ଅଜାଡ଼ି ହୋଇ ପଡ଼ିଲା । ଅବଶେଷେ, ଅବସ୍ଥାପିତ ବାହୁ ଯୁଗଳର ବେଷ୍ଟନୀ ମଧ୍ୟରେ ବଦନମଣ୍ଡଳକୁ ପ୍ରୋଥିତ କରି, କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା ।

× × × ×

'ମଣିଷ ଯାହା ପାଏ ତାହା ଚାହେଁନା, ଯାହା ନ ପାଏ ତାହା ଚାହେଁ'—ଏହିପରି ଗୋଟିଏ ପ୍ରବଚନ ଅଛି । ପ୍ରଭାକର ଠିକ୍ ଏହି ଭାବରେ ଅନୁପ୍ରାଣିତ ହୋଇ ବାଟ ଚାଲିଥିଲା ।

ପ୍ରକୃତରେ ଏହି ପ୍ରବଚନଟି ପ୍ରଭାକରର ଚରିତ୍ରାନୁଗ । ସେ ମଦ୍ୟପ ହୋଇପାରେ, କିନ୍ତୁ ଲମ୍ପଟ ନୁହେଁ । ଏକମାତ୍ର ସହଧର୍ମିଣୀ ଶଯ୍ୟା-ସଙ୍ଗିନୀ ହେବାକୁ ଭାଜନ ଏହି କଥା ସେ ଜାଣେ । ସୁତରାଂ ବେଳେ ବେଳେ ନାରୀର ମର୍ଯ୍ୟାଦା ରକ୍ଷା କରିବାକୁ ଯାଇ, ଗୁଣ୍ଡାମି ଆଚରଣ କରୁଛି । ଏଭଳି ଆଚରଣ ପାଇଁ ପୁଲିସ୍ କୋର୍ଟ ବା ଥାନାରେ ତା'କୁ କୈଫିୟତ୍ ଦେବାକୁ ପଡ଼ୁଛି । ଯେତେ ହେଲେ ଆଇନ-ବାଲା ବା କୋର୍ଟର ହାକିମ ମଣିଷ ତ । ମଣିଷ-ପଣିଆ ଦୃଷ୍ଟିରୁ ସେମାନେ ତା'ର ବେ-ଆଇନି କାମକୁ ସମର୍ଥନ ନ କଲେ ମଧ୍ୟ, ଆଇନ୍-ଯନ୍ତାରେ କଦାପି ପେଷି ନାହାନ୍ତି ।

Digitized by PPRACHIN, SOA

ରୂପସୀର କ୍ଷଣିକ ରୂପ-ମୋହ ଦିବାକରକୁ କରିଥିଲା ଅଚ୍ଛନ୍ନ । ସେଥିପାଇଁ ସେ ବାଧାବନ୍ଧ ନମାନି ଟାଣିହୋଇ ଆସିଥିଲା ରୂପସୀ ସନ୍ନିଧାନକୁ । ପାଇଥିଲା ସାନ୍ନିଧ୍ୟ, ଗାଢ଼ ସାନ୍ନିଧ୍ୟ କିନ୍ତୁ ତା'ର ଚରିତ୍ରର ଦୃଢ଼ତା ଥିଲା ଅତୁଳ । କ୍ଷଣକେ ଉପୁଜିଲା ବିରୂପ ଭାବ—ଦୂରରୁ ପର୍ବତ ସୁନ୍ଦର, ନିକଟରୁ ବିପରୀତ । ସେ ଧକ୍କା ଖାଇଲା । ପଛକୁ ଅନାଇଲା । ଦିଶିଲା ତା'କୁ ଗୃହ । ଚିର ସୁନ୍ଦର । ଲୋଡ଼ିଲା ସେ ଗୃହିଣୀର ମାଧୁର୍ଯ୍ୟ । ଚିର ମଧୁର, ସୁତରାଂ ନବୀନ ପ୍ରାଣରେ, ନୂତନ ଉତ୍ସାହରେ ସେ ଉତ୍ପେକ୍ଷିତ ଗୃହାଭିମୁଖୀ ହୋଇ ଧାଇଁବ, ଏଥିରେ ଅଉ ଆଶ୍ଚର୍ଯ୍ୟ କ'ଣ ?···ମଣିଷ ତ ।

ଦିବାକର ବାଟରେ ଝୁଣ୍ଟିଲା ବହୁଥର । ପ୍ରବଳ ବାଧା ବି ହାବୁଡ଼ିଲା ଥରେ । କାଠଗଣ୍ଡି କି ପଥର ମୁଣ୍ଡା ସେ ହାମୁଡ଼ି ପଡ଼ିଲା ତା' ଉପରେ । ସେଇଠା 'କେଁ' କରି ଉଠିଲା । ବିରାଟ ଜନ୍ତୁଟିଏ ଜାନୁଆର । କିନ୍ତୁ ବାଟହୋଇ ମାନିଲା ନାହିଁ—ଧାଇଁଲା ଏକମୁହାଁ ।

× × × ×

ଏଣେ ନିଜ ମନ୍ଦିରରେ ମନ୍ଦାର ଜାଗର ଜାଳି ବସିଛି— ସ୍ୱାମୀଙ୍କ ଆଗମନ-ପ୍ରତୀକ୍ଷାରେ ଉନ୍ମନା ।

ରାତ୍ରୀ ତୃତୀୟପ୍ରହରତା ଅତିକ୍ରମ କରିବାକୁ ବସିଲାଣି, ତଥାପି ଦେବତା ଫେରିଲେ ନାହିଁ ।

ସୁନ୍ଦରୀ ନିମନ୍ତ୍ରଣ କରିଛି, ଏକଥା ସେ ଜାଣିନଥିଲା, ନିଁସ୍ ବି ଜଣାଇ ନ ଥିଲେ, ବରଂ କହିଥିଲେ ସହଳ ସହଳ ଫେରି ଆସିବେ ବୋଲି, ଅଥଚ ସ୍ୱତଃପ୍ରବୃତ୍ତ ହୋଇ ନିମନ୍ତ୍ରଣ କରିଥିଲେ ଅପରକୁ, ଅମନ୍ତ୍ରଣକାରୀ ନିଜେ ଅନୁପସ୍ଥିତ— ଏହା ସମ୍ଭବ କିପରି ?

Digitized by PPRACHIN, SOA

ଏହି ଭଳି ତର୍କ-ଜାଲ ମନ୍ଦାର ଯେତେ ବୁଣିବାକୁ ଲାଗିଲା, ସେତିକି ସେ ଅସ୍ଥିର ହୋଇ ପଡ଼ିଲା । ଅନାମର କଥା ଗୁଡ଼ିକୁ ହେଜିଲା । ଙ୍ଗ୍ଲ'ର-ପରଲ ଭେଦକରି ଆଲୋକ ଦେଖିଲା । ସେ ଆଉ ସ୍ଥିର ହୋଇ ରହିପାରିଲା ନାହିଁ ।—ଅନାକୁ ଡାକି କହିଲା—

"ଗ୍ଳତ ଅନା, ଦେଖିବ ସୁନ୍ଦରୀ କେଡ଼େ ସୁନ୍ଦରୀ ।···ସେ ଚନ୍ଦ୍ରାବଳୀ ହେଲେ, ମୁଁ ମାନିନୀ ରାଧା ନୁହେଁ—!"

"ସାନ୍ତାଣି···"

ସାନ୍ତାଣୀ ସେତେବେଳକୁ ବାରଷ୍ଟମୀର ଘଡ଼ସନ୍ଧ ବେଳର ଚୃମ୍ପ୍ରା···ରକ୍ତ ଲଳସୀ···ଏକାବେଳକେ ଦାଣ୍ଡ-ଦ୍ୱାରେ ହାଜର ।

"ହାଁ, ହାଁ"

ବୋଲି, ସେତିକି ବେଳେ ଦିବାକର ପହଁଚିଗଲା । ବାଧା ଦେଲା । ଶିବର ଏହିପରି ଅବରୋଧ ଫଳରେ ଶିବାଣୀ ସାତହାତ ଜିଭ କାମୁଡ଼ି ପକାଇ ଠିଆ ହୋଇ ଯାଇଥିଲେ । ମନ୍ଦାର ମଧ୍ୟ ଏଥିର ବ୍ୟତିକ୍ରମ ଆଚରଣ କଲା ନାହିଁ ।

ତା'ପରର ପାଲା ଅତିସାଧାରଣ—ମାନ-ଅଭିମାନ, ଚଢ଼ା-ଉତାର, ଆହୁରି କେତେ କ'ଣ—ହେଲେ ଏ'ଭଳି ଦାମ୍ପତ୍ୟ-କଳହ ମନ୍ଦାର-ଦିବାକରର ଦାମ୍ପତ୍ୟ-ଜୀବନରେ ଏହି ପ୍ରଥମ—ସୁତରାଂ ଥିଲା ଅସାଧାରଣ ।

ଏହି ମିଳନର ଆନନ୍ଦାତିଶଯ୍ୟ ଭିତରେ ଅନାମର କଥା କାହାରି ମନେ ପଡ଼ିଲା ନାହିଁ···ଅନା ମଧ୍ୟ ସେହି ସ୍ଥିତିର ହେତୁଭୂତ

Digitized by PPRACHIN, SOA

ହୋଇ କାଳେ ବାଧା ଉପୁଜାଇବ, ଏହ ଭୟରେ ସମ୍ଭ୍ରାନ୍ତ୍ର ଉର୍ମ୍ମିଳାପର କଲ ଆତ୍ମ-ଗୋପନ ।

× × × ×

ଉତ୍ତେଜନା ପରେ ଆସେ ଅବସନ୍ନତା । ଅବସନ୍ନତା ପରେ ଜଡ଼ତା ।···ପ୍ରକୃତିର ଏହ ଅମୋଘ ନିୟମକୁ ଉଲ୍ଲଙ୍ଘନ କରି ପାରିଲ ନାହିଁ ସୁନ୍ଦରୀ ।···କୌଣସି ସୋର-ଶବ୍ଦ ନାହିଁ ।···ସଜୀବ କନକ-ଲତାଟି ଯେମିତ ନିର୍ଜୀବ ହୋଇ ପଡ଼ିରହିଛ ଟେବୁଲ ଓ ଚେୟାରର ମଧ୍ୟବର୍ତ୍ତୀ ଶୂନ୍ୟଦେଶରେ ଯ୍ୟାୟା-ବର୍ତ୍ତିଟି ପରି ।

ବହିଃକକ୍ଷ ଓ ଶୟନକକ୍ଷ ମଧ୍ୟରେ ଗୋଟିଏ ଶ୍ରେଷ୍ଠ ଉଠାଣର ବ୍ୟବଧାନ । ସେହ ଉଠାଣର ଏକ ପ୍ରାନ୍ତରେ ସ୍ୱେଷେଇ-ଘର, ଅନ୍ୟ ପ୍ରାନ୍ତରେ ସ୍ନାନାଗାର ଓ ଝିଙ୍କା-ଦ୍ୱାର—ତାହା ଅବଶ୍ୟ ସ୍ୱେଷେଇ-ଦ୍ୱାରର ଠିକ୍ ଅମ୍ନାସାମ୍ନା ନୁହେଁ । ସେହ ସ୍ୱେଷେଇ-ଶାଳ । ପ୍ରବେଶ-ଦ୍ୱାର ବନ୍ଦ । ଭିତରେ କିନ୍ତୁ ଅଲୁଅ । ଅବ୍ଦୁଲ ଟେକା ପକେଇ ବସିଛ । ମଜାରେ ଖାନା ଖାଉଛ । କାନ୍ଧର ସଫା ତଉଲିଆଟି ବିଛେଇଛ, ତା'ଉପରେ ଖାନା ଥୋଇଛ ।

ଏଥର ଫାଉଲ୍‌ରୋଷ୍ଟର ଗୋଟିଏ ପୃଥୁଳ ଫଡ଼ିଆ ପ୍ରତି ନଜର ଗଲ···ତା'କୁ ଉଠାଇଲ···ଲୁବ୍ଧ-ଦୃଷ୍ଟିରେ କିଛିକ୍ଷଣ ଚକାଇଲ··· ତା'ପର ବ୍ୟାଦତ ମୁଖ-ବିବରରେ ପୂରାଇଲ···ଆଉ ଧବଳ ଦନ୍ତ-ପଙ୍କ୍ତିର ପ୍ରବଳ ଚାପରେ ଫଡ଼ାଏ ଛଡ଼ାଇ ମର୍‌ମର୍ କରି ଚୋବାଇବାକୁ ଲଗିଲ । ସେତେବେଳର ବଦନ-ଶୋଭା ଚମତ୍କାର ।···ଏବେ ମଧୁ-ପଦ୍-ଲେପୀ ଗୁମ୍ଫର ଉଭୟ ପ୍ରାନ୍ତବର୍ତ୍ତୀ ଦୀର୍ଘ ଅଗ୍ରଭାଗ, ଦ୍ୱିତୀୟରେ ମେହେରବ ଭିଟା ପ୍ରଲମ୍ବିତ ଘନ ଶ୍ମଶ୍ରୁର

Digitized by PPRACHIN, SOA

ଝାଲର—ଏ'ଦୁହେଁ ମିଶି ସେହି ଚର୍ବିତ ଚର୍ବଣର ତାଳେ ତାଳେ ନୃତ୍ୟଛନ୍ଦ ଲଗାଇ ଦେଲେ ।···ଅଦ୍ଭୁତ ବା ସେ ମଦିରାର ସ୍ୱଳ୍ପ-ସେବନରେ ହୋଇଥିଲା ଅଛୁନ୍ନ···ସେହି ରଙ୍ଗେଇଲ୍ ନିଶା ଯେଉଁ ବେହସ୍ତର ସ୍ୱପ୍ନକୁ ପ୍ରତିଫଳିତ କଲା, ସେଥିରେ ସେ ଦେଖିବାକୁ ଲାଗିଲା—ଇନ୍ଦ୍ରର ସପ୍ତବର୍ଣ୍ଣୀ ଦରବାର, ଆଉ ଶ୍ୱେତ-ପରୀଙ୍କର ସମବେତ ନୃତ୍ୟ-ମଇଫିଲ୍ ।···

ଏତିକିବେଳେ ହଠାତ୍ କଳାଦୈତ୍ୟର ଆବିର୍ଭାବ ।··· ଅର୍ଥାତ୍ ଗୋଟାଏ ଅଦ୍ଭୁତ ଧରଣର ଛାୟା-ମୂର୍ତ୍ତି ତା'ର ଦୃଷ୍ଟିକୁ ଅତିକ୍ରମ କରି ଚାଲିଗଲା ।···ସେ ଚିହିଁକ ଉଠିଲା, ଲୋମ ଠାଙ୍କୁରିଭ ହେଲା···ସେ ଅହାର ବର୍ଜନ କରି ଉନ୍ମୁକ୍ତ ଗବାକ୍ଷ ନିକଟକୁ ଧାଇଁଗଲା···ସେହିବାଟେ ନିରୀକ୍ଷଣ କଲା ଜନଶୂନ୍ୟ ପ୍ରାନ୍ତରକୁ ।

ହେଲେ, ଘରର ସ୍ତିମିତ ଅଲୋକର ରଶ୍ମି-ପ୍ରବାହ ବାହାରର ଜମାଟ ଅନ୍ଧାରକୁ ଯେତିକି ଭେଦ କରୁଛି, ସେତିକି ଦେଖିଲା; ଆଉ ଝିଙ୍କାରିର ଝିଁ ଝିଁ ଶବ୍ଦ ରାତିର ଗଭୀର ସୁପ୍ତିକୁ ଯେତିକି ଭାଙ୍ଗୁଛି, ସେତିକି ଶୁଣିଲା ।···ଗୋଟାଏ ରହସ୍ୟ-ମୟ ପରିବେଶ । ମାତ୍ର ସେ ନିଜକୁ ନିଜେ ରହସ୍ୟ କରୁଛି, ଏହିପରି ମନେକଲା···ହସିବାର ଚେଷ୍ଟାକଲା···କିନ୍ତୁ ପାରିଲା ନାହିଁ··· ସନ୍ଦେହର ଦୋଳାରେ ମନଟା ଚଗଲା ଧରୁଛି । ସୁତରାଂ କମରରୁ ରୁମାଲଟା ଓଟାରିଲା, ମୁହଁରେ ଘସିଲା, ହାତ ପୋଛୁ ପକାଇଲା ।··· ତା'ପର—

ଘରର ଏଣିକି ତେଣିକି ଅନାଇଲା । ଚପର (chopper)ଟା ଠାଏ ପଡ଼ିଥିଲା, ତା'କୁ ଉଠାଇଲା । ବଜ୍ରମୁଷ୍ଟିରେ ଧାରଣ କଲା ।

Digitized by PPRACHIN, SOA

ସୁଇଚ୍ ଅଫ୍ କରି ଆଲୋକ ଲିଭାଇଲା । ଅଣ୍ଡାଳି ଅଣ୍ଡାଳି ଚିକୁଳି ମୁକ୍ତକରି ଦ୍ୱାର ଫିଟାଇଲା, ପଦାକୁ ଆସିଲା । ଅସ୍ତେକରି ପୁଣି କବାଟ ବନ୍ଦ କଲା, ବାହାରୁ ଶିକୁଳି ଦେଲା ।···ବରଣ୍ଡାରେ କିଛିକ୍ଷଣ ଚୁପ୍‌ଚାପ୍ ଠିଆହେଲା । ଅଗଣାର ନିବିଡ଼ ଅନ୍ଧାର ଯେତେବେଳେ ତା'ର ଦୃଷ୍ଟି-ସୁହା ହୋଇଗଲା, ସେତେବେଳେ ସେ ତଳକୁ ଓହ୍ଲାଇଲା; ତନଖା-ଗୃହାର୍ଣ୍ଣରେ ଏ'କୋଣ ସେ କୋଣକୁ ଅନାଇଲା, ସଦର ଘରଆଡ଼େ ଗୋଟି ଗୋଟି କରି ପାଦ ବଢ଼ାଇଲା । ଯଥେଷ୍ଟ ନିଦକ କଲା, କିନ୍ତୁ ଦକଦକକୁ ରୋକି ପାରିଲା 'ନାହିଁ;—ଏହି ସୂଚନା ତା'ର ଗୁଲ୍‌ଚଳଣି ବେଶ୍ ବାଢ଼ ଦେଉଥିଲା ।

ବିଳାସ-କକ୍ଷ । କକ୍ଷର ମଝି ଝୁଲୁଅଛି ଗୋଟିଏ ଶକ୍ତିଶାଳୀ ବଲ୍‌ବ । ତାହା ବେଶ୍ ଜଳୁଛି, କକ୍ଷଟିକୁ ଅଲୋକ-ସ୍ନାତ କରି ରଖିଚି ।···ଅବ୍‌ଦୁଲ୍ଲା ସେଠାରେ ଉପସ୍ଥିତ ହେଲାମାତ୍ରେ, ଉଦ୍ଭାସିତ ଆଲୋକରେ ତା'ର ଆଖି ଦୁଇଟି ଧନ୍ଦ ହୋଇଗଲା, ସେ ଆଖି ବୁଜିଦେଲା ।···ତା'ପର ସମ୍ଭାଳି ନେଲା, ନିର୍ଦ୍ୱନ୍ଦ୍ୱରେ ପାର୍ଶ୍ୱ-ପ୍ରବେଶ-ଦ୍ୱାର ଅତିକ୍ରମ କଲା ।···ହେଲେ, ଦ୍ୱାର ଦେଶରେ ଅବସ୍ଥିତ ରହି, କକ୍ଷର ସାମଗ୍ରିକ ଦୃଶ୍ୟ ଅବଲୋକନ କଲା ।

ସେତେବେଳେ ସଦର ଦ୍ୱାର ହାଁ-ମେଲା ହୋଇ ରହିଥାଏ । ···ବିପରୀତ ପାର୍ଶ୍ୱ-ଦ୍ୱାର ମଧ୍ୟ ମେଲା ଥିଲା ।··· ସେହି ଦ୍ୱାର ଦେଇ ଗୋଟିଏ ସଂକୀର୍ଣ୍ଣ ଅଳନ୍ଦ-ପଥ (କରିଡର) କକ୍ଷର କାନ୍ଥ ବାଡ଼ରେ ଘସି ହୋଇ ଭିତର ଅଗଣାକୁ ଚାଲିଯାଇଛି । ସେହି ଅଳନ୍ଦର ବିପରୀତ ପଟେ, ଶେଷ ମୁଣ୍ଡରେ ସ୍ନାନାଗାର (ବାଥ୍‌ରୁମ୍) ।···ସ୍ନାନାଗାର ଦୁଇଟି ଅଂଶରେ ବିଭକ୍ତ ଓ ଦୁଇଟି ବହିର୍ଦ୍ୱାର-ବିଶିଷ୍ଟ । ···ଗୋଟିଏ ଅଂଶ ବାହାରର ବ୍ୟବହାର ପାଇଁ, ଅନ୍ୟଟି ଅନ୍ଦରର ।

Digitized by PPRACHIN, SOA

ବୃତ୍ତିମାନ ବିଳାସ-କକ୍ଷର ବିଳାସ-ବ୍ୟସନ ଦୀର୍ଘ ସମୟ-ବ୍ୟାପି ଉତ୍ତୀର୍ଣ୍ଣ, ତଥାପି ବ୍ୟସନର ଗନ୍ଧ-ବାସନା ଲାଗି ରହିଛି, ଉପାଦାନ ପଡ଼ି ରହିଛି । ଅବ୍‌ଦୁଲ୍ଲର ଦର୍ଶନେନ୍ଦ୍ରିୟ ତାହା ଦର୍ଶନ କଲା, ଘ୍ରାଣେନ୍ଦ୍ରିୟ ତାହା ଅଘ୍ରାଣ କଲା । କାମନାର ଉଦ୍ରେକ ହେଲା, ଉତ୍ତେଜନାର ତରଙ୍ଗ ଶିରାପ୍ରଶିରାରେ ପ୍ରବାହିତ ହେଲା । ଲୋଭର ଆକର୍ଷଣ ଓ ମୋହର ଜଡ଼ତା ଅବ୍‌ଦୁଲ୍ଲାକୁ ଗ୍ରାସ କଲା ।··· ତା'ର ମସ୍ତିଷ୍କ-ବିକୃତ ଘଟିଲା । ସେ ଆସିଥିଲା ପ୍ରହରୀ ହୋଇ, ପାଲଟିଲା ଶିକାରୀ ।···ପୋଷା-ଶ୍ୱାନ ହୋଇଗଲା ବନ୍ୟ-ଶ୍ୱାପଦ ।··· ଲୋଲୁପ-ଦୃଷ୍ଟି ନିବଦ୍ଧ ରହିଲା ବୋତଲର ସୁରା ଓ ତରୁଣୀର ଢଳ ଢଳ ଯୌବନ ପ୍ରତି ।···

ସେ ନିପୁଣ ଶିକାରୀ ।···ତେଣୁ, ପାର୍ଶ୍ୱ-ଦ୍ୱାର ରୁଦ୍ଧକରି ଉପର ତଳର ଛିଟ୍‌କିଣି ଲଗାଇ ଦେଲା, ସଦର-ଦ୍ୱାର ମଧ୍ୟ ତଦ୍ରୂପ କଲା···ବାକୀ ଅନ୍ୟ-ଦ୍ୱାର, ତାହା ମଧ୍ୟ ରୁଦ୍ଧକରି ଦେବ—ଏହି ଅଭିପ୍ରାୟରେ ଅଗ୍ରସରମାନ,—ଏତକବେଳେ ଶିକାର (ସୁନ୍ଦରୀ) ଟିକିଏ ଚଞ୍ଚଳ ହୋଇ ଉଠିଲା, ସେହି ସଙ୍ଗେ ବୋତଲର ପାଣୀୟ ମଧ୍ୟ—ସେ ଦ୍ୱାରକୁ ପିଠି ଲଗାଇ ନିଃଶବ୍ଦେ ଅବସ୍ଥାନ କଲା ।···

ଶିକାରର ଚଞ୍ଚଳତା ସ୍ଥିର ହେଲା; କିନ୍ତୁ ଶିକାରୀ ଚଞ୍ଚଳ ହୋଇ ଉଠିଲା, ତା'ର ହାତ ନିକଟରେ ଥିଲା ପ୍ରଧାନ-ବଲ୍‌ବର ସୁଇଚ୍, ଅବିମୃଶ୍ୟକାରୀ ଭାବରେ ତାହା ଟିପିଦେଲା—ଲାଇଟ୍ ଅଫ୍ ହୋଇଗଲା— ସୁନ୍ଦରୀ ଚିତ୍କାର କରି ଉଠିଲା—

"କିଏ ?"

ଅବ୍‌ଦୁଲ୍ଲ ଅଟ୍ଟହାସ୍ୟ କରି ଉଠିଲା । ଅନ୍ୟ ବଲ୍‌ବର ନିଷ୍ପ୍ରଭ ଆଲୋକରେ ସୁନ୍ଦରୀ ଚହିଁଲା ଓ ସାତଙ୍କ ଉଚ୍ଚାରଣ କଲା—

Digitized by PPRACHIN, SOA

"ଅ-ବ୍‌ଦୁଲ । ।"

ଅବ୍‌ଦୁଲ୍‌କୁ ସୁଦର୍ଶା ଛୁଟି ଦେଇଥିଲା, କିନ୍ତୁ ସେ ନ ଯାଇ ରହିଥିଲା; ନିଜର କୁମତଲବ୍ ଚରିତାର୍ଥ କରିବା ଯେ ତା'ର ଅଭିପ୍ରାୟ ଥିଲା—ଏହିକଥା ଆଁ'ର୍ କରିନେବାକୁ ସୁଦର୍ଶାର ବିଳମ୍ବ ଘଟିଲା ନାହିଁ । ସୁତରାଂ ସେ ବିସ୍ମିତ ହେଲା ନାହିଁ, ବରଂ ସାହସ ସଂଚୟ କରି, ରାକ୍ଷସ-କବଳରୁ ନିଷ୍କୃତିର ଉପାୟ ସ୍ଥିର-ଚିତ୍ତରେ ଅନୁସନ୍ଧାନ କଲା ।···ପଲକେ ସେ ଆଖି ବୁଲାଇ ଦେଖି ନେଲା, ରୁଦ୍ଧ-କକ୍ଷର ଏକମାତ୍ର ବାଥ-ରୁମ୍-ପଛ-ଦ୍ୱାର ଉନ୍ମୁକ୍ତ—ସେହି ବାଟେ ହିଁ ମୁକ୍ତି ସମ୍ଭବ । ଏହା ନିର୍ଣ୍ଣୟ କଲାମାତ୍ରେ ଆକ୍ରମଣ-କାରୀକୁ ଆଡ଼େଇ ଯେମିତି ସେହି ଆଡ଼କୁ ଲକ୍ଷ୍ୟକରି ଧାଇଁଚି, ଅତର୍କିତ ଗୃହିଁ ଦେଖିଲା—ଅବ୍‌ଦୁଲ୍ ହସ୍ତ ଦ୍ୱୟର ପ୍ରସାରଣ ଦ୍ୱାରା ଦ୍ୱାର ଅବରୋଧ କରି ଠିଆ···କମ୍ ଚାଲାକ୍ ଶିକାରୀଟି ସେ ନୁହେଁ !··· ରିପଲ୍‌ଭରଟା ହସ୍ତ-ଚ୍ୟୁତ ହୋଇ ତଳେ ପଡ଼ିଯାଇଥିଲା, ହେଲେ ପର୍ଯ୍ୟାୟ କ'ଣ, ତାହା ଏଭଳି କ୍ଷେତ୍ରରେ କେବଳ ନିଷ୍ପ୍ରୟୋଜନ ନୁହେଁ, ବରଂ ଥିଲା ଏକାନ୍ତ ପରିହାର୍ଯ୍ୟ ।।

ସୁଦର୍ଶା ଦବି ଯିବାର ପାତ୍ରୀ ନୁହେଁ···ଛଳା-କଳାରେ ସେ ରପ୍ତ···ଏ ପରିସ୍ଥିତିରେ ମଧ୍ୟ ଘାବ୍‌ଡ଼େଇ ଗଲା ନାହିଁ··· ମନେ ମନେ କୌଶଳ ଉଦ୍ଭାବନ କରିବାକୁ ଲାଗିଲା···ସେହି ସଙ୍ଗେ ଶିକାରୀ ପ୍ରତି ସ୍ଥିର-ଲକ୍ଷ୍ୟ ରଖି ପଛେଇ, ପଛେଇ ଫେରିଲା··· ଡାଇନିଂ ଟେବୁଲ୍‌ରେ ଧକ୍‌କା ଖାଇଲା । ସେହି ଧକ୍‌କାରେ କ୍ଷଣିଥା ଭିତରେ ଅତର୍କିତ ଗୋଟାଏ ବ୍ୟର୍ଥ କୌଶଳର ଦ୍ୱାର ଫିଟିଗଲା ।··· ସେ ସେହି ପଥ ଧରି, ଟେବୁଲ୍‌ର କରେ କରେ ଆଗ ପଛକୁ ବୁଲିଗଲା ଧୀରେ ଧୀରେ···ଟେବୁଲ୍‌ଟି ଏଥର ଗୋଟାଏ ବ୍ୟୂହ-ପ୍ରାଚୀର

Digitized by PPRACHIN, SOA

ରଚନା କଲା ପ୍ରତିପକ୍ଷ ଓ ଆତ୍ମ-ରକ୍ଷାକାରୀ ମଧ୍ୟରେ।...ସୁନ୍ଦରୀ ଏଥର ମଦ ବୋତଲଟିକୁ ଅତ୍ମରକ୍ଷାର ପ୍ରଧାନ କବଚରୂପେ କ୍ଷେପଣାସ୍ତ୍ରର ସାମିଲ କଲା...ଦୃଢ଼-ମୁଷ୍ଟିରେ ତାହା ଧାରଣ କଲା... ଅକ୍ରମଣକାରୀ ଅଗେଇବା ମାତ୍ରେ ଫିଙ୍ଗିବ ସ୍ଥିରକଲା ।

ଅବ୍‌ଦୁଲ୍ ସରସ ଖେଳାଳୀ...ଖେଳ ଖେଳ ଓସ୍ତାଦ୍...ସେ ପ୍ରତିପକ୍ଷର ଏହି କୌଶଳ ଲକ୍ଷ୍ୟ କଲା...ଯୋଗ୍ୟ ପ୍ରତିପକ୍ଷ ସଙ୍ଗେ ଲଢ଼ୁଚି ବୋଲି ଉଲ୍ଲସିତ ହେଲା...ପ୍ରତି-କୌଶଳ ଅବଲମ୍ବନ କଲା।—ସେହିଁ ହିସାବରେ ସେ ଲମ୍ଫି ପଡ଼ିଲା,...ଗୁନ୍ଦାଟାଏ ମାରି ଆଖି ନିମିଷକେ ପ୍ରତିପକ୍ଷକୁ କାବୁ କରି ପକାଇବ,—ଏତିକିବେଳେ ଗୋଟାଏ ଅଘଟନ ଘଟିଗଲା ।

"ୟା ଆଲ୍ଲା !"

ବୋଲି, ଅବ୍‌ଦୁଲ୍ କଟା-ଗଛଟି ପରି ଭୂସ୍‌କରି ପଡ଼ି ଭୂତଳ-ଶାୟୀ ହେଲା ।

ସୁନ୍ଦରୀ ବୋତଲଟି ବାଗେଇ ଧରି ଠିଆ ହୋଇଥିଲା... ସର୍ବଶକ୍ତି ପ୍ରୟୋଗରେ ଲକ୍ଷ୍ୟ-ବସ୍ତୁପ୍ରତି ପ୍ରକ୍ଷେପ କରିବ ବୋଲି, ଅନ୍ୟ ହାତଟି ଟେବୁଲ୍ ଉପରେ ଟେକି ଭରି ରଖିଥିଲା... ଏହି ଆକସ୍ମିକ ଘଟଣାରେ ଯେମିତି ସେ ବିଚଳିତ ହୋଇ ଯାଇଛି, ତା'ର ହାତ ଟେବୁଲ୍‌ର ଅପର ପ୍ରାନ୍ତ ଆଡ଼କୁ ଖସିଗଲା, ଏବଂ ନିଜ ଦେହ-ଭାର ସମେତ୍ ଟେବୁଲ୍‌ଟି ଅଜାଡ଼ି ହୋଇ ଏକପଟିଆ ହୋଇଗଲେ...ଟେବୁଲ୍‌ର ଜିନିସପତ୍ର ଗୁଡ଼ିକ ଝଣ୍ ଝଣ୍ ହୋଇ ଏଣେ ତେଣେ ବୁଣି ହୋଇଗଲା...ହାତର ବୋତଲ୍‌ଟା ଭାଙ୍ଗି ଚୂନା ହୋଇଗଲା...ଆଉ ସୁରାର ସ୍ରୋତ ବୋହିଗଲା ।

Digitized by PPRACHIN, SOA

ସୂନ୍ଦସ୍ପ ତେଣିକି ନଜର ଦେଲାନାହିଁ, ଧଡ଼ପଡ଼ ହୋଇ ଗାତ୍ରୋତ୍ଥାନ କଲା···ପ୍ରଧାନ ବଲ୍‌ବର ସ୍ୱଇଚ୍‌ଟି ଅନ୍ କରିଦେଲା··· ଉଜ୍ଜ୍ୱଳ ଆଲୋକରେ ଦେଖିଲା—ଅବ୍‌ଦୁଲାର ଦେହ ରକ୍ତ-ବନ୍ୟାରେ ଭାସୁଛି—ତା'ର ଉଦର ଓ ବକ୍ଷୋଦେଶର ସନ୍ଧି-ସ୍ଥଳରେ ଅସ୍ତ୍ରର ଗଭୀର ଚିହ୍ନ—ଅସ୍ତ୍ର ଯେ ସେହି ଚପର୍ (chopper) ଟି, ସନ୍ଦେହ ରହିଲା ନାହିଁ, କାରଣ ତାହା ରକ୍ତାକ୍ତ ହୋଇ ଅଦୂରରେ ପଡ଼ି ରହିଛି ।

———

ପନ୍ଦର

'ଆରେ ଗଛା ନିଜର ପ୍ରାଣ ବଞ୍ଚା'—ଏହିପରି ଗୋଟାଏ ପ୍ରଚଳିତ ଉକ୍ତି ଅଛି।...ଏହା ନିଛକ୍ ପ୍ରବାଦ-ବାକ୍ୟ ନୁହେଁ, ଏହାର ସତ୍ୟତା ପ୍ରମାଣିତ।...ଆମେରିକାର ଜଣେ ବୈଜ୍ଞାନିକ ସସନ୍ତାନ ଗୋଟିଏ ବାନରୀକୁ କାଠର ପିଞ୍ଜରା ଭିତରେ ପୂରାଇ ସେହି ପିଞ୍ଜରାର ମଥାଣରେ ନିଆଁ ଲଗାଇ ଦିଅନ୍ତି—ମଥାଣ ଜଳି ଯେତେବେଳେ ନିଆଁ ମୁଣ୍ଡା ଖସିପଡେ, ସେତେବେଳେ ବାନରୀ କୋଳର ଛୁଆକୁ ଅବହେଳା କରି ନିଜକୁ ରକ୍ଷା କରିବାର ଚେଷ୍ଟାକରେ।...ଆହୁରି ବି ଭୂରି ଭୂରି ପ୍ରମାଣ ବୈନ୍ୟାତ୍ତିମାନେ ନିଜର ଅଭିଜ୍ଞତାରୁ ଯଦ୍ୟ ବାଢ଼ିଛନ୍ତି।...ବନ୍ୟାକବଳରୁ ଆତ୍ମ-ରକ୍ଷା ନିମନ୍ତେ ସପରିବାର ବହୁ ନରନାରୀ ଝାଁକା ଗଛର ଶାଖା ପ୍ରଶାଖାରେ ଆଶ୍ରୟ ନେଇଛନ୍ତି, ଏବଂ କୋଳର ଛୁଆମାନଙ୍କୁ ଶିଙ୍କାରେ ଝୁଲାଇ ରଖିଛନ୍ତି, କିନ୍ତୁ ଯେତେ-ବେଳେ ଜଳସ୍ଫୀତ ବର୍ଦ୍ଧମାନ ହୋଇ ନିମ୍ନ ଶାଖା-ପ୍ରଶାଖା ସ୍ପର୍ଶ କରିଛି, ସେତେବେଳେ ସେମାନେ ପ୍ରାଣବିକଳରେ ଊର୍ଦ୍ଧ୍ୱତର ଶାଖା-ପ୍ରଶାଖାକୁ ଉଠି ଯାଇଛନ୍ତି, ଛୁଆଙ୍କ କଥା ବିଲ୍‌କୁଲ୍ ଭୁଲି ଯାଇଛନ୍ତି,

Digitized by PPRACHIN, SOA

ପରେ ନିରାପଦ ଅବସ୍ଥାରେ ଯେତେବେଳେ ଲୁଅମାନଙ୍କ ଲୋଡ଼ିଛନ୍ତି ସେତେବେଳେ ଦେଖିଛନ୍ତି ଶିକା ସମ୍ଭାର-ଶୂନ୍ୟ, ଲୁଅ ନାହିଁ।

ଜୀବନ-ତୃଷ୍ଣା। ଅପରିହାର୍ଯ୍ୟ ଜୈବଧର୍ମ । ସୁଦକ୍ଷ ସେଥିର ବ୍ୟତିକ୍ରମ ହୋଇନାହିଁ।...କିପରି ବଞ୍ଚିବ, ସେହି ଚିନ୍ତାରେ ହୋଇ ଉଠୁଛନ୍ତି। ପୁଲିସକୁ ଜଣାଇବ ?--ପୁଲିସ୍ ତା'କୁଇ ବାନ୍ଧିବ, ହାଜତରେ ପୂରାଇବ । ମୁନ୍‌ସଫ୍ ବାବୁଙ୍କ ପରାମର୍ଶ ନେବ ? ନର୍ସ ବୋଲି ତାଙ୍କ ଅନ୍ତଃପୁରରେ ତା'ର ଯେଉଁ ଖ୍ୟାତି, ତାହା ମୁହୂର୍ତ୍ତିକେ ଖତମ୍ ହୋଇଯିବ। ଡାକ୍ତରବାବୁ ?—ତାଙ୍କୁ ଜଣାଇଲେ ଆତ୍ମରକ୍ଷା ଅଛି!— ସ୍ତ୍ରୀ ବଡ଼ଛି ବୋଲି, ସ୍ୱାମୀର ସୁନାମ ଓ ଗୃହିଣୀରେ ନିଶ୍ଚୟ ବାଧା ପହଁଚିବ। ବାକି ଦିବାକର ବାବୁ ?—ତାଙ୍କ ପାଖକୁ ଯିବା ଅର୍ଥ, ନିଜକୁ ଅପମାନ—ଯେଉଁଭଳି ଅବଜ୍ଞା ପ୍ରଦର୍ଶନ କରି ଯାଇଛନ୍ତି, ସେଥିରେ ସାମାଜିକ-ଲାଞ୍ଛନା ନୁହେଁ—ଜୀବନ୍ମୃତ୍ୟୁ ହିଁ ସାର ହେବ !

ସୁତରାଂ ପଳାୟନ—ପଳାୟନ ଛଡ଼ା ଅନ୍ୟ ଗତି ନାହିଁ । କିନ୍ତୁ ପଳାଇବ କେଉଁଠାକୁ ?...କିଏ ତା'କୁ ଦେବ ଆଶ୍ରୟ ?... ସ୍ୱାମୀ ?...ହଁ, ସ୍ୱାମୀ ହିଁ ତା'ର ଏକମାତ୍ର ଭରସା—ଏହି ସ୍ୱାମୀ ହିଁ ତାକୁ ନରକକୁଣ୍ଡରୁ କରିଛନ୍ତି ଉଦ୍ଧାର; ନାରୀକୀ ଜାଣିସୁଦ୍ଧା ତା'ର-କାମନାବାସନାକୁ ଦେଇଛନ୍ତି ପ୍ରଶ୍ରୟ;ଆଜି ବିଳାସର ପରମ ଅନୁଷ୍ଠାନ, ସେଥିର ଚରମ ମୁହୂର୍ତ୍ତରେ, ସ୍ତ୍ରୀ ପ୍ରତି ଆସ୍ଥା ରଖି ଛାଡ଼ିଦେଇ ଯାଇଛନ୍ତି କଣେ ବିଳାସୀ, ଅଜଣା ଅତିଥି-ସେବାରେ !...ସ୍ୱାମୀ !...ସ୍ୱାମୀ !—

ପଳାୟନ...ପଳାୟନ ଛଡ଼ା ବଞ୍ଚିବାର ଅନ୍ୟ ପନ୍ଥା ନାହିଁ ।...ରଜନୀର ଘନ ଅନ୍ଧକାର—ନିଃଶବ୍ଦ ପରିବେଶ—ଏହି ସୁଯୋଗ !...

Digitized by PPRACHIN, SOA

ପଳାୟନ-ପର ହେଲା, କିନ୍ତୁ ଦୃଷ୍ଟି ପଡ଼ିଗଲା ମିରର୍ ଉପରେ, ନିଜର ପ୍ରତିବିମ୍ବକୁ ଦେଖିଲା, ଥକାମାରି ଠିଆ ହୋଇଗଲା । ମନର ଗ୍ଲାନି ଯୋଗୁଁ ରୂପ-ଶ୍ରୀର ମ୍ଳାନତା ଘଟିଥିଲେ ମଧ୍ୟ, ସେ ନିଜକୁ ଦେଖିଲା ଅପରିଚିତ ରୂପସୀ—ରୂପର ଏ ଭଳି ସମାରୋହ ଜୀବନରେ ଅନୁଭବ କଲା ଏଇ ପ୍ରଥମ ।···

କ'ଣ କରିବ ?···କାଉଳି ଏଇ ରୂପର ପଶରାକୁ ମୁଣ୍ଡାଇ ସେ ଦାଣ୍ଡକୁ ବାହାରିବ—କେବଳ ସେତିକି ନୁହେଁ, ଦାଣ୍ଡେ ଦାଣ୍ଡେ ବୁଲାକୁ ଯିବାକୁ ପଡ଼ିବ—ଫେରି ନ କଲେ ବି ଫେରିବାଲୀ ସମୁଝି କି ଘରର, କି ଦାଣ୍ଡର ଲୋକେ ତା'କୁ ଡାକିବେ, ଇଙ୍ଗିତ କରିବେ; ମୂଲ ବି କଷିବାକୁ ଛାଡ଼ିବେ ନାହିଁ···ଛିଃ···ଛିଃ···ତା'ଠୁ ବରଂ—

ଏତିକିବେଳେ ସ୍ମୃତିର ଚମକ ତା' ମଥାରେ ଖେଳିଗଲା—ସେ ସୂତ୍ର ପାଇଗଲା···କାଳ ବିଳମ୍ବ ନ କରି, ତା'ର ସାଜ ପୋଷାକର ଟ୍ରଙ୍କ ଖୋଲି ପକାଇଲା···ବାହାର କରି ଆଣିଲା ସଜ୍ଜାର ସେଇ ଉପକରଣ ଗୁଡ଼ିକ, ଯେଉଁଥିରେ ସେ ସାଜିଥିଲା ପଞ୍ଜାବୀ-ଯୁବତୀ ଦିନେ ଫାନ୍ସି-ଫେୟାର (Fancy fair) ରେ ।···ଅଦ୍ୱିତୀୟ ଅନୁକରଣ-ପଟିୟସୀ, ଏଥିଯୋଗୁଁ ସେ କେବଳ ପ୍ରଶଂସା ଓ ପ୍ରାଇଜ୍ ଅର୍ଜନ କରି ନଥିଲା, କ୍ଷିପ୍ର ହସ୍ତରେ ରୂପ ରଚନା-ପାରଦର୍ଶିତା-ଯୋଗୁଁ ମଧ୍ୟ ପ୍ରେସିଡେନ୍ସିଆଲ୍ ମେଡାଲ୍ ପାଇଥିଲା ।···

ଉଭୟ କ୍ଷେତ୍ରରେ ସେଇ ରେକର୍ଡ, ସେ ନିଜେ ଆଜି ଭାଙ୍ଗିଲା ।

ଯେତେବେଳେ ସେ ପୂର୍ଣ୍ଣାଙ୍ଗ-ସାଜରେ ଠିଆହେଲା ଦର୍ପଣ ସମ୍ମୁଖରେ, ସେତେବେଳେ ସେ ନିଜକୁ ନିଜେ ଭ୍ରମ କରି, ସାମାନ୍ୟ ହସିଗଲା ।

Digitized by PPRACHIN, SOA

ଢଉଷ୍ଟା ଟିଂ କରି ଗୋଟାଏ ବାଜିଲା—ଘଡ଼ିକୁ ଅନାଇଲା—ଗୋଟାକ ଉପରେ ସାନକଣ୍ଟା । ଦୁଇଟାରେ ଡାଉନ୍ ମାଡ୍ରାସ ମେଲ୍ ।···ଷ୍ଟେସନରେ ପହଞ୍ଚିବାକୁ ଅନ୍ତତଃ ଅଧଘଣ୍ଟା ଲାଗିବ—ଯଦି ରିକ୍ସା ମିଳେ ।

ବାହାରିଯିବ, ପାଥେୟ କଥା ମନେ ପଡ଼ିଲା—ଅସଲ ଟଙ୍କା । ଚିନ୍ତା ନାହିଁ, ଯେଉଁ ସଉତୁଣୀ-ଜ୍ୱାଳାକୁ ଏତେଦିନ ସୁଖ-ସମ୍ଭୋଗ-ପଥର କଣ୍ଟକ ମନେକରି ଆସିଛୁ, ସ୍ୱାମୀ ଆଜି ସେହି ସଉତୁଣୀର ସମ୍ଭାର ତା'ର ହସ୍ତରେ ନ୍ୟସ୍ତ କରି ଯାଇଛନ୍ତି; ସେ କ୍ୟାଶ୍‌ବାକ୍ସ ଫିଟାଇଲା, ସଯତ୍ନ ସଞ୍ଚିତ ନୋଟ୍ ତାଡ଼ାକୁ କାଢ଼ିଆଣି, ନିଜର ପ୍ୟାଣ୍ଟ ପକେଟରେ ପୂରାଇଲା ।···ତା'ପର ଗୋଟିଏ ଫ୍ୟାନ୍‌ସି କାନ୍ଧ-ଥଳିଆରେ ଯେତିକି ବ୍ୟବହାର୍ଯ୍ୟ ଜିନିଷ ଭରିବାର ଭରିଲା—ସେଥିଭିତରେ ଶାଢ଼ୀ, ବ୍ଲାଉଜ, ସାୟା ଆଉ ମଥାର ଫିତା, କଣ୍ଟା ଯେ ଅଟକାଇ ଥୋଇଲା, ଏଥିରେ ସନ୍ଦେହ ନାହିଁ । ଯେତେହେଲେ ସ୍ତ୍ରୀ-ଜାତି ତ !

ଏଥର ସେ କକ୍ଷରୁ ନିର୍ଗତ ହେବ । ସଦର-ଦ୍ୱାର ଖୋଲିବ ?··· ନା । ବାଥ୍‌ରୁମ୍-ପଟ-ଦ୍ୱାର ଖୋଲି, ସେହିବାଟେ ?—ନା—ଚକ୍ରର ଅଲକ୍ତ ରାଗ ଧୋଇଯିବ ସିନା—ପଦଯୁଗଳରେ ନ ହେଉ ପାଦୁକା-ଦ୍ୱୟରେ ଅବଶ୍ୟ···ସୁତରାଂ ଅବଶିଷ୍ଟ ଦ୍ୱାରର ଛିଟ୍‌କିଣି ଖୋଲିବାକୁ ଲାଗିଲା—ଜାମ୍ ହୋଇ ବସି ନ ଥିଲେ ବି, ତାହା ଜାମ୍ ବୋଧ ହେଲା—ଉତ୍ତୋଳନ-ଜନିତ ଶବ୍ଦ ନ କଲେ ବି, ଶବ୍ଦର ଉତ୍ତାଳ ତରଙ୍ଗ ତା'କୁ ବେଗମାନ କଲା ।···ସେ କକ୍ଷର ଦ୍ୱାର ଡେଇଁ ବାହାରି ପଡ଼ିଲା ।

ଅନ୍ଧାର-ପକ୍ଷର ଏକାଦଶୀ-ଜହ୍ନ ଉଇଁ ଆସିଥିଲା—ଅଗଣାର ଅନ୍ଧାର ପାତଳ ଧରିଥିଲା—ତଥାପି ସେ ଗାଢ଼ ଅନ୍ଧାର ଦେଖିଲା—

Digitized by PPRACHIN, SOA

ପଥ ଠଉରେଇ ପାରିଲା ନାହିଁ—ଠିଆ ହୋଇଗଲା—ତା'ପର ସଫା ଦେଖିଲା—ତ୍ୱରିତ ପଦରେ ଅଗଣା ଅତିକ୍ରମ କରି, ବାଡ଼ିପଟର ଦରଜା ମେଲିଥିଲା, ସେହିବାଟେ ଘରୁ ପଦାକୁ ଆସିଲା।…

ପଦାରେ ସଫା-ଜହ୍ନର ଆଲୁଅ।…ସେ ପ୍ରମାଦ ଗଣିଲା।… ଚୋର ନ ହେଲେ ବି, ଚୋର-ମନ·ତ।…

ଘରପାଖୁ ବଡ଼ ରାସ୍ତାକୁ ଯିବ।…ସିଧାବାଟେ ଗଲା ନାହିଁ… ଯେଉଁ ପଟେ ଅବ୍‌ଦୁଲ୍ଲାର ଘର, ସେହି ପଟେ ଷ୍ଟେସନକୁ ଯିବାକୁ ହୁଏ, ତଥାପି ସେ ବିପରୀତ ପଥ ଧରିଲା…

ଭାଗ୍ୟ ଭଲ, ଏତିକିବେଳେ ଠଂ ଠଂ କରି ଗୋଟିଏ ସାଇକଲ ରିକ୍‌ସା ପଛପଟୁ ଗଡ଼ି ଯାଉଥିଲା, ଖାଲିଖାଲି ଫେରୁଥିଲା, ଡାକୁଇ ହାବୁଡ଼ି ଗଲା।…

"ଷ୍ଟେସନ ଯାଏଗା ?"

"ଜି, ହୁଜୁର"

ବୋଲି, ସାନନ୍ଦେ ରିକ୍‌ସାବାଲା ଓହ୍ଲାଇ ସିଟ୍ ଝାଡ଼ି ଦେଉଣୁ ନ ଦେଉଣୁ, ହୁଜୁର ଆସନ ଗ୍ରହଣ କଲେ।—କୌଣସି ଦରଦସ୍ତୁର କଲାନାହିଁ—ହୁଜୁର୍ ଷ୍ଟେଶନ୍‌ଯିବାର କଥା, ଓଲ୍‌ଟା ବାଟେ ଯାଉଥିଲେ କାହିଁକି, ଏ' ପ୍ରଶ୍ନ ବି ସେ କଲାନାହିଁ, କି ମନରେ ସ୍ଥାନ ବି ଦେଲା ନାହିଁ—ବରଂ, ତା'ର ଟ୍ରିପ୍‌ଟା ବୃଥା ଯାଇନାହିଁ, ବକ୍‌ସିସର ଆଶା ବି ଅଛି, ଏଥିପାଇଁ ରୋଜଗାରର ଅଙ୍କ କି ପରିମାଣ ବଢ଼ିବ, ସେହି ହିସାବରେ ସେ ଥିଲା ମଜ୍‌ଗୁଲ୍।…

"ଜଲ୍‌ଦିସେ—ବକ୍‌ସିସ୍ ମିଲେଗା"

"ଜି…"

Digitized by PPRACHIN, SOA

ବୋଲି, ରିକ୍‌ସବାଲା ଅଣାର ଅତିରିକ୍ତକୁ ଅଣା କରି ଚରିଣୀର ଛନ୍ଦ ଦ୍ରୁତରୁ ଦ୍ରୁତତର କରିଦେଲା ।

ଇଥାରେ ଅନ୍ଧ—ମଣିଷ ପାଁଚେ ଏକ, ବିଧାତା କରେ ଏକ ।···ଠିକ୍ ମେହିପ୍ରା ଘଟିଲା ।···ବାଟରେ ବିଡ଼ମ୍ବନା ।···ଅନ୍ୟ ଗୋଟାଏ ରିକ୍‌ସା ସ୍ପିଡ଼ା ବନ୍ଧକଟ ମଝିରେ ଠିଅ ।···ରିକ୍‌ସାବାଲା ଜଣଙ୍କୁ ଠେଲିକରି ଉଠାଉଚି, ଉଠାଇ ପାରୁନାହିଁ ।···ସୁତରାଂ ସେଠାରେ ଉପସ୍ଥିତ ହୋଇଥିବା ଦ୍ୱିତୀୟ ରିକ୍‌ସବାଲାର ସାହାଯ୍ୟ ଲୋଡ଼ି, ତାକୁ କହିଲା—

"ଭାଇ, ଅନାମ-ମିସ୍ତ୍ରୀ—ଦିବାକର ବାବୁଙ୍କ କାରଖାନାର—ପଡ଼ି ଏ'ଠି କେତେବେଳୁଁ ବେହୋସ୍—"

ଏକେ କାରଖାନର ମିସ୍ତ୍ରୀ, ଯା'କୁ ଗାଡ଼ୀ-ମରାମତି ପାଇଁ ସଦାବେଳେ ଖୁସାମତ୍ କରିବାକୁ ପଡ଼ିଥାଏ, ତା'ର ଏପରି ହାଲ, ଦ୍ୱିତୀୟ ସମ-ବୃତ୍ତିକର ହଟହଟା···ଆଗନ୍ତୁକ ରିକ୍‌ସାବାଲା ଆଉ ରହେ···ଯାତ୍ରୀ ଓ ରୋଜଗାର-ପାତି-କଥା ଭୁଲି, ଡ୍ରାଇଭର-ସିଟ୍‌ରୁ ଡେଇଁ ପଡ଼ିଲା ଓ ଯଥା-ସାହାଯ୍ୟ ଦାନରେ ଦରଦୀ-ପ୍ରାଣ ଢାଳିଦେଲା ।···

ସୁନ୍ଦରୀ ପଳାୟନପର ହେଲେ ବି, ତା'ର ନାରୀ-ପ୍ରାଣ ପଳାୟନପର ନୁହେଁ, ବିଶେଷତଃ ସେ ସେବିକାର ଦୀକ୍ଷା ଗ୍ରହଣ କରିଛି, ମାନବର ଏ'ଭଳି ଆକସ୍ମିକ ବିପତ୍ତିରେ ସେ ବିଶେଷ କିଛି ନ କରୁ, ଫାର୍ଷ୍ଟ ଏଡ୍ (first aid) ତ ଦେଇ ପାରିବ—ପରିସ୍ଥିତି କଥା ଭୁଲି ସେ ମଧ୍ୟ ଓହ୍ଲାଇ ଥିଲା—କିନ୍ତୁ 'ଦିବାକର-ବାବୁଙ୍କ କାରଖାନାର'—ଏହି ପରିଚୟ ପାଇ, ସେହି ବିପନ୍ନ ବ୍ୟକ୍ତିଟି ପ୍ରତି ବିରୂପ ଭାବ ଉପୁଜିଲା—ସେ ମନକୁମନ କହିଲା—

Digitized by PPRACHIN, SOA

"ଏହି ବ୍ୟକ୍ତି ଦିବାକରବାବୁଙ୍କ ପ୍ରେରିତ ନୁହେଁ ତ ?… ଅନ୍ଧକାରର ଆତତାୟୀ ନୁହେଁ ତ ?"

ସୁତରାଂ ସେ ସାହାଯ୍ୟ ଦେବାକୁ ଆଗେଇବ କ'ଣ, ଆପଣା ଚରଣଯୁଗଳର ଯଥା-ସାହାଯ୍ୟ ଗ୍ରହଣ କରି ଅଦ୍ଭୁତ ଭାବରେ ଅଦୃଶ୍ୟ ହୋଇଗଲା—ବାଜୀକର-ପ୍ରଦର୍ଶିତ କୁହୁକ-ଦୃଶ୍ୟ ପରି ।

× × × ×

ଶ୍ରୀଭଗବାନ ଅର୍ଜୁନଙ୍କୁ ବିଶ୍ୱରୂପ ପ୍ରଦର୍ଶନ କରିଥିଲେ ଯୋଗ-ମାୟା ବଳରେ । ଏଥିରୁ ଅନନ୍ତ-ଶୟନର ତାତ୍ପର୍ଯ୍ୟ ବେଶ୍ ବୁଝାଯାଏ—ନାରାୟଣ ନିଦ୍ରିତ, ଲକ୍ଷ୍ମୀଦେବୀ ପଦ-ମର୍ଦ୍ଦନ-ସେବା-ନିରତ ।…ଅର୍ଥାତ୍ ପୁରୁଷ ସୁପ୍ତ, ନାରୀ ସଦା-ଜାଗ୍ରତ ।… ସଂସାରିକ ଜୀବନ-ଧାରାରେ ମଧ୍ୟ ଏହି ଦୃଷ୍ଟାନ୍ତ ହିଁ ପରିଲକ୍ଷଣୀୟ । ଗୃହସ୍ୱାମୀ ଯୋଗ-ତନ୍ଦ୍ରାରେ ସଂସାର ପ୍ରତି ଉଦାସୀନ, ଗୃହିଣୀ ସଂସାର-ଧନ୍ଦାରେ ଯୋଗ-ମାୟା ସୁଲଭ ସଦା-ସଚେତନ ।

ଠିକ୍ ଏହିପରି ଗୋଟାଏ ବାତାବରଣ ସମ୍ଭବ ହୋଇଥିଲା ଆଜି ଦିବାକରର ଶୟନ-କକ୍ଷରେ ।

ଦିବାକର ସୁଖ-ନିଦ୍ରାରେ ଅଭିଭୂତ, କିନ୍ତୁ ଗୃହିଣୀର ଆଖି-ପଲକରେ ନିଦ୍ରାର ନାମ-ଗନ୍ଧ ସୁଦ୍ଧା ନାହିଁ ।

ଅନିଷ୍ଟା ଚିନ୍ତିଲେ କେତେବେଳେ ନ କହି, ନ ବୋଲି… ଦିବାକର ଖୋଜି ଯାଇଥିଲା, ଫେରିଲା କି ନା…ଭୋଟବାଗ ପଣ୍ଡ ରହିଲା ସେମିତି, ନଷ୍ଟଦୁଷ୍ଟ ହେବ ସିନା…ବାବୁ ଆଜି ପେଟ ପୂରାଇ ଖାଇଥିଲେ, ସେତିକି ଯା…ବାବୁଙ୍କୁ ଭୁଞ୍ଜାଇ, ତା'ର ଏତେ ପେଟ ପୂରି ଯାଇଛି ଯେ, ଖାଇବାକୁ ତା'ର ମନ ଆଦୌ

Digitized by PPRACHIN, SOA

ଚହ୍ନୁ ନାହିଁ···ପାଣୁଆ ମାଝା, ତା'ର ପ୍ରଭୁତ୍ୱ-ବୋଧ, ପାଇଁ ଦ୍ବେଗ ନେଇ ଗଲା ଯେ ଗଲା···ଘରେ ଆଉ କିଏ ଅଛି, କାହାକୁ ପଠାଇ ଖବର ନେବ । ବାବୁଙ୍କୁ ଡାକିବ ?—ନା, ସେ ଯେଉଁଭଳି ଗାଢ଼ନିଦ୍ରା ଯାଇଛନ୍ତି ଆଜି, ସେପରି ଦିନେକାଳେ ସେ ଦେଖି ନାହିଁ ହାତଧରି, ଘରକଲା ଦିନୁଁ ।···ନିଜେ ଯିବ ?···ଭୟ କ'ଣ ?···ଜହ୍ନର ସଫା ଆଲୁଅ ପଡ଼ୁଛି···ତେବେ ବାଟ ଘାଟ, ତା'ତ ଠଉରେଇ ପାରିବ ନାହିଁ···ଛି, ଛି···କୁଳ-ବୁଆସୁଣୀ ନା କୁଅର ବାହ୍ମଣୀ-ବେଙ୍ଗ ସେ !।

ଏତିକିବେଳେ ଅନା ଛୁଟି, ପଶି ଆସିଲା ବାଡ଼-ପଟ-ଦ୍ୱାର ଦେଇ, ଆଉ ଧଇଁସଇଁ ହୋଇ କହିବାକୁ ଲାଗିଲା—

"ସାନ୍ତାଣୀ ! ସର୍ବନାଶ — ରିକ୍ସାବାଲା ଧଇଁଆ ଆସି ଖବର ଦେଲା — ତା'ଙ୍କର ଗୋଡ଼ ଭାଙ୍ଗି ଯାଇଛି — ଡାକ୍ତରଖାନାରେ ଘୁଡ଼ ଅସିଛି···ମୁଁ ଚଲିଲି—"

ବୋଲି, ଅନା ଯେଉଁ ବେଗରେ ଆସିଥିଲା, ତହିଁ ଦଶଗୁଣ ବେଗରେ ଚଲିଗଲା ।

"ଅନା—ଅନା—"

ବୋଲି, ମଦାର ଛୁଟିଗଲା ଅବଶ୍ୟ—କିନ୍ତୁ ଦ୍ୱାର-ବନ୍ଧ ଡେଇଁ ବେଶୀଦୂର ଗୋଡ଼ାଇ ଯାଇ ପାରିଲା ନାହିଁ ।···

ସେତିକିବେଳେ ପିଠା-ଘଣ୍ଟାର ଧ୍ୱନି ଠଂ ଠଂ ଶବ୍ଦ ନିଃଶବ୍ଦତା ଭେଦକରି ଭାସି ଆସିଲା ।

× × × ×

Digitized by PPRACHIN, SOA

ଠିକ୍ ଏତିକିବେଳେ, କମ୍ପାଉଣ୍ଡରବାବୁଙ୍କ ଗୃହ ସମ୍ମୁଖରେ ଗୋଟିଏ ମଟରକାର୍ ଆସି ଠିଆ ହେଲା।...ଡ୍ରାଇଭର ମୁନ୍‌ସଫ୍ ବାବୁ ନିଜେ, ଅଜ୍ ଭିତରେ ବସିଛନ୍ତି ତାଙ୍କର ଘରୋଇ ଅର୍ଦ୍ଦଳି।... ଅର୍ଦ୍ଦଳି ଦ୍ୱାର ଫିଟାଇ କାର୍‌ରୁ ଓହ୍ଲାଇଲା। ମୁନ୍‌ସଫ୍ ବାବୁ କହିଲେ—

"ସିଷ୍ଟାର୍ ସାହେବାକୋ ବୋଲୋ, ମୁନ୍‌ସଫ୍ ବାବୁ ଖୋଦ୍ ଆୟା...ଗାଡ଼ୀମେ... ମେମ୍ ସାହେବ୍‌କୋ ଲେବାର୍‌ପେନ୍ ଉଠ୍ ରହାହେ..."

"ଜି—"

ବୋଲି, ଅର୍ଦ୍ଦଳି ଗୃହର ସଦରଦ୍ୱାରେ ଉପସ୍ଥିତ ହେଲା, ଦ୍ୱାର ଠକ୍ ଠକ୍, କଡ଼ା ଖଡ଼ ଖଡ଼ କଲା, ବହୁଥର ସେହିପରି କଲା, କୌଣସି ଉତ୍ତର ପାଇଲାନାହିଁ, ଭଗ୍ନ ମନୋରଥ ହୋଇ ଫେରିଲା ଓ ହାକିମଙ୍କୁ ବ୍ୟର୍ଥତାର ସଂବାଦ ଦେଲା। ହାକିମ ସନ୍ତୁଷ୍ଟ ହେଲେ ନାହିଁ—

"କୁଛ୍ କାମ୍‌କା ନେହି—"

ବୋଲି, ମନ୍ତବ୍ୟ କରି, ଗାଡ଼ି-ଜମ୍ପାରେ ଅର୍ଦ୍ଦଳିକୁ ଲଗାଇ ଦେଇ, ହାକିମୀ ମିଜାଜ୍‌ରେ ଚଡ଼ଉ 'କଲେ, ଓ ଦର୍ଜାରେ ଘନ ଘନ ଅବାଜ କରିବା ସଙ୍ଗେ ସଙ୍ଗେ

"ସିଷ୍ଟାର...ସିଷ୍ଟାର..."

ବୋଲି, ଫୁକାରିବାକୁ ଲଗିଲେ।...ମିଶଲ୍‌ର 'ହାଜର ହୋ' ବୋଲି ଆସାମୀକୁ ବାରମ୍ବାର ଡାକ, ପୁଣି ସେହି ଡାକର କର୍ତ୍ତା ନିଜେ ମିଶଲର ଅଧିନାୟକ, ଏହା କ'ଣ କୋର୍ଟକୁ କମ

Digitized by PPRACHIN, SOA

ଅବମାନନା !···ଶେଷ ଧମକ ଦେବାକୁ ଯିବେ, ଏତକବେଳେ କ'ଣ ହେଲା, ସେ ଅଗତ୍ୟା ନିରସ୍ତ ହେଲେ ।

ସିଷ୍ଟାର କ'ଣ ଘରେ ନାହିଁ ?···ସେ ନିଜେ ଆସି କମାଣ୍ଡରଙ୍କ ବାବୁଙ୍କ ବନ୍ୟା-ସ୍ଥାନକୁ ଯିବାର ତାଙ୍କୁ କହିଥିଲେ ଓ ଅତଏବ ସମ୍ବନ୍ଧେ ମଧ୍ୟ ଓ୍ୟାକିବହାଲ କରିଥିଲେ । ସେହି କାରଣରୁ ସ୍ୱାମୀ ଗଲାବେଳେ, ଅତିଥିଙ୍କୁ ନିଶ୍ଚୟ ବିଦାୟ କରି ଦେଇଥିବ ଓ ସୁନ୍ଦରୀ ସ୍ତ୍ରୀ-ସମ୍ପଦକୁ ନିରାପଦ କୌଣସି ଘରୋଇ ବ୍ୟାଙ୍କରେ ଗଚ୍ଛିତ ରଖି ଯାଇଥିବ ।···ନିଷ୍ଫଳତାର ଭଙ୍ଗିମା କରି, ଫେରିବାର ଉପକ୍ରମ, କିନ୍ତୁ ଶେଷ ନିଷ୍ପତ୍ତି ବା ରାଏ ଦା'ନ ପୂର୍ବରୁ ଯଥେଷ୍ଟ ପ୍ରମାଣ ଲୋଡ଼ିବା ଓ ଜବାବ୍ ସବାଲ୍ ଶୁଣିବାର ଅଭ୍ୟାସ ତ, ସେ ଭିତରକୁ କବାଟର ସନ୍ଧିବାଟେ ନିରୀକ୍ଷଣ କଲେ—ଆଲୁଅ ଜଳୁଛି, ଅଥଚ ବାହାରେ ବି ତାଲା ପଡ଼ିନାହିଁ—ସୁତରାଂ ତାଙ୍କର ପୂର୍ବ-ସିଦ୍ଧାନ୍ତ ଭିତ୍ତିହୀନ, ଏଥିରେ ଆଦୌ ସନ୍ଦେହ ରହିଲା ନାହିଁ । 'ତା' ହେଲେ ?'—ଏହିପରି ମନକୁ ମନ ପ୍ରଶ୍ନ କରିବାମାତ୍ରେ, ଭ୍ରାନ୍ତ ଉପୁଜିଲା—ସେ ପୁଣି କଡ଼ା ଖଡ଼ ଖଡ଼ କଲେ ଓ ଜୋରରେ ଜୋରରେ କବାଟରେ ଆଘାତ କଲେ—ତଥାପି କୌଣସି ଉତ୍ତର ନାହିଁ—ନିଶ୍ଚୟ କୌଣସି କାଣ୍ଡ ଘଟିଚ, ଏହିଭଳି ଅନୁଚିନ୍ତା'ରେ ଉଦ୍‌ବିଗ୍ନ ହେଲେ—ପିଣ୍ଡାରୁ ଓହ୍ଲାଇଲେ ଓ ଝରକା ଜାଳି, ଘରର ଅନ୍ୟ କୌଣସି ପ୍ରବେଶ-ପଥ ଅଛି କି ନା, ତା'ର ଅନୁସନ୍ଧାନରେ ବ୍ରତୀ ହେଲେ ।···ବାରି-ପଟକୁ ଆସି ଦେଖିଲେ, ସେହି ଦ୍ୱାର ଖୋଲା-ଭିତରକୁ ଅନାଇଲେ, ଅଗଣାର ଅନ୍ଧାର ଜହ୍ନ ଆଲୁଅରେ ଝାପ୍‌ସା ଝାପ୍‌ସା—ବାହାରେ ଥାଇ ଝରକାର ସନ୍ଧାନୀ-ଆଲୁଅ ପକାଇ ଘରଅଡ଼କୁ ବୁଲାଇଲେ, ଶୟନ-କକ୍ଷ

Digitized by PPRACHIN, SOA

ବନ୍ଦ କରାଗଲା, ଅନ୍ତ ଭିତରଟା କେମିତିକା ଖାଇ ଖାଇ ଗୋଡ଼ାଇଲା ···ସାହସ ବାନ୍ଧି ଭିତରକୁ ପଶିବେ ବୋଲି ମନେ କଲେ—କିନ୍ତୁ 'ଅନଧିକାର ପ୍ରବେଶ'ର ଆଇନ-କଣ୍ଟକଟା ତାଙ୍କୁ ବାଧା ଦେଲା— ଆଇନର ରକ୍ଷକ ହିସାବରେ ଧର୍ମାଧିକରଣ-ଗାଦିରେ ଯିଏ ବସିଛି, ସେ ଧର୍ମର ବିରୁଦ୍ଧାଚରଣ କରିବ କିପରି ?—ସୁତରାଂ ସେ ଫେରିଲେ । ସ୍ତ୍ରୀର ଶୂଳ-ବେଦନା-କଥା ମନେ ପଡ଼ିଲା···ନିଜର ପ୍ରୟୋଜନ-ଚିନ୍ତା ପ୍ରାଧାନ୍ୟ ଲାଭ କଲା···ଡକ୍ଟର୍ ଜଣେ ଧାତ୍ରୀ ଆବଶ୍ୟକ୍··· ସେ ତ୍ୱରିତ ପଦକ୍ଷେପରେ ଗାଡ଼ୀ-ପାଖକୁ ଲେଉଟାଣି-ପଥ ଅତିକ୍ରମ କରିବାକୁ ଲାଗିଲେ···ପଥର ଅଧା ଅଧିରେ ଗୋଟିଏ ଡାହାଳ କୁକୁର ଭେଉ ଭେଉ ଶବ୍ଦ ନିକଟେଇ ଆସିବାର ଶୁଣାଗଲା—ସେ ରହିଗଲେ ···ତା'ପର ମଟର-ସାଇକେଲର ଭସ୍ ଭସ୍ ଶବ୍ଦ ସ୍ପଷ୍ଟ କର୍ଣ୍ଣ-ଗୋଚର ହେଲା···ସେ ଉତ୍ସାହିତ ହୋଇ ପଦ-ବ୍ରଜ ଅଙ୍କୁର ତ୍ୱରାନ୍ୱିତ କରିଦେଲେ—ମଟର ସନ୍ନିକଟବର୍ତ୍ତୀ ହେଲାମାତ୍ରେ, ମଟର୍-ସାଇକେଲ ମଧ୍ୟ ସେ'ଠାରେ ଉପସ୍ଥିତ ହୋଇଯାଇଥିଲା—ସର୍ଜନ୍ ଓହ୍ଲାଇପଡ଼ିଲା, ଯଥୋଚିତ-ଅଭିବାଦନ ଜ୍ଞାପନ କଲା । ଗୃହ ଆଡ଼କୁ ଦୌଡ଼ିଯିବାକୁ ଉଚ୍ଛନ୍ନ ହେଉଥିବା କୁକୁରଟାକୁ ସମ୍ଭାଳି, ପଚାରିଲା—

"ଆପଣ ଏତେବେଳେ ଏ'ଠି, ସ୍ୟାର୍ ?"

"ସର୍ଜାନ ! ମେ ଆଇ ସିକ୍ ଇଓର ହେଲ୍ପ ?"

"ସର୍ଟେନ୍‌ଲି, ସ୍ୟାର୍"

ଟିବୋଲି, ସର୍ଜନ ଅସମ୍ଭାଳ କୁକୁରଟାକୁ ଯଥା-ସମ୍ଭବ ଟାଣି ଧରିଲା ଓ ତାକୁ ଚୁପ୍ କରିବାର ନିର୍ଦ୍ଦେଶ ଦେଲା । କୁକୁରଟା କିନ୍ତୁ ବୋଲ ମାନୁ ନଥିଲା ।

Digitized by PPRACHIN, SOA

ଜାନ୍ତବ-ଧର୍ମ ଜନ୍ତୁ ପାଳନ କରୁଛି—ଏହି କଥାକୁ ଖିଆଲ କରି, ଉଭୟ ମୁନ୍‌ସଫ୍‌ବାବୁ ଓ ସର୍ଜନ୍ ତା'କୁ ଉପେକ୍ଷା କଲେ… ମୁନ୍‌ସଫ୍‌ବାବୁ ତାଙ୍କର ବକ୍ତବ୍ୟ ଯେତେ ସଂକ୍ଷେପରେ ପାରନ୍ତି, କହିଗଲେ, ଆଉ ସର୍ଜନ୍ ଅଭିନିବେଶ ସହକାରେ ଶୁଣି, ସେଥିର ସମ୍ୟକ୍ ମର୍ମ ଅବଗତ ହେଲ, ଏବଂ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନରେ ପ୍ରବୃତ୍ତ ହେଲ ।…ଏ'କ୍ଷେତ୍ରରେ ଉପେକ୍ଷିତ ଜନ୍ତୁଟିର ସାହାଯ୍ୟ ବିଶେଷ ପ୍ରୟୋଜନୀୟ ମନେ ହେଲ, ଜନ୍ତୁଟି ମଧ୍ୟ ପ୍ରୟୋଜନାତିରିକ୍ତ ସାହାଯ୍ୟ ଦେଇ ପ୍ରଭୁର ଅନୁରାଗ-ଭାଜନ ହେବାକୁ ମନ କଲ ।

ସର୍ଜନ୍ ଆବାସ ସ୍ଥଳକୁ ଗଲ, ମୁନସଫ୍‌ବାବୁ ସାଙ୍ଗରେ ଥିଲେ, ମୁନ୍‌ସଫ୍ ବାବୁ ଯାହା ଯାହା କରିଥିଲେ, ସର୍ଜନ୍ ତାହା ତାହା କଲ, କୌଣସି ଫଳ ହେଲନାହିଁ ଦେଖି, ବାଥ୍‌ରୁମ୍‌ଦ୍ୱାରର ବାହାରେ ଥାଇ କୁକୁରକୁ ଶିକୁଳୀ-ମୁକ୍ତ କରିଦେଲ ଓ ଆଦେଶ କଲ—

"ବାଘା, ଦେଖ୍‌ତ—"

ବାଘା ଏକାଉଆଁକେ ବାଥ୍‌ରୁମର ମେଲ ଦ୍ୱାର ଦେଇ ଅଗଣାକୁ ଡେଇଁ ପଡ଼ିଲ ଓ ଇତସ୍ତତଃ ନ କରି ବାଥ୍‌ରୁମ୍ ପଛର ଅଳନ୍ଦବାଟ ଦେଇ, କକ୍ଷର ସେହିପଟ-ଦ୍ୱାରେ ହାଜର ହେଲ ଏବଂ ଘନ ଘନ ରଡ଼ି ଛାଡ଼ିଲ—

"ସ୍ୟାର୍ !…ଘରେ ଯେ କେହିନାହିଁ, ବେଶ୍ ପ୍ରମାଣ ମିଳୁଛି…"

ଏତିକିବେଳେ ବାଘା ଲେଉଟି ଧାଇଁ ଆସିଲ ମୁନିବ ପାଖକୁ, ଓ ଯାହା ଯେ ଆବିଷ୍କାର କରିଛି, ତାହା ତୁରନ୍ତ ଭିତରକୁ ଯାଇ

Digitized by PPRACHIN, SOA

ଦେଖିବା ପାଇଁ ମୁନିବଙ୍କୁ ଝୋଟଣି କଲା ।...ସର୍ଜନ ହଠାତ୍ ଝେଙ୍ଗିମାଙ୍କ ବାଘାର ପାଦ-ଦେଶକୁ ନିରୀକ୍ଷଣ କଲା ଓ ସାତଙ୍କେ ଉଚ୍ଚାରଣ କଲା—

"ରକ୍ତ !"

"ଏଁ !"

ବୋଲି, ମୁନ୍‌ସଫ୍‌ବାବୁ ପ୍ରତିଧ୍ୱନି କଲେ ।

× × × ×

'ହତ୍ୟାର' ବୀଭତ୍ସ-ଦୃଶ୍ୟ ଦର୍ଶନ ପରେ ସେହି ପ୍ରସଙ୍ଗରେ ଉଭୟଙ୍କର ସାମୟିକ ଉତ୍ତେଜନା ଓ ନାନା ଜଳ୍ପନା-କଳ୍ପନା ପ୍ରଶମିତ ହେଲା । ବର୍ତ୍ତମାନ ପରିସ୍ଥିତିରେ ଯାହା ଆଇନଗତ ଭାବରେ ସର୍ବାଦୌ କର୍ତ୍ତବ୍ୟ, ସେଥିପ୍ରତି ସରକାରୀ କର୍ମଚାରୀ ଦ୍ୱୟ ଅବହିତ ହୋଇଗଲେ ।...କୌଣସି ଜଣେ ପୁଲିଶ-ପହରୀ ମୁତୟନ୍ ନ ହେବା ପର୍ଯ୍ୟନ୍ତ ସର୍ଜନ୍ ସେଠାରେ ପ୍ରହରୀ-ରତ ରହିଲା...ମୁନ୍‌ସଫ୍‌ବାବୁ ଥାନାକୁ ଖବର ଦେବାର ଭାର ନେଇ ମଟରାରୋହଣ କଲେ ।

ମୁନ୍‌ସଫ୍‌ବାବୁ ଷ୍ଟିଅରିଂ ଧରିଲେ, ଗିଅର ଟିପି ଷ୍ଟାର୍ଟ ଦେଲେ, ହେଲେ ସମାନ ଭାବରେ ମଟର ଚଳାଇ ପାରିଲେ ନାହିଁ, ମଝିରେ ମଝିରେ ବ୍ରେକ୍ କସିବାକୁ ବାଧ୍ୟ ହେଉଥିଲେ—ଏହାର କାରଣ ଯେ ପଥ ଅବଡ଼ା ଖାବଡ଼ା କି ପଥ ଉପରେଇ ପାରୁ ନ ଥିଲେ, ତାହା ନୁହେଁ, ବରଂ ଯେତ ତାଙ୍କର ଚଳି-ପଥ, ଆଖିବୁଜି ନିଜେ ମଟର ଚଳାଇଛନ୍ତି କେତେଥର ଏହି ପଥରେ...ତା' ହେଲେ, ଏମିତି ଅଟକି ଅଟକି ଯିବାର କାରଣ ?...ଉତ୍ତର ଅତି ସହଜ— ମନର ଗତି-ପଥ ଆଉବାଙ୍କ ଧରିଥିଲା, ତେଣୁ ମଟରର ଗତି-... ସଙ୍ଗେ ତାହା ଆଦୌ ସମତା ରକ୍ଷା କରି ପାରୁ ନ ଥିଲା ।

Digitized by PPRACHIN, SOA

କାର୍ଯ୍ୟ କାରଣର ପରିଣତି ବିଶେଷ—ଏହି ପରିପ୍ରେକ୍ଷିରେ ମାନବ-ମନ କାର୍ଯ୍ୟପ୍ରତି ହୋଇଥାଏ ଉଦାସୀନ, କାରଣ ଅନୁସନ୍ଧାନରେ ହୋଇଥାଏ ଧ୍ୟାନମଗ୍ନ।…ମୁନ୍‌ସଫ୍ ବାବୁଙ୍କ ମନର ସେତେବେଳର ଅବସ୍ଥା ପକ୍ଷେ ଏହି ତତ୍ତ୍ୱଟି ବେଶ୍ ଖାପିବ… ହତ୍ୟାର ବିଭୀଷିକା ଆଉ ନାହିଁ, ହତ୍ୟାକାରୀ କିଏ, ତଥା ହତ୍ୟାର କାରଣ କ'ଣ ?—ଏହି ପ୍ରଶ୍ନହିଁ ବର୍ତ୍ତମାନ ତାଙ୍କୁ କରିଛି ଅଛନ୍ନ… ଭୋଜ୍ୟର ରକମାରି ସଙ୍ଗେ ବବର୍ଚ୍ଚି ଅବ୍‌ଦୁଲ୍ଲାର ଯୋଗସୂତ୍ର ମିଳେ; କିମ୍ବା ଚିତ ଅତଥି ଦିବାକର ଅବ୍‌ଦୁଲ୍ଲା ପ୍ରତି ଅଦୌ ଅପ୍ରସନ୍ନ ନୁହେଁ, ସେ ଜାଣନ୍ତି; ତେବେ ସୁନ୍ଦରୀର ସୌନ୍ଦର୍ଯ୍ୟ-ମୋହ ଦିବାକରଙ୍କୁ ଆଛନ୍ନ କରିଥିବ, ଏହା ଅସମ୍ଭବ ନୁହେ, ଆଜିର ଲକ୍ଷଣରୁ ଯେତେଦୂର ସେ ବୁଝିଥିଲେ ଦିବାକର ସଙ୍ଗେ ସାକ୍ଷାତ୍‌ବେଳେ; ସୁତରାଂ ସୁନ୍ଦରୀକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା, ଏହା କି ସମ୍ଭବ ? ତା'ର ପରିଣତି କି ଏହି ହତ୍ୟା ?…ସୁନ୍ଦରୀ ?…ସେ କାହିଁ ?…

"ରହସ୍ୟ ଜଟିଳ।"

ଏହିପରି ମନକୁ ମନ କହୁଥିବାବେଳେ, ମୁନ୍‌ସଫ୍ ବାବୁ ହଠାତ୍ ବ୍ରେକ୍ କରିବାକୁ ବାଧ୍ୟ ହେଲେ କି ଗୋଟାଏ ଅପସୃୟମାନ ଛାୟା-ମୂର୍ତ୍ତି ଦେଖି ଅଦୂରରେ—।…ଅର୍ଦ୍ଦଳି କହିଲା—

"ଓ କୁଛ୍ ନେହିଁ, ସାବ୍…ବର୍‌ଖା ‘

"ବର୍‌ଖା।"

ମୁସ୍‌ଲିମ୍ ଔରତ୍…"

"ସଚ୍ ହଃ…ଅବଦୁଲ୍ଲା କ୍ୟା ଇସ୍ ବକ୍ତିକା ଅଦ୍‌ମି ?"

"ହୁଜୁର୍"

Digitized by PPRACHIN, SOA

"ଉନ୍‌କା ବବ ହୋଗା···ଜେଗ୍‌···ନେହିଁ···"

ବୋଲି, ଏଥର ବ୍ୟକ୍ତିଗତ-ଚିନ୍ତା ଅପସାରିତ କରି ଦେଇଁ, ଦାୟିତ୍ୱଶୀଳ ହାକିମ ହିସାବରେ ଗାଡ଼ୀ ଚଳାଇ ଦେଲେ ବେହିସାବ-ବେଗରେ ।

ମୁନ୍‌ସଫ୍ ବାବୁ ଥାନା ଅଡ଼କୁ ଗାଡ଼ୀର ମୋଡ଼ ଫେରାଉ-ଥିଲେ, କିନ୍ତୁ ମୋଡ଼ରେ ବିଟ୍-ପୁଲିସ୍‌କୁ ଦେଖି, ତା'କୁ ପାଖକୁ ଡାକିଲେ, ଏବଂ ତା'ର ଦ୍ୱାରା ଥାନାକୁ ଯଥା-ଖବର ପଠାଇ ଦେଲେ ।···

ଏଥର ବ୍ୟକ୍ତିଗତ ଚିନ୍ତା ଧାରିଲ—ଗୃହିଣୀ କଷ୍ଟ ପାଉଥିଲେ, କ'ଣ ହେଲ—ବହୁ ସମୟ ବିତି ଗଲଣି—ମିଡ଼୍‌ୱାଇଫ୍‌ର ନିତାନ୍ତ ପ୍ରୟୋଜନ—ସୁତରାଂ ଗାଡ଼ୀ ତୀରବେଗରେ ଛୁଟାଇ ଦେଲେ ଡାକ୍ତରଖାନା ଅଭିମୁଖେ ।

ଡାକ୍ତରବାବୁ ଏତେବେଳେ କ'ଣ ସେଠାରେ ଥିବେ ?—ଏହି ପ୍ରଶ୍ନ ଉଦିତ ହେଲ ମାତ୍ରେ, ଡାକ୍ତରଖାନା ଅତିକ୍ରମକରି ଡାକ୍ତରବାବୁଙ୍କ କ୍ୱାର୍ଟର ଅଡ଼କୁ ଯିବେ, ଏତିକିବେଳେ ଡାକ୍ତର-ଖାନାର ବାହାର-ବରଣ୍ଡାରୁ ଡାକ୍ତର ବାବୁ ଡାକ ପକାଇଲେ—

"ମୁନ୍‌ସଫ୍ ବାବୁ···ମୁନ୍‌ସଫ୍ ବାବୁ"

ମୁନ୍‌ସଫ ବାବୁ ଅପ୍ରତିଭ ହୋଇଗଲେ, ବିଷମ ଶବ୍ଦ ଉପୁଜାଇ ଗାଡ଼ୀ ବନ୍ଦ କଲେ, ଓହ୍ଲାଇଲେ, ତ୍ୱରିତ ପଦକ୍ଷେପରେ ବାରଣ୍ଡାରେ ଉପନୀତ ହେଲେ ।···

"କନ୍‌ଗ୍ରାଚୁଲେସନ୍···କନ୍‌ଗ୍ରାଚୁଲେସନ୍"

Digitized by PPRACHIN, SOA

ବୋଲି, ଡାକ୍ତର ବାବୁ ସଦ୍ୟ-ଧୌତ-ହସ୍ତ ତଉଲିଅରେ ପୋଛୁ ପୋଛୁ କହିଲେ ।

ମୁନ୍‌ସଫ୍‌ବାବୁ ମନେ କଲେ ଦିବାକର ସଙ୍ଗେ ସେ ବି ଅଳ୍ପ ସ୍ଫୂର୍ତ୍ତିରେ ମାତିଥିଲେ, ଏହି କଥାକୁ ଉପଲକ୍ଷ କରି, ଉପେକ୍ଷିତ କନ୍ଧୁ ଏହିପରି ଅଭିନନ୍ଦନ ଦ୍ୱାରା ତୀବ୍ର ଉପହାସ କରୁଛନ୍ତି—ବର୍ତ୍ତମାନ ପରିସ୍ଥିତିରେ ସେ ତାହା ଆଦୌ ହଜମ୍ କରିପାରିଲେ ନାହିଁ, ଗୁରୁ-ଗମ୍ଭୀର କଣ୍ଠରେ କହିଲେ—

"Be serious please !"

"How could I be !"

"ଡାକ୍ତର ବାବୁ !···"

"ବେଶ୍, ମୁଁ ତା'ହେଲେ ବନ୍ଧୁ-ପତ୍ନୀଙ୍କୁ ଫୋନ୍ କରି ଦିଏଁ ଯେ···"

"କିଏ ବନ୍ଧୁ-ପତ୍ନୀ ?···କା'କୁ ?···"

"ମିସେସ୍ ଚୌଧୁରୀ—ତାଙ୍କୁ—ଏହିକଥା ଜଣାଇଦେବି ଯେ, Mr. Choudhury cares more for himself than for the newly born baby !—"

ବୋଲି, ଡାକ୍ତର ବାବୁ ଟେଲିଫୋନ୍ ଯନ୍ତ୍ର ନିକଟକୁ ଧାଇଁ ଯାଉଥିଲେ, ମୁନ୍‌ସଫ ବାବୁ

"ବନ୍ଧୁ !"

ବୋଲି, ଡାକି ଅଟକାଇଲେ ଓ ନ ଅଟକି କହି ଯିବାକୁ ଲାଗିଲେ—

"ମିସେସ୍ ଚୌଧୁରୀ ଫୋନ୍ କରିଥିଲେ ? ଆପଣ ମିଡ୍-ୱାଇଫ୍‌କୁ ପଠାଇଥିଲେ ? ·ସେଫ୍ ଡେଲିଭରି ତ ? ପେସେଣ୍ଟ ସୁସ୍ଥ ତ ?"

Digitized by PPRACHIN, SOA

"କି ସନ୍ତାନ ତା'ତ ପଚ୍ଛରିଲେ ନାହିଁ···ପୁଅ ସନ୍ତାନ୍ ।"

- "ପୁଅ !"

ବୋ'ଲି, ମୁନ୍‌ସଫ୍ ବାବୁ ଡାକ୍ତର ବାବୁଙ୍କର କରମର୍ଦ୍ଦନ କଲେ ।

"ହେଉ, ଖାନାର କେବେ ବନ୍ଦୋବସ୍ତ କରୁଛନ୍ତି, କହନ୍ତୁ ତ ?···ଏଥର ଆଉ 'ଦେବ ଦେବ' ବୋଲି ନୁହେଁ··· ଶୁଭସ୍ୟ ଶୀଘ୍ରଂ···ଦବାକର ବାବୁଙ୍କ ଦ୍ୱାରା ଶାଗ ସିଝିବ ନାହିଁ··· ମୁଁ ନିଜେ ଅବ୍‌ଦୁଲ୍ଲକୁ ଡକାଇ···"

"ଡାକ୍ତର ବାବୁ···!"

"କ'ଣ ହେଲା ଆପଣଙ୍କର ?···ଏମିତ···"

"ଅବ୍‌ଦୁଲ୍ଲା ଖୁନ୍ ହୋଇଛି ।"

"ଖୁ-ନ୍ !!"

ଅକସ୍ମାତ୍ ଗୋଟାଏ ଆଲୋକର ତୀବ୍ର ରଶ୍ମି, ଯେଉଁଠି ଡାକ୍ତର ବାବୁ ଓ ମୁନ୍‌ସଫ୍ ବାବୁ ଠିଆ ହୋଇ କଥାବାର୍ତ୍ତା କରୁଥିଲେ, ବରଣ୍ଡାର ସେହି ସ୍ଥାନରେ ପତିତ ହେଲା।···ମୁନ୍‌ସଫ୍ ବାବୁ ଚମକି ଉଠିଲେ, ଏବଂ ଦୃଷ୍ଟି ସଙ୍କୁଚିତ କରି ରାସ୍ତାକୁ ଅନାଇ ଦେଖିଲେ— ଅଗ୍ନି-ଗୋଲକ ପରି ଦୁଇଟା ଆଲୋକାଧାର ତାଙ୍କୁଇ ଲକ୍ଷ୍ୟ କରି ଯେମିତ ଅଣବାଙ୍କ-ଗତିରେ ଛୁଟି ଆସୁଛି । ସେ ଚକ୍ଷୁ ମୁଦ୍ରିତ କରି ଦେଲେ । ପୁଲିଶ୍-ଭ୍ୟାନ୍‌ଟା ଯଦିଓ ରାସ୍ତାର ବାଙ୍କ ଭାଙ୍ଗି ଚାଲିଗଲା, ତଥାପି ମୁନ୍‌ସଫ୍‌ବାବୁଙ୍କ ଛାତି ଉପର ଦେଇ ସିଧାସଳଖ ଚାଲିଗଲା, ଠିକ୍ ଏହିପରି ସେ ଅନୁଭବ କଲେ, ଓ ଚାପା-ଗଳାରେ କହିଲେ—

Digitized by PPRACHIN, SOA

"ପୁଲିଶ୍ ।"

"ଭୟ୍ କ'ଣ ?"

ବୋଲି, ଡାକ୍ତରବାବୁ ମୃଦୁ ମୃଦୁ ହସି, ତାଙ୍କ ଦେହରେ ଅଶ୍ୱାସନା-ସୁଲଭ ସ୍ପର୍ଶର ମନ୍ଦ ମନ୍ଦ ଆଘାତ କଲେ ।

"ତୁମେ ଜାଣନା, ବନ୍ଧୁ···ପୁଲିଶର ସନ୍ଦେହ···ଛୁଇଁଲେ ପ୍ରାଣ ଯା···"

"ଜାଣେ, ଯେଉଁ ସନ୍ଦେହରେ ବଶବର୍ତ୍ତୀ ହୋଇ ବିଚାରକ ଦୋଷୀକୁ ମଧ୍ୟ ମୁକ୍ତିଦାନ କରେ, ସେହି ସନ୍ଦେହର ସାମାନ୍ୟ ଗନ୍ଧରେ ପୁଲିଶ୍ ହୁଏ ଉନ୍ମାଦ—ନିର୍ଦ୍ଦୋଷକୁ ମଧ୍ୟ ଅପରାଧୀ ବୋଲି ଶୃଙ୍ଖଳିତ କରିବ ।"

"ତେବେ ?"

"କୌଟିଲ୍ୟର ଉପାସକ କୁଟିଳ ମାର୍ଗରେ ପଥଭ୍ରଷ୍ଟ, ସେଥିପାଇଁ ସନ୍ଦେହ ସୁଯୋଗ ପାଏ, ରାକ୍ଷସପରି ଗ୍ରାସ କରେ,—ସେହିସ୍ଥଳେ ଦୃଢ଼ଜ୍ଞାନୀ ସତ୍ୟସନ୍ଧାନୀ, ସରଳ ତା'ର ଗତିପଥ, ଜୀବନ ପଣିକର ଟୁଙ୍କର ସମାନ ସେ ସନ୍ଦେହର ସମ୍ମୁଖୀନ ହୁଏ ।"

"ଗୁଡ୍ ନାଇଟ୍, ଅସ୍ୱସ୍ତି ।"

ବୋଲି, ମୁନ୍‌ସଫ୍ ବାବୁ ମଠର ନିକଟକୁ ଆସିଲେ ।··· ଡାକ୍ତରବାବୁ ମଧ୍ୟ ପ୍ରତି-ଅଭିବାଦନ ଜଣାଇ, ବଳେଇ ଦେବାକୁ ସହଗାମୀ ହୋଇଥିଲେ ।

× × × ×

Digitized by PPRACHIN, SOA

ମୁନ୍‌ସଫ୍‌ବାବୁ ପୁଣି ବିଦାୟ ନେଇ ମଟର୍ ଷ୍ଟାର୍ଟ ଦେବେ, ତଥା ଡାକ୍ତର ବାବୁ ପୁଣି ବିଦାୟ ଦେଇ ବରଣ୍ଡାର ପ୍ରଥମ ସୋପାନ ଅବରୋହଣ କରିବେ, ଏତିକିବେଳେ ସର୍ଜନ ମଟରବାଇକ୍‌ର ମେଦଫଟା ଶବ୍ଦରେ ଆସି ସେଠାରେ ପହଞ୍ଚି ଯାଇ ମିଲିଟେରି ଭଙ୍ଗିରେ ଉଭୟଙ୍କୁ ସଲାମ୍ କଲା, ଏବଂ ସଙ୍ଗେ ସଙ୍ଗେ ଏହିଭଳି ମୌଖିକ ପରିଓ୍ୟାନା ଜାରିକଲା—

"ଇନସ୍ପେକ୍ଟର ବାବୁ ସଲାମ ଦେଇ ଅନୁରୋଧ ପଠାଇଛନ୍ତି —ଆପଣ ଓ ଡାକ୍ତରବାବୁ ଘଟଣା-ସ୍ଥଳରେ ଉପସ୍ଥିତ ରହିଲେ, ସରକାରୀ-ତଦନ୍ତର ଯଥେଷ୍ଟ ସାହାଯ୍ୟ ହେବ, ଆହୁରି ବି କହି ପଠାଇଛନ୍ତି—ଏହା ଅତ୍ୟନ୍ତ ଜରୁରୀ ।"

"ଆଚ୍ଛା ।"

ବୋଲି, ଭୁକୁଫଟା କଣ୍ଠରେ ମୁନ୍‌ସଫ୍ ବାବୁ ଏହି ଛୋଟି ଉଚ୍ଚାରଣ କଲା ମାତ୍ରେ, ସର୍ଜନ ତା'ର 'ଜିଉଟି ଓଭର୍'—ଏହି ଜ୍ଞାନରେ ପୁଣି ସଲାମ୍ କଲା ଓ ଅନ୍ୟ କୌଣସି ନିର୍ଦ୍ଦେଶିତ କର୍ତ୍ତବ୍ୟ-ପଥରେ ବାଇକ୍ ଛୁଟାଇବାର ଉଦ୍‌ଯୋଗ କଲା ।...ପାର୍ଶ୍ୱ-କେରିଅରକୁ ମୁନ୍‌ସଫ୍ ବାବୁଙ୍କ ନଜର ଗଲା ।...ବାଘା କୁକୁରଟି, ଯିଏ କ୍ଷଣକ ଆଗରେ ବାଘ ପାଲଟିଥିଲା, ସେ ବର୍ତ୍ତମାନ ପୋଷା ବିଲେଇଟି ପରି ଜାକିଜୁକି ହୋଇ ସେଠାରେ ଗୁପ୍‌ଚୁପ୍ ପଡ଼ି-ରହିଚି ।...ମୁନ୍‌ସଫ୍ ବାବୁ ଥରେ ତା' ଆଖିରେ ଆଖି ମିଶାଇଲେ —ସେ ହିଁକ୍ କରି ମୁଖ-ବିକୃତ କରି ଦନ୍ତ-ରାଜି ବ୍ୟାଦାନ କଲା ।— ଏହା ତା'ର ଶାନ୍ତି-ବ୍ୟାଘାତ-ଜନିତ ପ୍ରତିବାଦ ହୋଇପାରେ, କିନ୍ତୁ ମୁନ୍‌ସଫ୍ ବାବୁ ଏହାକୁ ତୀକ୍ଷ୍ଣ-ଘ୍ରାଣ-ଶୀଳ ଜୀବର ତାଙ୍କ ଅନ୍ତର୍ନିହିତ କେଉଁ ଅପରାଧ-ସତ୍ତ୍ୱର ସମ୍ବାଦ ମନେକଲେ, ତତ୍‌କ୍ଷଣାତ୍

Digitized by PPRACHIN, SOA

ତା'ର ଦୃଷ୍ଟି ଏଡ଼ାଇବା ପାଇଁ ମୁଖ ଫେରାଇଲେ ।...ଅନଭିପ୍ରେତ ଜୀବ ସହ ଦୁର୍ମୁଖ-ସର୍ଜନ ବାଇକ୍ ଚଲାଇ କ୍ଷଣକେ ଅଦୃଶ୍ୟ ହୋଇଗଲା ।

ଇତିମଧ୍ୟରେ ଡାକ୍ତରବାବୁ ତାଙ୍କର ପରିହିତ ଡାକ୍ତରୀ-ଅଚ୍ଛାଦନ ପରିହାରକରି, ପ୍ରସ୍ତୁତ ହୋଇ ଆସିଥିଲେ ।

"ମୋ'ର ସାମାନ୍ୟ ବିଳମ୍ବ ହେବ"

କହି,ମୁନସଫ୍ ବାବୁ ଅର୍ଦ୍ଧଳିକୁ କୋଠିରେ ଏତିକିମାନ ସମ୍ବାଦଦାନର ନିର୍ଦ୍ଦେଶ ଦେଲେ, ତଥା ତୁରନ୍ତ ରିକ୍ସା କରି ଯିବାକୁ ଆଦେଶ କଲେ ।...

ଅର୍ଦ୍ଧଳି ଓହ୍ଲାଇ ଗଲା...ଡାକ୍ତରବାବୁ ମୁନ୍‌ସଫ୍‌ବାବୁଙ୍କ ନିକଟରେ ସମ୍ମୁଖ-ଆସନରେ ବସିଲେ ।...ଗାଡ଼ୀ ଚାଲିଲା, ଅର୍ଦ୍ଧଳି ଯଥା-ଅଭିବାଦନ ଜଣାଇଲା ।

ଚଳନ୍ତା-ଗାଡ଼ି କିଛି ପଥ ଅତିକ୍ରମ କଲା ପରେ, ମୌନତା ଭାଙ୍ଗି ଡାକ୍ତରବାବୁ ପଚାରିଲେ—

"ଖୁନ୍ ବ୍ୟାପାରଟାରେ ପ୍ରଥମ ଅଲୋକପାତ କରନ୍ତି ଆପଣ ?"

"ମୁଁ ଏକାକୀ ନୁହେଁ, ସର୍ଜନ ଥିଲେ ସଙ୍ଗରେ ।"

"ଆପଣ ଆସିଥିଲେ..."

"ନର୍ସର ସନ୍ଧାନରେ ।"

"ନର୍ସର ନାମ ?"

"ସୁନ୍ଦରୀ"

"ଦେଖିବାକୁ ମଧ୍ୟ ସୁନ୍ଦରୀ"

Digitized by PPRACHIN, SOA

"ତା'...ତା'..."

"ଦେଖନ୍ତୁ, 'ସୁନ୍ଦର ମଖର ବଜାୟ ସର୍ବତ୍ର'— ଏହାପର ଟୋଗାଏ କବ-ବାକ୍ୟ ରହିଛ ।...ଆପଣ ତା' ଅବଶ୍ୟ ସ୍ୱୀକାର କରିବେ ।"

"ଯାହା ସାର୍ବଜନୀନ, ତାହା କଦାପି ଅସ୍ୱୀକାର୍ଯ୍ୟ ନୁହେଁ ।"

"ବେଶ୍, ତା' ହେଲେ ଏପର ସିଦ୍ଧାନ୍ତ କରିବା ଅସମୀଚୀନ ହେବନାହିଁ ଯେ,—ଆପଣ ଆସିଲେ ଅନ୍ନପୂର୍ଣ୍ଣା ନର୍ସର ସନ୍ଧାନରେ ନୁହେଁ, ଅନୁପମ ସୁନ୍ଦରୀର ଆକର୍ଷଣରେ ।"

"ପ୍ରମାଣ ?"

"ସ୍ୱେତ ନଖ-ଦର୍ପଣରେ ଥୁଆ—ଆପଣଙ୍କର ପୋଜିସନ, ଘରେ ଟେଲିଫୋନ, ଡାକ୍ତରଖାନା ଦୂରେ ନୁହେଁ, ଡେଲିଭରି କେସ୍, ସବୁର ଉପରେ ଡାକ୍ତରବାବୁ ଆପଣଙ୍କର ପରମ ବନ୍ଧୁ ।"

"ଏ' ଦିଗ ତ ମୁଁ ଆଦୌ ଖିଆଲ କରିନାହିଁ, ବନ୍ଧୁ ।"

"ଅବକାଶ ଥିଲା କେଉଁଠି ?—ପୁଲିଶ୍ ବି ଏ'ଦିଗ ଆଦୌ ମାଡ଼ିବ ନାହିଁ, ମୁଁ ଗ୍ୟାରେଣ୍ଟି ଦେଇ କହିପାରେ ।...ବରଂ..."

"ବରଂ ?"

"ଉଇପଦସ୍ଥ ହାକିମଙ୍କ ଗୁମର୍ ଘଣ୍ଟଘୋଡ଼ାଇ ରଖିବ— ନିର୍ଭରଯୋଗ୍ୟ ସାକ୍ଷ୍ୟ-ପ୍ରମାଣକୁ ଭିତ୍ତିକରି, ତା'ର କେସ୍ (case)ର ଇମାରତ୍ ଠିଆ କରିବ ।"

"ହେଲେ, ଦିବାକର ଆମର personal friend, ତାଙ୍କୁ କେନ୍ଦ୍ର କରି, ପୁଲିସର ସନ୍ଦେହ ?"

"ସେହିସ୍ଥଳେ ମୁଁ ପ୍ରଶ୍ନ କରିବି,—ସୁନ୍ଦରୀ is dear to your heart, ତାଙ୍କୁ କେନ୍ଦ୍ର କରି ଗୃହିଣୀର ସନ୍ଦେହ ?"

"ଡାକ୍ତର ବାବୁ..."

Digitized by PPRACHIN, SOA

"Human weakness !···Shake off···ଷ୍ଲିଅରିଂ ଅପଣା ଦୃଢ଼ମୁଷ୍ଟିରେ ଧାରଣା କରନ୍ତୁ ତ ।"

ସତକୁ ସତ ଗାଡ଼ୀ ଏଥର ସ୍ୱଚ୍ଛନ୍ଦ ଗତିରେ ଧାବମାନ ହେଲା ।

× × × ×

ଠିକ୍ ସେତିକବେଳେ ଡାଉନ୍-ମାନ୍ଦ୍ରାଜ ମେଲ୍ ଅପ୍-ଲାଇନ୍‌ରେ ଧାବମାନ ହେଉଥିଲା । ଏହାର କାରଣ,—ପ୍ରବଳ ବନ୍ୟା, ହରିଦାସପୁର-ଜେନାପୁର ମଧ୍ୟବର୍ତ୍ତୀ ରେଲ-ରାସ୍ତା ବିଧୌତ, ନଷ୍ଟ ହୁଆ—ଅଗତ୍ୟା ରାଇପୁର-ବାଟେ ହାଓଡ଼ାଗାମୀ ମେଲ୍‌କୁ ବୁଲେଇ ଦିଆହୋଇଛି ।

ସେହି ଗାଡ଼ିର ଲେଡ଼ି-କମ୍ପାର୍ଟମେଣ୍ଟ । ଗୋଟିଏ ସିଙ୍ଗଲ୍ ସିଟ୍‌ରେ ସୁଦର୍ଶ୍ଶ ଉପବିଷ୍ଟା । ଅନ୍ୟାନ୍ୟ ସହଯାତ୍ରୀମାନେ ନିଦ୍ରିତ ।···

ସେ ଯେ ଛଦ୍ମ-ବେଶୀ ପୁରୁଷ, ଏ' ଖିଆଲ୍ ତା'ର ଅଦୌ ନାହିଁ ।

ଯେତେବେଳେ ସେ ରିକ୍‌ସା ଛାଡ଼ି ରିକ୍‌ସାବାଲା ଓ ଅନ୍ୟାନ୍ୟଙ୍କ ଅଲକ୍ଷ୍ୟରେ ପଳାଇ ଆସେ, ସେତେବେଳେ ଦିବାକରଙ୍କୁ କେନ୍ଦ୍ରକରି ଯେଉଁ ଚିନ୍ତାର ଘୂର୍ଣ୍ଣି-ପାକ ତାକୁ ଗ୍ରାସ କରିଥିଲା, ତାହାହିଁ ତା'କୁ ବର୍ତ୍ତମାନସୁଦ୍ଧା ଆଚ୍ଛନ୍ନ କରି ରଖିଛି ।···ସେ ଅନନ୍ୟ-ମନରେ ଭାବୁଥିଲା,—ଆତତାୟୀ ଦିବାକର-ପ୍ରେରିତ ସେହି ଅନାମ ଛଡ଼ା ଅନ୍ୟ କେହି ନୁହେଁ ।···ଦିବାକର ଅବଶ୍ୟ ଅସୌଜନ୍ୟ ପ୍ରକାଶ କରି ବିଦାୟ ନେଇଥିଲା, କିନ୍ତୁ ସେ ସୁଜନ । ନିମନ୍ତ୍ରଣ-ପ୍ରତ୍ୟାଖ୍ୟାନର କାରଣ ଯାହା ଥାଉ, ଯେଉଁ ସାମାଜିକ-

Digitized by PPRACHIN, SOA

ବୋଧ ହେଉ, ମାନବିକତାର ଡାକ ଯେ ଏଡ଼ି ପାରିନାହିଁ, ସେଥିପାଇଁ ସେ ତା'ର ବିଚ୍ଛିନ୍ନ କର୍ମଚାରୀଙ୍କୁ କୌଣସି ବିଶେଷ ସନ୍ଦେଶ-ବାହକ କରି ପଠାଇଥିଲା ।—ଦୁର୍ଭାଗ୍ୟକୁ ସେତିକିବେଳେ ସେହି ବିଭ୍ରାନ୍ତିକାମୟ ଦୃଶ୍ୟର ଅବତାରଣା ।···ହେଲେ, ସୌଭାଗ୍ୟକୁ ସେହି ଆଗନ୍ତୁକ ହୋଇଥିଲା ଆତତାୟୀ, ଆଉ ଦୁର୍ଦ୍ଧର୍ଷ ଧର୍ଷଣ-ଗ୍ରାସରୁ ଗୋଟିଏ ନାରୀ ପାଇଥିଲା ରକ୍ଷା ।···ସେହି ନାରୀର କର୍ତ୍ତବ୍ୟ କ'ଣ ପଳାୟନ ?···ବିପନ୍ନ ଅତତାୟୀକୁ ରକ୍ଷାକାରୀ ପ୍ରତିପନ୍ନ କରିବା ଉଚିତ ନୁହେଁ ?···ଏହିପରି ନାନା ପ୍ରଶ୍ନ ତା'ର ମନକୁ ଛିନ୍ନଭିନ୍ନ କରୁଥିଲା,—ଦେହ ଅବସନ୍ନ ହେବା ଫଳରେ ସେ ଢଙ୍ଗେଇ ପଡ଼ୁଥିଲା ।···

ସେ ଯେ ବହିର୍ଜଗତରୁ ବିଚ୍ଛିନ୍ନ ହୋଇ ପଡ଼ିଥିଲା, ତା'ର ଜ୍ୱଳନ୍ତ ପ୍ରମାଣ,— ସେ ପୁରୁଷ-ପୁଙ୍ଗବ ସାଜି ସୁନ୍ଦରୀ ବ୍ରୀଡ଼ା-ଶୀଳା ନାରୀ-ଚରିତ୍ରକୁ କରିଛି ପ୍ରୋତ୍ସାହିତ ।

ସୁନ୍ଦରୀ ଜଣେ ନିପୁଣ କଳାକାର—କଳା-କୁଶଳତା ତା'ର ଅସ୍ଥି-ମଜ୍ଜାଗତ—ତଥାପି ସେ ଆଦ୍ୟରୁ କଳା-ପରିବେଷଣରେ ଦେଇଛି ଅନାଡ଼ିର ପରିଚୟ—ପଦେ, ପଦେ ଘଟିଛି ପ୍ରମାଦ ।

ସେ ପୁରୁଷ ସାଜିଛି, ପୁରୁଷ ଚରିତ୍ରର ଅଭିନୟ କରିବାକୁ ହେବ; କିନ୍ତୁ କାର୍ଯ୍ୟତଃ ସେ ଅଭିନୟ କରି ଚାଲିଛି ଏ'ପରି ଗୋଟିଏ ଭୀରୁ, ଲଜ୍ଜାବତୀ ନାରୀ-ଭୂମିକାର, ଯାହା ନିଜର ସ୍ୱଭାବ ସଙ୍ଗେ ଖାପ୍ ଖାଇବା ଦୂରେ ଥାଉ, ଆଧୁନିକ ଦର୍ଶକ-ଦୃଷ୍ଟିରେ ମଧ୍ୟ ଅଶାଳୀନତାର ପରିଚାୟକ । ଏହି ବୈଷମ୍ୟ କାରଣରୁ ବାହାର ପହରୀବାଲା ତା' ପ୍ରତି ପ୍ରକ୍ଷେପ କରିଥିଲା ବିଷ-ଦୃଷ୍ଟି, ଚ୍ୟାଲେଞ୍ଜ କରିଥିଲା ମଧ୍ୟ, କିନ୍ତୁ ସୁନ୍ଦରୀ ପ୍ରତ୍ୟୁତ୍ପନ୍ନମତିତ୍ୱ ବଳରୁ ହେଉ, କି ପରିସ୍ଥିତି-

Digitized by PPRACHIN, SOA

ଜନୀତ ଭୟ୍ର-ବିହ୍ଵଳତାରୁ ହେଉ, କୌଣସି ଉତ୍ତର ଦେଇ ନ ଥିଲା, ବରଂ ବୈଷମ୍ୟର ପରାକାଷ୍ଠା ଦେଖାଇ, 'ରିକ୍ସା, 'ରିକ୍ସା' ବୋଲି ସ୍ବର ପକାଇଥିଲା ।

ବାହାର ଦୁଆର ବୁଝିଲା—ଗମ୍ଭୀର ରାତ୍ରୀ, ଏକୁଟିଆ ଷ୍ଟେସନ-ଯାତ୍ରୀ, ଯାନବାହନ ପାଇଁ ବିଚରା ଉଦ୍‌ଭ୍ରାନ୍ତ ହେବ, ଏଥିରେ ଆଉ ଆଶ୍ଚର୍ଯ୍ୟ କ'ଣ ?— ସେ ଅନ୍ୟଆଡ଼େ ମୁହଁ ବୁଲାଇଲା, ପଲାତକ ଅନ୍ୟଆଡ଼େ ପାଦ ଚଳାଇ ଦେଲା ।

ଷ୍ଟେସନରେ ସେହିପରି ଟିକେଟ କାଟିବାକୁ ଯାଇ, ସୁନ୍ଦରୀ ନାରୀଙ୍କ ଗହଣ ଧାଡ଼ି (Quay) ଭିତରେ ପଶି ହୋଇଗଲା ଜଣେ । ···ନାରୀଙ୍କ ଆର୍ତ୍ତନାଦ, ଅଉ ପଛୁଆବାଲାର ତିରସ୍କାର ତା'କୁ ଏଭଳି ବିଚଳିତ କରି ପକାଇଥିଲା ଯେ, ସେ ତା'ର ସେବେଳର ଭାବଭଙ୍ଗୀ ଦ୍ଵାରା 'ମାଇଚଅ' ବୋଲି ଅଭିନନ୍ଦନ ଆହରଣ କରିଥିଲା ଓ ଉଭୟ ନାରୀ-ପୁରୁଷର ସମ-କୌତୁକର ବସ୍ତୁ ପାଲଟି ଯାଇଥିଲା ।

ମହିଳା-ଡବାରେ ଅବରୋହଣ କଲାବେଳେ, ମହିଳାମାନେ ତା'ର ବେଶ-ବାସ ଦେଖି ତାକୁ ଜଣେ ଟି ଟି ଅଇ ବୋଲି ଧାରଣା କରି ନେଇଥିଲେ; ସେହି ହେତୁ ବାଧାଦେବା ଦୂରେ ଥାଉ ଜଣେ ମହିଳା–ଯାତ୍ରୀ ସାଗ୍ରହେ ନିଜର ଲଗେଜପତ୍ର ଅପସାରଣ ପୂର୍ବକ, ପ୍ୟାସେଞ୍ଜର-ସିଟ୍‌ଟି ଖାଲି କରି ଦେଇଥିଲା ।— ସୁନ୍ଦରୀ ସେହି ସିଟ୍‌ଟି ଦଖଲ କରି ବସିଥିଲା, ଏଥିପାଇଁ ଉକ୍ତ-ସହଯାତ୍ରିଣୀକୁ ଧନ୍ୟବାଦ ଦେବାର ସୌଜନ୍ୟ ପର୍ଯ୍ୟନ୍ତ ପ୍ରଦର୍ଶନ କରି ନଥିଲା— ସେ ଶିଖିଲା ତା'ର କାହିଁ ?—ଅବଶ୍ୟ ସହ-ଯାତ୍ରିଣୀ ଏଥିପାଇଁ ଦୁଃଖିତ ହୋଇ

Digitized by PPRACHIN, SOA

ନଥିଲା, ବରଂ ଜଣେ ଚେକିଙ୍ଗ୍ ଅଫିସରଙ୍କୁ ଏହି ଭାବରେ ଆପ୍ୟାୟିତ କରିପାରୁଛି, ଏଥିପାଇଁ ନିଜକୁ ଧନ୍ୟ ମନେ କରୁଥିଲା ।

ଟ୍ରେନ୍ ଷ୍ଟେଶନ ପରେ ଷ୍ଟେଶନ ଅତିକ୍ରମ କରି ଚାଲିଛି, ଦୁଇଟା ଗୋଟାଏ ସ୍ପର୍ଶ କରିଥିବା ଷ୍ଟେଶନ ପର୍ଯ୍ୟନ୍ତ ଛାଡ଼ି ଚାଲିଗଲାଣି, ତଥାପି ପଞ୍ଜାବୀ-ଅଗନ୍ତୁକ 'ଭାବି ମକାସେ' ଆସନ ଜମାଇ ବସି ରହିଛି 'ମହିଳା-ମଜ୍‌ଲିସ୍'ରେ— କଥା କ'ଣ ?—ଗମ୍ଭୀର ରାତି— ପ୍ୟାସେଞ୍ଜର ମାନଙ୍କର ଆରାମରେ ବ୍ୟାଘାତ ଜନ୍ମାଇ ଟି ଟି ଆଇ ଚେକ୍ କରିବାକୁ ଉଠିବ, ଏ' ନିୟମ ତ ନାହିଁ, ଥିଲେ ମଧ୍ୟ ମହିଳା-ଡବାରେ ପ୍ରବେଶ ଏକାନ୍ତ ନିଷେଧ—ଚେକର୍ ହୋଇଥିଲେ, ଚେକିଂର ତ ନାମ-ଗନ୍ଧ ନାହିଁ—ସୁତରାଂ ଅପର ଜଣେ ସହଯାତ୍ରୀର ସନ୍ଦେହ ଘନୀଭୂତ ହେଲା—ସେ ମୁହଁ ଫିଟାଇବାକୁ ବାଧ୍ୟ ହେଲା—

"ଏ' ଲେଡିଜ୍-କମ୍ପାର୍ଟମେଣ୍ଟ, ସାର୍···ଆପଣ କ'ଣ ଏହା ଜାଣନ୍ତି ନାହିଁ ?"

ସୁନନ୍ଦା ଉତ୍ତର ଦେବାକୁ ଯାଉଥିଲା, ନିଜର ବେଶ-ଭୂଷା ପ୍ରତି ନଜର ଗଲା, ସେ ନିରସ୍ତ ହେଲା, କ'ଣ କରିବ ତାହା ଆଦୌ ଠିକ୍ କରି ପାରିଲା ନାହିଁ, 'ନ ଯଯୌ ନ ତସ୍ଥୌ' ଅବସ୍ଥାରେ ରହି ଉତ୍କ୍ଷିପ୍ତ ସାର୍ସି ପଟେ ବାହାରକୁ ଚାହାଁଇଲା—ଟ୍ରେନ୍ ଦ୍ରୁତ ଗତିରେ ଚାଲିଛି, ଦେଖିଲା ।

ସେହି ଅପର-ସହଯାତ୍ରିଣୀ ଏ'ଭଳି ଜଡ଼ତାର ଭିନ୍ନ ଅର୍ଥ ଭାଲି, ସନ୍ଦେହ ତା'ର ବିଶ୍ୱାସରେ ପରିଣତ ହେଲା, ସେ ତତ୍କ୍ଷଣାତ୍ ଚେନ୍ ଟାଣିବାକୁ ପ୍ରସ୍ତୁତ ହୋଇ ରୁକ୍ଷକଣ୍ଠରେ କହିଲା—

"ଓହ୍ଲାଇ ଯିବେ, ନା ଚେନ୍ ଟାଣିବି ?"

Digitized by PPRACHIN, SOA

ସୁଦର୍ଶ୍ନ ସଙ୍କଟରେ ପଡ଼ିଲ, ଗୁରୁତ୍ୱ ଉପଲବ୍ଧିକଲ, ଲଘୁ-ପଦରେ ଧାଇଁଗଲ ଦ୍ୱାର-ଦେଶକୁ ।

"Stop please !···Be seated !"

ବୋଲି, ପ୍ରଥମୋକ୍ତ ମହିଳାଟି କହୁ କହୁ, ଉଠିବସିଲ ।···ଏ' ଜଣେ ଅଧ୍ୟାପକା···ମିସ୍ ରାଏ ।

ସୁଦର୍ଶ୍ନ ଏ'ଭଳି ବାଣୀକୁ ଦୈବ ବାଣୀ ମନେ କଲ, ଆଶ୍ୱସ୍ତ ହେଲ, କିନ୍ତୁ ଅସ୍ୱସ୍ତି ବୋଧକଲ ଅନ୍ୟ କଥାକୁ ଭାବି, ଯଦି ପରିଚୟ ଜଣାଇବାକୁ ପଡ଼େ ।···ନା, ସେ ଓହ୍ଲାଇ ଯିବ ଗାଡ଼ୀ ଅନ୍ୟ ଷ୍ଟେସନ ଧରିବାମାନେ, ଏହିଭଳି ଭରସାରେ ଯଥା-ସ୍ଥାନରେ ଠିଆ-ହୋଇ ରହିଲ ।

"ଏ' ଆପଣଙ୍କର ଅତି ଅନ୍ୟାୟ, ଅଧ୍ୟାପିକା ରାଏ !"

"କ'ଣ ଅଶ୍ରୟ ଦେବା ?"

"ପ୍ରଶ୍ରୟ ଦେବା"

"ମାନେ ?"

"He is not She !"

"ଏ' ପ୍ରଗତି-ଯୁଗରେ She ଯେ He ହେବାକୁ ଉତ୍କଣ୍ଠିତ, ଏହା ଅବଶ୍ୟ ଆପଣ ସ୍ୱୀକାର କରିବେ ।"

"ମୁଁ ସ୍ୱୀକାର କରେନା···ଯଦି ଏହି ଉତ୍କଣ୍ଠା ଥାଏ, ତେବେ ଏହା She ପକ୍ଷେ ମସ୍ତିଷ୍କ ବିକୃତିର ଲକ୍ଷଣ ଛଡ଼ା ଆଉ କିଛି ନୁହେଁ ।"

"ତେବେ ସହ-ଶିକ୍ଷା, ସମ-ଅଧିକାର, ଫ୍ରି-ଡ଼ଏସ୍ନିଂ ଏ' ସବୁର ମୂଲ୍ୟ ?"

"ଏଥିପାଇଁ ନାରୀ ନାରୀତ୍ୱକୁ ମୂଲ୍ୟ ଦେବ ନାହିଁ ।"

"ଅର୍ଥାତ୍ —"

Digitized by PPRACHIN, SOA

"ଶାଳୀନତା, ଲଜ୍ଜା, ସଂକୋଚ ଯାହା ନାରୀର ପରମ ସଂପଦ—ଏହା ଜନ୍ମଗତ ହେଉ, କି ସଂସ୍କୃତିଗତ ହେଉ, କି ପରମ୍ପରା ଗତ ହେଉ—ତାହା ନାରୀ କଦାପି ବିସର୍ଜନ ଦେଇ ପାରିବ ନାହିଁ—ଶିକ୍ଷା-ସଭ୍ୟତାର ଯେତେ ପ୍ରସାର ହେଉ, ଯୁଗର ଯେତେ ପରିବର୍ତ୍ତନ ଘଟୁ ।"

"ଯାହାକୁ ନାରୀର ସମ୍ପଦ ବୋଲି ବଖାଣୁଛନ୍ତି, ତାହା କ'ଣ ଭୀରୁତାର ପରିପୃକ୍ତ ନୁହେଁ ?"

"ପୁରୁଷର ଦୃଷ୍ଟିରେ ହୋଇପାରେ, କିନ୍ତୁ ତାହାହିଁ ଶ୍ଳୀଳତା—ନାରୀର ନାରୀତ୍ୱ-ବିକାଶର ପ୍ରକୃଷ୍ଟ ଆଧାର ।...ଯୁଗର ଶତ ଚେଷ୍ଟା ସତ୍ତ୍ୱେ ନାରୀ କଦାପି ପୁରୁଷ ପାଲଟିବ ନାହିଁ, ଯଦି ପାଲଟେ, ତେବେ ସେ ହେବ ନକଲି-ପୁରୁଷ..."

"ନକଲି-ପୁରୁଷ ! !"

ବୋଲି, ସୁନ୍ଦରୀ ଉଚ୍ଚାରଣ କଲା ଅପ୍ରତିଭ-କଣ୍ଠରେ ।

"ହଁ, ସାର୍, ନକଲି-ପୁରୁଷ—ସେହି ନାରୀ-ପୁରୁଷ ଦ୍ୱାରା କୌଣସି କାଳେ, ଜଗତର କୌଣସି ସମସ୍ୟା—ବ୍ୟକ୍ତିଗତ ହେଉ, ବା ସମଷ୍ଟିଗତ ହେଉ—ସମାଧାନ ସୁଦୂର-ପରାହତ ।"

"ଠିକ୍ କହିଛନ୍ତି ।"

"ବେଶ୍, ଗାଡ଼ୀ ଠିଆ ହେଲାଣି, ଦୟାକରି ଓହ୍ଲାଇ ପଡ଼ିବେ ତ ।"

"ଭଉଣୀଟିଙ୍କୁ ବଦାମୃ-ଆଶୀର୍ବାଦ ଦେବେ ନାହିଁ ?"

ବୋଲି, ସୁନ୍ଦରୀ ଦାଢ଼ୀ-ନିଶ ଓ ପଗଡ଼ି ଓତାରି ପକାଇଲା, ସମସ୍ତେ ହତବାକ୍ ହୋଇଗଲେ, ସୁନ୍ଦରୀ ଯଥା-ରୀତି ନମସ୍କାରନତ ଜଣାଇ, ବ୍ୟାଗ୍‌ଟି କାନ୍ଧରେ ଝୁଲାଇ, ତଳକୁ ଓହ୍ଲାଇ ପଡ଼ିଲା ।

Digitized by PPRACHIN, SOA

ଷ୍ଟେସନରେ ଉଜ୍ଜ୍ୱଳ ଆଲୋକର ବନ୍ୟା—ସୁନ୍ଦରୀ ସେଇଥିରେ ଭାସି-ମିଳେଇ ଗଲା ।—

ମିସ୍ ପଟ୍ଟନାଏକ ରୋମାଞ୍ଚ-ମୁଗ୍ଧ ମିସ୍ ରାଏଙ୍କ ଉଦ୍ଦେଶ୍ୟ କର ଇଙ୍ଗିତ-ଭରା କଣ୍ଠରେ କହିଲା—

"ରୋମାନ୍‌ସର ରାଜକୁମାରଟି ପାଲଟି ରାଜକୁମାରୀ ହୋଇଗଲା ତ ?"

"ଧେତ୍"

ମିସ୍ ରାଏଙ୍କ ଲପନର ଗୋଲାପୀ ଆଭା ଯେ ପାଂଶୁ ପଡ଼ି ଯାଇ ନ ଥିଲା, ତାହା ନୁହେଁ ।

× × × ×

ଅବ୍‌ଦୁଲ୍ଲାଉ ଘରେ ସେତେବେଳେ ଗମ୍ଭୀର ଶୋକର ଗାଢ଼ ଛାୟା-ପାତ ।

ଅନାମ ସଙ୍ଗେ ସାକ୍ଷାତ୍ ପରେ, ମଇନାବିବି ସତକୁସତ ତା'ର ସ୍ୱାମୀ ପ୍ରତି ସନ୍ଦଗ୍‌ଧ ହୋଇ ପଡ଼ିଥିଲା, ନିଜେ ଯିବ ଓ ସ୍ୱାମୀକୁ ସାବଧାନ କରିଦେଇ ଆସିବ ବୋଲି ଠିକ୍ କଲା, କିନ୍ତୁ ବାଧାଦେଲା ଜ୍ୱର ଓ କାଶ ।···ମନେ ମନେ 'ଅଲ୍ଲା'ଙ୍କୁ ଡାକିଲା ।—ମନ ମାନିଲା ନାହିଁ । ରହମ୍‌ଟା ନିଘୋଡ଼ ଘୁମରେ ଅଚେତନ ଥିଲା—ତା'କୁ ଡାକିଲା—ସେ ଶୁଣିଲା ନାହିଁ—କେତେ ଡକାଡକିରେ ଶୁଣିଲା ଯଦି, ଉଠିଲାନାହିଁ, ଘାଲେଇ ପଡ଼ି ରହିଲା···କିନ୍ତୁ ବିବି ବେଳକୁବେଳ ଉତଳା ହେବାକୁ ଲାଗିଲା···ବିରଖାଟା ପିନ୍ଧି ବାହାରି ପଡ଼ିବ ବୋଲି ମନକଲା···ବିରଖାଟା ଆଣିଲା···କିନ୍ତୁ ବଳ ଅଣ୍ଟିଲା ନାହିଁ···ସୁତରାଂ ଭାବୀର ଭାବରସ ଅବଲମ୍ବନ କଲା···ସୁରମା-ଆଖି-କୋଣରେ ସରସ-

Digitized by PPRACHIN, SOA

କଠୋର ହାଣିଲ—ତିଳ-ନାସିକାର ନାକଛବି ପୁଡ଼ାଟି ଫୁଲିଉଠିଲା... ମିସି-ଦଶନର ଅଗ୍ରଭାଗରେ ସୂକ୍ଷ୍ମ-ଅଧରଟି ଚୁପିଲା...ଚପା-ଅଙ୍ଗୁରି-କଣ୍ଠରେ ରସରସିଆ ପଦେ ଅଧେ ଗାଇଲା...ଶେଷକୁ ଖବ୍‌ସୁରତ୍ ବଜାର ପ୍ରଲୋଭନ ଦେଖାଇ, ବରଖା ଛୁଇଁ କସମ୍ ଖାଇଲା...ଯାମିନ୍ ସ୍ୱରୂପ ବରଖାଟି ବ ଦେବର ଆଡ଼କୁ ଫିଙ୍ଗିଦେଲା...ରହମ୍ ତାହା ଟେକିନେଲା...ବୁଭୁକ୍ଷୁ ବକ୍ଷରେ ଚୁପି ଅଘ୍ରାଣ କଲା...ଘ୍ରାଣ-କ୍ଷିପ୍ର-ଶ୍ୱାନ ପରି କ୍ଷିପ୍ର ହୋଇଉଠିଲା...ଯଥା-ନିର୍ଦ୍ଦେଶ ପଥରେ କ୍ଷଣକେ ଅନ୍ତର୍ହିତ ହୋଇଗଲା...ମଇନାବିବି ବିଜୟିନୀ ଉଲ୍ଲାସରେ ପ୍ରତୀକ୍ଷ-ମାନା ରହିଲା...ଯେତେ ସମୟ ବିତିଲା, ବିବିର ଉତ୍କଣ୍ଠା ବଢ଼ିଲା... ଦାଣ୍ଡ-ବାହାର ହେବାକୁ ଲାଗିଲା...ଶେଷକୁ ରହମ୍ ଫେରିଲା... ଧଇଁସଇଁ ହୋଇ ଯେଉଁ ଖବର ଦେଲା, ତାହା ଭୟାବହ... ଅବ୍‌ଦୁଲ ଖୁନ୍ !

"ଖୁ—ନ୍—"

ବୋଲି, ପଦେ ଉଚ୍ଚାରଣ କରିବାକୁ ଯାଇ ମଇନାବିବି ବାକ୍‌ରୋଧ ଅନୁଭବ କଲା...କାଠୁକାଳ ଚକାଇ ରହିଲା ଶୂନ୍ୟକୁ ଶୂନ୍ୟଦୃଷ୍ଟିରେ ।

ଯେତେବେଳେ ବାକ୍‌ଶକ୍ତି ଫେରି ପାଇଲା, ଆଉ ରହମ୍ ଅସଲଗ୍ନ ଭାଷାରେ ଚୋକ ଚପି ଚପି ଅଭିଯାନର ସଂକ୍ଷିପ୍ତ ବିବରଣୀ ଦାଖଲ କଲା, ସେତେବେଳେ ମଇନାବିବି ଏହିକଥା ସାର୍ କରିନେଲା ଯେ, ବାର୍ଦ୍ଧକ୍ୟ ବିରହ ବିଚରା ଭୀତତ୍ରସ୍ତ, ଭ୍ରାତୃ-ବିୟୋଗରେ ମୁହ୍ୟମାନ—ଅନ୍ୟପକ୍ଷେ ତା'ର ସ୍ୱାମୀ ନିର୍ଦ୍ଦୋଷ, ପ୍ରହରୀ-ରକ୍ଷିତ ଥିଲାବେଳେ ହୋଇଚି ସହୀଦ୍ !... ଏକଦିଗରେ ସ୍ୱାମୀ-ଶୋକ ତା'କୁ କଲା ଅଭିଭୂତ, ଅନ୍ୟ ଦିଗରେ ସ୍ୱାମୀ-ହନ୍ତା ପ୍ରତି ଅଟକାଶରେ ସେ ହେଲା ଉଦ୍‌ବୁଦ୍ଧ ।

Digitized by PPRACHIN, SOA

ପ୍ରବଳ ଅଶ୍ରୁ-ବର୍ଷଣ କ୍ଷାନ୍ତ ହେବା ପରେ ପରେ ପ୍ରତିହିଂସା-ବହ୍ନି ହେଲା ପ୍ରଜ୍ୱଳିତ । ବଜାତୀୟ ଉନ୍ମାଦନାରେ ସେ ପିଞ୍ଜରାବଦ୍ଧ ମେଠ୍-ହର୍ ବ୍ୟାଘ୍ରିଣୀ ପରି, ଘର ଗୋଟାକ ଆମୂଳ ଝାମୂଳ ରନ୍ଥାଳି ପକାଉଥିଲା ।

ବର୍ତ୍ତମାନ ସେ ନିଶ୍ଚଳ, ନିଥର, ସଜ୍ଞାହୀନା···ଆଲୁଳାୟିତ-କେଶ-ବାସା···ଖଟିଆ ଉପରେ ଉନ୍ମୁଖ ହୋଇ ଶଯ୍ୟା-ଶାୟିତା··· 'ବରଖା'ଟା ଗଲା କୁଆଡ଼େ ?···ଲଜ୍ଜାନିବାରଣୀ ବରଖା ଖୋଜି ନ ପାଇ, ବରଖାର ଅନୁସଙ୍ଗିନୀ କଳା ଓଢ଼ଣୀଟାକୁ ପାଇ, ସେଇଥିରେ ତା'ର ଆପାଦ-ଗ୍ରୀବା ଢାଙ୍କି ଦେଇଛୁ କେଉଁ ସଂବେଦନଶୀଳା ପ୍ରତିବେଶିନୀ । ଓଢ଼ଣୀର ତାକତ୍ କେତେ, ତାହା ପୀନୋନ୍ନତ ବକ୍ଷର ବିକ୍ଷୋଭ-ଜନିତ ଉତ୍ଥାନ-ପତନଶୀଳତା ଲୋକଲୋଚନରୁ ଅଦୃଶ୍ୟ ରଖିବ···।

"ଅମ୍ମା···ଅମ୍ମା···"

ବୋଲି, କାନ୍ଦି କାନ୍ଦି, ପରିମଳଟା ଅବସନ୍ନ ଦେହରେ ଅମ୍ମା ଉପରେ ଢଳି ପଡ଼ିଛି ।

ସମାଧି-ସ୍ତବ୍ଧତା···ହିଁ ହିଁ ସ୍ୱନ···ଥାଇ ଥାଇ ଦୂରୁ ଭାସି ଆସୁଥିଲା ଶିଆଳ-କୁକ୍କୁରର ଆରବ ।

× × × ×

ଏହି ବହ୍ନିଶିଖାମୟୀ ରଜନୀର ଶେଷ-ଯାମରେ ଗୋଟାଏ କୁକ୍କୁରର ଅତି ନିକଟରେ ବିକଟ ଓ ଅସ୍ୱାଭାବିକ କ୍ରନ୍ଦନ ଧ୍ୱନି ଶୁଣି, କେଉଁ ଅଶୁଭ-ଲକ୍ଷଣ ମଣି, ମଦାର ଶଶବ୍ୟସ୍ତେ ନିଦ୍ରାସ୍ୱମାନ ସ୍ୱାମୀ-ସନ୍ନିଧା... ...ରେ ଆସିଲା ଓ ମିଞ୍ଜି ମିଞ୍ଜି ହୋଇ ଜଳୁଥିବା

Digitized by PPRACHIN, SOA

ଲଣ୍ଠନଟି ଡେଡେଜେଇବାକୁ ଲାଗିଲା।...ତୈଳାଭାବରୁ ରକ୍ତ-ବତୀ ଜଳି ପୋଡ଼ି ପୋଡ଼ିଯାଉଥିଲା।...ମନ୍ଦାରର ବିରକ୍ତି ସେତେବେଳେ ସୀମା ଅତିକ୍ରମ କରି ତାକୁ ଆରକ୍ତ-ମନ୍ଦାରରେ ପରିଣତ କରିଥିଲା, ତାହା ବତୀର କ୍ଷୀଣ ଆଲୋକ-ପାତରେ ବେଶ ପ୍ରତୀୟମାନ ହେଉଥିଲା।

ଦିବାକର ନିଦ-ବାଉଳାରେ କରି ଲେଉଟାଇ, ପ୍ରାଣ-ସଙ୍ଗିନୀକୁ ଆଲିଙ୍ଗନ କରିବାକୁ ଗଲା, ନ ପାଇ, ବିକଳ-କଣ୍ଠରେ ଡାକିଲା—

"କୁଆଡ଼େ ଗଲ ମ ?"

ମନ୍ଦାର ବତୀଟାକୁ ନିର୍ବେଦାତିଶଯ୍ୟ ଓ କ୍ରୋଧରେ ଲିଭାଇ ଦେଲା, ଶଯ୍ୟା ନିକଟକୁ ଧାଇଁ ଆସିଲା, ଦୃଢ଼-କଣ୍ଠରେ କହିଲା—

"ତୁମେ କାଲି ଘରେ ବିଜୁଳି-ବତୀ ଖଞ୍ଜିବାର ବ୍ୟବସ୍ଥା କର ତ।"

ଦିବାକର ଗୋଟାଏ ଧଡ଼ସରେ ଉଠି ବସିଲା, ବିଶ୍ୱାସ କରି ନ ପାରି ପଚାରିଲା—

"କ'ଣ କହିଲ ତୁମେ ?"

"ଘରେ ବିଜୁଳି-ବତୀ ଖଞ୍ଜିବା କଥା"

"ବେଶ୍, ଅନାମର ଗୋଡ଼ ଭାଙ୍ଗି ଯାଇଛି, ସେ ଯଦି ବିଛଣାରୁ ନ ଉଠେ, ମୁଁ ନିଜେ କାଲି ତା'ର ମିସ୍ତ୍ରୀ-କାମ ତୁଲାଇବି,—ଏ' ଅନ୍ଧାର-ଘରକୁ ବିଜଳି ଆଲୁଅରେ ଭରିଦେବି।"

ଏତିକିବେଳେ ଘର-ବାହାରେ ଲୋକ-ଗହଳିର ସନ୍ତର୍ପଣ-ଶବ୍ଦ ଶୁଣାଗଲା।...ମନ୍ଦାର ସଚକିତେ କହିଲା—

"ଶୁଣିଛ—ବାହାରେ କି ଗୋଟାଏ ଗହଳ-ଚହଳ...।"

"କାହିଁ ?"

Digitized by PPRACHIN, SOA

"ମୋ'ର ମତିଭ୍ରମ·· ସତେ ଆଜ ରାତିଟା କେମିତି ଖାଇ ଖାଇ ଗୋଡ଼ଉଚି···କହିଲ, ସୁନ୍ଦରୀ-ଅପାକୁ ତୁମେ କେଉଁ ଅକଲରେ ଏକୁଟିଆ ଛାଡ଼ି ଆସିଲ ଭଲା ?···ସ୍ୱାମୀ ନାହିଁ, ଆଲୁଅ-ଘରେ ସେ ଅନ୍ଧାର ଦେଖୁଥିବ ସିନା···"

"ତା'ହେଲେ, କାଲି ତୁମେ ଅପାକୁ ତୁମର ନିମନ୍ତଣ କରୁଛ ? ମୋ'ର ଭୁଲ ସୁଧାରୁଛ ?"

"ଖାଲି ସ୍ୱାମୀର ଭୁଲ ସୁଧାରିବି ନାହିଁ, ତା'ର ସ୍ୱାମୀ-ଘରକୁ ନ ଫେରିବା ଯାକେ, ସେ ମୋ'ର ପାଖରେ ରହିବ ଭଲରେ, ସେଇ କଥା କରିବି ।"

"ମନ୍ଦାର !"

'ହଁ ଗୋ, ମୁଁ ତୁମର ସେହି ମନ୍ଦାର"

ବୋଲି, ମନ୍ଦାର ସ୍ୱାମୀର ବୁକୁରେ ନିବାଡ଼ିତ ଗଣ୍ଡ-ସ୍ପର୍ଶକଲା ।

ଐକାନ୍ତିକ ଆନନ୍ଦର କି ଯେ ସଜଳ ଧାର ଗଡ଼ିଗଲା ଦୁହିଙ୍କ ଗଣ୍ଡଦେଶ ପ୍ଳାବିତ କରି, ତାହା ଗବାକ୍ଷର ଫାଙ୍କବାଟେ ମଳୟ-ଜହ୍ନର ଯେତିକି ରଶ୍ମି ପ୍ରବେଶ କରିଥିଲା, ସେଇଥିରେ ଝଲସି, ପରିଷ୍କାର ଦେଖାଗଲା ।

———

ଘୋଳ

ଜୟନାରାୟଣର ଗୃହ ପୁଲିସର ଡିପୁ ପାଲଟି ଯାଇଛି— ଷ୍ଟେଠୁଁ ବଡ଼ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ଉପସ୍ଥିତ, କାର୍ଯ୍ୟବ୍ୟସ୍ତ— ରାତିର ଜୋର୍ କମିବା ସଙ୍ଗେ ସଙ୍ଗେ ତଦନ୍ତର ଜୋର୍‌ସୋର୍ ବଢ଼ି ଚାଲିଛି । ଆଜିର ଘଟଣା ସଙ୍ଗେ ଯେଉଁମାନେ ସଂପୃକ୍ତ— ଆସାମୀ ହିସାବରେ ହେଉ ବା ସାକ୍ଷୀ ହିସାବରେ ହେଉ— ପୁଲିସ ସେମାନଙ୍କୁ ହାଜର କରାଇଛି ।···କେବଳ ଦିବାକରକୁ ଅଣାଯାଇ ନାହିଁ, ହେଲେ ସର୍ଜନର ନେତୃତ୍ୱରେ ଗୋଟିଏ ପୁଲିସ୍ ଫଉଜ୍‌ଦ୍ୱାରା ତା'ର ଘର ଘେରାଉ କରିବାର ବନ୍ଦୋବସ୍ତ ସରିଛି ।— ସୁନ୍ଦରୀର ତଲ୍ଲାସ ସକାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ତେବେ ତା'ର ସନ୍ଧାନରେ ଥାନାକୁ ଥାନା ଫୋନ୍‌କରି ଦିଆହୋଇଛି ଓ ଷ୍ଟେସନ-ପୁଲିସକୁ ମଧ୍ୟ ସତର୍କ କରି ଦିଆଯାଇଛି । ମଇନାବିବି ତ ବର୍ତ୍ତମାନ୍ ସଂଜ୍ଞାହୀନା, ଚେତା ଫେରିଲେ ଖବର ଦେବାକୁ ଗାର୍ଡ଼ ମୋତାଏନ୍ କରାହୋଇଛି ।

ପ୍ରାଥମିକ ତଦନ୍ତ ଆରମ୍ଭ ହେଲା ମୁନ୍‌ସଫ୍‌ବାବୁ ଓ ଡାକ୍ତରବାବୁ ସେଠାରେ ଆସି ପହଁଚିବା ସାଥି ସାଥି ।···

Digitized by PPRACHIN, SOA

ଦୁଇଜଣଯାକ ସରକାରୀ ଓ ମାତବର କର୍ମଚାରୀ—ତନ୍ମଧ୍ୟରେ ମୁନ୍‌ସଫ୍‌ବାବୁ ଖୁନ୍ ବ୍ୟାପାରର ପ୍ରଥମ ଅବସ୍ଥାରେ, ଆଉ ଡାକ୍ତରବାବୁ ଚିକିତ୍ସା କରିଛନ୍ତି ସନ୍ଦେହ ଭାଜନ ଅନାମକୁ—ସୁତରାଂ ଏହି ଦୁଇଜଣଙ୍କ ସାକ୍ଷାତରେ ଉଦ୍‌ବୋଧନାନୁଷ୍ଠାନ ବାଞ୍ଛନୀୟ ବୋଲି ତଦନ୍ତକାରୀ ଇନ୍‌ସପେକ୍ଟରବାବୁ ଅପେକ୍ଷମାନ ଥିଲେ ।

ସର୍ ଜମିନ୍ ତଦାରଖ ସର୍ବାଦୌ ତନ୍ନତନ୍ନ କରି କରାହେଲା । …କେତେଗୁଡ଼ିଏ ନିଦର୍ଶନ-ସାମଗ୍ରୀ ଇନ୍‌ସ୍‌ପେକ୍ଟର ବାବୁ ବାଛି ବାଛି ହସ୍ତଗତ କଲେ—ସେଥିଭିତରେ ଦିବାକରର ସେହି ସଚିତ୍ର ପ୍ରତ୍ୟାଖ୍ୟାନ-କାର୍ଡ଼ଟି ଥିଲା ଅନ୍ୟତମ ଓ ମୂଲ୍ୟବାନ୍ । …ଦିବାକରର ଚିତ୍ରଟି ଚିହ୍ନିବାକୁ ତେତେ ବେଗ ପାଇବାକୁ ହୋଇ ନଥିଲା, ସଙ୍ଗୀନଟି ଯେ ମନ୍ଦାର, ତାହା ଚିହ୍ନଟ କରିଥିଲା ଅନାମ । …'ମଃ-ଦିଃ' ଯେ ଦୁହିଙ୍କର ନାମ-ସଙ୍କେତ ଏ'କଥା ତାଙ୍କର ସାଙ୍କେତିକ ଭାଷା-ଜ୍ଞାନ ସହଜରେ ଧରାଇ ଦେଇଥିଲା ।…କିନ୍ତୁ ସ୍ଥାନ କାଳ ପାତ୍ର ସଙ୍ଗେ ଏହାର ସଙ୍ଗତି-ବିଷୟକ ତଥ୍ୟ ତାଙ୍କର ପ୍ରମାଣାନୁସନ୍ଧାନୀ ତୀକ୍ଷ୍ଣ ବୁଦ୍ଧି ଆଦୌ ଯୋଗାଇ ପାରୁ ନଥିଲା । …ଯାହାହେଉ, ଦିବାକର ଯେ ଏ'ଠାରେ ଉପସ୍ଥିତ ଥିଲା, ବସ୍ତୁଟି ତାହାର ବିଶୁଦ୍ଧ ପ୍ରମାଣ, ଏଥିରେ ନିଶ୍ଚିନ୍ତ ଥାଇ, ଅନ୍ୟ ଚିନ୍ତାକୁ ଖୋଦ୍ ଅସାମୀ (?)ର ଜବାନ୍‌ବନ୍ଦୀ ପରେ ଗବେଷଣା-ସାପେକ୍ଷ ହିସାବରେ ବର୍ତ୍ତମାନ ପାଇଁ ବର୍ଜନ କରିଥିଲେ ।

ଏହାର ପରବର୍ତ୍ତୀ ମୂଲ୍ୟ ଦେଇଥିଲେ ଗୋଟିଏ ଫଟୋକୁ । … ଫଟୋଟି ଗୋଟିଏ ପଞ୍ଜାବୀ ଯୁବକର ।…ଯେଉଁ ବିଲ୍‌କୁସାବାଲା ଷ୍ଟେସନ୍-ଯାତ୍ରୀ ଜଣେ ପଞ୍ଜାବୀର ବାହକ ଥିଲା ବୋଲି କହୁଥିଲା, ତାହାକୁ ଏହା ପ୍ରଦର୍ଶିତ ହେଲା—ସେ ନିରଖି-ନାରିଖି ଦେଖି 'ହଁ, ହୁଜୁର୍'

Digitized by PPRACHIN, SOA

ବୋଲି ସନାକ୍ତ କଲ···ଇନ୍‌ସ୍‌ପେକ୍ଟର ବାବୁ ତତ୍‌କ୍ଷଣାତ୍ ତ୍ରିକୋଣୀ-ରୋମାନ୍‌ସ (triangular love)ର ଅର୍ଡ଼ର୍ କରିଦେଲେ ଓ ସଙ୍ଗେ ସଙ୍ଗେ ପୁଲିସ୍-ଗାଡ଼ୀର ବେତାର-ସମ୍ବାଦ-ବାର୍ତ୍ତାକୁ ଉଦ୍ଧାର, ଯଥା-ନିର୍ଦ୍ଦେଶ ଜଣାଇଦେଇ ଦେଲେ ଷ୍ଟେସନ-ପୁଲିଶ୍‌କୁ; ତା'ପର ମୁନ୍‌ସଫ୍‌ବାବୁଙ୍କ ଅଡ଼କୁ ବଙ୍କିମ ଦୃଷ୍ଟିରେ ଅନାଇ, ବ୍ୟଙ୍ଗ-ଭରା କଣ୍ଠରେ କହିଲେ—

"ଏ'ଘରେ ତ ବ୍ରଥେଲର ଅନୁଷ୍ଠାନ ଦେଖୁଚି ।"

ମୁନ୍‌ସଫ୍‌ବାବୁ ରଙ୍ଗ-ତାସ ଉପରେ ଟିକ୍‌କା ଚଢ଼ାଇଲାଭଳି, ଦୃଢ଼-କଣ୍ଠରେ କହିଲେ—

"ଫଟୋର ଓଲଟା ପିଠିଟା ଥରେ ଟାଣି ଦେଖନ୍ତୁ—କାହାର ସ୍ୱାକ୍ଷର ରହିଛି ସେଇଠାରେ ।"

"ଏଁ, ଏ ଯେ ମ୍ୟାଜିଷ୍ଟ୍ରେଟ୍ ସାହେବଙ୍କର ହସ୍ତାକ୍ଷର !···ତେବେ କ'ଣ ଭଦ୍ରଲୋକଟି ମ୍ୟାଜିଷ୍ଟ୍ରେଟ ସାହେବଙ୍କର ବନ୍ଧୁ ?"

"ବାନ୍ଧବୀ"

"ମିଲ୍ସ୍···"

"ସୁନ୍ଦରୀ ସ୍ୱୟଂ"

ବୋଲି, ମୁନ୍‌ସଫ୍‌ବାବୁ ହସି ହସି ଫ୍ୟାନ୍‌ସି-ଫେୟାରର ବିଷୟ ଉଲ୍ଲେଖ କଲେ ।

ଇନ୍‌ସପେକ୍ଟର ବାବୁଙ୍କର ସୃଷ୍ଟି-ଶୀଳ ମନ ଏଥି ମଧ୍ୟରେ ଯେମିତି ଗୋଟାଏ ଅସନ୍ଧ ଜଟିଳ ପରିସ୍ଥିତିରୁ ଉଦ୍ଧାର ପାଇଗଲା, ସେହି ଭାବରେ ଇନ୍‌ସପେକ୍ଟରବାବୁ ସୂତ୍ରଟିଏ ଛାଡ଼ିଲାପରି କହିଲେ—

"ତାହାହେଲେ, ସୁନ୍ଦରୀ ଛଦ୍ମବେଶୀ ପଞ୍ଜାବୀ, ଏଥିରେ ଦ୍ୱିରୁକ୍ତି ନାହିଁ ।···ସୁତରାଂ ଦିବାକର, ସୁନ୍ଦରୀ ଓ ଅବ୍‌ଦୁଲ ବ୍ୟତୀତ

Digitized by PPRACHIN, SOA

ଚତୁର୍ଥ ବ୍ୟକ୍ତି ଯେ ଏ’ଠାରେ କେହି ନ ଥିଲେ, ଏହା ନିଃସନ୍ଦେହ—
କେମିତ ?”

ଯେ ଯାହାର ଦାୟିତ୍ୱରେ ସଚେତନ ଥାଇ ଭାରପ୍ରାପ୍ତ ତଦନ୍ତ-
କାରୀଙ୍କର ମନ୍ତବ୍ୟକୁ ପ୍ରତିବାଦ ବା ସମର୍ଥନଦ୍ୱାରା ପ୍ରଭାବିତ
କଲେ ନାହିଁ ।

ତଦନ୍ତକାରୀ ଅଫିସର ମଧ୍ୟ ନିଜ ସିଦ୍ଧାନ୍ତରେ ଅବିଚଳ ଥାଇ
ଏଥର ଯେଉଁ ସଂଗୃହୀତ ନିଦର୍ଶନଟିଏ ଡାକ୍ତରବାବୁଙ୍କ ସମ୍ମୁଖରେ
ଧାରଣ କଲେ, ତାହା ବିଖଣ୍ଡିତ ବୋତଲର ଖଣ୍ଡେ ଲେବେଲ୍-ଯୁକ୍ତ
ଟୁକୁରା—ସେ କହିଲେ—

“ଡାକ୍ତରଖାନାର ଲେବେଲ ଦେଖୁଛି—ନିଶ୍ଚୟ ଏହି ମଦ-
ବୋତଲଟି ହରକାରୀଙ୍କ ହୋଇଥିବ ।”

“ନା”

“ତେବେ କ’ଣ ଆପଣଙ୍କ ଡାକ୍ତରରେ ଏଠାକୁ ସରବରାହ
କରାହୋଇଛି ?”

“ହଁ”

“ପ୍ରୋହିବିସନ୍ (Prohibiticn)—ଏ’ କଥା ଜାଣି...”

“ପ୍ରୋହିବିସନ୍‌ର ପ୍ରତିକ୍ରିୟା ଯେଉଁ ଚୋରା-କାରବାର
କରୁଛି, ତାହାହିଁ ଜାଣି ।”

“କ’ଣ ବନ୍ଦ ବୋଲି ?”

“ରୋଗୀ ବୋଲି”

“ମଦ ?”

“ଔଷଧ”

“ଦବାକରବାରୁ ରୋଗୀ ନୁହନ୍ତି”

Digitized by PPRACHIN, SOA

"ଡାକ୍ତର ଚଳିବ ରୋଗୀ—ପୁଲିସ୍ ଚଳିବ ଦାଗୀ ।"

ବୋଲି, କହିବା ସାଥି ସାଥି ଉଠିଗଲେ, ବୋତଲର ନିମ୍ନ-ଅଂଶଟି ଦେଖାଇଲେ, ସେଥିରେ ସାମାନ୍ୟ ତରଳାଂଶ ଥିଲା, ତାହା ଇନ୍ସପେକ୍ଟର ବାବୁଙ୍କ ନାକ ଅଗରେ ଧରିଲେ ଓ ପଚାରିଲେ—

"ଗନ୍ଧ ପାଉଛନ୍ତି ?"

"ନିଶ୍ଚୟ"

"କି ଗନ୍ଧ ?"

"ଏଲ୍‌କୋହଲ୍ (alcohal)"

"ଠିକ୍ ଏ ଓଠରେ ଲଗାନ୍ତୁ"

"ସିରପ୍ (syrup)"

ସାମାନ୍ୟ ବିରତି ପରେ, ଇନ୍ସପେକ୍ଟରବାବୁ ପଚାରିଲେ—

"କ୍ଷମା କରିବେ ଡାକ୍ତରବାବୁ, ମୁଁ ଯଦି ପଚାରେ…"

"କ'ଣ ?"

"କମାଣ୍ଡରବାବୁଙ୍କ ଘରେ ମହୋତ୍ସବର ବ୍ୟାପାର, ଅଥଚ ଆପଣଙ୍କୁ ଆମନ୍ତ୍ରଣ ହୋଇ ନାହିଁ, ଆଶ୍ଚର୍ଯ୍ୟ ।"

"ଅନୁଷ୍ଠାନଟି ବ୍ୟକ୍ତିଗତ ଭାବରେ ଦିବାକର ବାବୁଙ୍କ ଖାଇଁ ଆୟୋଜିତ, ଏହିକଥା ମୁଁ ଜାଣେ ।"

"କାରଣ ?"

"ଦିବାକର ବାବୁଙ୍କ ସୁପାରିଶରେ କମାଣ୍ଡର ବାବୁଙ୍କ ଦରମା ବଢ଼ିଥିଲା, ଏହି ବିଶ୍ୱାସ ହିଁ ଏକମାତ୍ର କାରଣ ।"

" 'ବିଶ୍ୱାସ' କହିବାର ଅର୍ଥ ?"

"କମାଣ୍ଡର ବାବୁ ରେଭିନ୍ୟୁ ତରଫରୁ ଏଲାଉଏନ୍ସ ପାଇବାର ଥିଲା, ସେହି ସମୟରେ ଦିବାକର ବାବୁ ମୋ'ଠେ ଆଉ ମୁନ୍‌ସଫ୍ ବାବୁଙ୍କ ଧରାଟେର କରିଥିଲେ ଦରମା-ବୃଦ୍ଧି ଦେଲା ।"

Digitized by PPRACHIN, SOA

"କାକ-ତାଳିବତ୍ ଘଟଣା ।"

"ଠିକ୍ ସେଇୟା ।"

"କମ୍ପାଉଣ୍ଡର ବାବୁଙ୍କ ପ୍ରତି ଦବାକର ବାବୁ ଏତେ ଦରଦୀ ହେବାର କାରଣ ?"

"ଦରଦୀ-ହୃଦୟର ସ୍ୱଭାବ"

"ତା'ନୁହେଁ, ସୁନ୍ଦରୀ-ସ୍ତ୍ରୀର ପ୍ରଭାବ ।"

ଇନ୍‌ସ୍ପେକ୍ଟର ବାବୁଙ୍କର ଏହି ଉକ୍ତିରେ ଡାକ୍ତର ବାବୁ ସାମାନ୍ୟ ଅନ୍ତୁଭବ ହୋଇଗଲେ । ଦବାକର ସଙ୍ଗେ ଆଜିର ସାକ୍ଷାତର ସେହି ନଗ୍ନ-ପ୍ରାୟ ବେଶ-ବାସର ଦୃଶ୍ୟ ଆଖି ଆଗରେ ଖେଳିଗଲା— ଚନ୍ଦ୍ରାମଣି-ପାଗଳ ବିଲ୍ୱମଙ୍ଗଳ ଉପମା ସ୍ମୃତିପଟରେ ପ୍ରତିଫଳିତ ହେଲା —ସେ ମନକୁ ମନ ଆଲୋଚନା କଲେ—

"ଗୋଟିଏ ରୋଗର ନିରାକରଣ ଅନ୍ୟ ରୋଗର କାରଣ ବେଳେ-ବେଳେ ହୋଇଥାଏ—ଦବାକରର କ'ଣ ସେହି ଦଶା ଘଟିଛି ?"

ଯାହାହେଉ, ପରିସ୍ଥିତି ପ୍ରତି ସଚେତ ହୋଇ ସେ ସପ୍ରତିଭ ଦୃଷ୍ଟିରେ ଇନ୍‌ସ୍ପେକ୍ଟର ବାବୁଙ୍କୁ ଚାହିଁଲେ ଓ ସହଜ କଣ୍ଠରେ ପଚାରିଲେ—

"ଆଉ କିଛି ପ୍ରଶ୍ନ ଅଛି ?"

"ଅଛି— ଆପଣ ତ ମୃତ-ବ୍ୟକ୍ତିର କ୍ଷତ-ସ୍ଥାନ ପରୀକ୍ଷା କରି ଦେଖିଛନ୍ତି—ଅସ୍ତ୍ର-ପ୍ରୟୋଗ ସମ୍ବନ୍ଧେ ଆପଣଙ୍କର କି ଧାରଣା ?"

"ମୋଟାମୁଟି ଏତିକି ଯେ, ଯେଉଁ ଅସ୍ତ୍ର ବ୍ୟବହୃତ ହୋଇଚି, ତାହା ସେହି ଚପର୍ (chopper) ଛଡ଼ା ଅନ୍ୟ କୌଣସି ଅସ୍ତ୍ର ନୁହେଁ—କ୍ଷତର ଗଭୀରତାରୁ ବେଶ୍ ପ୍ରମାଣିତ ହୁଏ ଯେ, ଅସ୍ତ୍ର-

Digitized by PPRACHIN, SOA

ପ୍ରୟୋଗକାରୀ ବଳିଷ୍ଠ ବ୍ୟକ୍ତି ଏବଂ ନିପୁଣ ହସ୍ତରେ ତାହା ସଂପାଦନ କରିଛନ୍ତି—ଗ୍ରୈଠ ଡାହାଣ ପଟେ ବସିଛନ୍ତି, ଏଇ ଛଡ଼ା ଦୁଇ ନୁହେଁ—ଆକ୍ରମଣ, ଆତତାୟୀ କରିଛନ୍ତି ଅତର୍କିତ ଭାବରେ ପଶ୍ଚାତ୍ ଦେଶରୁ—ଆଉ ହତ୍ୟାର ସମୟ, ବର୍ତ୍ତମାନ ସାଢ଼େ ଛଅ, ଗୋଟାଏ-ଦେଢ଼ଟା ମଧ୍ୟରେ ଅନୁମାନ ।"

"ବେଶ୍, ବର୍ତ୍ତମାନ ମୋର ଆଉ କୌଣସି ପ୍ରଶ୍ନ କରିବାର ନାହିଁ । ଧନ୍ୟବାଦ୍ ।"

"ଧନ୍ୟବାଦ ।"

ବୋଲି, ଉଭୟ ମୁନ୍‌ସଫ୍ ବାବୁ ଓ ଡାକ୍ତର ବାବୁ ଚାଲି ଯାଉଥିଲେ ଏବଂ ଇନ୍‌ସ୍ପେକ୍ଟର ବାବୁ ସେମାନଙ୍କୁ ଅନୁସରଣ କରୁଥିଲେ, ହଠାତ୍ ଇନ୍‌ସ୍ପେକ୍ଟର ବାବୁ ମୁନ୍‌ସଫ୍ ବାବୁଙ୍କୁ ସଂବୋଧନ କରି କହିଲେ—

"ସାର୍, ଗୋଟାଏ କଥା ଆପଣଙ୍କୁ ପଚାରିବା ନାହିଁ ।"

"କ'ଣ ?"

"ଆପଣ ଯେତେବେଳେ ଏ'ଠୁଁ ଡାକ୍ତରଖାନା ଅଡ଼େ ଗଲେ, ସେତେବେଳେ ବାଟରେ କାହାକୁ ଦେଖିଥିଲେ କି ?"

"ହଁ, ଜଣେ ବରଖା-ଧାରଣୀ ସ୍ତ୍ରୀ-ଲୋକକୁ ।"

"କେଉଁଠି ?"

"ଅବ୍‌ଦୁଲ୍ଲାର ଘର ନିକଟରେ—ସ୍ଥାନଟିର ପରିଚୟ ଅବଶ୍ୟ ମୋ'ର ଅର୍ଦ୍ଦଳି ଦେଇଥିଲା—ଅବ୍‌ଦୁଲ୍ଲାର ସ୍ତ୍ରୀ ଭାବି..."

"ଦୋସ୍‌ରା କୋଇ ନେହିଁ, ସାବ୍"

ବୋଲି, ରହିମ୍ ହଠାତ୍ ସର୍ବଶକ୍ତି ପ୍ରୟୋଗରେ ଏହିପରି ଚିତ୍‌କାର ଧ୍ୱନି କରି ଉଠିଲା ।

Digitized by PPRACHIN, SOA

"ଚୁପ୍ ରହୋ"

ବୋଲି, ଇନ୍‌ସ୍ପେକ୍ଟର ବାବୁ ଧ୍ୱନି ଉତ୍ଥିତ ହେଲା ମାତ୍ରେ ଧମକ ଦେଇଥିଲେ, କିନ୍ତୁ ରହିମ୍ ବ୍ରେକ୍‌କଷା ଗାଡ଼ୀ ଭଳି ଆଗରୁ ହୋଇଯାଇ ତା'ର ବକ୍ତବ୍ୟ ଶେଷ କରିଥିଲା । ସୁତରାଂ ସେ ଚୁପ୍ ମାତ୍ର ଆପଣା ମନକୁ ରହିଲା ।...ସେ କ'ଣ କହିଲା, ସେଥିକି ଭ୍ରୂକ୍ଷେପ ନ କରି, ତଦନ୍ତକାରୀ ଅଫିସର

"ତା'ପର"

ବୋଲି, ମୁନ୍‌ସଫ୍ ବାବୁଙ୍କ ଆଡ଼କୁ ସାଗ୍ରହ ଦୃଷ୍ଟିରେ ଅବଲୋକନ କଲେ ।

ମୁନ୍‌ସଫ୍ ବାବୁ ବକ୍ତବ୍ୟର ଛିନ୍ନସୂତ୍ର ଗ୍ରଥିତ କଲେ ପୂର୍ବୋକ୍ତର ଶେଷ ଅଂଶ ପୁନରାବୃତ୍ତି କରି, ଏବଂ ସେହି କ୍ରମଧରି କହିଗଲେ ଯଥା—

"...ଅବ୍‌ଦୁଲାର ସ୍ତ୍ରୀ ହବ, ମୁଁ ଗାଡ଼ୀ ଅଟକାଇଲି, ଓହ୍ଲାଇ ଯାଇ ଦୁଃସଂବାଦଟା ଦେବି ବୋଲି ସ୍ଥିର କଲି, କିନ୍ତୁ ପରମୁହୂର୍ତ୍ତରେ ପରିସ୍ଥିତିର ଗୁରୁତ୍ୱ ଓ ନିଜର ଦାୟିତ୍ୱ ଉପଲବ୍ଧି କରି, ଗନ୍ତବ୍ୟ-ପଥରେ ଗାଡ଼ୀ ପୂର୍ଣ୍ଣ-ବେଗରେ ଛୁଟାଇ ଦେଲି ।"

ଇନ୍‌ସ୍ପେକ୍ଟର ବାବୁ କିଭଳି ଏକ ସନ୍ଦିଗ୍ଧ ଦୃଷ୍ଟି ପ୍ରକ୍ଷେପ କଲେ ରହିମ୍ ଉପରେ, ରହିମ୍ ଚଞ୍ଚଳ ହୋଇ ଉଠିଥିଲେ ମଧ୍ୟ ଚଞ୍ଚଳତା ଆଦୌ ପ୍ରକାଶ କଲା ନାହିଁ, ବରଂ ଅପେକ୍ଷାକୃତ ଗୁରୁ-ଗମ୍ଭୀର ଜଣାଗଲା ।

ଏ'ଭଳି ଅନ୍ୟମନସ୍କତା ଅଶୋଭନୀୟ ଭାବି. ଇନ୍‌ସ୍ପେକ୍ଟର ବାବୁ ଟିକିଏ ଭୀତ ସଙ୍କୁଚିତ ହେଲେ । ସୁତରାଂ ହାକିମଙ୍କୁ ନିବେଦନ କଲାଭଳି ବିନୀତ କଣ୍ଠରେ କହିଲେ—.

Digitized by PPRACHIN, SOA

"ଧନ୍ୟବାଦ୍, ସାର୍···ବହୁତ୍ ସମୟ୍ ଡଟେନ୍ (detain) କଲି···ଶୁଭ-ରାତ୍ରୀ ।"

"ଶୁଭ-ରାତ୍ରୀ ।"

ବୋଲି, ଉଭୟ ମୁନ୍‌ସଫ୍ ବାବୁ ଓ ଡାକ୍ତର ବାବୁ ବିଦାୟ ଗ୍ରହଣ କଲେ ।

"ରହିମ୍ ।"

ବୋଲି, ଇନ୍‌ସ୍ପେକ୍ଟର ବାବୁ ଡାକିଲେ ।

"ହୁଜୁର୍ ।"

ବୋଲି, ରହିମ୍ ଠିଆ ହେଲା ।

"ସଚ୍ ବୋଲ୍, ତୁମ କାହାଁ ଥା ?"

"ଖୋଦାକା କସମ୍···ହାମ୍ ବାର୍ ବଜେକା ଅଗେ ଇହିଁସେ ଖାନା-ଉନା ଲେକେ ଗୟା···ଔର ଅବ୍‌ଦୁଲ୍ ଭିସ୍ତି ଇହିଁ ଅଜ୍ ରାତ୍‌କୋ ପହରାମେ ରହେଗା, ଏ' ଖବର ଭାବୀକୁ ଦିଆ···ଉସ୍‌କା-ବାଦ୍ ମେରା କୋଠରୀମେ ଯା'କେ ଶୋ'ପଡ଼ା···"

ଏହି ସମୟରେ ସହକାରୀ ସବ୍‌ଇନ୍‌ସ୍ପେକ୍ଟର ବାବୁ ଇନ୍‌ସ୍ପେକ୍ଟର ବାବୁଙ୍କ କାନେ କାନେ କ'ଣ କହିଲେ ।—ଇନ୍‌ସ୍ପେକ୍ଟରବାବୁ ଅନାମକୁ ଡକାଇ ପଚାରିଲେ—

"ରହିମ୍ ଘରେ ଥିଲା, ତୁମେ ଜାଣ ?"

"ହଁ, ସାର୍—ଚାଚୀ ହେଇସ୍ତା କହିଥିଲା"

"ରହିମ୍ ! ତେରା ଭାବୀ ହୋସ୍‌ମେ ଆନେକା ବାଦ୍, ଉସ୍‌କୁ ଲେକେ କଲ୍ ଥାନାମେ ହାଜିର ହୋ—ହାମ୍‌ରା ସାଥ୍ ମୁଲାକାତ୍ କରେ ।"

Digitized by PPRACHIN, SOA

"ଜି, ହୁଜୁର୍"

ବୋଲି, ରହମ୍ ଚାଲି ଯାଉଥିଲା ।...ସବ୍‌ଇନ୍‌ସ୍ପେକ୍ଟର ବାବୁ ଯେ କି ଷ୍ଟେଟ୍‌ମେଣ୍ଟ ସବୁ ରେକର୍ଡ଼ କରୁଥିଲେ, ଡାକିଲେ—

"ଶୁନୋ...ଇହାଁ ଦସ୍ତଖତ୍ କରୋ"

"ମେ ତୋ ଲିଖ୍‌ନେ ଜାନ୍‌ତା ନେହିଁ"

"ଟିପ୍ ବତ୍‌ଲାଓ"

ବୋଲି, ସଃ ଇଃ ବାବୁ ଜଣେ କନ୍‌ଷ୍ଟେବଲ୍‌ର ସାହାଯ୍ୟରେ ଜବାନବନ୍ଦ-କାଗଜର ଯଥା-ସ୍ଥାନରେ ରହମର ଟିପ-ଚିହ୍ନ ଗ୍ରହଣ କଲେ ।

ଟିପସହି ନେବା-କାଳୀନ ଇନ୍‌ସ୍ପେକ୍ଟରବାବୁ ଥରେ ଚେହେରା-ଆଡ଼ି ବୁଲାଇଗଲେ ରହମର ଆପାଦ ମସ୍ତକ ଅବୟବ ସାରା, ହଠାତ୍ ତାଙ୍କର ଦୃଷ୍ଟି କେନ୍ଦ୍ରୀଭୂତ ହେଲା ତା'ର ପେଶୀ-ଯୁକ୍ତ ବାହୁ, ଦୃଢ଼ ମଣିବନ୍ଧ ଓ ସବଳ ଅଙ୍ଗୁଳିସମନ୍ୱିତ ହସ୍ତ-ପଲ୍ଲବ ପ୍ରତି—ଏବଂ ସେ ସ୍ମରଣ କଲେ ଡାକ୍ତରବାବୁଙ୍କର ଅସ୍ତ୍ର-ପ୍ରୟୋଗ ସଂକ୍ରାନ୍ତ ବିବୃତିକୁ; ସନ୍ଦେହର ସ୍ପର୍ଶ ଅନୁଭବ କଲେ, କିନ୍ତୁ ଯୁକ୍ତିର ଜାଲ ତାଙ୍କୁ ଅନ୍ୟ ଆଡ଼କୁ ଟାଣି ନେଇଗଲା—ରହମ୍ ଅବ୍ୟାହତି ପାଇ ଚାଲିଗଲା ପରେ ପରେ ସେ ନିର୍ଦ୍ଦେଶ ଦେଲେ—

"ଅନାମର ସହି ନିଅ ତ"

ଅନାମକୁ ଡାକରା ପଡ଼ିଲା, ଅନାମ ଛୋଟା ଗୋଡ଼ରେ ଗୋଟିଏ ଲଠିକୁ ଅବଲମ୍ବନ କରି ଛୋଟେଇ ଛୋଟେଇ ଆସିଲା—ସ୍ୱଃ ଇଃ ବାବୁ ପଚାରିଲେ—

"ତୁମେତ ଲେଖାପଢ଼ା ଜାଣି...ବଢ଼ୁତଟା ପଢ଼ି, ସହିକର ।"

Digitized by PPRACHIN, SOA

. ଅନାମ ପଢ଼ିବାକୁ ଲଗିଲା, ସେହି ଅବକାଶରେ ଇନସ୍ପେକ୍ଟର ବାବୁ ତାହାର ଅଙ୍ଗ-ପ୍ରତ୍ୟଙ୍ଗ ବେଶ୍ ତନ୍ନ ତନ୍ନ ଭାବେ ତନାଖି ଦେଖିବାକୁ ଲଗିଲେ; ମନେ ମନେ ଆଲୋଚନା କରିବାକୁ ଲାଗିଲେ —ରହିମ୍‌ଠାରୁ ଯେତେ ବା ଉଣା କେଉଁଥିରେ ?—ଦେହର ଗଠନ ସେଭଳି ବଳିଷ୍ଠ ଦେଖା ନଗଲେ ମଧ୍ୟ, ହାତ ଦୁଇଟା ଯେ ଲୁହାର ଦଣ୍ଡାପରି ଆଉ ଅଗ୍ର-ଭାଗ ଷଣ୍ଢ଼ଆଙ୍ଗୀର ମୁଖପରି, ଏଥିରେ ସନ୍ଦେହ ନାହିଁ; ଅଧିକନ୍ତୁ ଯେତେ ଜଣେ ଯାନ୍ତ୍ରିକ, ହସ୍ତନୈପୁଣ୍ୟରେ ରହିମ୍‌କୁ ବଳିଯିବ, ଏହା ସ୍ୱାଭାବିକ; ରହିମ୍‌ର ବିରୁଦ୍ଧରେ ପ୍ରମାଣର ଅଭାବ, ଅନାମ-ବିରୁଦ୍ଧରେ ବହୁତ ପ୍ରମାଣର ସ୍ତୂପ; ରହିମ୍ ବା ଅପରାଧ କରିବାକୁ ଯିବ କାହିଁକି ? ଭ୍ରାତୃ-ବିରୋଧର ଅଭିଯୋଗ ଦୂରେ ଥାଉ, ବରଂ ରହିଚି ଭ୍ରାତୃ-ସହଯୋଗର ପ୍ରମାଣ—କି ଗୃହ, କି କର୍ମ-କ୍ଷେତ୍ର ସର୍ବତ୍ର···ଆଉ ଅନାମ ? ଦିବାକରର ବିଶ୍ୱସ୍ତ କର୍ମଚାରୀ ବା ଅନୁଚର ହିସାବରେ ପ୍ରଭୁର ସନ୍ତୁଷ୍ଟିସାଧନ ପାଇଁ ଏଠାକୁ ଖୋଜିବାକୁ ଆସି ହେଉ, ବା ପ୍ରେରିତ ହୋଇ ଆସି ହେଉ, ହତ୍ୟାନୁଷ୍ଠାନ କରିବାର ଯଥେଷ୍ଟ କାରଣ ରହିଚି; ସୁତରାଂ ସେ ଡାକ୍ତରଙ୍କ ଅଭିମତ ସଙ୍ଗେ ଅନାମକୁ ଖାପ ଖୁଆଇ ମନେ ମନେ ବେଶ୍ ଘିଅ-ଖେଚେଡ଼ି ଖାଇବାକୁ ଲଗିଲେ ।

ଅନାମ ପଢ଼ିସାରି ଦୁଇଟି ବିଷୟରେ ଆପତ୍ତି ଜଣାଇଲା ଯେ, ସେ ଏ ଘରକୁ ଆଦୌ ଆସିନାହିଁ, ଦ୍ୱିତୀୟରେ ଦିବାକର ବାବୁଙ୍କ ସଙ୍ଗେ ଆଜି ଦିନସାରା ଦେଖାସାକ୍ଷାତ୍ ହୋଇ ନାହିଁ ।···

ଏଥିର ଉତ୍ତରରେ ସ: ଇ: ବାବୁ କହିଲେ—

"ତୁମେ କିପରି ଏ' ଘରୁ ତରତର ହୋଇ ଫେରିଯିବା ବାଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇନାହିଁ, ଏହାର ସାକ୍ଷ୍ୟ-ପ୍ରମାଣ ଦେଇ ପାରିବ ?"

Digitized by PPRACHIN, SOA

ଅନାମ ରିକ୍‌ସାବାଲା ଦୁଇଜଣଙ୍କ ଆଡ଼କୁ ଅନାଇଲା—ସେମାନେ ନୀରବ ରହିଲେ ।

"ଦ୍ୱିତୀୟରେ, କହୁଚ ଦିବାକରବାବୁଙ୍କ ସଙ୍ଗେ ଦେଖା-ସାକ୍ଷାତ୍ ହୋଇନାହିଁ ଆଜି ଦିନସାରା—ଖୋଦ୍ ଦିବାକରବାବୁ ଏ'କଥା କହିଲେ ବି ଗ୍ରହଣୀୟ ନୁହେଁ ।"

"ବିଳମ୍ବ ହେଉଚି, ସବ୍‌ଇନ୍‌ସ୍ପେକ୍ଟର ବାବୁ"

ବୋଲି, ଇନ୍‌ସ୍ପେକ୍ଟର ବାବୁ ବିରକ୍ତିର ଭାବ ପ୍ରଦର୍ଶନ କଲେ ।

"ବେଶ୍, ଦିଅନ୍ତୁ କଲମ"

ବୋଲି, ଅନାମ ସଃ ଇଃ ବାବୁଙ୍କଠାରୁ କଲମ ଗ୍ରହଣ କଲେ ବାମ ହସ୍ତରେ ଓ ସେହି ହସ୍ତରେ ସହି କରିବାର ଉପକ୍ରମ କଲା ।

ଇନ୍‌ସ୍ପେକ୍ଟର ବାବୁ ଧମକ ଦେଇ କହିଲେ—

"କ'ଣ ଯ୍ୟାକି ହେଉଚି ?···ଡାହାଣ ହସ୍ତରେ ସହିକର !"

"ଡାହାଣ ହସ୍ତରେ କଲମ୍ ଧରିବାର ଶକ୍ତି ଥିଲେ ତ, ସାର୍ ?"

ବୋଲି, ଅନାମ ଡାହାଣ ହସ୍ତର ପୃଷ୍ଠା ମେଲାଇ ଦେଖାଇଲା,—ବୃଦ୍ଧାଙ୍ଗୁଷ୍ଠ ଅର୍ଦ୍ଧଭାଗ ଶୂନ୍ୟ (ଅପରେଶନ ଯୋଗୁଁ) ।

ଇନ୍‌ସ୍ପେକ୍ଟରବାବୁ ଏହାକୁ 'ବୃଦ୍ଧାଙ୍ଗୁଷ୍ଠ-ପ୍ରଦର୍ଶନ' ସ୍ୱରୂପ ଗ୍ରହଣ କଲେ ।···ଅମ୍ଳ-ବଦ୍ଧ-ପ୍ରକଳିତ ଲାଞ୍ଛନାର ଅବଶେଷ ରହିଲା ନାହିଁ—ମନର ସେହି ଗ୍ଳାନିକୁ ଉକୁଟାଇ ଠିକ୍ ସେତିକିବେଳେ 'ସତ୍ୟ'-ଘଣ୍ଟା ଠଂ ଠଂ କରି ଗୁଡ଼ିଏ ବାଜିଲା ।

"ଦିବାକର ବାବୁ···"

ବୋଲି,ଇନ୍‌ସ୍ପେକ୍ଟର ବାବୁ କର୍ତ୍ତବ୍ୟ-ବୋଧର ଫଟ-ଝାପଟାରେ

Digitized by PPRACHIN, SOA

ମନର ମଇଳା ଝାଡ଼ିଝୁଡ଼ି ପକାଇଲେ, ଆତ୍ମ-ଶକ୍ତିରେ ଭର୍ କରି ଚେୟାରରୁ ଉଠି ପଡ଼ିଲେ ଓ ଡେଣା-ସୁଲଭ-ସଞ୍ଚାଳିତ କର-ପୃଷ୍ଠ ଦୁଇଟିର ଗତି ବେଗରେ ଉଡ଼ିଗଲେ ପୋଲିଶ-ଭ୍ୟାନ୍ ଯେଉଁଠି ଠିଆ ହୋଇଥିଲା, ସେହିଠାକୁ ।

ସେ ଗାଡ଼ୀର ଦରଜା ଟାଣି, ଉଠିବେ, ଏତିକିବେଳେ ସଃଇଃ ବାବୁ ଧଇଁସଇଁ ହୋଇ ଧାଇଁଯାଇ ଡାକିଲେ—

"ସାର୍..."

ଇନ୍‌ସ୍ପେକ୍ଟର ବାବୁ ବିରକ୍ତ ହେଲେ ଓ ଭ୍ରୂ କୁଞ୍ଚିତ କରି ସଃଇଃ ବାବୁଙ୍କୁ ଚାହାଁଲେ । ସଃ ଇଃ ବାବୁ କହିଲେ—

"ଫଟୋଗ୍ରାଫର ଆସିଛି ।"

"ବେଶ୍, ଯେଉଁ ଫିଙ୍ଗର-ପ୍ରିଣ୍ଟ୍ ଓ ଫୁଟ୍-ପ୍ରିଣ୍ଟ୍ ଗୁଡ଼ିକ ମାର୍କ କରି ହୋଇଛି, ସେଗୁଡ଼ିକର ଫଟୋ ବିଶେଷ ଭାବରେ ନିଆ କରାଇବେ, ତା'ପରେ ଅନ୍ୟାନ୍ୟର ଯାହା ଆବଶ୍ୟକ ମନେ କରିବେ ।"

"ଆଜ୍ଞା"

ବୋଲି, ସଃ ଇଃ ବାବୁ ଚାଲି ଯାଉଥିଲେ......

"ହଁ...ଅନାମକୁ ଏହି ଭ୍ୟାନ୍‌କୁ ପଠାଇ ଦିଅନ୍ତୁ, ଅନ୍ୟାନ୍ୟ-ମାନଙ୍କୁ କାଲି ଦଶଟା ପରେ ଥାନାରେ ହାଜର ହେବାର ହୁକୁମ୍ ଦେଇ ବିଦାୟ କରିଦିଅନ୍ତୁ ।"

ସଃ ଇଃ ବାବୁ ଚାଲିଗଲେ । ଇଃ ବାବୁ ଗାଡ଼ୀର ଆଗ-ସାମ୍ନା-ସିଟ୍‌ରେ ଡ୍ରାଇଭର ପାଖରେ ବସିଲେ ।...ଡ୍ରାଇଭର ପ୍ରତୀକ୍ଷା କରି ରହିଲା ଅନାମର ଆଗମନକୁ ।...ଅନାମ ଆସି ବସିଲା । ତଦନ୍ତର ହୁକୁମ୍-ପ୍ରତୀକ୍ଷାରେ ଇଃ ବାବୁଙ୍କ ଅଡ଼କୁ

Digitized by PPRACHIN, SOA

ତକାଇଲା···ଇଃ ବାବୁ ଧ୍ୟାନମଗ୍ନ । ସେ କୌଣସି ପ୍ରକାର ବ୍ୟାଘାତ ନ ଜନ୍ମାଇ, ନିଜର କର୍ତ୍ତବ୍ୟ ପ୍ରତି ସଜାଗ ରହିଲା ।

ଇଃ ବାବୁ ଧ୍ୟାନ ମଗ୍ନ ଥାଇ ଭାବୁଥିଲେ, ଏହା ନୁହେଁ — ସେ ଧ୍ୟାନ ଦେଇ ଦେଖୁଥିଲେ ଗୋଟିଏ ଜାଗ୍ରତ ସ୍ୱପ୍ନର ବିରାମହୀନ ଚଳଚ୍ଚିତ୍ର—

ତାଙ୍କର, ଅର୍ଥାତ୍ ପୋଲିସର ରିପୋର୍ଟକୁ ଭିତ୍ତିକରି ଦଫାକର ଦୌରା ସୋପର୍ଦ୍ଦ ହୋଇଛନ୍ତି । ବର୍ତ୍ତମାନ ଦୌରା-ଜଜ୍-କୋର୍ଟରେ ବିଚାର ଚାଲିଛି···ତାରିଖ ପରେ ତାରିଖ ପଡ଼ିଲେ ମଧ୍ୟ ସମୟର ବ୍ୟବଧାନ ଜଣା ପଡ଼ୁନାହିଁ···ଆସାମୀ-ଡକ୍‌ରେ ଦଫାକର···ସେ ନିଜକୁ ନିର୍ଦ୍ଦୋଷ ବୋଲି ପ୍ଲି (plea) ନେଇଛନ୍ତି···ପ୍ରସିକ୍ୟୁସନ-ସାକ୍ଷୀ ତଲବ କରାଗଲା, ରହିମ୍ ଓ ଅନାମ ମଧ୍ୟ ସେହି ତାଲିକା-ଭୁକ୍ତ ଥିଲେ···'ହାଜର ହୋ, ହାଜରହୋ' ବୋଲି ଡକାଯାଉ ପଡ଼ିଲା···ଜଣେ, ଜଣେ କରି ପ୍ରତ୍ୟେକର ଜବାନ୍‌ବନ୍ଦ ନିଆଗଲା··· ଡିଫେନ୍‌ସକୁ ଜେରା କରିବାର ସୁଯୋଗ ଦିଆଗଲା, କିନ୍ତୁ ତାହା ସେ ଗ୍ରହଣ କଲାନାହିଁ···ବାକୀ ରହିଲେ ଫେରାର୍ — ସୁନ୍ଦରୀ, ପତି-ହୀନ ଜୟନାରାୟଣ ଓ ସଂଜ୍ଞା-ହୀନା—ମଇନାବିବି···ସେମାନଙ୍କୁ ହାଜର କରିବାର ସମର୍ଥ ଦିଆଗଲା···ଯଥେଷ୍ଟ ସମୟ ପରେ ଅତିରିକ୍ତ ସମୟ ମଧ୍ୟ ମଞ୍ଜୁର କରାଗଲା, ତଥାପି ସେମାନଙ୍କୁ ହାଜର କରାଇ ପାରିଲା ନାହିଁ ପୋଲିଶ···ସୁତରାଂ ସଫେଇ ସାକ୍ଷୀର ତଲବ୍ ପଡ଼ିଲା··· ପେଶ୍‌କାର ତାଲିକା ଦେଖାଇଲେ ହାକିମଙ୍କୁ, ସେଥିରେ ଉଲ୍ଲେଖ ଅଛି ସିରିଏଲ କ୍ରମେ, ଏକ ନମ୍ବର—ଶବ ଙ୍କବଳିତ ଗୋଟିଏ କାର୍ଡ଼୍, ଯାହା ହାକିମଙ୍କ ସମକ୍ଷରେ ପ୍ରସିକ୍ୟୁସନ୍ ଦ୍ୱାରା ଏକ୍‌ଜିବିଟ୍ ରୂପେ ପ୍ରଦର୍ଶିତ; ଦୁଇ ନମ୍ବର—ସୁନ୍ଦରୀ, ଯେ ଅଦ୍ୟାବଧି ନିରୁଦ୍ଦିଷ୍ଟା; ତିନି

Digitized by PPRACHIN, SOA

ନମ୍ବର—ମଇନା ବାବୁ, ଯେ ଏ ପର୍ଯ୍ୟନ୍ତ ଅସୁସ୍ଥ ଓ ବାକ୍‌ଶକ୍ତିହୀନା । ବାସ୍ତବିକ, ଏହି କାର୍ଡ଼ ସଂବନ୍ଧେ କୌତୁହଳୀ ହୋଇ ଡିଫେନ୍‌ସ କାଉନ୍‌ସେଲ ଅଡ଼କୁ ଅନାଇଲେ ; ଡିଫେନ୍‌ସ କାଉନ୍‌ସେଲ ଗାତ୍ରୋତ୍ଥାନ କରି ଆରମ୍ଭ କଲେ—

"ମିଲର୍ଡ଼ ! ଏହି କାର୍ଡ଼ଟି ମୋ'ର ପ୍ରଧାନ ସାକ୍ଷୀ ।"

"ବେଶ୍ ଆପଣଙ୍କର ବକ୍ତବ୍ୟ ମୁଁ ଶୁଣିବାକୁ ପ୍ରସ୍ତୁତ ।"

...ଡିଫେନ୍‌ସ କାଉନ୍‌ସେଲ ଥରେ ଇଙ୍ଗିତ-ପୂର୍ଣ୍ଣ ଦୃଷ୍ଟିରେ ପ୍ରସିକ୍ୟୁସନ୍ କାଉନ୍‌ସେଲ ଅଡ଼କୁ ଅନାଇଲେ ଓ ଆରମ୍ଭ କଲେ—

"ମୋ'ର ଲର୍ନେଡ଼୍ ବନ୍ଧୁ ଗୁଡ଼ାଏ ଅବାନ୍ତର ସାକ୍ଷୀ..."

ପ୍ରସିକ୍ୟୁସନ୍ ତତ୍‌କ୍ଷଣାତ୍ ଠିଆ ହୋଇ କହିଲେ—

" 'ଅବାନ୍ତର' ଶବ୍ଦଟି ଆଇ ଷ୍ଟ୍ରଙ୍ଗଲି ଅବ୍‌ଜେକ୍ଟ" ।

"...ବେଶ୍ ମୁଁ ଉଇଥ୍‌ଡ୍ର କରୁଛି...ଗୁଡ଼ାଏ ସାକ୍ଷୀ ହାଜର କରାଇ, ସେମାନଙ୍କର ଦୀର୍ଘ ଜବାନ୍‌ବନ୍ଦ ନେବା ଦ୍ୱାରା ଯେଉଁ ଦୀର୍ଘ ସମୟ ଅତିବାହିତ କଲେ ଓ ଗଳଦ୍‌ଘର୍ମ ପରିଶ୍ରମ କଲେ ତାହା ବୃଥା...ଏହି କାର୍ଡ଼ଟି, ଯେଉଁଥିରେ ରହିଛି ଗୋଟିଏ ଆଦର୍ଶ-ଦମ୍ପତିର ଛବି, ତାହା ରାମ-ସୀତା-ଭକ୍ତ ହନୁମାନ ପରି ବୁକୁରେ ଧାରଣକରି ଆସିଥିଲେ ଘଟଣା-ସ୍ଥଳକୁ, ଏବଂ ତାହା ସ୍ୱୀକୃତ-ବର୍ତ୍ତମାନ ମୋ'ର ପ୍ରଶ୍ନ—ଏହି କାର୍ଡ଼ଟିର ତାତ୍ପର୍ଯ୍ୟ ସଂବନ୍ଧେ ମୋ'ର ଲର୍ନେଡ଼୍ ବନ୍ଧୁ କୌଣସି ଆଲୋକପାତ କରିପାରିଛନ୍ତି କି ?... ମୁଁ ଉତ୍ତର ଦେବି, ତାହା ସେ କଳ୍ପନା କରି ପାରିବେ ନାହିଁ, କି କେହି ପାରିବେ ନାହିଁ, ଏକ୍‌ସେପ୍ଟ—ଯେ ଏହାର ଶିଳ୍ପୀ, ଯେ ଏହାର ମର୍ମୀ...ଅର୍ଥାତ୍ ଯେଉଁ ମାନବ-ଦେବତାକୁ ଅଙ୍କି ଏହି

Digitized by PPRACHIN, SOA

ଉକ୍ତରେ ଯୁ୍ପ-କାଷ୍ଠର ବଳପର ଅବଦ୍ଧ କରା ହୋଇଚି ।...ଦୁର୍ଭାଗ୍ୟବଶତଃ ସେହି ମହାଜନ ଆଜି ମୁଖ ଥାଇ ମୂକ, ମୁକ୍ତ-କଣ୍ଠରେ ହୃଦୟର ସତ୍ୟ ପ୍ରକାଶ କଲେ ମଧ୍ୟ ତାହା ଅଇନର ନଜରରେ ଓ ଅନରେବଲ୍ ଜୁରର୍‌ସଙ୍କ ନଜରରେ ହେବ ଅସିଦ୍ଧ ବା ଅଗ୍ରାହ୍ୟ ।...ତେବେ, ହଁ, ଏ'ବିଷୟରେ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବାର ଏକମାତ୍ର ସୂତ୍ର ଥିଲା ହୋଷ୍ଟ ଏଣ୍ଡ ହୋଷ୍ଟେସ୍...ଦୁର୍ଭାଗ୍ୟକୁ ସେମାନେ ବି ଅନୁପସ୍ଥିତ...ଆମର ସୁଦକ୍ଷ ପୋଲିସ୍ ଯେ ଏହାକୁ ସୌଭାଗ୍ୟ ମଣି..."

(I strongly object, I strongly object ବୋଲି ପ୍ରସିକ୍ୟୁସନ-କାଉନ୍‌ସେଲ ପାଟି ତୁଣ୍ଡ କରି ଉଠିଲେ...ଜଜ୍ ମଧ୍ୟ ଟେବୁଲରେ ହାତୁଡ଼ି ପିଟି ପ୍ଲିଜ୍ ବୋଲି କହିଲେ)

"...ସୁତରାଂ, ମିଲର୍ଡ । ହୋଷ୍ଟ ଏଣ୍ଡ ହୋଷ୍ଟେସ୍‌ଙ୍କ ସ୍ୱେଚ୍ଛାକ୍ରମେ ହେଉ,ବା ଅପାରଗତା ଯୋଗୁଁ ହେଉ ଯେତେବେଳେ ପ୍ରସିକ୍ୟୁସନ୍ ଉପସ୍ଥିତ କରାଇ ପାରିନାହିଁ, ସେତେବେଳେ ଏହି କାର୍ଡ଼ଟିର ଗୂଢ଼-ତଥ୍ୟ ପ୍ରତି ଧ୍ୟାନ ଦେବାକୁ ମହାମାନ୍ୟ ଜୁରର୍‌ସ ଓ ଇୟୋର୍ ଲର୍ଡ଼ସିପ୍‌ଙ୍କୁ ମୋ'ର ଐକାନ୍ତିକ ନିବେଦନ ।"

...'ମିଲଡ଼' ବୋଲି ପ୍ରସିକ୍ୟୁସନ୍ ତତ୍‌କ୍ଷଣାତ୍ ଲମ୍ଫ ଦେଇ ଉଠିଲେ ଓ ଡିଫେନ୍‌ସକୁ ଲକ୍ଷ୍ୟକରି କହିଲେ—

"ମାଇ ଲର୍ନେଡ଼୍ ଫ୍ରେଣ୍ଡ ମନେ ରଖିବା ଉଚିତ୍ ଯେ ଅପର୍‌ଚୁନିଟି ମେକ୍‌ସ୍ ଏ ମ୍ୟାନ ଥିଫ୍ (Opportunity makes a man thief)"

Digitized by PPRACHIN, SOA

···ଡିଫେନ୍‌ସ ହସି ହସି ଜବାବ ଦେଲେ—

"There you are—! ସୁତରାଂ·ସୁଯୋଗ ଗ୍ରେତକୁ ଅନ୍ଧର ଗ୍ରେତ ବନାଏ।···ତା'ର ନଜର ଅପଣଙ୍କର ପ୍ରଧାନ ସାକ୍ଷୀ ରହ୍ମନ୍ ···ରହ୍ମନ୍‌ର ପରିଚୟ—ସେ ଜଣେ କଁସାଇ, ପଶୁହତ୍ୟା ତା'ର ପେଶା ···ସେଦିନ ରାତିରେ ମଇନାବିବି ନାନା ପ୍ରଣୟ ପ୍ରୀତିର ଓ ସାଧିର ଇଙ୍ଗିତ ଦ୍ୱାରା ତା'କୁ ପ୍ରଲୁବ୍‌ଧ କରିଥିଲା, ତେବେ ସେ ଯାଇଥିଲା— ଏହା ରହମତ୍‌ର ବିବୃତିରୁ ସୁସ୍ପଷ୍ଟ···ଅତଏବ ସେ ଖବ୍‌ସୁରତ୍ ଭାବୀକୁ ଭାବୀପତ୍ନୀରୂପରେ, ବରଣକର ପଥର ପ୍ରତିବନ୍ଧକ ଦୂର କରିବ, ଭ୍ରାତାକୁ ହତ୍ୟାକରିବ ଏହା ଆଶ୍ଚର୍ଯ୍ୟ ନୁହେଁ, ସତ୍ୟ ଏବଂ ମୋର ଲର୍ନେଡ୍ ବନ୍ଧୁଙ୍କ ଉଦ୍ଧୃତ ପ୍ରାମାଣ୍ୟ-ବାକ୍ୟକୁ ହିଁ ସତ୍ୟ ପ୍ରମାଣ କରିବ ।"

···ପ୍ରସିକ୍ୟୁସନ ଉଠି କ'ଣ କହିବାକୁ ଯାଉଥିଲେ, ଜଜ୍ ବାଧାଦେଲେ—'No more',

ଏବଂ ଲିପିବଦ୍ଧ କରି ଏହି ଆଦେଶ ଶୁଣାଇ ଦେଲେ—

"କେସ୍ ତିନିଦିନ ମୁଲ୍‌ତବୀ ରଖାଗଲା—ଇତି ମଧ୍ୟରେ ପୋଲିସ୍ ହୋଷ୍ଟ, ହୋଷ୍ଟେସ୍ ଏବଂ ମଇନାବିବି କିମ୍ବା ତାଙ୍କର ଷ୍ଟେଟ୍‌ମେଣ୍ଟ (ଅପ୍ରସ୍ତୁତା ପକ୍ଷେ) କୋର୍ଟରେ ପ୍ରଡ୍ୟୁସ୍ କରିବେ, ନଚେତ୍ the law will take its own course."

କୋର୍ଟ ଭାଙ୍ଗିଲା···ସ୍ୱପ୍ନ ଭାଙ୍ଗିଲା···କିନ୍ତୁ ଆବେଶ ତୁଟିଲା ନାହିଁ···ସେହି ଆବେଶରେ ଥାଇ ଆବେଗ-ଭରା କଣ୍ଠରେ ଇନ୍‌ସ୍ପେକ୍ଟର ବାବୁ ଉଚ୍ଚାରଣ କଲେ—

"ହୋଷ୍ଟ ଏଣ୍ଡ ହୋଷ୍ଟେସ୍"

"ହୋଷ୍ଟେଲକୁ, ସାର ?"

Digitized by PPRACHIN, SOA

ବୋଲି, ଡ୍ରାଇଭର ପଗ୍ଭରିଲା ।
"ଷ୍ଟେସନକୁ, ସାର୍ ।"

ବୋଲି, ଇଂବାବୁଙ୍କର ଏ'ଭଳି ବଦ୍ରୂପାତ୍ମକ ଉକ୍ତ ଯେ ଅତ୍ମ-ବଦ୍ରୂପର ଅଭିବ୍ୟକ୍ତ, ତାହା ଡ୍ରାଇଭର ଆଦୌ ବୁଝି ପାରିଲା ନାହିଁ...ସେ ଏହାକୁ ହାକିମର ଦେହସ୍ପୃହା-ବ୍ୟଞ୍ଜୋକ୍ତ ମଣି, ନିର୍ବିକଳ୍ପ-ହସ୍ତରେ ଗାଡ଼ୀର ଅଟୋମେଟିକ୍ ଷ୍ଟାଟର୍ ପୁସ୍ କରିବାକୁ ଲାଗିଲା ।...

× × × ×

ତେଣେ ଷ୍ଟେସନ୍...ଆସାନ୍‌ସୋଲ୍ ଅଭିମୁଖୀ ଗାଡ଼ୀ ପ୍ଲାଟ୍-ଫର୍ମରେ ଠିଆ... ଇଞ୍ଜିନ୍‌ଡ୍ରାଇଭର ଷ୍ଟାର୍ଟ ଦେବାକୁ ଯାଇ, ତାହା ବନ୍ଦ କରୁଛି...ଡାଉନ୍ ଜନତା ହରିଦାସପୁର ପର୍ଯ୍ୟନ୍ତ ଯାଇ, ସେଠାରୁ ଅପ୍ ହୋଇ ଫେରୁଛି ..କଟକ ଷ୍ଟେସନରେ ଦୁଇଟି ଗାଡ଼ୀର ଭେଟ ହେବ ।...ହରିଦାସପୁର ଓ ଜେନାପୁର ମଧ୍ୟରେ ଅପ୍ରତ୍ୟାଶିତ ପ୍ଲାବନର ଫଳରେ ସଂଯୋଗ-ପଥ ବିଧ୍ବସ୍ତ ହୋଇ-ଥିବାରୁ ଜରୁରୀ ଅର୍ଡ଼ର ବଳରେ ମେଲ୍ ଓ ଏକ୍‌ସପ୍ରେସ୍ କ୍ୟାନ୍‌ସେଲ୍ କରି ଦିଆହୋଇଛି, ଆଉ ଅନ୍ୟାନ୍ୟ ଅର୍ଡ଼ିନାରି ଟ୍ରେନ୍ ଗୁଡ଼ିକର ଯାତାୟାତ ଏହି ଭାବରେ ନିୟନ୍ତ୍ରିତ କରାହୋଇଛି ଯେ, ଅପ୍ ଗୁଡ଼ିକ ଜେନାପୁର ପର୍ଯ୍ୟନ୍ତ ଓ ଡାଉନ୍‌ଗୁଡ଼ିକ ହରିଦାସପୁର ପର୍ଯ୍ୟନ୍ତ ଯିବ ।

ସେହି ଗାଡ଼ୀର ଟୋଟିଏ ସାଧାରଣ ଡବାରେ ସୁନ୍ଦରୀ ଆସୀନା ।...ବେଶ ବଦଳାଇଛି ।...ସାଙ୍ଗରେ ଆଣିଥିବା ଶାଢ଼ୀଟି ପିନ୍ଧିଛି ।...ଓଢ଼ଣୀ ଟାଣି ଦେଇଛି ।...ନୂଆ ଭୁଆସୁଣୀ ଭଳି ତାହା

Digitized by PPRACHIN, SOA

ସାମାନ୍ୟ ଅଢ଼େଇ, ସେହି ଫାଙ୍କରେ ପ୍ଲାଟ୍‌ଫର୍ମ ଅଡ଼କୁ ଜୁଳୁଜୁଳୁ କରି ଅନେଇ ଦେଉଚ ।···ପୁଲିଶ୍ କିମ୍ବା ଖାକୀ-ପିନ୍ଧା କାହାରିକୁ ଦେଖିଲାମାତ୍ରେ ଅବଗୁଣ୍ଠନ ସାତହାତ ଓହଳାଇ ଦେଉଚ ।···ତା'ର ସ୍ତିତ ଗତ ଦେଖି, କେହି କେହି ଆଧୁନିକ ଓ ଆଧୁନିକାମାନେ ଟିପା-ହସରେ ଟିପ୍‌ପଣୀ ଝାଡ଼ିବାକୁ ଛାଡ଼ୁ ନାହାନ୍ତି ।···ସୁନ୍ଦରୀ-ଙ୍କାନକୁ ଠାଏଁ ଠାଏଁ ବାଜୁଛି···ହେଲେ ଉପାୟ ନାହିଁ···ଶକୁପ୍ରଷର (connoisseur) କୋନାସର ବା ସନ୍ଧାନୀଦୃଷ୍ଟିକୁ ଏଡ଼ି, ମିଳଣକ୍ତର ହେଡ଼କ୍ୱାଟରରେ ମିଳଉହେବ, ଏଥିପାଇଁ (camouflage) କ୍ୟାମୋ-ଫ୍ଲାଜ୍‌ର ଆଶ୍ରୟ ନେବାକୁ ବାଧ ହୋଇଚ···ସେ ନିର୍ଭରଯୋଗ୍ୟ ସୂତ୍ରରୁ ଜାଣିଛି ଯେ, ଶିଳ୍ପୀର ହେଡ୍‌କ୍ୱାଟର ବର୍ତ୍ତମାନ ହରିଦାସ-ପୁରି ଷ୍ଟେସନ୍‌ଠାରେ ଅବସ୍ଥିତ ।···ସୁତରାଂ ତା'ର 'ଜବ୍' ନିଶ୍ଚୟ ସେହିଠାରେ !···

ଏତିକିବେଳେ ପ୍ଲାଟ୍‌ଫର୍ମରେ ଗୋଟିଏ କୌତୁକପୂର୍ଣ୍ଣ ଘଟଣା ଘଟିଗଲା ।···ଜଣେ ପଞ୍ଜାବୀ-ଯୁବକ ତରତର ହୋଇ ଆସୁଥିଲା···ଗୋଟିଏ ହାତରେ ସୁଟ୍‌କେସ୍ ଓହଳାଇଚି, ଅନ୍ୟ ହାତରେ ବେଢ଼ି ଯାଉଛି···ହଠାତ୍ କିଏ ଜଣେ ସୁନ୍ଦର ଆଡ଼ୁଆଳରୁ ତା'ଉପରକୁ ଡେଇଁ ପଡ଼ିଲା···ବେଙ୍କାଇଦାରେ ଥିବାରୁ ପଞ୍ଜାବୀଟି ଏଭଳି ଅତର୍କିତ ଆକ୍ରମଣର ପ୍ରତିକାର ନ କରିପାରି ଠିଆ ହୋଇଗଲା···ପର ମୁହୂର୍ତ୍ତରେ ତା'ର ଅପ୍ରତିଭ ଦୃଷ୍ଟିର ସମ୍ମୁଖୀନ ହୋଇ ପ୍ଲେନ-ଡ୍ରେସ୍-ପୋଲିସ୍ ଆଦେଶ କଲା—

"ମୁଛ, ଗାଲପଚ୍ଛା ନିକାଲୋ, ପଗଡ଼ି ଓତାରୋ···"

"ମୁଝେ କିଆ ସମ୍‌ଝା, ବାବୁଜି ?"

"ଔରତ···ଔରତ···"

Digitized by PPRACHIN, SOA

"ମେ ଅର୍ଡରର୍...।"

ବୋଲି, ପଞ୍ଜାବୀ ତା'ର ବୁକୁପଟା ଖୋଲି ଦେଖାଇଦେଲା ।

ସମସ୍ତେ ଆଶ୍ଚର୍ଯ୍ୟ ।...ସୁନ୍ଦରୀ କିନ୍ତୁ ହସ ସମ୍ଭାଳି ପାରିଲା ନାହିଁ...ପୋଲିସ୍ଟି ତା'ଆଡ଼କୁ କଟମଟ କରି ଚକାଇଲା...ସୁନ୍ଦରୀ ଅପ୍ରସ୍ତୁତ ହୋଇ ମୁହଁ ଅନ୍ୟଆଡ଼କୁ ବୁଲାଇ ନେଲା...ପଞ୍ଜାବୀ ଚାଲି ଯାଇଥିଲା...ଜଣେ ଶିକ୍ଷିତ ଲୋକ ପୋଲିସ୍କୁ ପଚାରିଲା—

"କ'ଣ ହୋଇଚି, ସିପେଇ ଭାଇ ?"

"କହନା, ଭାଇ...କିଏ ଜଣେ ସ୍ତ୍ରୀଲୋକ ପଞ୍ଜାବୀ-ପୁରୁଷ ସାଜି, ପଳାଇଛି...ତା'କୁ ଧରିବାପାଇଁ ଜୋର ହୁକୁମ୍...ଖୋଜି ଖୋଜି ନାକେଦମ୍ ହେଲୁଣି, ବାବୁ"

ଲୋକଟି ରସିକ, ସେ କହିଲା—

"ଆରେ ଭାଇ, ଆଜିକାଲି ସ୍ତ୍ରୀଲୋକ ପୁରୁଷ ନ ସାଜି ମଧ୍ୟ ପୁରୁଷ...ଆଉ ଯେଉଁ ଯଦି ପୁରୁଷ ସାଜିଥିବ, ତେବେ ବିଲ୍‌କୁଲ୍ ପୁରୁଷ ପାଲଟିଯାଇଥିବ, ସ୍ତ୍ରୀ-ଅଙ୍ଗ ଆଉ ନ ଥିବ,...ଭିତରର ପ୍ରକୃତି ସଙ୍ଗେ ବାହାରର ପ୍ରକୃତି ପରା ଆଜିକାଲି ବେଶ୍ ଖାପ ଖାଇ ଚାଲିଛି..."

ସେତିକିବେଳେ ଅପର ଟ୍ରେନ୍‌ଟି ଆସିବାର ଘଣ୍ଟି ପିଟିଲା ।... ପୋଲିସ ଓ ଲୋକଟି ଯେ ଯାହା-ବାଟରେ ଚାଲିଗଲେ...ସୁନ୍ଦରୀ ଥରେ ସେହି ଅଧିନାୟକ ଓ ଅଧିନାୟିକା ପ୍ରତି ଜୋଇନ୍ଦା-ଦୃଷ୍ଟିରେ ଲକ୍ଷ୍ୟକଲା—ଉକ୍ତ ମନ୍ତବ୍ୟର ମୁଗୁର ଯେମିତି ଚୋରର ମୁହଁଟାଣ-ପଣ ଏକାବେଳକେ ଭାଙ୍ଗି-ଚୁରି ପକାଇଛି ।

Digitized by PPRACHIN, SOA

ଯେଉଁ ଟ୍ରେନ୍‌ଟି ଆସୁଛି, ସେଥିର ଗୋଟିଏ ଡବାରେ ବସିଛି ଜୟନାରାୟଣ ।...ସେ ଫେରି ଆସୁଛି...ରିଲିଫ୍‌ରେ ନୁହେଁ...ବାଧ୍ୟ ହୋଇ...ଯେଉଁ ଅଞ୍ଚଳକୁ ରିଲିଫ୍ ଯୋଗାଇବାର କଥା, ତାହା ମେରୁନ୍‌ଡ୍ (marooned) ଅର୍ଥାତ୍ ସଂଯୋଗ-ବିଚ୍ଛିନ୍ନ... ଚତୁର୍ଦ୍ଦିଗବର ଜଳାର୍ଣ୍ଣବ...ଅନେକ କର୍ମୀ ମଧ୍ୟ ବିପନ୍ନଙ୍କ ସଙ୍ଗେ ସେଠାରେ ସମଦଶାପନ୍ନ...ଅନେକ ଚେଷ୍ଟା କରିଥିଲା ଜୟନାରାୟଣ ସେଠାକୁ ଯିବାକୁ, କିମ୍ବା ରିଲିଫ୍ ପହଞ୍ଚାଇବାକୁ, କିନ୍ତୁ ବ୍ୟର୍ଥ-କାମ ହେବାକୁ ପଡ଼ିଛି...ଆହୁରି ମଧ୍ୟ ବିପଦର ଅଟକଳ କରି ରିଲିଫ୍‌ର ଯେଉଁ ପରିମାଣ ମାଲମତ୍ତା ତା' ମାରଫତ୍ ପଠାହୋଇଥିଲା, ତାହା ସମୁଦ୍ରକୁ ଶଙ୍ଖେ ପାଣି କହିଲେ, ଚଳେ...ସେ ଫେରୁଛି...ଫେରିଲା ବାଟରେ ସେ ପ୍ରତ୍ୟକ୍ଷ-ଦ୍ରଷ୍ଟା ଓ ଅନୁଭବୀଙ୍କ ମୁହଁରୁ ଯାହା ଶୁଣିଛି ଓ ସ୍ୱଳ୍ପ ଅବକାଶ ମଧ୍ୟରେ ଯେତିକି ଟିକିଏ ସ୍ୱଚକ୍ଷୁରେ ଦର୍ଶନ କରିଛି ତା'ର ଗୋଟିଏ ସାମଗ୍ରିକ ଚିତ୍ର ସେ ମାନସପଟରେ ଅଙ୍କି ଚାଲିଛି ଧ୍ୟାନର ତୁଳି ସାହାଯ୍ୟରେ, ଏହିପରି—

"ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା ଓ ସାଳନ୍ଦୀ—ଏହି ଚତୁଃପ୍ରବାହିନୀର କବଳିତ ସ୍ଥଳ...ନିକୋଣୀ-ସୁଲଭ ଅଞ୍ଚଳ... ଉତ୍କଳ-ଜନନୀର ଶସ୍ୟ-ନିକେତନ—ଗନ୍ତାଘର କହିଲେ, ଅତ୍ୟୁକ୍ତି ହେବନାହିଁ...ଦିଗନ୍ତବିସ୍ତାରୀ ଶ୍ୟାମଳ କ୍ଷେତ୍ର...ଆସନ୍ନ କୃଷିର ସ୍ୱର୍ଣ୍ଣ-ସ୍ୱପ୍ନ ଦେଖେ କୃଷକ ତଥା ଅଧିବାସୀଗଣ ସୁଖ-ନିଦ୍ରିତ —ପ୍ରେମିକ-ପ୍ରେମିକା ମଧୁଶଯ୍ୟାରେ, ଜନନୀ-ସନ୍ତାନ ପରସ୍ପର ବାହୁ ବେଷ୍ଟନରେ, ଆଉ ଶ୍ରାନ୍ତ-କ୍ଳାନ୍ତ ପିତା ବିଶ୍ରାମର କ୍ଷଣିକ ଆରାମରେ—ଏତିକିବେଳେ ସମକାଳୀନ ସର୍ବପ୍ରବାହିନୀରେ ଅଚାନକ ଜଳସ୍ଫୀତି...ଅଭୂତପୂର୍ବ ବନ୍ୟା...ପ୍ଳାବିତ କରି ସ୍ଥଳଭାଗ ମିଶିବେ ତଟିନୀଚୟ,—ଏହିଭଳି ଆଭାସ...ଗ୍ରାମ-ରଙ୍କ ଘୁଡ଼ି,

Digitized by PPRACHIN, SOA

ପ୍ରବଳ-ପ୍ରବାହ ପଶିଲା ବସତ, ଭାଙ୍ଗିଲା କାନ୍ଥବାଡ଼, ଭରିଲା ଘର-ଦ୍ୱାର, ଭସାଇ ନେଲା ଗୃହ-ଛପର···ଅକୁଳ-ଆଶ୍ରୟୀ କେହୁ ଗୃହୀଲା ଧ୍ୱକୂଳ ଛାଡ଼ି ଦିଗନ୍ତର ପାରେ···କାହିଁ ଗର୍ଭିଣୀଟିଏ କଲା ଗର୍ଭ-ପାତ···କେଉଁଠି ଜନନୀ ହରାଇ ସଦ୍ୟ-ଜାତ ଶିଶୁ ଦେଲା ଝାସ ଜଳେ···ବନ୍ଧବାଡ଼ ଯେଉଁମାନେ ମଣିଥିଲେ ନିରାପଦ, ରହିଲେ ଅଭୁକ୍ତ···ବଟ-ବୃକ୍ଷ-ଶାଖାଶ୍ରୟୀ ଜଣେ ବାନ୍ଧ ନୀଡ଼ ସର୍ପ-ବ୍ୟାଘ୍ର ତୁଲେ, ଭଜିଲା ସଂକଟ···ଦୁଇଟି ଭୟମାନ ଦନ୍ତାବଳର ବିପୁଳ ସଙ୍ଘାତେ ଭାଙ୍ଗିଲା ରେଳର ପୋଲ···ଘାଇ ଫିଟି ଠାବେ ଠାବେ ରେଳ-ବନ୍ଧ ହୋଇଲା ବିକଳ···ଛିନ୍ନ ହେଲା ଯୋଗ-ସୂତ୍ର··· ଉପୁଡ଼ି ପଡ଼ନ୍ତେ ତାର-ସ୍ତମ୍ଭମାନ, ନ ରହିଲା ସମ୍ବାଦର ଆଦାନ-ପ୍ରଦାନ···ତୋଡ଼ର ଦାଉ, ଅତଡ଼ା ପଡ଼ୁଛି ଖସି···ସେହି ଗୃପେ ଠାଏ ବିଲ୍ୱ-ମୁଖୀ ଅଜଗରଟିଏ ମୃତ, ତା'ର ଦେହକୁ କୁଣ୍ଢାଇ ରହିଛି ନରର କଙ୍କାଳ ଏକ···ଅନତିଦୂରରେ ଦୁଇଟି ଶାର୍ଦ୍ଦୂଳର ଶବ ପଚି ଦୁର୍ଗନ୍ଧମୟ···ପ୍ରାଣ ଅତିଷ୍ଠ···ତଥାପି ବଞ୍ଚି-ବର୍ତ୍ତି ରହିଛନ୍ତି ଯେଉଁ-ମାନେ, ସେମାନଙ୍କ ପକ୍ଷେ ବଞ୍ଚିବା ନ ବଞ୍ଚିବା ସମାନ···ସମ୍ବତ୍ସରର ସଞ୍ଚିତ ରବି-ବସ୍ତା ଯାଉଛି ବତୁରି, ଧାନ-ଓଳିଅ ମାରୁଛି ଗଜା, ଗୃହ-ଘୁମ ବାସୁଛି ପାଣିପଶା···ଅଶନ ଥାଉ—ନାହିଁ ଅଗନ··· ବସନ ସେତିକି, ଯାହା ଅଙ୍ଗରେ ଜଡ଼ିତ···ଜଳାର୍ଣ୍ଣବ ଗୃହଦ୍ୱାରେ, ନାହିଁ ଜଳ ଟୋପେ ଯୋଗାଇବ ପାନୀୟ···ତେଲ ଲୁଣର ଜୀବନ-ବିକଳେ ତୁଚ୍ଛଙ୍କର ଜୀବନ, ହେଉଛନ୍ତି ପାରିପାର ଜନେ ଗୁଡ଼-ମାଠିଆ, କହେଇ, ପଦ୍ମକ୍ଷମ ଅଦର ସହଯୋଗେ ପ୍ରବଳ ସ୍ରୋତ ଯାହା ଖଣ୍ଡ-ଖଣ୍ଡ ଗ୍ରାମମଧ୍ୟେ ରଚିଛି ବ୍ୟବଧାନ···ସେହିଭାବେ ଗଲେ କେତେ ଯୋଗାଡ଼ୀ, ନ ଅସିଲେ ଆଉ ଫେରି—କେହି ମରୁଛି ସର୍ପର ଦଂଶନେ, କେହି ବା ଭସି ଯାଉଛି ଜଳର ଖରପ୍ରବାହେ—ଏଣେ,

Digitized by PPRACHIN, SOA

ଏ'ପାରେ ପଡ଼ିଲା ଭୁଲେଣି ପୋଷ୍ୟ ପରିବାର ମଧ୍ୟେ, ଉଠିଲା କନ୍ଦନର ରୋଳ, ଶେଷେ ବିରତି—ତହିଁ ଅନ୍ତେ ଜୀବନର ଦ୍ୱନ୍ଦ୍ୱ—ଗୁଲିଲା ଖାଦ୍ୟ ଛଡ଼ାଛଡ଼ି ଆପଣା ଆପଣା ମଧ୍ୟେ—ମାତା-ସନ୍ତାନ ମଧ୍ୟେ, ଭ୍ରାତା-ଭଗିନୀ ମଧ୍ୟେ, ସ୍ୱାମୀ-ସ୍ତ୍ରୀ ମଧ୍ୟେ—କେବଳ ମୁଠାଏ ଭୁଜା ବା ପୁଳାଏ ଜାଉ ଲାଗି, ଯଦି ମିଳିଲା ତାହା ରିଲିଫ-ଦୌଲତେ ପରିବାର ପିଣ୍ଡ—ଯାହା ନାଅଣ୍ଟେ ଜଣକୁ ।···ଖଣ୍ଡିଏ ଦାତବ୍ୟ-ବସନକୁ ନେଇ ଫାଡ଼ ଶତଜନ···ଏହିଠାରେ ନୁହେଁ ଦୁର୍ଗତିର ପରିଚ୍ଛେଦ···ଅସନା ମହାମାରୀର ପଦ-ଧ୍ୱନି ବହନ କରିଅଣିଛି ଝାଡ଼ା-ବାନ୍ତି, ଜ୍ୱର-ବସନ୍ତଙ୍କା ହାଁ ଭାଁ ସର୍ବନ, ଗୋଚର ନୟନେ ।।···"

"ରିଲିଫ୍···ରିଲିଫ୍···"

ବୋଲି, ଆତ୍ମଗୋପନ କରି ନପାରି ଜୟନାରାୟଣ ଏଥର ଚିତ୍କାର କରିଉଠିଲା ।

"ଆପଣ ଜଣେ ରିଲିଫ-ଓ୍ୱାର୍କର ?"

ବୋଲି, ଜଣେ ସହଯାତ୍ରୀ ପଚାରିଲା ।

"କହନ୍ତୁ ତ, କେମିତି ତା'କୁ ବଞ୍ଚାଇବି ?"

"କାହାକୁ, ମହାଶୟ ?"

"ଗୋଟିଏ ସ୍ତନ୍ୟ-ପାୟୀ ଶିଶୁକୁ ।"

"ମା ନାହିଁ ? ବଢ଼ିପାଣିରେ ଭାସି ଯାଇଛି ?"

"ଝାଡ଼ା-ବାନ୍ତିରେ ମରିଛି···ମୋ'ର ହାତରେ ସମର୍ପି ଦେଇଛି ଛୁଆଟିକୁ···ଜଣଙ୍କ ହେପାଜତ୍‌ରେ ରଖେଇ ଆସିଛି, ଯାଉଛି ତା' ମା'କୁ ଅଣିବାକୁ ।"

"ମା !"

Digitized by PPRACHIN, SOA

"ସୁଃ ତା'ର ମା ନୁହେଁ ?"

ଟ୍ରେନ୍ ସେତେବେଳେ ପ୍ଲାଟ୍‌ଫର୍ମରେ ପ୍ରବେଶ କଲେମଧ୍ୟ ସଚଳ ଥିଲା···ଜୟନାରାୟଣ ଅବିମୃଷ୍ୟକାରୀ ଭାବରେ ଡେଇଁଲାଇ ପଡ଼ିବାକୁ ଯାଉଥିଲା—

"ହାଁ···ହାଁ···ରିଲିଫ-ଓ୍ୟାର୍କର ଆପଣ !"

ବୋଲି, ସହଯାତ୍ରୀ ଚେଇଁକଲେ···ଜୟନାରାୟଣ ଏହାକୁ ସହଜାତ ବିବେକର ବାଣୀ ମଣି ସେହି ବିବେକୀ ଆଡ଼କୁ ଅନାଇଲା ···ଟ୍ରେନ୍ ଠିଆହେଲା···

"ନମସ୍କାର"

ବୋଲି, ଜୟନାରାୟଣଧୀର ସଂଯତ-ପଦରେ ଓହ୍ଲାଇଗଲା ।

ଜୟନାରାୟଣ ଯେତେବେଳେ ପ୍ଲାଟଫର୍ମ ଅତିକ୍ରମ କରୁଥିଲା, ସେତେବେଳେ ଅନ୍ୟ ଟ୍ରେନ୍ ଛାଡ଼ିବାର ଘଣ୍ଟି ପଡ଼ିଲା ହୁଇସିଲ ବାଜିଲା, ନୀଳବର୍ଣ୍ଣ କାଚର ଆଲୋକ ଦୋହଲିଲା, ଗାଡ଼ୀର ଚକା ଘୂରିଲା—ଏତିକିବେଳେ ସୁନ୍ଦରୀର ନଜର ପଡ଼ିଗଲା ପ୍ଲାଟଫର୍ମର ଅଭିଯାତ୍ରୀ 'ଜଃ' ଉପରେ···ଆଉକି 'ସୁଃ' ସମାଳି ରହେ, ସେହିକ୍ଷଣି ଡେଇଁପଡ଼ିଲା ପ୍ଲାଟ୍‌ଫର୍ମକୁ—ଟ୍ରେନ୍ ଗତିଶୀଳ ଥିଲା, ଆଉ ଉଲ୍ଲଙ୍ଘନକାରୀର ଗତି-ମୁଖ ଥିଲା ସିଧାସଳଖ, ସେଥିଯୋଗୁଁ 'ସୁଃ' ଭୂମିରେ ସଦନ୍ତ ପଦ-ସ୍ଥାପନ କରିପାରିଲା ନାହିଁ, ଠିକ୍ ଟଳିପଡ଼ିବ, ଏମିତି ସମୟରେ ବିମୃଷ୍ୟକାରୀ ଜୟନାରାୟଣ ଧରିପକାଇଲା ଅବିମୃଷ୍ୟ-କାରିଣୀ ଅବଗୁଣ୍ଠନବତୀକୁ ।···ବିମୂଢ଼ ଦ୍ରଷ୍ଟାବୃନ୍ଦ ନାରୀଙ୍କ ସଂବନ୍ଧେ ଯାହା ଭାବନ୍ତୁ ନା କାହିଁକି, ଉଦ୍ଧାରକାରୀର ସିଭେଲ୍‌ରୀକୁ ପ୍ରଶଂସା କରୁ କରୁ ଯେ ଯାହା-ବାଟରେ ଅପସୃତ ହେଲେ ।···

Digitized by PPRACHIN, SOA

'ଜୟନ୍ତନାରାୟଣ ମଧ୍ୟ ଅବଗୁଣ୍ଠନବତୀଙ୍କୁ ତ୍ୟାଗ କରିବାକୁ ଉଦ୍ୟତ ହେଲ···ତହିଁ ପୂର୍ବରୁ ସାବଧାନ କରିଦେବା କର୍ତ୍ତବ୍ୟ, ଏହି ବୋଧରେ କଥା ଆରମ୍ଭକଲ—

"ଛୁଃ, ଏମିତ ଅବାମୃଷ୍ୟ···"

"ଜଃ···"

ବୋଲି, ତାଙ୍କ ବାଧା ଉପୁକାଇଲା ଅବଗୁଣ୍ଠନବତୀ ଓ ଅବ-ଗୁଣ୍ଠନ ଉନ୍ମୋଚନ କରିଦେଲ···ଅପ୍ରତିଭ ଜୟନ୍ତନାରାୟଣ ଉଚ୍ଚାରଣ କଲ—

"ସ୍ନୂଃ !···ତୁମେ ?"

'ସ୍ନୂଃ' ଉତ୍ତର ଦେଇ ପାରିଲା ନାହିଁ, କାରଣ 'ସ୍ନୂଃ' ସେତେ-ବେଳକୁ ବିଲ୍‌କୁଲ ସ୍ୱାତନ୍ତ୍ୟ ହରାଇ ଦେଇଥିଲା, ଆଉ ବାଂଧତାଡ଼ିତ ବେପମାନ ପକ୍ଷୀ–ଶାବକପରି ଆପଣାକୁ ସଙ୍କୁଚାଇ ଚୂରାଇ ଦେଇଥିଲା 'ଜଃ'ର ବକ୍ଷ-ପୃଷ୍ଠ ମଧ୍ୟରେ ।

ସ୍ୱାମୀର ମନେ ପଡ଼ିଗଲା ସୁଦୂର ଅତୀତର ସେହି କରୁଣ ଦୃଶ୍ୟ—ଧର୍ଷଣ-କବଳରୁ ଆତ୍ମରକ୍ଷା ନିମନ୍ତେ ଯେତେବେଳେ ସ୍ତ୍ରୀ ଆତ୍ମ-ନିବେଦନ କରି ତା'କୁ ଜଡ଼ାଇ ଧରି ରହିଥିଲା···ସୁନ୍ଦରୀ ନୀରବ ରହିଲେ ମଧ୍ୟ ତା'ର ଜଡ଼ତାବେଷ୍ଟ ସେ-ବେଳର ହୃଦୟ-ବିଦାରକ 'ସ୍ୱାମୀ···ସ୍ୱାମୀ' ସମ୍ବୋଧନ ଆହୁରି ପରିସ୍ଫୁଟ ହୋଇ ଉଠିଥିଲା···ହେଲେ, ଜୟନ୍ତନାରାୟଣ ବିଚଳିତ ହେଲନାହିଁ··· ଆଜି ସେ ରିଲିଫ୍‌-ୱାର୍କର—ପ୍ରଶସ୍ତ ତା'ର ଦୃଷ୍ଟି-ଭଙ୍ଗି, ପ୍ରଶସ୍ତ ତା'ର ହୃଦୟ—ସେ 'ସ୍ନୂଃ' କୁ ରିଲିଫ୍-ପ୍ରାର୍ଥୀ ହିସାବରେ ଗ୍ରହଣ କଲା, ସାନ୍ତ୍ୱନା ଦେବାକୁ ଲଗିଲା ପ୍ରାଥମିକ ଚିକିତ୍ସାଭଳି, ତା'ର ପିଠି ମୃଦୁ ମୃଦୁ ଗୁପୁଡ଼ାଇ ।

———

Digitized by PPRACHIN, SOA

ସତର

ଅଗ୍ନି-ପରୀକ୍ଷା ।...

ନାରୀର-ନାରୀତ୍ୱ-ସମୀକ୍ଷା ।...ଜନକନନ୍ଦନୀ ସୀତା ଏହି ସମୀକ୍ଷାର ସମ୍ମୁଖୀନ ହୋଇଥିଲେ ଓ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ନିଜର ସତୀତ୍ୱରେ ଆସ୍ଥା ରଖି ।

ଶନିଦୃଷ୍ଟି ।...

ଏହି ଦୃଷ୍ଟି ନିଷଧ-ରାଜ ନଳଙ୍କୁ ବନବାସୀ କରି, ଶେଷେ ଭେଟିଥିଲା ବିଷ-ଦୃଶ୍ୟ,...କିନ୍ତୁ ସହଧର୍ମିଣୀର ଚକ୍ଷୁରେ ପରଦା ପକାଇ ପାରି ନଥିଲା—ବିଦର୍ଭନନ୍ଦନୀ ଦମୟନ୍ତୀ 'କୁତ୍ସିତ ବାହୁକ' ମଧ୍ୟରେ ନିଜର ସ୍ୱାମୀକୁ ଭେଟିଥିଲେ ଅବସ୍ଥାର ହୃଦୟର ସ୍ୱଚ୍ଛତା-ଗୁଣରେ ।

Digitized by PPRACHIN, SOA

ଅପୂର୍ବ ପ୍ରତିବନ୍ଧକ । ···

'ନାରୀ ଥରେ ଯାହାକୁ ହୃଦୟ ଦାନ କରନ୍ତି, ସେ ସ୍ୱଳ୍ପାୟୁ ହେଲେ ମଧ୍ୟ ତାଙ୍କର ହୃଦୟେଶ୍ୱର—ଏହି ନୀତିକୁ ବଜ୍ରମୁଷ୍ଟିରେ ଧାରଣ କରି ପତିର ଦାରିଦ୍ର୍ୟକୁ ବରଣ କରିନେଇଥିଲେ ରାଜକୁମାରୀ ସାବିତ୍ରୀ···ଅବଶେଷେ ମୃତ୍ୟୁ-ରାଜକୁ ଭେଟି, ତାଙ୍କୁ ପରାଭୂତ କରିଥିଲେ ସ୍ୱକୀୟ ନିରନ୍ତ-ବ୍ରତ ଓ ନିଷ୍ଠା-ବଳରେ ।

ଏହି ଡନଗୋଟି ମହିମାମୟୀ ନାରୀର ଚିତ୍ରପଟ ସମ୍ମୁଖରେ ବସିଛନ୍ତି ମନ୍ଦାର···ଧ୍ୟାନ୍ ଦୃଷ୍ଟିରେ···ଯୋଗାସନରେ···ଦ୍ୱାର-ରୁଦ୍ଧ ନିଜର ଠାକୁର-ଘରେ ।···ଦୀପର ସ୍ତିମିତ ଶିଖା, କିନ୍ତୁ ମନ୍ଦାର ଅନୁଭବ କରୁଛନ୍ତି—'ଅନ୍ଧାର-ଘରେ ମାଣିକ୍ୟ ଜଳେ, ଅନ୍ଧ-ବିଶ୍ୱାସରେ ସାନ୍ନିଧ୍ୟ ମିଳେ' ଠିକ୍ ଏହିପରି ଦୀପ୍ତି ।···ଅବଶ୍ୟ ପାଖ-ଘର-ମାନଙ୍କରେ ଚାଲିଛି ଖାନାପିଆସର ଧୂମ୍‌ଧାମ୍···ପୁଲିଶ-ଜୁଲୁମ୍···ଗୃହକର୍ତ୍ତା ପ୍ରତି ପ୍ରଶ୍ନର ବାଣ···କିନ୍ତୁ ମନ୍ଦାରର ସେ-ଆଡ଼କୁ ଆଦୌ ଖିଆଲ ନାହିଁ—ସେ ନିର୍ଲିପ୍ତ, ବଧିର, ପାଷାଣ ।···

ଅନାମର ଜରିଆରେ, ବାହାରର ଧକ୍କାରେ ଯେତିକି ଟିକିଏ ଦ୍ୱାର ଖୋଲିଥିଲା ଓ ଅଲୋକ ଅନୁପ୍ରବେଶ କରିଥିଲା ମନ୍ଦାରର ଅନ୍ଧାରି-ଘରେ, ସେଥିରେ ସେ ଗୋଟାଏ ନୂତନତ୍ୱର ଶିହରଣ ଅନୁଭବ କରିଥିଲା ଏବଂ ଅବଗୁଣ୍ଠନ ଫିଙ୍ଗିଦେଇ, ପଦାକୁ ବାହାରି ପଡ଼ିବ ଓ ଅଲୋକ-ତୀର୍ଥର ଅଭିଯାତ୍ରୀ ହେବ ରାତି ପାହିବା ମାତ୍ରେ —ଏହିପରି ପୁଲକରେ ମାତି ଉଠିଲା···କିନ୍ତୁ, ବଧିର ବିଡ଼ମ୍ବନା··· ସ୍ୱାମୀ ଶୂନ୍ୟ—ଏହି ଅଭିଯୋଗରେ ଘର ହେଲା ଘେରାଉ ··· ସେଦିନଠୁଁ ବେଳେକୁ ଭାତ ତାଙ୍କ ନ ଥାଏ, ରାତି-ଅନ୍ଧାର ରତ ରତ ଥାଏ···ସ୍ୱାମୀ କିଂକର୍ତ୍ତବ୍ୟ-ବିମୂଢ଼, ଅନାଇଲା ପତ୍ନୀ ଆଡ଼କୁ ବିହ୍ୱଳ-ଦୃଷ୍ଟିରେ···ପତ୍ନୀ ମୂଢ଼, କଣ୍ଠ-ଭୂଆସୁଣୀ, ସହଧର୍ମିଣୀର

Digitized by PPRACHIN, SOA

କି ଆଚରଣ ସେ କରିପାରେ ଏ' ପରିସ୍ଥିତିରେ ?...କି ସାହାଯ୍ୟ ଦେଇପାରେ ?...ହେଲେ,ସ୍ୱେ ବି ତ ଆତ୍ମ-ସମୀକ୍ଷା-ଦୃଷ୍ଟିରୁ ମହାର-ପ୍ରତି ଗୋଟିଏ ପରୀକ୍ଷାର ପ୍ରଶ୍ନ ।—ସେ ଆଜି ତୀର୍ଥ-ଯାତ୍ରା କରିବାକୁ ବାହାରିଥିଲି, କିନ୍ତୁ ଲବେ ତ ପାଥେୟ କଥା ଭାବି ନ ଥିଲି... ତା'ର ସଂବଳ କ'ଣ ?—ବଳ କେତେ ?...ସେ ଉଠାଠେ ହୋଇ ଧାଇଁଗଲି ଠାକୁର ଘରକୁ...ଠାକୁରଙ୍କୁ ଅନାଇ ପଚାରିଲି ଆକୁଳ-କଣ୍ଠରେ—

"କୁହ, ଠାକୁରେ, ମୁଁ ତ ବାପା ଗୋସବାପାଙ୍କ କଥା ଅମାନ୍ୟ କରିନାହିଁ, ତାଙ୍କର ଆଚରିତ ପୂନେଇ ପର୍ବ ବିଜାୟ୍ ରଖିଚି, ମା-ମାଉସୀଙ୍କ ଆଚାର-ବିଚାରକୁ ଅବହେଳା କରିନାହିଁ । ଉଜ୍ଜ୍ୱଳ ରଖିଚି...ତେବେ କାହିଁକି ମୁଁ ହୀନବଳ ?...ଏ'ଗୁଡ଼ାକ କ'ଣ ଏ' ଯୁଗରେ ଅଚଳ ?...ମୁଁ ଠକିଚି ?..."

ଏହିଭଳି ଆତ୍ମ-ଜିଜ୍ଞାସା ଘେନି ସେ ଆଖି ବୁଲାଇଗଲି ଠାକୁର-ଘରେ ଯେତେ ଠାକୁରଙ୍କର ଛବି ଥିଲା, ସବୁରିଙ୍କ ଉପରେ, ଶେଷେ ଆଖି ପଡ଼ିଲା ଏହି ତିନିଗୋଟି ନାରୀ-ରତ୍ନଙ୍କ ଚିତ୍ର-ପଟ ଉପରେ, ସେହିଠାରେ ଦୃଷ୍ଟି-ନିବଦ୍ଧ ହେଲା, ପ୍ରତ୍ୟେକଙ୍କର ଉପାଖ୍ୟାନ ସ୍ମରଣ କଲି, ସାର ସଂଗ୍ରହ କଲି, ଆଉ ହେଜି-ପାଞ୍ଚି ଦେଖିଲି —ଏ'ଯାକେ ସେ କେବଳ ପୂଜା କରିଆସିଛି ଫୁଲ ଚନ୍ଦନ ଚଢ଼ାଇ, ପୂନେଇ ପର୍ବରେ ଭୋଗରାଗ ସଜାଡ଼ି, ଓଷା-ବ୍ରତରେ ଉପବାସ ରହି...କିନ୍ତୁ ଆଜି ତା'ର ଅନ୍ଧ-ପୁଟୁଳି ଖସିଛି...ସେ ଆଖିମେଲାଇ ଦେଖିଲା—ସେ ଠକି ନାହିଁ, ଦାମ୍ପତ୍ୟ-ସୂତ୍ରରେ ଯେଉଁ ପରମ୍ପରା, ଐତିହ୍ୟର ସେ ଅଧିକାରୀ, ସେଇଥିରେ ନିହିତ ରହିଛି ଆତ୍ମ-ବଳ, ଅଜର ଅଲୋକ-ଯାତ୍ରୀର ପାଥେୟ—ପଥର ଯଥା-ସଂବଳ—ଧୈର୍ଯ୍ୟ, ନିଷ୍ଠା, ସାଧନା—ଏହି ଆଦର୍ଶ-ନାରୀ-

Digitized by PPRACHIN, SOA

ଚରିତ୍ର ଚିର-ସମ୍ଭାର ତା'ର ଜୀବନ୍ତ ପ୍ରତୀକ ମାତ୍ର ।···ଅଥଚ ତା'ର୍ ଦୃଷ୍ଟି କୋଣ ପ୍ରସାରିତ କରି ବିବେକ କହିବାକୁ ଲାଗିଲା— ଅନ୍ତର ବିଶୁଦ୍ଧ ଥିଲେ, ଶୌଗୃଦ ବାହ୍ୟିକ କଠୋରତାର ପ୍ରୟୋଜନ ନଥାଏ···ଡାହାଣୀ-ଚିରକୁଣୀ, ଭୂତ-ପ୍ରେତାଦିର ଭୟ, ମନର ଭୟମନ୍ତ୍ର-ବଳ ମିଛ, ଜ୍ଞାନର ବଳ ତା'କୁ କରେ ବିଦୂରିତ ।··· ସତକୁସତ କାସେୟ-ବସନ-ପରିହିତା ମନ୍ଦାରର ମୁଖ-ମଣ୍ଡଳରେ ସେତେବେଳେ ଫୁଟିଉଠିଥିଲା ଯେଉଁ ଭାବ, ତାହା ଅନ୍ତର୍ନିହିତ କେଉଁ ନିର୍ଭୀକା-ନାରୀର ବଳିଷ୍ଠ-ପ୍ରକାଶ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତେଣେ ଅନ୍ୟ ଘରେ ଠିକ୍ ବିପରୀତ ଦୃଶ୍ୟ···ଦିବାକର-ମଧରେ ଦିବାକରତ୍ୱ ଲୁପ୍ତ-ପ୍ରାୟ ।···ପୁଲିଶ-ପରିବେଶ ଭିତରେ ସେ ନିଜକୁ ମଣୁଥିଲା ଗୃଧ୍ର-ପରିବେଷ୍ଟିତ ଶବ-ବିଶେଷ ।···ପ୍ରକୃତରେ ଆଜିର ଅପ୍ରତ୍ୟାଶିତ ହତ୍ୟାକାଣ୍ଡ ଓ ତହିଁରେ ସଂପୃକ୍ତ ଥିବାର ଅଭିଯୋଗ ଦିବାକରକୁ ଏକାବେଳକେ ମୁହ୍ୟମାନ କରି ପକାଇଛି ।···ସେ ଜଣେ ସୁଦକ୍ଷ ଯାନ୍ତ୍ରିକ···ଯେକୌଣସି ଯନ୍ତ୍ର ବିଗିଡ଼ିଲେ, ଯନ୍ତ୍ରାଂଶ ଗୁଡ଼ିକ ଯେତେ ଜଟିଳ ହେଉନା କାହିଁକି, ତା'ର ମସ୍ତିଷ୍କର କଳକବ୍ଜା କଦାପି ବିଗିଡ଼େ ନାହିଁ, ସେ ଧୀର-ସ୍ଥିର ଭାବରେ ସୂକ୍ଷ୍ମାତିସୂକ୍ଷ୍ମ ବୁଦ୍ଧି ଖଟାଇ ବୈକଲ୍ୟ ସଜାଡ଼ି ଦେବ; କିନ୍ତୁ ଆଜି ଘଟଣାର ଘାତ-ପ୍ରତିଘାତରେ ସେ ପାଲଟିଛି କେବଳ ନଡ଼ଏଣ୍ଡ୍ର ନୁହେଁ, ଏମିତି ଗୋଟିଏ ଯନ୍ତ୍ର-ଦାନବ ଯାହା ଉପରେ ଆୟତ୍ତ ଖଟୁନାହିଁ, ଆଉ ତାହା କାମ କରି ଚାଲିଛି ଖୁସି-ଖିଆଲରେ, ଠିକ୍ ଉନ୍ମାଦଗ୍ରସ୍ତ ରୋଗୀ ପରି ।···ତା'ର କଥାବାର୍ତ୍ତାରେ ଆଦୌ ସଂଗତି ରହୁନାହିଁ, ବେଳେବେଳେ ଏମିତି ସଚକିତ ଗୃହାଣୀରେ ଡକାଉଛି, ବା ନର୍ଭସ୍ (nervous) ହୋଇ

Digitized by PPRACHIN, SOA

ପଡ଼ୁଛି ଯେ, ପୁଲିସ୍‌କୁ ଯାହା ସନ୍ଦେହ ନ କରିବାର ତାହା ମଧ୍ୟ ସନ୍ଦେହ କରିବାକୁ ମଉକା ମିଳି ଯାଉଛି ।...

"ପରେ, ଜାଣିଲେ ?"

"ବହୁକାଳ ପରେ"

କାଡ଼ି ଟିର ତଲ୍ଲାସୀ-ଅଫିସର ପଚାରିଲେ—

"ଦିବାକର ବାବୁ !"

"ସାର୍ !"

"ଆପଣ କହୁଛନ୍ତି, ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରିବାକୁ ଯାଇଥିଲେ ସେଠାକୁ ।"

"ହଁ ।"

"ଆହୁରି ବି କହୁଛନ୍ତି—ଗାଇଥିଲେ, ନାଚିଥିଲେ, ଯେତେ-ରକମ ମଉଜ-ମଜ୍‌ଲିସ୍ କରିବାର ତା' କରିଥିଲେ ।"

"ହଁ...କିନ୍ତୁ...ଜଳ ଗ୍ରହଣ କରି ନଥିଲି ।

"ତା'ର ମାନେ, ନିମନ୍ତ୍ରଣ-ରକ୍ଷାର ଶେଷ ପର୍ଯ୍ୟାୟରେ ମନ ବଳାଇ ନଥିଲେ ।"

"ନି-ମ-ନ୍ତ୍ରଣ ରକ୍ଷା ନୁହେଁ ।"

"ତା'ହେଲେ ବିଳାସ-ବ୍ୟସନର ବୃତ୍ତାନ୍ତ ଯାହା, ତାହା ହିଁ ଆପଣଙ୍କର ଅଭିପ୍ସା ଥିଲା ।"

"ଅଭିପ୍ସା ନୁହେଁ...ଘଟଣା-ଚକ୍ରରେ..."

"ହଁ, ଘଟଣା-ଚକ୍ର ।...ଜନ୍ମୁସି-ତଳିବରେ ଗୃହ-ସ୍ୱାମୀ ସ୍ଥାନାନ୍ତରିତ ହୋଇଗଲେ, ଆଉ ଆପଣ ସୁନ୍ଦରୀ ତରୁଣୀ ଗୃହିଣୀ ପ୍ରତି ପାପ-ଲାଳସା ମେଣ୍ଟାଇବାର ସୁବର୍ଣ୍ଣ-ସୁଯୋଗ ପାଇଗଲେ... କେମିତି ?"

Digitized by PPRACHIN, SOA

"ସେ ଯେ ଅନୁପସ୍ଥିତ ଥିଲେ, ଏ' କଥା..."

"ପରେ ଜାଣିଲେ ?..."

"ହଁ, କାର୍ଡ଼ଟି ଦେବା ସମୟରେ"

"ତା'ହେଲେତ ଆପଣ ନିଦକ ହୋଇଥିଲେ, ନିଃସହାୟ ଅବସ୍ଥାରେ ପାଇଥିଲେ ତରୁଣୀଟିକୁ, ଆଉ ନିଃସଙ୍କୋଚରେ ତା'ର ଶ୍ଳୀଳତା ନଷ୍ଟ କରିବାକୁ..."

"ଶ୍ଳୀଳତା ନଷ୍ଟ !"

"ହଁ, ନିଜର ପଶୁ-ବାସନା ଚରିତାର୍ଥ କରିବେ, ଏହି ଉଦ୍ଦେଶ୍ୟରେ କୁଳି-ବଧୂର ଅଙ୍ଗ-ମର୍ଯ୍ୟାଦା କ୍ଷୁଣ୍ଣ କରିବାକୁ ଉଦ୍ୟତ ହୋଇଥିଲେ, ଏତିକିବେଳେ ତାହାର ଶାଣି ଚପର ହସ୍ତରେ ଜଗୁଆଲୀ-ଅବ୍ଦୁଲ୍ଲ ସେଠାରେ ଉପସ୍ଥିତ ହୋଇଗଲା...ଆପଣଙ୍କୁ ଦେଖି ସେ ଅବାକ୍, ତା'ହାତରୁ ଚପର ଖସି ପଡ଼ିଲା, ଶିକାରୀଲୋକ ଆପଣ ତାହା ଗୋଟାଇ ନେଲେ, ଅତର୍କିତ ଅବସ୍ଥାରେ ପ୍ରତିବନ୍ଧକର ଉଚ୍ଛେଦ ସାଧନ କଲେ, ଏବଂ ଗଳିବାଟ ଦେଇ ଛୁ ବତାଇଲେ—ନୁହେଁ ?"

ଦବାକର ବିଲ୍‌କୁଲ୍ ବକା ବନିଗଲା । ତଲ୍ଲାସୀ-ଅଫିସର କହି ଚାଲିଲେ—

"ଅନ୍ଧାର ବା ଦମ୍ପତି-ଚଳ-ସଂବଳିତ କାର୍ଡ଼ଟି ଆପଣ ଜାଣି ଶୁଣି ପକେଇ ଆସିଥିଲେ—ପରେ ଆପଣଙ୍କର ସଚ୍ଚରିତ୍ରତାର ପ୍ରମାଣ ଦେବ ଏହି ଅଭିପ୍ରାୟରେ...ନୁହେଁ କି ?"

"ସୁନ୍ଦରୀ କ'ଣ ଏହିପରି ସାକ୍ଷ୍ୟ ଦେଇଛି ?"

"ସାକ୍ଷ୍ୟ-ପ୍ରମାଣ ନେଲାବେଳେ ସେ କଥା...ଚାଲନ୍ତୁ ତ ଆଉ-ବଙ୍ଗଳାକୁ"

Digitized by PPRACHIN, SOA

ସଦଳବଳରେ ଅଫିସର ଦିବାକର ସଙ୍ଗେ ଆସି ଠାକୁର-ଘର-ଦ୍ୱାରେ ଉପସ୍ଥିତ ହେଲେ ଓ ରୁଦ୍ଧ-ଦ୍ୱାରରେ କରାଘାତ କଲେ ।...

"କିଏ ?"

ବୋଲି, ମନ୍ଦାର ଦ୍ୱାର ଖୋଲି ଦେଲା, ଏବଂ ଅଭ୍ୟାସ-ବଶତଃ ଓଢ଼ଣା ଟାଣିଦେଇ କବାଟ-କଣରେ ଲୁଚିବାର ଉପକ୍ରମ କଲା ।

"ଆପଣ ବାହାରିଆସନ୍ତୁ, ଆମେ ଘର-ତଲ୍ଲାସ କରି ଦେଖିବୁ ।"

ମନ୍ଦାର ପ୍ରଥମେ ପାଟି ଫିଟାଇଲା ନାହିଁ, କି ପଦାକୁ ବାହାରି ଆସିଲା ନାହିଁ ।

"ସେ-ଘରେ ତାଙ୍କର ଠାକୁରଙ୍କ ଛବି ଛଡ଼ା ଆଉ କିଛି ନାହିଁ ।"

ବୋଲି, ଦିବାକର ମନ୍ଦାରର ତରଫ ହୋଇ କହିଲା ।

"ବେଶ୍, ଆମେ ଠାକୁର ଦର୍ଶନ କରିବୁଁ ।"

ବୋଲି, ଅଫିସର ବ୍ୟଙ୍ଗ-ଭରା କଣ୍ଠରେ କହିଲେ ।...ମନ୍ଦାର କବାଟ ଉହାଡ଼ରେ ଥିଲେ ମଧ୍ୟ କାପରି ଅସହଣି ଜଣାଗଲା ।... ଅଫିସର ପୁଣି କହିଲେ—

"ବାହାରି ଆସନ୍ତୁ, ଠାକୁରାଣୀ—ରାତି ପାହି ଆସୁଛି ।"

ଏଥର ମନ୍ଦାର ଓଢ଼ଣା ଫିଙ୍ଗି ଦେଇ ଠିକ୍ ଠାକୁରାଣୀ-ରୂପରେ ଦ୍ୱାର-ରୋଧ କରି ଠିଆ ହେଲା ଓ ସଦମ୍ଭ-କଣ୍ଠରେ କହିଲା—

"ନା ।"

"ଅନୁରୋଧ କରୁଛୁଁ..."

"ଆଦେଶ କଲେ ମଧ୍ୟ, ନୁହେଁ"

Digitized by PPRACHIN, SOA

ଅଫିସର ଦବାକର ଆଡ଼େ ତକାଇଲା । ଦବାକର ଇଙ୍ଗିତ ବୁଝି କହିଲା—

"ଏ'ମାନେ ପୋଲିଶ୍...ସେମାନଙ୍କର, କର୍ତ୍ତବ୍ୟ ପାଳନ କରିବାକୁ ଦିଅ ।"

"ମୁଁ ନାସ୍ତି—ମୋର ମଧ୍ୟ କର୍ତ୍ତବ୍ୟ ରହିଛି...ଏ' ନାସ୍ତିର ପୂଜା-ମନ୍ଦିର—ଏ'ଠାରେ ଅପବିତ୍ର ମନ ନେଇ କାହାରି ପ୍ରବେଶ ନିଷେଧ ।"

ଟ୍ରେବାଲ୍, ମନ୍ଦିର ସଜୋରେ ଦ୍ୱାର ରୁଦ୍ଧ କରିଦେଲା ।—

"ଆମେ ଜୋର୍ କରି ଖୋଲିବୁ"

ଟେବାଲ୍, କାଣ୍ଡ-ଜ୍ଞାନ-ହୀନ ଭାବରେ ଅଫିସର ଆଗେଇ ଗଲେ ।...

ଉନ୍ନତ୍ତିରେ ବାଧା ଦେଇ ସଦ୍ୟ-ପ୍ରବିଷ୍ଟ ଇନ୍‌ସ୍ପେକ୍ଟର ବାବୁ କହି ଉଠିଲେ—

"ସାବଧାନ ।...ପୂଜା-ମନ୍ଦିର ।"

"ଏହି ଘରେ ଗୁପ୍ତ ରହିଛି ଖୁନ୍‌ର ନିଦର୍ଶନ, ସ୍ୟାର୍ ।"

"ଶୁନ୍ନା ବି ଯଦି ଆତ୍ମ-ଗୋପନ କରିଥାଏ, ତେବେ ମଧ୍ୟ ପ୍ରାର୍ଥନା-ମନ୍ଦିର, ଅତଏବ ସେଠାରେ ପ୍ରବେଶ ନିଷେଧ,—ଏ' ଖିଅଲ ମୁଲସୀ-ଉନ୍ମାଦନାରେ ଭୁଲି ଯିବେ ନାହିଁ, ସ୍ୟାର୍ ।"

ଇନ୍‌ସ୍ପେକ୍ଟର ବାବୁଙ୍କର ଏ'ଭଳି ତୀବ୍ର ଭର୍ତ୍ସନା, ବିଶେଷତଃ ଆସାମୀ-ସୈନ୍ୟ ସମକ୍ଷରେ, ଆତ୍ମ-ମର୍ଯ୍ୟାଦା ପକ୍ଷେ ଗ୍ଲାନିକର ହେଲେ ମଧ୍ୟ, ଅଧଃସ୍ତନ-କର୍ମଚାରୀ ହିସାବରେ ଓ ଗୋଲାମୀର ଅଭ୍ୟାସ ବଶତଃ ଅଫିସର ବାବୁ ସାଗ୍ରହେ ବରଣ କରି ନେଲେ ଓ ଯଥା-ସମ୍ମାନ-ପ୍ରଦର୍ଶନ-ପୂର୍ବକ ଅଡ଼େଇ ଗଲେ ।—

Digitized by PPRACHIN, SOA

ଇନ୍ସପେକ୍ଟର ବାବୁ ଖୁସୀ ହେଲେ ଓ କହିଲେ—

"ଖୁନୀ ଧରା ପଡ଼ିଛି, ଭାଇ"

"Good God !"

ବୋଲି, ଅଫିସର ଦୀର୍ଘଶ୍ୱାସ ଛାଡ଼ିଲେ, ଓ ଠାକୁର-ଘରକୁ ଅନାଇ ପବିତ୍ର-ମନର କ୍ଷଣିକ ପ୍ରରୋଚନାରେ ପ୍ରଣିପାତ ଜଣାଇଲେ । ପୂର୍ବକ୍ରମ ଧରି ଦିବାକରକୁ ଲକ୍ଷ୍ୟକରି ଇନ୍ସପେକ୍ଟର ବାବୁ କହିଲେ—

"ଦିବାକର ବାବୁ ଅପଣ ନିର୍ଦ୍ଦୋଷ ।···ପ୍ରସିକ୍ୟୁସନ-ସାକ୍ଷୀ ହିସାବରେ ଆପଣଙ୍କ ଠାରୁ ଅନେକ କିଛି ଜ୍ଞାତବ୍ୟ ଅଛି···ଦୟା କରି ଆସିବେ—ଅମେ ସଦର-ଘରେ ଅପେକ୍ଷା କରୁଛୁଁ ।"

ଦିବାକର ସେତେବେଳ ପର୍ଯ୍ୟନ୍ତ ଆପଣାକୁ ବିଶ୍ୱାସ କରି ନ ପାରି କାଠ ପରି ଠିଆ ହୋଇଥିଲା ।···ପୁଲିସର ଦଳବଳ ଚାଲି ଯିବାପରେ, ସେ ଆତ୍ମ-ଚେତନା ଫେରି ପାଇଲା ଓ ଚିତ୍କାର କରି ଉଠିଲା—

"ମୁଁ ନିର୍ଦ୍ଦୋଷ !"

ଏବଂ ସଙ୍ଗେ ସଙ୍ଗେ ଠାକୁର-ଘର-ଦ୍ୱାର ନିକଟକୁ ଦୌଡ଼ିଗଲା ···ଦ୍ୱାର ଉନ୍ମୁକ୍ତ କରି ଠାକୁର-ପ୍ରତିମା ପରି ମନ୍ଦାର ଠିଆ ହୋଇଥିଲା ସେତେବେଳକୁ—ଦିବାକର ଆତ୍ମ-କ୍ଷାଳନର ଭାବା-ବେଗରେ କହିଲା—

"ମନ୍ଦ, ମୁଁ ନିର୍ଦ୍ଦୋଷ"

ମନ୍ଦାର ଅବିଚଳିତ କଣ୍ଠରେ ଡାକିଲା—

"ଆସ ଠାକୁର-ଘରକୁ"

ଦିବାକର ଅଗେଇଲା···ଠାକୁର-ଘରେ ପ୍ରବେଶ କରିବା ଦିବାକରର ଏହି ପ୍ରଥମ ।

———

Digitized by PPRACHIN, SOA

ଅଠର

ରାତ ପାହୁଛି ।···ରାତ୍ରୀର ଝୁଙ୍କ୍ ଘୁଞ୍ଚୁନାହିଁ ।···କମ୍ ହେଉଛି ତ ଯାଉନାହିଁ ।···ଏମିତ ଅପ୍ରତ୍ୟାଶିତ ଭାବରେ ବିଷମ-ସମସ୍ୟାର ସମାଧାନ ହେବ ଇନ୍ସପେକ୍ଟର ବାବୁ ଆଦୌ କଳ୍ପନା କରି ପାରି ନ ଥିଲେ । ପର୍ବତାରୋହଣ ଦୁଃସାଧ୍ୟ, ଧୀରେ ଧୀରେ ପଥକାଟି ଆରୋହଣ କରିବାକୁ ପଡ଼େ···ଶିଖର-ଦେଶଟି ଉପଲବ୍‌ଧ ହୋଇଗଲେ, ଅବରୋହଣରେ ଆଉ ଅସୁବିଧା ନ ଥାଏ—ଝାଉ ଝାଉ ପଦକ୍ଷେପରେ ଗଡ଼ିବାକୁ ହୁଏ ।···ଇନ୍ସପେକ୍ଟର ବାବୁଙ୍କର ଠିକ୍ ସେହି ଅବସ୍ଥା—ସମସ୍ୟାର ସମାଧାନ ହୋଇଯାଇଛି, ଯେଉଁ ସୂତ୍ରଧରି ସେ ଅଗ୍ରସର ହେଉଥିଲେ ତାହା ବ୍ୟର୍ଥ ହୋଇଛି, ବର୍ତ୍ତମାନ ସମାଧାନଟି ଭାଗ୍ୟକ୍ରମେ ମିଳିଯିବା ପରେ ସମାଧାନ ସଙ୍ଗେ ଯଥା-ସୂତ୍ର ଖୋଜିବାକୁ ହେବ, ଏବଂ ଝାଉଝାଉ ତାହା କରିବାକୁ ପଡ଼ିବ (ମନର ଆବେଗରେ ହେଉ କି ଅନ୍ୟ କୌଣସି କାରଣରୁ ହେଉ) ।···ସୁତରାଂ ସେ ଇତିମଧ୍ୟରେ ସେହି ପ୍ରସଙ୍ଗରେ ହତ୍ୟାକାରୀର ଜବାନ୍‌ବନ୍ଦୀକୁ ଭିତ୍ତିକରି, ରହିମ୍‌ର ପୂର୍ବ

Digitized by PPRACHIN, SOA

ଓ ପରବର୍ତ୍ତୀ ଟେଲିଫୋନ୍ରୁ ଚଉଣି ଓ ଦୈବକ୍ରମେ ସମୁପସ୍ଥିତ ସୁନ୍ଦରୀ-ଜୟନ୍ତୀର ସାକ୍ଷ୍ୟ-ପ୍ରମାଣ ଗ୍ରହଣ କରିସାରି, ସର୍ବଶେଷ-ସାକ୍ଷୀ ହବାକର-ଘରେ ଉପସ୍ଥିତ ହୋଇଛନ୍ତି ।···ଗୁରୁ ଦାୟିତ୍ୱର ଗୁପ-ଜନିତ ଅବସାଦ, ଅନିଦ୍ରାର କ୍ଳାନ୍ତି, ହାଲୁକା-ମନ, ଗୁମ୍ଭିରର ହାଲୁକା-ପବନ ତାଙ୍କୁ ତନ୍ଦ୍ରାଚ୍ଛନ୍ନ କରି ପକାଉଛି···ସେ ଆଖିବୁଜି ବେଳେବେଳେ ନିଦେଇ ପଡ଼ୁଛନ୍ତି ହବାକରର ସଦର-ଘରେ ବସିବା ଆସନରେ ।···ଅନ୍ୟକେହି ପୁଲିଶ୍-ବ୍ୟକ୍ତି ସେଠାରେ ନଥିଲେ, ସମସ୍ତେ ତାଙ୍କର ଯଥା-ନିର୍ଦ୍ଦେଶ ଦେଇ ବିଦାୟ ହୋଇଛନ୍ତି, କେବଳ ତାଙ୍କର ବ୍ୟକ୍ତିଗତ ଜିପ୍ ଗାଡ଼ିଟି ଓ-ଡ୍ରାଇଭର ବାହାରେ ଅପେକ୍ଷମାନ—ଏତିକିବେଳେ ହବାକର ପ୍ରବେଶ କଲା ।···ହବାକରର ଶୁଭ୍ର ପରିଧାନ, କପାଳରେ ଚନ୍ଦନ ଓ ସିନ୍ଦୂରଟୋପା, କାନରେ ପୂଜା-ଫୁଲର ଖୋସଣି ଓ ମୁଖରେ ହବ୍ୟ-ଭାବ ଦେଖିଲେ କେହି କହିବନାହିଁ, ଏ ସେହି ଜଡ଼ବାଦୀ ଯାନ୍ତ୍ରିକ ବା ବିଳାସୀ ରସିକ ! —ବରଂ କହିବ ଜଣେ ଅଧ୍ୟାତ୍ମବାଦୀ ଭାରତୀୟ-ପ୍ରତୀକ ! ଇନ୍ସପେକ୍ଟର ବାବୁଙ୍କର ହଠାତ୍ ତନ୍ଦ୍ରା ତୁଟିଗଲା, ସେ ସିଧାହୋଇ ସଳଖି ବସିଲେ, ହବାକରକୁ ଅନ୍ୟ ଆସନରେ ବସାଇବାର ଇଙ୍ଗିତ ଦେଲେ ଓ ଯଥା-ଖାତିରରେ ଅସଲ ପ୍ରସଙ୍ଗ ଆରମ୍ଭ କଲେ କିଛିକ୍ଷଣ ମୟୂର-ଚନ୍ଦ୍ରିକା ବାଢ଼ିଲା ପରେ । ଇନ୍ସପେକ୍ଟର ବାବୁ ପ୍ରଶ୍ନ କଲେ—

"ଆଚ୍ଛା, ସୁନ୍ଦରୀ ସମ୍ବନ୍ଧେ ଆପଣଙ୍କର ଧାରଣା କ'ଣ ?"

"ଜନ୍ମିତ ଶିଳ୍ପୀ ।"

"ଚପଳତା-ଦୋଷ ରହିଛି, ନା ?"

"ଚପଳତା ନୁହେଁ, ତାହା ଶିଳ୍ପୀ-ମନର ପ୍ରଫୁଲ୍ଲତା ।"

Digitized by PPRACHIN, SOA

"ଆପଣ ଶିଳ୍ପି, ଶିଳ୍ପିର ମନ ବୁଝନ୍ତି, କିନ୍ତୁ ସେ ଶିଳ୍ପି ନୁହେଁ ?"

"ସେ ମନୁଷ୍ୟ ନୁହେଁ ।"

"ଗମ୍ଭୀର ତତ୍ତ୍ୱ ଘୁଞ୍ଚାଉଅଛନ୍ତୁ—ଏ'ଭଳି ଶିକ୍ଷିତ ଅଛନ୍ତି, ଯେଉଁମାନେ ଶିଳ୍ପିର ସେ'ଭଳି ଅଭିବ୍ୟକ୍ତିରୁ ଫାଇଦା ଉଠାଇ ଥା'ନ୍ତି··· ଯେମିତି—"

"ମୁନ୍‌ସଫ୍ ବାବୁ···"

କହିପକାଇ ଦିବାକର ଅପ୍ରସ୍ତୁତ ବୋଧକଲା ଓ କହିବାକୁ ଲାଗିଲା—

"କ୍ଷମା କରିବେ, ସାର୍···ମୁଁ କ'ଣଠାଏ କହି ପକାଇଲି ।"

"ଆପଣ ସତ କହୁଛନ୍ତି, ସଙ୍କୋଚ କ'ଣ ? He is a downright hypocrit ।"

ଦିବାକର ବାବୁ ମୌନ ରହିଲେ ।

"ଆଚ୍ଛା, କମ୍ପାଉଣ୍ଡର ବାବୁ କିପରି ଧରଣର ଲୋକ ?"

" 'ଆପ୍ଟାନ୍' ନ ହେଲେ ମଧ୍ୟ ଆପ୍ଟାନ !"

"ଆଉ ସୁନ୍ଦରୀ 'ଶ୍ରୀରାଧା' ନ ହେଲେ ମଧ୍ୟ ଶ୍ରୀରାଧା ?"

ବୋଲି, ଇନସ୍ପେକ୍ଟର ବାବୁ ଲଘୁ ଭାବରେ କହିଲେ ।

"ଉଦାରତା ଓ ଉତ୍‌ଫୁଲ୍ଲତାର ପ୍ରୀତି-ବନ୍ଧନକୁ ଲଘୁ ଭାବରେ ଉଡ଼ାଇ ଦେବେ ନାହିଁ, ସାର୍"

"ବସନ୍ତବାବୁ ମଧ୍ୟ ଠିକ୍ ଏହି ଅଭିମତ ପୋଷଣ କରନ୍ତି ।"

"ବସନ୍ତ ବାବୁ ?"

"ମୁନ୍‌ସଫ୍ ବାବୁଙ୍କ ଡ୍ରାଇଭର—ଚିହ୍ନନ୍ତି ?"

"ଖୁବ୍···ସ୍ପୋର୍ଟସ୍‌ମ୍ୟାନ୍ ବୋଲି ଅହଙ୍କାର ବେଶୀ"

"ବାସ୍ତବିକ୍ ସେ ଜଣେ ସ୍ପୋର୍ଟସ୍‌ମ୍ୟାନ୍ ।···ଯାଇଥିଲେ ?"

Digitized by PPRACHIN, SOA

"ଯାଇଥିଲି ।"

"ବର୍ଷା ହେଉଥିବାରୁ ବରଗଛ ତଳେ ଅଶ୍ରୟ ନେଇଥିଲେ ?"

"ନେଇଥିଲି ।"

"ମୁନ୍‌ସଫ୍ ବାବୁଙ୍କୁ ଦେଖି..."

"ମଟରରେ ଉଠିଲି"

"ମଟର ଚଳାଉଥିଲା ?"

"ଡ୍ରାଇଭର...ବସନ୍ତ ବାବୁ"

"ସୁନ୍ଦରୀ-ପ୍ରସଙ୍ଗରେ କିଛି କଥା ପଡ଼ିଥିଲା ?"

"କିନ୍ତୁ ମୋତେ ଅସହ୍ୟ ବୋଧ ହେଉଥିଲା ।...ଇନ୍‌ସ୍ପେକ୍ଟର ବାବୁ, ଦୟାକରି ମୋତେ ଏ' ବିଷୟରେ ଅଧିକ ପ୍ରଶ୍ନ କରିବେ ନାହିଁ ।"

"ମନେ ରଖନ୍ତୁ, ଆପଣଙ୍କର ସତ୍ୟ-ସାକ୍ଷ୍ୟ-ଦାନ ଉପରେ ଜଣେ ନିର୍ଦ୍ଦୋଷ ବ୍ୟକ୍ତିର ଜୀବନ-ରକ୍ଷା ନିର୍ଭର କରୁଛି ।"

"କିଏ ସେ ?"

"କହନ୍ତୁ—ଅସହ୍ୟ-ବୋଧ କରିବାର କାରଣ ?"

"ନର୍ସ ଅର୍ଥାତ୍ ସୁନ୍ଦରୀକୁ ଘରେ ପହଁଚାଇ ଦେଲାବେଳେ ଉଚ୍ଛୃଙ୍ଖଳ ଅଶୋଭନତା ପ୍ରକାଶ କରିଥିଲେ ମୁନ୍‌ସଫ୍‌ବାବୁ, ତାହା ଦୃଷ୍ଟିକଟୁ ଲାଗିଥିଲା ।"

ଇନ୍‌ସ୍ପେକ୍ଟର ବାବୁ ଦବାକରର ସେହି ଉକ୍ତିଟି ନୋଟ କରି ନେଲେ ଓ କହିଲେ—

"ତା'ପର ଏହି ପଢ଼ନ୍ତୁ ବସନ୍ତ ବାବୁଙ୍କର ବିବୃତି..."

କାଗଜଟି ବଢ଼ାଇ ଦେଉଥିଲେ, କିନ୍ତୁ ପରେ ପରେ ତାହା ପ୍ରତ୍ୟାହାର ପୂର୍ବକ କହିଲେ—

Digitized by PPRACHIN, SOA

"ଆଚ୍ଛା ମୁଁ ସଂକ୍ଷେପରେ ବୃତ୍ତାନ୍ତଟା କହିଯାଉଛି, ଶୁଣନ୍ତୁ···"
"ବେଶ୍"
ଇନସ୍ପେକ୍ଟର ବାବୁ ସିଗାରେଟ୍ଟିଏ ଲଗାଇଲେ, ଓ କଥା ଆରମ୍ଭ କଲେ—
"···ନୃତ୍ୟ-ଗୀତର ବୃତ୍ତାନ୍ତ ପରିବେଶ, ସେଥିରେ ଥିଲେ ଆପଣ ଆମ୍ବ-ବଗିଚାର, ସେହି ଅବସ୍ଥାରେ କମ୍ପାଉଣ୍ଡର ବାବୁ ଅତିଥି-ସେବା ସେବା-ମନ୍ତ୍ରୀଙ୍କ ହସ୍ତରେ ସମର୍ପଣ କରିଦେଇ, ଜନ-ସେବାର ମହତ୍ ଉଦ୍ଦେଶ୍ୟ ଘେନି ଗୃହ-ତ୍ୟାଗ କରିଥିଲେ,—ଏ' କଥା ଜୟନାରାୟଣ ବାବୁ ଓ ସୁନ୍ଦରୀ ଦେବୀଙ୍କଠାରୁ ମୁଁ ଅବଗତ ହୋଇଛି—"
"ସେମାନେ କ'ଣ ଫେରି ଆସିଛନ୍ତି ?"
"ଡାକ୍ତର ବାବୁଙ୍କ କ୍ୱାର୍ଟରରେ ଅବସ୍ଥାନ କରୁଛନ୍ତି । ତା'ପର ଶୁଣନ୍ତୁ—"
"କହନ୍ତୁ"
"ଆପଣ ପ୍ରତ୍ୟାଖ୍ୟାନ-କାର୍ଡ଼ଟି ଦେଇ, ଏକ-ମୁହାଁ ଘର-ଆଡ଼କୁ ଧାଇଁଲେ, ବାଟରେ ମାଡ଼ ଦେଇ ଗଲେ···"
"ଅନାମକୁ ।।"
"ବରଂ ମନ୍ଦାର ଦେବୀଙ୍କ ଅନୁରୋଧରେ ଆପଣଙ୍କ ତଲ୍ଲାସରେ ସେଠାକୁ ଯିବା-ବାଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲି—"
"ତା' ହେଲେ ମୁଁ ତା'କୁଇ ମାଡ଼ଦେଇ ଆସିଥିଲି ।··· ଗୋଟାଏ ଜାନୁଆରକୁ ଗୁପା ଦେଇଛି ବୋଲି ମନେ କରିଥିଲି !।"
"ହଁ···ଏଥର ବସନ୍ତବାବୁଙ୍କର ଅଭିଯାନ-କଥା ହେଉ—"
"କ'ଣ ?"

Digitized by PPRACHIN, SOA

"ସବନ୍ତବାବୁ କମ୍ପାଉଣ୍ଡର ବାବୁଙ୍କୁ ଷ୍ଟେସନରେ ଛାଡ଼ିଦେଇ ଫେରଆସିଲେ ମୂନ୍‌ସଫ୍‌ବାବୁଙ୍କ କୋଠିକୁ—ସେତେବେଳେ ରାତି ଦଶ···ମିସେସ୍ ଚୌଧୁରୀ ଥିଲେ ଅସନ୍ତ-ପ୍ରସବା—"

"ଜାଣେ"

"ସେଥିପାଇଁ ବସନ୍ତବାବୁ ଏ' କେତେ ଦିନ ହେଲା ସେଇଠି ଖିଆପିଆ କରୁଥିଲେ, ରାତିରେ ରହୁଥିଲେ···"

"ରହିବାର କଥା"

"କାଲ୍ ହଠାତ୍, ଷ୍ଟେସନରୁ ଫେରି ଗ୍ୟାରେଜ୍‌ରେ ଗାଡ଼ୀ ଲଗାଇଲା ବେଳେ, ମୂନ୍‌ସଫ୍‌ବାବୁ ସେଠାରେ ହାଜର ହୋଇ ବସନ୍ତବାବୁଙ୍କୁ ଅଯାଚିତ ଭାବରେ ଛୁଟି ଦେଲେ ଓ ସକାଳେ ଆସିବାକୁ କହି, ବିଦାୟ କରିଦେଲେ ।···"

"ତା'ପର ?"

"ବସନ୍ତବାବୁ ଟିକାଏ ଅବାକ୍ ହେଲେ, ନିଜ-ବସାକୁ ଫେରୁଥିଲେ, ବାଟରେ କମ୍ପାଉଣ୍ଡର ବାବୁଙ୍କର ଘର ପଡ଼ିଲା, ସେଇ ଆଡ଼କୁ ଅନାଇ ଦେଲେ, ସଦର-ଦ୍ୱାର ଖୋଲା, ସଦର-ଘର-ଆଲୋକର ଉଜ୍ଜ୍ୱଳ-ଶିଖା ବାହାରେ ପଡ଼ିଛି—ସେତିକିବେଳେ କି ଜଗୋଟାଏ ଅନାଗତ ଭୟରେ ସେ ଥରି ଉଠିଲେ, ଠିଆ ହୋଇଗଲେ ।"

"କି ଭୟ ?"

"ସୁନ୍ଦରୀ ପ୍ରତି ମୁନ୍‌ସଫ୍ ବାବୁଙ୍କର ଆସକ୍ତି, କମ୍ପାଉଣ୍ଡର ବାବୁଙ୍କର ଅନୁପସ୍ଥିତି, ଜରୁରୀ ଦରକାର ବେଳେ ଡ୍ରାଇଭରକୁ ଛୁଟି—ମୁନିବ ପ୍ରତି ତାଙ୍କର ସନ୍ଦେହ ହେଲା ।"

"ତା'ପର ?"

Digitized by PPRACHIN, SOA

"ସୁନନ୍ଦା ମୂନ୍ରିବ-ପ୍ରତି ବାହାରେ ପ୍ରସନ୍ନ ଥିଲେ ମଧ୍ୟ ଭିତରେ ଭିତରେ ଅପ୍ରସନ୍ନ—ଏହାର ସୂଚନା ସେ ପାଇଥିଲେ, ତେଣୁ ସୁନନ୍ଦାଙ୍କୁ ସାବଧାନ କରିଦେବା କର୍ତ୍ତବ୍ୟ ମନେ କଲେ ଏହି କଥା କହି ଯେ, ମିସେସ୍ ଚୌଧୁରୀଙ୍କ ଅବସ୍ଥାକୁ ଆଳକରି ଯଦି ସେ ମନ୍ଦ-ଉଦ୍ଦେଶ୍ୟରେ ଏକାକୀ ନେବାକୁ ଆସନ୍ତି…ମଠର-ସଂଲଗ୍ନ ଗେଷ୍ଟହାଉସରେ ଉପବିଷ୍ଟା ଓ ସେହି ଅବସ୍ଥାରେ ନିଦ୍ରିତା"

"ଟେମ୍ପୋ' ଆସିବା ପରେ ଘରେ ତା'ହେଲେ"

"ହଁ, ସେତେବେଳକୁ ରାତି ବାରଟା"

"ବସନ୍ତବାବୁ ଡାକିଲେ ?"

"ନା…"

"କାରଣ ?"

"ସୁନନ୍ଦା ଯେଉଁପରି ନଗ୍ନ-ପ୍ରାୟ ଅବସ୍ଥାରେ ଥିଲେ, ସେଥିରେ ତାଙ୍କର ଶାଳୀନତା-ବୋଧକୁ ବାଧିଲା, ସେ ଲେଉଟିଲେ, ଘରର ଆରପଟୁ ଆଲୋକଶିଖା ବାହାରେ ପଡ଼ି ଥିବାର ଦେଖି, ସେ ସେଠାକୁ ଗଲେ, ମୁକ୍ତ-ଗବାକ୍ଷ ବାଟେ ଉହୁଁକି ଦେଖିଲେ — ଅବ୍ଦୁଲ ଭୋଜନରତ…"

"ଅବ୍ଦୁଲକୁ ଜଗୁଆଳି ରଖିଯାଇଥିଲେ କମାଣ୍ଡାଣ୍ଟବାବୁ ?…"

ମ୍ୟାନସନ୍ ବାବୁ ଥିଲେ ନିର୍ଦ୍ଦେଶକ । ଗ୍ଲୁଡ୍, ଜଗୁଆଳ ଅଛି, ସେହିକଥା ଫାଁଟ, ବସନ୍ତବାବୁ ନିଶ୍ଚିନ୍ତ ମନରେ ବସା-ବାଟ ଧରିଲେ…କିନ୍ତୁ ଦକା ତାଙ୍କର ଆଗ୍ରହ ବଢ଼ିଗଲା, ଅବ୍ଦୁଲପରି ଗୋଟାଏ ଜାନୁଆରକୁ କେନ୍ଦ୍ରକରି, ପାଦ କେମିତି ଚଳୁନଥାଏ, ଏତିକିବେଳେ ରୁଦ୍ଧ-ଦ୍ୱାର-ସଦର-ଘରୁ ଶୁଣାଗଲା ନାରୀ-କଣ୍ଠର

Digitized by PPRACHIN, SOA

ବିକଟ ଅଭିନାଦ ଓ ଧସ୍ତାଧସ୍ତିର ଶବ୍ଦ···ବସନ୍ତବାବୁ ଧାଇଁ ଗଲେ, ବାଗଫାଟ ଦ୍ୱାର ଖୋଲାଥିଲା, ସେହି ବାଟେ ପଶିଗଲେ ଘର ଭିତରକୁ—ତା’ପରେ ଯେଉଁ ଦୃଶ୍ୟ ଦେଖିଲେ, ଆଖି ଡାଙ୍କା— ଶିକାରୀ-ବ୍ୟାଘ୍ରପରି ଅବ୍‌ଦୁଲ ସୁନ୍ଦରୀ ଉପରେ ଲମ୍ଫ ଦେବାକୁ ଉଦ୍ୟତ—ଚପରିଟା ତା’ ହାତରୁ ଖସି ତଳେ ପଡ଼ିଥିଲା, ସେଇଟାକୁ ଉଠାଇ ନେଇ ନିର୍ବିଘ୍ନରେ ଗୋଟେ ବସାଇ ଦେଲେ ଶିକାରୀର କମର ଓ ପେଟର ସନ୍ଧିରେ ପଛପଟୁ—ସେ ‘ହା ଆଲ୍ଲା’ ବୋଲି ତଳେ ଲୋଟିଗଲା—ବସନ୍ତବାବୁ ଅଦୃଶ୍ୟ ହୋଇଗଲେ ।”

“ସୁନ୍ଦରୀ କ’ଣ ଅତତାୟୀକୁ ଲକ୍ଷ୍ୟକରି ପାରି ନ ଥିଲା ?”

“ନା—ସେହି କାରଣରୁ ତ ସେ ଭୟରେ ପଳାଇଥିଲେ ।”

“ତା’ପରି ଅତତାୟୀ ଧରା ପଡ଼ିଲା କେମିତି ?”

“ଅତତାୟୀ ଆତ୍ମ-ରକ୍ଷାର ଚନ୍ତାରେ ଅଭିଭୂତ ହୋଇ ଦ୍ରୁତ ସ୍ଥାନତ୍ୟାଗ କରି ଯାଉଥିଲାବେଳେ ବାଟରେ ଭେଟେ ରହିମ୍‌କୁ—ସେ ଆସୁଥିଲା ମଇନା ବିବିର ଅନୁରୋଧରେ ଅବ୍‌ଦୁଲ ଉପରେ ନଜର ରଖିବାକୁ ।”

“ମଇନା ବିବି ତା ହେଲେ ନିଜର ସ୍ୱାମୀକୁ ସନ୍ଦେହ କରିଥିଲା ।”

“ନିଜେ ବରଖା ପିନ୍ଧି ବାହାରିବ ବୋଲି ଠିକ୍ କରିଥିଲା, କିନ୍ତୁ ପୀଡ଼ିତା ଥିବାରୁ ତା’ ପାରିଲା ନାହିଁ, ସେଥିପାଇଁ ଦଅରକୁ ସାଧି-ଦେବୀର ପ୍ରଲୋଭନ ଦେଖାଇ, ବରଖାଟା ଜାମିନ ସ୍ୱରୂପ ତା’ କଛା ରଖି, ତାକୁ ପଠାଇଥିଲା ।”

“ନାରୀର ଇଙ୍ଗିତ୍ ନାରୀ ବୁଝେ । ତା’ପର ?”

Digitized by PPRACHIN, SOA

"ବସନ୍ତବାବୁ ଆତ୍ମଗୋପନ କରିପାରିଲେ ନାହିଁ, ହଠାତ୍ ପାର୍ଟିରୁ ବାହାରିପଡ଼ିଲା 'ଅବ୍‌ଦୁଲ ଖୁନ୍ ହୋଇଅଛି'.... ରହିମ୍ କ'ଣ ମନେ କଲା, ଆଉ ନ ଅପେକ୍ଷା କରି ଚାଲିଗଲା... ବରଖାଗୋଟା ଯାକ ଆଣିଥିଲା, ତାହା ତଳେ ପଡ଼ିଗଲା... ବସନ୍ତବାବୁ ସେଇଟାକୁ ଘୋଡ଼ାଇ ନେଲେ ଏବଂ ସେହି ଆଚ୍ଛାଦନକୁ ଆଶ୍ରୟ କରି ବସାକୁ ଗଲେ, କେଉଁଠି..."

"ଥାନାକୁ"

"ତଦନ୍ତ ଶେଷପରେ ମୁଁ ଡ୍ରାଇଭରକୁ ହୁକୁମ୍ ଦେଲି— 'ଷ୍ଟେସନ୍'—ସେ 'ରେଲ ଷ୍ଟେସନ'କୁ ନଯାଇ, ନେଇଗଲା ମୋତେ 'ପୋଲିସ୍ ଷ୍ଟେସନ'କୁ... ମୁଁ ତାକୁ 'ଗୁଦ୍‌ବକ୍' ବୋଲି ଭର୍ତ୍ସନା କରିଥିଲି ସତ୍ୟ, କିନ୍ତୁ ଥାନାରେ ଆସାମୀ ନିଜେ ହାଜର, ଏ'କଥା ଶୁଣି ଯେତେବେଳେ ଓହ୍ଲାଇଲି ସେତେବେଳେ 'ଗୁଡ୍‌ଲକ୍' ବୋଲି ନିଜେ ଉଲ୍ଲସିତ ହେଲି।"

ବୋଲି, ଇନ୍‌ସ୍ପେକ୍ଟର ବାବୁ ହସିଲେ — ଦିବାକର ଗମ୍ଭୀର ଗଳାରେ କହିଲା—

"ଆଚ୍ଛା, ବସନ୍ତବାବୁ କ'ଣ ଅପରାଧୀ ?"

"କୋର୍ଟ ବିଚାର କରିବ—ମୁଁ ବାହାରିଲି ମୁନ୍‌ସଫ୍ ବାବୁଙ୍କ କୋଠିକୁ।"

ଏହି ସମୟରେ ଜୟନାରାୟଣ ପ୍ରବେଶ କରିଥିଲା, ସେ କହିଲା—

"ବୃଥାରେ ଯିବେ, ମୁନ୍‌ସଫ୍‌ବାବୁ ରକ୍ତ-ଗୃହରେ ଅଜ୍ଞାନ... ଡାକ୍ତରବାବୁ ଏହିକ୍ଷଣି ଗଲେ"—

Digitized by PPRACHIN, SOA

"ତେବେ ତ···ମୁଁ ଆସୁଛି··· ନମସ୍କାର"

ବୋଲି, ଇନ୍‌ସ୍ପେକ୍ଟର ବାବୁ ଉଦ୍‌ବେଗ୍ନ ଭାବରେ ଠିଆ ହେଲେ ।···ଜୟନାରାୟଣ ବାଧାଦେଇ କହିଲା—

"ମର୍ନିଙ୍ଗ୍‌-ଟିର ବ୍ୟବସ୍ଥା ସାର ଯା'ନ୍ତୁ ।"

ଦିବାକର ବ୍ୟସ୍ତହୋଇ ବାହାରଯାଉଥିଲା ଭିତରକୁ··· ଜୟନାରାୟଣ ବାଧା ଦେଇ କହିଲା—

"ବ୍ୟସ୍ତ ହେବନାହିଁ, ଭାଇ···ଯୋଗାଡ଼ ଠିକ୍ ଚାଲିଛି··· ଭିତରକୁ ଅନାଇ ଦେଖ ।"

ଘର ଭିତରେ ଦେଖାଗଲା ସୁନନ୍ଦା ଓ ମନ୍ଦାର ଚା ତିଆର କରୁଥିଲେ ଷ୍ଟୋଭ୍ ଜାଳି, ବରଣ୍ଡାରେ ବସି ।···ବେଶ୍ ହସ ଖୁସି ଚାଲିଥିଲା ଦୁହିଁଙ୍କ ଭିତରେ ।···ମନ୍ଦାର କହିଲା—

"ଅପା ! ମୋତେ ଚା-ତିଆର ଭଲକରି ଶିଖେଇ ଦ'ବ ତ !"

"ମୋତେ ଠାକୁର-ପୂଜା ଶିଖେଇ ଦ'ବ, କୁହ ।"

"ପୂଜାର ମାନସିକ ?"

"ମାନସିକ ।—ତ ମୋ'ର ମନ୍ଦ-ଅପାର ପୁଅଟିଏ ହେଉ"

"ଯାହାର ଥାଏ; ସେ ଅପର ପାଇଁ କହେ"

"ତମେ ଜାଣନା, ଅପା—ମୋ'ର, ଗୋଟିଏ ନୁହେଁ, କୋଟିଏ ।··· ସେ ଆଜ ଧାଇଁ ଆସିଛନ୍ତି ମୋତେ ନେବାକୁ ଗୋଟିକର ମା ହେବାପାଇଁ, କିନ୍ତୁ ମୁଁ କାନରେ ଶୁଣିଛି କୋଟିଏ ସନ୍ତାନର 'ମା, ମା' ଡାକ ।···ତେବେ ମୋ'ର ଗୋଟିଏ ପ୍ରାର୍ଥନା ଅଛି ।"

"କ'ଣ ?"

Digitized by PPRACHIN, SOA

"ମଇନା-ମିତାର ମୁକ୍ତ-ଆତ୍ମା ବେହସ୍ତରେ ସ୍ଥାନଲାଭ କରୁ !"

ସୁନ୍ଦରୀ ପ୍ରଣତ ହେବା ସଙ୍ଗେ ସଙ୍ଗେ ଯିଏ ଯେଉଁଠି ଥିଲେ, ସମସ୍ତେ ପ୍ରଣତ ହେଲେ ।...

× × × ×

ଅବ୍ଦୁଲ୍ଲର ଗୃହ ପ୍ରାଙ୍ଗଣରେ ସେତେବେଳେ କଫିନ୍ଟିଏ ଥୁଆ ହୋଇଥିଲା; ସେଥିରେ ଥିଲା କୃଷ୍ଣବସନାବୃତା ମଇନା ବିବିର ଶବ-ଦେହ ।...ବାହାରେ ଶବାଧାର ନିକଟରେ ଲୋବାନ୍ ପୋଡ଼ି ସୁଗନ୍ଧ ବିତରଣ କରୁଥିଲା ।

—○※○—

Digitized by PPRACHIN, SOA